# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୨୯/୨୦୧୯ (୧୬ ପୃଷ୍ଠା) Sambalpur, Tuesday, January 29/ 2019 ★★

୧୫ଶ ଭାଗ ୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଭାରତ ସିରିଜ ବିଜୟୀ

ସୋମବାର ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୭ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ସିରିଜ ବିଜୟୀ ହୋଇଛି। ମହମ୍ମଦ ସାମି ମ୍ୟାନ ଅଫ ଦି ମ୍ୟାଚ ହୋଇଛନ୍ତି।

୧୫ ୦୭

## 'ମଣିକର୍ଣ୍ଣିକା' ଆୟ ୪୨କୋଟି ଟପିଲା

କଙ୍ଗନା ରାଣାୱତ୍‌ଙ୍କ ଅଭିନୀତ 'ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍‌ସୀ' ରିଲିଜ୍ ସପ୍ତାହରେ ୪୨.୫୫ କୋଟି ଟଙ୍କା ଆୟ କରିପାରିଛି।



### ଆଜିର ସମ୍ପାଦକୀୟ

**ଶିକ୍ଷାରେ ପାତରଅନ୍ତର**

### ଆଜିର ମନ୍ତବ୍ୟ

କଂଗ୍ରେସ ପାଇଁ ଓଆରଓପି ଅର୍ଥ 'କେବଳ ରାହୁଲ, କେବଳ ପ୍ରିୟଙ୍କା'।

**– ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

### କିଛି ତଥ୍ୟ

୨୦୧୮ରେ ଦେଶ ମଧ୍ୟକୁ ଏଫ୍‌ଡିଆଇରେ ୧୮% ବୃଦ୍ଧି ଘଟିବା ସହ ୨୮.୨୫ ଲକ୍ଷ କୋଟି ଟଙ୍କା ଛୁଇଁଛି। **–ଆର୍‌ବିଆଇ**


SUDHAKAR
WIRES AND CABLES
THE POWER HIGHWAY
WANTED DEALERS
CONTACT US
93374 27021
sales.cables@sudhakarind.com



NECC NATIONAL EGG CO-ORDINATION COMMITTEE 29.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 86 | 140 | 150 |
| BLS | 87 | 141 | 151 |
| ANG | 84 | 137 | 147 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ୧୧ ପ୍ରସ୍ତାବକୁ ମିଳିପାରେ ମଞ୍ଜୁରୀ

**ଭୁବନେଶ୍ୱର, ୨୮।୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ବୈଠକ ମଙ୍ଗଳବାର ଅପରାହ୍ନ ୫ଟା ୩୦ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିବ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଚଳିତ ବିଧାନସଭାର ଶେଷ ଅଧିବେଶନ ଆସନ୍ତା ୪ରୁ ଆରମ୍ଭ ହୋଇ ୧୨ ପର୍ଯ୍ୟନ୍ତ ଚାଲିବ। ନିର୍ବାଚନକୁ ଦୃଷ୍ଟିରେ

**ଆଜି କ୍ୟାବିନେଟ୍**

ରଖି ରାଜ୍ୟ ସରକାର ୧୧ଟି ପ୍ରସ୍ତାବ ପାରିତ କରିବାକୁ ଯୋଜନା କରିଥିବା ସୂଚନା ମିଳିଛି। ବୈଠକରେ ମୁଖ୍ୟତଃ ପଞ୍ଚାୟତିରାଜ, ମହିଳା ଓ ଶିଶୁ ବିକାଶ, ଗୃହ ଏବଂ ସଂସଦୀୟ ବ୍ୟାପାର ବିଭାଗର କେତୋଟି ପ୍ରସ୍ତାବ କ୍ୟାବିନେଟ୍‌ରେ ଆସିବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ କେତୋଟି ଜିଲା ପାଇଁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଲାଗି ପ୍ରସ୍ତାବ ଅଣାଯିବ ବୋଲି ଜଣାପଡିଛି।

# ପୂର୍ବତନ ମନ୍ତ୍ରୀ ଚୈତନ୍ୟ ମାଝିଙ୍କ ପରଲୋକ

**ବାରିପଦା ଅଫିସ,୨୮।୧**



ଚୈତନ୍ୟ ପ୍ରସାଦ ମାଝି

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝିଙ୍କ ସୋମବାର ପୂର୍ବାହ୍ନ ୭ ଟା ୧୦ ମିନିଟ୍‌ରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ସ୍ୱର୍ଗତ ମାଝିଙ୍କ ମରଶରୀର ସୋମବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଏହାପରେ ସ୍ୱର୍ଗତ ମାଝିଙ୍କ ବଡ଼ଝିଅ ତଥା ରାଜ୍ୟ ସଭା ଏମପି ସରୋଜିନୀ ହେମ୍ବ୍ରମଙ୍କ ବାଘଡା ରୋଡସ୍ଥିତ ବାସଭବନ ଓ ପରେ ଜନ୍ମ ସ୍ଥାନ ତିରିଂ ବ୍ଲକ ଚାଙ୍ଗୁଆ ଗ୍ରାମକୁ ନିଆଯାଇଛି। ସେଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

ସ୍ୱର୍ଗତ ମାଝିଙ୍କ ବିୟୋଗରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ପ୍ରଦୀପ ଅମାତ, ଉପବାଚସ୍ପତି ସାନନ୍ଦ ☞ପୃଷ୍ଠା–୪

■ ୫ଜଣଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ଗୁଣିଆଙ୍କ କଥାରେ ଗୋଟିଏ ପରିବାର ଛାରଖାର

**ଟେନ୍‌ସା/ରାଉରକେଲା ଅଫିସ,୨୮।୧(ଡି.ଏନ୍.ଏ.)**

ଗୁଣିଗାରେଡ଼ି ସନ୍ଦେହରେ ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ଇନ୍ଦୁପୁର ଗାଁ ନିକଟ କନ୍ଦାସାହି ମୁଣ୍ଡା ବସ୍ତିରେ ଶୁକ୍ରବାର ରାତିରେ ଗୋଟିଏ ପରିବାରର ୫ ଜଣଙ୍କୁ ହତ୍ୟା କରାଯାଇ ଏକ କୂଅରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ସୋମବାର ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଇନ୍ଦୁପୁର ଗ୍ରାମର ଡମ୍ବରୁ ମୁଣ୍ଡା (୩୦), ରାଜକିଶୋର ମୁଣ୍ଡା (୨୫), ଶାଲୁ ମୁଣ୍ଡା (୧୯), ଗୁଣିଆ ବୁଧୁରାମ ମୁଣ୍ଡା (୫୬), ରେଙ୍ଗାଲବେଡ଼ା ଗ୍ରାମର ମୋଟୁ ମୁଣ୍ଡା (୪୫), ଡାଙ୍ଗମା ମୁଣ୍ଡା (୨୦)। ମୋଟୁ ମୁଣ୍ଡା ଓ ଡାଙ୍ଗମା ମୁଣ୍ଡା ସମ୍ପର୍କରେ ଡମ୍ବରୁ ମୁଣ୍ଡାଙ୍କ ଶାଳକ ଅଟନ୍ତି। ପୋଲିସ ସେମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ବାଇକ୍ (ନଂ. ଓଆର୍୦୯-ଏ୨୪୩୦), ଶାବଳ ଓ ଫାଉଡ଼ା ଜବତ କରିଛି। ଏମାନଙ୍କ ବିରୋଧରେ ଦଫା ୪୫୮, ୩୦୨, ୨୦୧, ୩୪, ୧୨୦ ଆଇପିସି ଓ ଗୁଣିଗାରେଡ଼ି ନିରୋଧ ଆଇନ ଦଫା ୪(୧) ବଳରେ ଏକ ମାମଲା (ନଂ. ୪/୧୯) ରୁଜୁ କରାଯାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତ ସୁନୀଲ ମୁଣ୍ଡା, ଗୁରୁବାରି ମୁଣ୍ଡା ଓ ସୋନି ମୁଣ୍ଡା ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି।

■ ୬ ଗିରଫ, ୩ ଫେରାର
■ ବାଇକ୍, ଶାବଳ, ଫାଉଡ଼ା ଜବତ



ପୋଲିସ ସୂଚନା ଅନୁଯାୟୀ, ଡମ୍ବରୁ ମୁଣ୍ଡାଙ୍କ ବଡ଼ ଝିଅ ଗତ ଡିସେମ୍ବର ୨ ତାରିଖରେ ମୃତ୍ୟୁବରଣ କରିଥିଲେ। ଗତ ୫ଦିନ ତଳେ ତାଙ୍କ ସାନ ଝିଅ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ଝିଅକୁ ନେଇ ଡମ୍ବରୁ ଡାକ୍ତରଖାନା ଯିବା ପରିବର୍ତ୍ତେ ଗୁଣିଆ ବୁଧୁରାମ ମୁଣ୍ଡାଙ୍କ ନିକଟକୁ ଯାଇଥିଲେ। ହତ୍ୟାର ଶିକାର ହୋଇଥିବା ମାଙ୍ଗିରି ମୁଣ୍ଡା (୩୦) ଗୁଣିଗାରେଡ଼ି କରି ଡମ୍ବରୁଙ୍କ ବଡ଼ ଝିଅଙ୍କୁ ମାରିଥିବାବେଳେ ଏବେ ସାନ ଝିଅକୁ ମଧ୍ୟ ମାରିବାକୁ ଉଦ୍ୟମ କରୁଛନ୍ତି ବୋଲି ବୁଧୁରାମ ଡମ୍ବରୁଙ୍କୁ କହିଥିଲେ। ଏଥିରେ ଡମ୍ବରୁ ଉତ୍ତ୍ୟକ୍ତ ହୋଇ ମାଙ୍ଗିରିଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଶୁକ୍ରବାର ରାତିରେ ଡମ୍ବରୁଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ମାଙ୍ଗିରିଙ୍କ ପରିବାର ଲୋକଙ୍କୁ ହତ୍ୟା କରିବା ପାଇଁ ତାଙ୍କ ଘରେ ପଶିଥିଲେ। ମାଙ୍ଗିରି, ତାଙ୍କ ବଡ଼ ଝିଅ ମାର ମୁଣ୍ଡା (୧୦), ପୁଅ ଟେକଲା ମୁଣ୍ଡା (୭), ଚାମରା ମୁଣ୍ଡା (୪) ଓ ବର୍ଷକର ଝିଅ ଶୋଇଥିବା ଅବସ୍ଥାରେ ଅଭିଯୁକ୍ତମାନେ ସେମାନଙ୍କୁ ଶାବଳରେ ☞ପୃଷ୍ଠା–୪

# ବୁଲାଣିରେ ବସ୍ ଓଲଟିଲା: ୨ ମୃତ

**କେସିଙ୍ଗା,୨୮।୧(ଡି.ଏନ.ଏ.)**

■ ଗୁରୁତର ୧୨ ଯାତ୍ରୀଙ୍କୁ ଭବାନୀପାଟଣା ପଠାଗଲା
■ ଭୁବନେଶ୍ୱରରୁ ଜୟପୁର ଯାଉଥିଲା ବସ୍

କଳାହାଣ୍ଡି ଜିଲା କେସିଙ୍ଗା ସହର ଦେଇ ଜୟପୁର ଅଭିମୁଖେ ଯାଉଥିବା ଶ୍ରୀଜଗନ୍ନାଥ ନାମକ ଏକ ଘରୋଇ ବସ (ନଂ.ଓଡି୦୫ଏମ- ୬୨୨୧) ଜୋଲକୋ ବୁଲାଣି ନିକଟରେ ଓଲଟି ପଡିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ ଘଟିଛି। ସୋମବାର ସକାଳ ସାଢ଼େ ୫ଟାରେ ଏହି ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ ଜୟପୁର ଯାଉଥିବା ଏହି ବସ୍‌ରେ ☞ପୃଷ୍ଠା–୪



ଦୁର୍ଘଟଣାଗ୍ରସ୍ତ ଶ୍ରୀଜଗନ୍ନାଥ ବସ୍ ।






ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

**ମାର୍ଚ୍ଚ ୭ରୁ ଥିଓରୀ ପରୀକ୍ଷା**

**ଭୁବନେଶ୍ୱର, ୨୮।୧(ବ୍ୟୁରୋ):** ସୋମବାରଠାରୁ ଆରମ୍ଭ ହୋଇଛି ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା। ଏକାଥରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଭାଗର ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ରାଜ୍ୟର ୧୦୯୧ଟି ଡ଼କେନ୍ଦ୍ରରେ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ଛାତ୍ରୀଛାତ୍ରମାନେ ୯ଟା ୪୫ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ଚଳିତ ବର୍ଷ ଯୁକ୍ତ୨ରେ ୩ଲକ୍ଷ ୬୭ହଜାର ୫ଶହ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୨ଲକ୍ଷ ୬୧ହଜାର ୫ଶହ ଛାତ୍ରୀଛାତ୍ର ପ୍ରାକ୍ଟିକାଲ୍ ପରୀକ୍ଷା ଦେଇଛନ୍ତି। ଆସନ୍ତା ଫେବୃୟାରୀ ୮ରେ ପ୍ରାକ୍ଟିକାଲ୍ ପରୀକ୍ଷା ଶେଷ ହେବ। ମାର୍ଚ୍ଚ ୭ରୁ ଯୁକ୍ତ୨ ଥିଓରୀ ପରୀକ୍ଷା ଆରମ୍ଭ ହେବ।

### ପୂର୍ବତନ ବିଧାୟିକା ରତ୍ନମଞ୍ଜରୀଙ୍କ ପରଲୋକ



**ବ୍ରହ୍ମପୁର ଅଫିସ,୨୮।୧:** ବ୍ରହ୍ମପୁରର ପୂର୍ବତନ ବିଧାୟିକା ତଥା ମହୁରୀ ରାଣୀ ରତ୍ନମଞ୍ଜରୀ ଦେବୀ (୮୪)ଙ୍କର ୨୧ତାରିଖରେ ଭୁବନେଶ୍ୱରରେ ପରଲୋକ ହୋଇଯାଇଛି। ୨୮ତାରିଖରେ ତାଙ୍କର ପରିବାର ପକ୍ଷରୁ ଏ ନେଇ ସୂଚନା ଦିଆଯାଇଥିଲା । ସୂଚନାଯୋଗ୍ୟ, ରତ୍ନ ମଞ୍ଜରୀ ୧୯୭୭ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ । ସ୍ୱାଧୀନତା ପରବର୍ତ୍ତୀ ହୋଇଥିବା ନିର୍ବାଚନରେ ସେ ଥିଲେ ବ୍ରହ୍ମପୁର ବିଧାନସଭା ଆସନର ଏକମାତ୍ର ମହିଳା ବିଧାୟିକା। ତାଙ୍କ ବିୟୋଗରେ ମହାନଗର ଓ ଆଖପାଖ ଗ୍ରାମାଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ରବି ରଥଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସାହିତ୍ୟିକ ଡ଼ା. ଚନ୍ଦ୍ରମଣି ସ୍ୱାଇଁ, ଶ୍ରୀବତ୍ସ ଦଳାଇ, ସୁଶାନ୍ତ କର, ଶିବ ସୁନ୍ଦର ରଥ, କପିଳ ଚନ୍ଦ୍ର ମହାନ୍ତି, ମଞ୍ଜୁ ରଥ, ପବିତ୍ର ଚୌଧୁରୀଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ରତ୍ନ ମଞ୍ଜରୀ ଦୀର୍ଘବର୍ଷରୁ ଭୁବନେଶ୍ୱରରେ ରହୁଥିଲେ ।

### ପୋଲତଳୁ ମିଳିଲା ନବଜାତ କନ୍ୟା

- ଓଠରେ ଗ୍ରହଣ ଖଣ୍ଡିଆ
- ୬ ମାସ ଭିତରେ ହେବ ଅସ୍ତ୍ରୋପଚାର

**ଜୟପୁର,୨୮।୧(ଡି.ଏନ୍.ଏ.):** କୋରାପୁଟ ଜିଲା ଜୟପୁର ବ୍ଲକ କେବିଡି ଗ୍ରାମ ଆଦିବାସୀ ସାହି ନିକଟସ୍ଥ ପୋଲ ତଳୁ ସୋମବାର ଜଣେ ନବଜାତ କନ୍ୟା ଉଦ୍ଧାର କରାଯାଇଛି। ତା' ଓଠରେ ଗ୍ରହଣ ଖଣ୍ଡିଆ ଥିବାବେଳେ ତାକୁ ବର୍ତ୍ତମାନ କୋରାପୁଟ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲର ଏସ୍‌ଏନ୍‌ସିୟୁରେ ରଖାଯାଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଗ୍ରାମର କେତେଜଣ ଯୁବକ ଏହି ନବଜାତ କନ୍ୟାକୁ ପରିତ୍ୟକ୍ତ ସ୍ଥାନରୁ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ବୋରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁକନ୍ୟାକୁ ନିକଟସ୍ଥ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପୋଲିସଠାରୁ ସୂଚନା ପାଇବା ପରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ଲାଇଫଲାଇନର ୨ଜଣ କର୍ମଚାରୀ ପୂର୍ଣ୍ଣିମା ଦାଶ ଓ ହେମନ୍ତ ପାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶିଶୁକୁ ସେଠାରୁ କୋରାପୁଟ ମେଡିକାଲ କଲେଜ ନେଇଥିଲେ। ସେଠାରେ ଡାକ୍ତର ଶିଶୁର ଚିକିତ୍ସା ଆରମ୍ଭ କରିଥିଲେ। ଦୁଇଦିନ ଭିତରେ ଦଶମନ୍ତପୁର ସ୍ଥିତ ପୋଷ୍ୟ ସନ୍ତାନ ଶିଶୁକେନ୍ଦ୍ରରେ ନବଜାତ କନ୍ୟାକୁ ରଖାଯିବ। ୬ ମାସ ମଧ୍ୟରେ ତାଙ୍କର ଗ୍ରହଣ ଖଣ୍ଡିଆ ଓଠର ଅସ୍ତ୍ରୋପଚାର ପାଇଁ ବିଶେଷଜ୍ଞ ଡାକ୍ତର ପରାମର୍ଶ ଦେଇଥିବା ସିଡବ୍ଲୁସି ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀ କହିଛନ୍ତି।

---

**■ ୬୪୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ବକେୟା**

# ରାଜ୍ୟର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

**ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

- ଗୃହ ନିର୍ମାଣ ବାବଦରେ ୧୦୦୦ କୋଟି ବାକି
- କୃଷି ପାଇଁ ୬୫୦ କୋଟି ମିଳିନାହିଁ
- ଫେବୃୟାରୀ ଶେଷ ସୁଦ୍ଧା ଦେବାକୁ ଦାବି



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରୀୟ ଅନୁଦାନର ସମୀକ୍ଷା କରୁଛନ୍ତି।

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

କେନ୍ଦ୍ର ସରକାର ଓଡ଼ିଶାକୁ ଠିକ୍ ସମୟରେ ଅର୍ଥ ପ୍ରଦାନ କରୁନାହାନ୍ତି। ଏହାଦ୍ୱାରା ରାଜ୍ୟର ଅନେକ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ବାବଦରେ କେନ୍ଦ୍ର ପ୍ରାୟ ୬୪୦୦ କୋଟି ଟଙ୍କା ପ୍ରଦାନ କରିବାକୁ ବାକି ରହିଛି। ତେଣୁ କେନ୍ଦ୍ର ଏହାକୁ ତୁରନ୍ତ ପ୍ରଦାନ କରୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ରାଜ୍ୟର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ପରେ ସୋମବାର ମୁଖ୍ୟମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେବଳ ଗୃହନିର୍ମାଣ ଯୋଜନାରେ କେନ୍ଦ୍ର ୧୦୦୦ କୋଟି ଟଙ୍କା ଦେବାକୁ ରହିଛି। ଏମ୍‌ଜିଏନ୍‌ଆରଇଜିଏସ୍ ବାବଦକୁ ୪୦୦ କୋଟି, କୃଷି ପାଇଁ ୬୫୦ କୋଟି ଏବଂ ସ୍ୱାସ୍ଥ୍ୟ ପାଇଁ ୩୭୫ କୋଟି ଟଙ୍କା ଦେବାକୁ ରହିଛି। ରାଜ୍ୟରେ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ବାବଦରେ ରାଜ୍ୟ ସରକାର ୩୦୦୦ କୋଟି ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ତନ୍ମଧ୍ୟରୁ କେନ୍ଦ୍ର ମାତ୍ର ୧୮୦ କୋଟି ଟଙ୍କା ମଞ୍ଜୁର କରିଛି। ହେଲେ ଏହି ମଞ୍ଜୁର ଅର୍ଥରୁ ମାତ୍ର ୧୦୦ କୋଟି ଟଙ୍କା ରାଜ୍ୟକୁ ମିଳିଛି। ସ୍ମାର୍ଟସିଟି, ଦାରିଦ୍ର୍ୟ ନିରାକରଣ ବାବଦରେ କେନ୍ଦ୍ର ୨୦୦ କୋଟିର ଅନୁଦାନ ଦେବା କଥା। ହେଲେ ଏ ବାବଦରେ ମାତ୍ର ୬ କୋଟି ଟଙ୍କା ମିଳିଛି। ତେଣୁ ଠିକ୍ ସମୟରେ କେନ୍ଦ୍ରୀୟ ଅନୁଦାନ ମିଳୁ ନ ଥିବାରୁ ରାଜ୍ୟର ବିକାଶ ବାଧାପ୍ରାପ୍ତ ହେଉଥିବା ନବୀନ ପଟ୍ଟନାୟକ କହିଛନ୍ତି। ସେହିପରି ଫେବୃୟାରୀ ଶେଷସୁଦ୍ଧା କେନ୍ଦ୍ର ଦେବାକୁ ଥିବା ସମସ୍ତ ଅନୁଦାନ ଯେପରି ରାଜ୍ୟକୁ ମିଳିବ, ସେ ନେଇ ତଦାରଖ କରିବା ପାଇଁ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ରେସିଡେଣ୍ଟ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### 'ବିଲ୍‌କୁଲ୍ ବକ୍‌ୱାସ'

ଗତ ୨୫ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଆସି ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତର ରିମୋଟ୍ ବୋଲି ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିଲା। ରାହୁଲଙ୍କ ମନ୍ତବ୍ୟର ୩ ଦିନ ପରେ ମୁହଁ ଖୋଲିଛନ୍ତି ନବୀନ। ରାହୁଲଙ୍କ ଅଭିଯୋଗ 'ବିଲକୁଲ୍ ବକ୍‌ୱାସ' ବୋଲି ନବୀନ କହିଛନ୍ତି। ଅପରପକ୍ଷରେ ଭଉଣୀ ଗୀତା ମେହେଟ୍ଟା ପଦ୍ମଶ୍ରୀ ନେବାକୁ ମନା କରିବା ପ୍ରସଙ୍ଗରେ ମଧ୍ୟ ମତ ରଖିଛନ୍ତି ନବୀନ। ସେ କହିଛନ୍ତି, ତାଙ୍କ ଭଉଣୀ ନିକଟରେ ନିଷ୍ପତ୍ତି ନେବାର ଅଧିକାର ରହିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାରେ ମୁଖ୍ୟମନ୍ତ୍ରୀ ଭୟଭୀତ ବୋଲି ମନ୍ତବ୍ୟ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଯାହାକୁ ନବୀନ ଖଣ୍ଡନ କରିଛନ୍ତି।

---

**■ କେନ୍ଦ୍ରୀୟ ଅନୁଦାନ ନ ମିଳିବା ପ୍ରସଙ୍ଗ**

# ଅପାରଗତା ଲୁଚାଇବାର ଆଉ ଏକ ପ୍ରୟାସ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୮।୧(ବ୍ୟୁରୋ)**



ବିଭିନ୍ନ ଯୋଜନାରେ ଓଡ଼ିଶାକୁ କେନ୍ଦ୍ରୀୟ ଅର୍ଥ ନ ମିଳିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀରେ ଯେଉଁ ବକ୍ତବ୍ୟ ଦେଇଛନ୍ତି ତାହା ଦୁର୍ଭାଗ୍ୟଜନକ। ଏହା ଶାସକ ବିଜେଡିର ସ୍ଥାଣୁତା, ଅପାରଗତା ଲୁଚାଇବା ପାଇଁ ଏକ ବାହାନା ବ୍ୟତୀତ କିଛି ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କଳାପାହାଡ଼ମାନଙ୍କ କଥାରେ ରାଜ୍ୟ ଋଣଭାର ବଢ଼ାଇଛନ୍ତି। ବିନା ବଜେଟ ଓ ବିତ୍ତୀୟ ପ୍ରବନ୍ଧନରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଆସନ୍ତା ୩ଦିନ ଓଡ଼ିଶାରେ ରହିବି। ଯଦି କୌଣସି ବିଭାଗରେ ବକେୟା ଅର୍ଥ ଅଛି ତେବେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ କିମ୍ବା ଅନ୍ୟ ବିଭାଗର ସଚିବ ମୋ ସହ କଥା ହୁଅନ୍ତୁ, ସେସବୁ ସମସ୍ୟାର ସମାଧାନ କରିବି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବରୁ ଯେଉଁ ଅନୁରୋଧ କରିଥିଲି ତାକୁ ଆଉଥରେ ଦୋହରାଉଛି। ଯଦି କୌଣସି କେନ୍ଦ୍ରୀୟ ଯୋଜନାର ବିନିଯୋଗ ପ୍ରମାଣପତ୍ର(ୟୁସି) ପ୍ରଦାନ କଲାପରେ ଅର୍ଥ ମିଳୁନାହିଁ ତେବେ ମୁଖ୍ୟ ଶାସନ ସଚିବଙ୍କୁ ତାଙ୍କ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଯଦି ଓଡ଼ିଶାର ଦାବି ଯୁକ୍ତିଯୁକ୍ତ, ଉକ୍ତ ଅର୍ଥ ମିଳିବା ପାଇଁ ସବୁ ଉଦ୍ୟମ କରିବାର ପ୍ରତିଶ୍ରୁତି ଦେଉଛି । ଓଡ଼ିଶାର ହକ୍ ଓ ସ୍ୱାର୍ଥ ସୁରକ୍ଷିତ ରଖିବା ପାଇଁ ମୋଦି ସରକାର ତିଳେମାତ୍ର ଅବହେଳା କରିନାହାନ୍ତି। କେନ୍ଦ୍ର ସରକାର ପ୍ରଚଳିତ ବିଧି ବ୍ୟବସ୍ଥା ଅନୁସାରେ ରାଜ୍ୟ ସରକାରମାନଙ୍କୁ ଅର୍ଥ ହସ୍ତାନ୍ତରଣ କରିଥାନ୍ତି। ତେଣୁ ବିନା ବିନିଯୋଗ ପ୍ରମାଣପତ୍ରରେ କେନ୍ଦ୍ରୀୟ ଯୋଜନାର ଅଂଶ ମିଳିପାରିବ ନାହିଁ। ୟୁସି ନ ଦେଇ ଟଙ୍କା କାହିଁକି ମିଳିଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ତର୍କ ବାଢ଼ିଛନ୍ତି। ମାତ୍ର ଜିଲା ଖଣିଜ ପାଣ୍ଠି (ଡିଏମଏଫ୍)ରେ କାହିଁକି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଏହି ତଥ୍ୟକୁ ମୁଖ୍ୟମନ୍ତ୍ରୀ କାହିଁକି ଲୁଚାଇ ରଖିବାକୁ ଚାହୁଁଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

---




**■ ବ୍ରାହ୍ମଣୀରୁ ବେଆଇନ ବାଲି ଖନନ ମାମଲା**

# ଯାଞ୍ଚ କରିବ ମିରାଥିଆ କମିଟି: ଏନ୍‌ଜିଟି

**କଟକ ଅଫିସ, ୨୮।୧**

- ରିପୋର୍ଟ ଆଧାରରେ ହେବ କାର୍ଯ୍ୟାନୁଷ୍ଠାନ
- ପକ୍ଷ ରଖିବେ ସଚିବ, ଜିଲାପାଳ ଓ ତହସିଲ୍‌ଦାର

ବ୍ରାହ୍ମଣୀ ନଦୀର ଧର୍ମଶାଳା ତହସିଲ ଅଧୀନ ମର୍ଯ୍ୟାଦାପୁର, ଜେନାପୁର ଓ ବୃନ୍ଦାଦେଈପୁର ବାଲିଘାଟରୁ ବେଆଇନ ବାଲି ଖନନ କରାଯାଉଛି। ଲିଜ୍‌ଧାରୀ ସମସ୍ତ ନିୟମକୁ ଉଲ୍ଲଂଘନ କରି ବାଲି ଖନନ କରୁଥିବା ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି କରି ଏନ୍‌ଜିଟିଙ୍କ ମୁଖ୍ୟ ଖଣ୍ଡପୀଠ ଏହାର ଯାଞ୍ଚ ନିମନ୍ତେ ଝାଡ଼ଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଆର୍.କେ. ମିରାଥିଆଙ୍କ ଅଧ୍ୟକ୍ଷତାରେ ଗଠିତ ଓଭରସାଇଟ୍ କମିଟିକୁ ନିର୍ଦ୍ଦେଶ ଦେଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଉକ୍ତ କମିଟି ଏହାର ଯାଞ୍ଚ କାର୍ଯ୍ୟ ଆରମ୍ଭ କରିବ। କମିଟିର ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟି ସ୍ପଷ୍ଟ କରିଛନ୍ତି।

ଧର୍ମଶାଳା ଅଞ୍ଚଳର ରଞ୍ଜିତ କୁମାର ଦୋରାଙ୍କ ପିଟିଶନ ଉପରେ ଏହି ମାମଲା ରୁଜୁ ହୋଇଛି। ପିଟିଶନ ଅନୁଯାୟୀ, ଉପରୋକ୍ତ ୩ଟି ଘାଟରୁ ଲିଜ୍‌ଧାରୀ ଜଣକ ବେଆଇନ ଭାବେ ବାଲି ଖନନ କରୁଛନ୍ତି। ଶ୍ରମିକ ବଦଳରେ ମେଶିନ ଲଗାଇ ବାଲି ଉତ୍ତୋଳନ କରାଯାଉଛି। ଏପରିକି ମାଇନିଂ ପ୍ଲାନ୍ ଓ ପରିବେଶ ମଞ୍ଜୁରୀର ଉଲ୍ଲଂଘନ କରାଯାଇ ଅନୁମୋଦିତ ପରିମାଣରୁ ଅଧିକ ବାଲି ଉତ୍ତୋଳନ ହେଉଛି। ପୁଣି ଲିଜ୍‌ଧାରୀ ନଦୀର ବନ୍ଧ ସଂଲଗ୍ନ ଅଞ୍ଚଳରୁ ବାଲି ଖନନ କରୁଛନ୍ତି। ଫଳରେ ବନ୍ୟା ସମୟରେ ବନ୍ଧ ଭାଙ୍ଗିଯିବାର ଆଶଙ୍କା ରହିଛି। ସେହିପରି ବାଲି ପରିବହନ ନିମନ୍ତେ ଭାରିଯାନ ଚଳାଚଳ କରାଯାଉଛି। ବାଲି ବୋଝେଇ ଭାରିଯାନ ବନ୍ଧ ଉପରେ ଯାତାୟାତ କରିବା ସହିତ ଗାଁ ରାସ୍ତା ଓ ସ୍କୁଲ ରାସ୍ତା ଦେଇ ମଧ୍ୟ ଚଳାଚଳ କରୁଛି। ଏଥିଯୋଗୁ ଗ୍ରାମବାସୀ ଓ ସ୍କୁଲ ପିଲାଙ୍କ ପାଇଁ ପ୍ରତି ମୁହୂର୍ତ୍ତରେ ବିପଦର ଆଶଙ୍କା ରହିଥିବା ରଞ୍ଜିତ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ପିଟିଶନରେ ଆବେଦନକାରୀ ରାଜ୍ୟ ମୁଖ୍ୟ ଶାସନ ସଚିବ, ଯାଜପୁର ଜିଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ପକ୍ଷଭୁକ୍ତ କରିଛନ୍ତି। ସେମାନେ ମାମଲାର ଯାଞ୍ଚ କରିବାକୁ ଥିବା ଓଭରସାଇଟ୍ କମିଟି ନିକଟରେ ହାଜର ହୋଇ ଜବାବ ରଖିବାକୁ ଏନ୍‌ଜିଟି ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।






DHARITRI
ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୨୯/୨୦୧୯



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ସାଇସମ୍ପର୍କ
ପରିବାରବର୍ଗ



ରୋଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାୟକ ପଦରୁ ଇସ୍ତଫା ଦେଲେ ନବ ଦାସ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

କଂଗ୍ରେସର ପୂର୍ବତନ ବିଧାୟକ ନବ କିଶୋର ଦାସ ସୋମବାର ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ବିଧାନସଭା ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କୁ ପ୍ରଦାନ କରିଛନ୍ତି। ସେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, କଂଗ୍ରେସରୁ ଇସ୍ତଫା ଦେଇ ବିଜୁ ଜନତା ଦଳ(ବିଜେଡି)ରେ ଯୋଗ ଦେଇଥିବାରୁ ଝାରସୁଗୁଡା ବିଧାନସଭା ଆସନରୁ ଇସ୍ତଫା ଦେଉଛନ୍ତି। ଓଡ଼ିଶା ବିଧାନସଭାର ରୁଲ୍ ଅଫ୍ ବିଜ୍‌ନେସର ରୁଲ -୧୬୮ ଅନୁଯାୟୀ ସ୍ୱେଚ୍ଛାକୃତ ଭାବେ ସେ ଏହି ଇସ୍ତଫା ଦେଉଛି।

ସୂଚନାଯୋଗ୍ୟ ଯେ, ନବ ଦାସ ଜାନୁୟାରୀ ୨୫ ତାରିଖରେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିଲେ। ମାତ୍ର ବିଧାନସଭା ସଦସ୍ୟ ପଦବୀରୁ ଇସ୍ତଫା ଦେଇ ନ ଥିଲେ। ଇସ୍ତଫା ଦେବା ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଥିଲେ। ସେ ଲଗାତର ଝାରସୁଗୁଡା ବିଧାନସଭା ଆସନରୁ କଂଗ୍ରେସ ଟିକେଟରେ ଦୁଇଥର ବିଜୟୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଝାରସୁଗୁଡା ଗସ୍ତ ଅବସରରେ ସେ ବିଜେଡିରେ ଯୋଗ ଦେଇଥିଲେ। ନବଙ୍କ ପୂର୍ବରୁ କଂଗ୍ରେସରୁ ନିଲମ୍ବିତ ହୋଇଥିବା ବିଧାୟକ ଯୋଗେଶ ସିଂ ତାଙ୍କ ଇସ୍ତଫାପତ୍ର ବିଧାନସଭା ବାଚସ୍ପତିଙ୍କୁ ଦେଇସାରିଛନ୍ତି। ଏହା ପୂର୍ବରୁ କଂଗ୍ରେସ ଟିକେଟ୍‌ରେ କୋରାପୁଟ ବିଧାନସଭା ଆସନରୁ ବିଜୟୀ ହୋଇଥିବା କୃଷ୍ଣ ସଗରିଆ ବିଧାୟକ ପଦବୀରୁ ଇସ୍ତଫା ଦେଇଥିଲେ। ଏହି ୩ ବିଧାୟକଙ୍କ ଇସ୍ତଫା ପରେ କଂଗ୍ରେସ ବିରୋଧୀ ଦଳ ମାନ୍ୟତା ହରାଇଛି।

## କଂଗ୍ରେସ ହରାଇଲା ବିରୋଧୀ ଦଳ ମାନ୍ୟତା



କଂଗ୍ରେସ ରାଜ୍ୟରେ ବିରୋଧୀ ଦଳ ପାଇଁ ଯୋଗ୍ୟ ବିବେଚିତ ହେବନାହିଁ। ବିଧାନସଭାର ସିଟ୍ ସଂଖ୍ୟାର ଏକ ଦଶମାଂଶ ସଦସ୍ୟ ଥିବା ଦଳକୁ ବିରୋଧୀ ଦଳ ମାନ୍ୟତା ପ୍ରଦାନ କରିବା ବ୍ୟବସ୍ଥା ରହିଛି। ଦଳରେ ଅତି କମ୍‌ରେ ୧୬ ଜଣ ସଦସ୍ୟଙ୍କ ଆବଶ୍ୟକତା ଥିବା ବେଳେ ଦଳରୁ ୩ ଜଣ ବିଧାୟକ ଇସ୍ତଫା ଦେବା ପରେ କଂଗ୍ରେସ ସଦସ୍ୟ ସଂଖ୍ୟା ୧୪କୁ ଖସିଆସିଛି। କଂଗ୍ରେସ ବିଧାୟକ ପ୍ରଫୁଲ୍ଲ ମାଝି କହିଛନ୍ତି ଯେ ବିରୋଧୀ ଦଳ ମାନ୍ୟତା ହରାଇଥିଲେ ମଧ୍ୟ ଆସନ୍ତା ଫେବୃୟାରୀ ୪ ତାରିଖରୁ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନରେ ଆମେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିଧାନସଭାରେ ଉଠାଇବୁ। ବିରୋଧୀ ଦଳ ପଦବୀ ଆମ ପାଇଁ କୌଣସି ମାନେ ରଖେ ନାହିଁ। ବିରୋଧୀ ଦଳ ନ ଥିଲେ ମଧ୍ୟ ରାଜ୍ୟର ଲୋକମାନଙ୍କର ବିଭିନ୍ନ ସମସ୍ୟା ଉତ୍ଥାପନ କରିବୁ ବୋଲି ପ୍ରଫୁଲ୍ଲ କହିଛନ୍ତି। କଂଗ୍ରେସ ବିଧାୟକ ହିସାବରେ ଆମର ଯାହା ଦାୟିତ୍ୱ ଓ କର୍ତ୍ତବ୍ୟ ଆମେ ନିଶ୍ଚୟ ତାହାକୁ ପାଳନ କରିବୁ ବୋଲି ପ୍ରଫୁଲ୍ଲ କହିଛନ୍ତି।

## classified



### SALE

Plotting project near Patia KIIT University, Bhubaneswar 40” mainroad, 30” subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଇଁାରୁ ବିକ୍ରିହେବ। 9178660666. D-65528

Prime land on Puri Konark Marine drive on NH 2800 sqft. cost 35 lakhs (Negotiable). Conatct: 9338579645. D-64939

Investment plot in BDA commercial zone Pitapali Chaka, sqft.-199/-, 9348048204. D-65348

ORERA registered 1BHK studio flats @ Narendrakona Puri construction in full swing. Mobile: 9238356740, 9437030740. D-65532

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

One acre converted land with boundary wall 30 ft. road side at Athagarh. 9437284700. D-10789

70,000/- booking ଦେଇ Xavier University ପାଖରେ (1200 sqft.) plotର ମାଲିକ ହୁଅନ୍ତୁ। 6371481421. D-65458

Gharabari ST plot 2000 sqft. (2 Nos.) Vipulgarden front, Ghatikia, Bhubaneswar. 7381564227. D-65459

2000 sqft. plot (12 Nos.) at Sankarpur, Vipulgarden backside Ghatikia, Bhubaneswar (Electricity, supply water, 30ft. road). 7381564227. D-65460



Roshin ayurvedic massage club fully relaxed by smart lady home service facility available. 9937637219. D-64697

Ayurvedic full body massage ladies/ gents smart experts therapist. 9114697517. D-65804

Monalisa massage club- full body massage with hiprofile smart lady therapist 750/- only. Hurry up ! 9708545108. D-10796

### ନବମ ଜନ୍ମଦିନ ଶୁଭେଚ୍ଛା



**ହେତଲ ଦେବତା**

ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଅଛୁ ଯେ ତୁମର ଆଗାମୀ ଚଲାପଥ କୁସୁମିତ କରନ୍ତୁ। ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ଅଜା, ଆଈ ଏବଂ ଦେବତା ପରିବାର। ଧ-୬୩୭୫୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିର୍ବାଚନ ପାଇଁ ଉଚ୍ଚ ଅଧିକାରୀଙ୍କ ସହ ଡିଜିପିଙ୍କ ଆଲୋଚନା

# ଇସିଙ୍କ ନିକଟରେ ବୁଥ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ

କଟକ ଅଫିସ, ୨୮।୧ ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଛି ରାଜ୍ୟ ପୋଲିସ ବିଭାଗ। ଏ ନେଇ ସୋମବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ସମସ୍ତ ଆଇଜି, ଡିଆଇଜି, ଏସ୍‌ପି ଓ ଡିସିପିଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା। ୨୦୧୪ ସାଧାରଣ ନିର୍ବାଚନ ଓ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବୁଥ୍ କବ୍‌ଜା ସହ ନାନା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଇତିମଧ୍ୟରେ ୨୦୧୯ ସାଧାରଣ ନିର୍ବାଚନ ପାଇଁ ବୁଥ୍ ସଂଖ୍ୟା ବଢ଼ିଛି। ବର୍ତ୍ତମାନର ରାଜନୈତିକ ସ୍ଥିତିକୁ ଦେଖିଲେ ଆଗାମୀ ନିର୍ବାଚନ ପୋଲିସ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ତେଣୁ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରି କ୍ଷେତ୍ର ପରିଦର୍ଶନ ସହ ସ୍ଥିତି ଉପରେ ପୂରା ନଜର ରଖିବାକୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ସୁଦ୍ଧା ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ନିକଟରେ ରାଜ୍ୟର ସମସ୍ତ ବୁଥ୍ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

## ଜଳିଗଲା ଘର:ଜଣେ ଜୀବନ୍ତ ଦଗ୍ଧ

ଚନ୍ଦ୍ରପୁର,୨୮।୧(ଡି.ଏନ୍.ଏ.) ରାୟଗଡା ଜିଲା ଚନ୍ଦ୍ରପୁର ସଦର ମହକୁମା ତହସିଲ କାର୍ଯ୍ୟାଳୟ ପଛପଟେ ଥିବା ଏକ ଘରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଜଣେ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଅଛନ୍ତି। ମୃତକ ଜଣକ ହେଲେ ଚନ୍ଦ୍ରପୁରର ଗୋକୁଳ ଚନ୍ଦ୍ର ଦୋରା (୭୦)। ଭାଗୀରଥି ପରିଛା (୫୦)ଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ଦୁଇଜଣ ଚନ୍ଦ୍ରପୁରର ଏକ କୁକୁଡା ଫାର୍ମରେ କାମ କରି ଉକ୍ତ ଚାଳଛପର ଘରେ ଶୋଇଥିଲେ। ରାତିରେ ହଠାତ୍ ନିଆଁ ଲାଗିଯିବା ଯୋଗୁ ଦୁହେଁ ଛଟପଟ ହୋଇ ଚିତ୍କାର କରିଥିଲେ। ପଡିଶୁଣି ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ବେଳକୁ ଗୋକୁଳଙ୍କର ମୃତ୍ୟୁ ହୋଇ ସାରିଥିଲା। ପରେ ସେମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଚନ୍ଦ୍ରପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ବିଧାନସଭା କମିଟି ଆଗରେ ଜଗୀ ହାଜର

ଭୁବନେଶ୍ୱର,୨୮।୧(ବ୍ୟୁରୋ)



ଜଗୀ ମଙ୍ଗତ ପଣ୍ଡା

- ଆଉ ଏକ ତାରିଖରେ ଶୁଣାଣି ହେବ: ପ୍ରତାପ
- ଜଗୀ ମଙ୍ଗତଙ୍କୁ ଡକାଯିବା ଦୁର୍ଭାଗ୍ୟଜନକ: ତାରା
- ମୁଖ୍ୟମନ୍ତ୍ରୀ ଅସହିଷ୍ଣୁ ହୋଇଯାଇଛନ୍ତି: ଧର୍ମେନ୍ଦ୍ର

ବାଚସ୍ପତି ଏବଂ ଗୃହରେ ମର୍ଯ୍ୟାଦାହାନି ଅଭିଯୋଗରେ ବିଧାନସଭା ସ୍ୱାଧିକାର କମିଟି ଦେଇଥିବା ନୋଟିସ ପରିପ୍ରେକ୍ଷୀରେ ସୋମବାର ଓଟିଭି ନିର୍ଦ୍ଦେଶିକା ଜଗୀ ମଙ୍ଗତ ପଣ୍ଡା କମିଟି ନିକଟରେ ହାଜର ହୋଇଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ଜଗୀ କହିଛନ୍ତି ଯେ, ଓଟିଭିକୁ ଜାଣିଶୁଣି ହଇରାଣ କରାଯାଉଛି। ମହିଳା ଉଦ୍ୟୋଗୀ ଭାବେ ଗତ ୨୨ ବର୍ଷ ଧରି ରାଜ୍ୟରେ କାର୍ଯ୍ୟକରି ଆସୁଛନ୍ତି। ୨ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଜଣେ ମହିଳା ଉଦ୍ୟୋଗପତି ଭାବେ ତାଙ୍କୁ ହଇରାଣ କରାଯାଉଥିବା ସେ ଅନୁଭବ କରୁଛନ୍ତି।

ସ୍ୱାଧୀକାର କମିଟି ଅଧ୍ୟକ୍ଷ ପ୍ରତାପ ଜେନା କହିଛନ୍ତି ଯେ, କମିଟିରେ ଏହି ବିଷୟରେ ଆଲୋଚନା ହୋଇଛି। ଏହା ଉପରେ ପରୀକ୍ଷା ନିରୀକ୍ଷା ଚାଲିଛି। ପୁଣି ଏକ ତାରିଖରେ ଏହାର ଶୁଣାଣି କରାଯିବ। ବିଧାନସଭା ଚାଲୁଥିବା ସମୟରେ ଗୃହ ଉପରେ କେହି କିଛି ଖବର ପରିବେଷଣ କରି ପାରିବେ ନାହିଁ। ଯେହେତୁ ବିଧାନସଭା କିଏ ଚଳାଉଛି ସମ୍ପର୍କରେ ଏକ ଖବର ଓଟିଭିରେ ପ୍ରସାରଣ ହୋଇଥିଲା ଏହାକୁ ନେଇ ଆସିଥିବା ସ୍ୱାଧୀକାର ଭଙ୍ଗ ଅଭିଯୋଗ ଉପରେ ଶୁଣାଣି ହୋଇଥିଲା ବୋଲି ଜେନା କହିଛନ୍ତି।

ସୂଚନା ଯୋଗ୍ୟ ଯେ ୨୦୧୮ ନଭେମ୍ବର ୧୯ରେ ଓଟିଭି ବିରୋଧରେ ସ୍ୱାଧୀକାର ଭଙ୍ଗ ଅଭିଯୋଗ ଆଣିଥିଲେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ତାରା କହିଛନ୍ତି ଯେ, ଜଗୀ ମଙ୍ଗତଙ୍କୁ ଡକାଯିବା ଦୁର୍ଭାଗ୍ୟଜନକ। ସେ ଯେଉଁ ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଥିଲେ ତାହାକୁ ପ୍ରତ୍ୟାହାର କରିବା ପାଇଁ ବିଧାନସଭା ସଚିବଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହା ପରେ କାହିଁକି ଡକାଗଲା ତାହା ବୁଝାପଡୁ ନାହିଁ। ଆସନ୍ତା ଅଧିବେଶନରେ ଏହାର ସତ୍ୟତା ଖୋଲିବେ। ସେତେବେଳେ କ୍ଷୀର କ୍ଷୀର ପାଣି ପାଣି ହୋଇଯିବ ବୋଲି ସେ କହିଛନ୍ତି।

ଓଟିଭି ନିର୍ଦ୍ଦେଶିକାଙ୍କୁ ବିଧାନସଭା ସ୍ୱାଧୀକାର କମିଟି ନିକଟରେ ହାଜର କରାଯିବାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ବାବୁ ଅସହିଷ୍ଣୁ ହୋଇଯାଇଛନ୍ତି। ଧମକ, ଗାଳି ଓ ନାଲି ଆଖି ଦେଖାଇ ଗଣତନ୍ତ୍ରର କଣ୍ଠରୋଧ କରିବେ ବୋଲି ଭାବୁଛନ୍ତି। ମୁଖ୍ୟତଃ ଗଣମାଧ୍ୟମକୁ ନୋଟିସ କରିବାକୁ ହେଲେ ରିପୋର୍ଟର କିମ୍ବା ଏଡିଟରଙ୍କୁ ଡକାଯାଏ। ପ୍ରମୋଟରଙ୍କୁ ଡକାଯିବାର କୌଣସି ଠାରେ ଦୃଷ୍ଟାନ୍ତ ନାହିଁ। ଏ ଷଡଯନ୍ତ୍ର କେବଳ ଜଗୀମଙ୍ଗତ ପଣ୍ଡାଙ୍କ ପାଖରେ ଅଟକିବ ନାହିଁ। ଅନ୍ୟ ଗଣମାଧ୍ୟମ ଯେ ସମାଲୋଚନା କରିବ ତାଙ୍କୁ ମଧ୍ୟ ନାଲିଆଖି ଦେଖାଯିବ। ଏ ମନୋବୃତ୍ତି ୧୯୭୪-୭୫ରେ କଂଗ୍ରେସ ଦେଖାଇଥିଲା। ସେ ସମୟରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ନବୀନବାବୁ ଓଡିଶାରେ ଜରୁରିକାଳୀନ ପରିସ୍ଥିତି ଲଗାଇବାକୁ ଚାହୁଁଛନ୍ତି। ତାଙ୍କର ଗୁଣ୍ଡାମାନେ ଝିଅ ବୋହୂଙ୍କୁ ଅପମାନିତ କରିବା ପାଇଁ ଲାଗିପଡିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବୁଲାଣିରେ ବସ୍...

୬୫ଜଣ ଯାତ୍ରୀ ଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବସ୍‌ଟି ବୁଲାଣି ଦେଇ ଯାଉଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡି ରାସ୍ତା ପାର୍ଶ୍ୱରେ ଥିବା ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ମାଲକାନଗିରି ଜିଲା ବାୟୁଗୁଡା ଗ୍ରାମର ଯଶୋଦା କୁମାର (୨୦) ଓ ନବରଙ୍ଗପୁରର ଅରୁଣ କୁମାର ବେଛା (୨୫)ଙ୍କ ମୃତ୍ୟୁ ଘଟିଛି। ଜୋଲକୋ ଗ୍ରାମବାସୀଙ୍କଠାରୁ ଖବର ପାଇ କେସିଙ୍ଗା ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ପ୍ରଥମେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ଆହତମାନଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଗୁରୁତର ଥିଲା। ସେମାନଙ୍କୁ ଭବାନୀପାଟଣା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କଳାହାଣ୍ଡି ଉପଜିଲାପାଳ ମିର୍ଦ୍ଧା ଟପ୍ପୋ ଏବଂ କେସିଙ୍ଗା ବିଡିଓ ଭୀମସେନ ଶବର ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଉଭୟେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆହତ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଏହି ଦୁର୍ଘଟଣାରେ ବସ୍‌ର ବିଭିନ୍ନ ଅଂଶ ଭାଙ୍ଗି ଚୂରମାର ହୋଇଛି। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ.୨୯/୧୯) ରୁଜୁ ହୋଇଛି। ଉକ୍ତ ବସ୍‌ର ଡ୍ରାଇଭର ଫେରାର ଥିବା ପୋଲିସ କହିଛି।

### ପୂର୍ବତନ ମନ୍ତ୍ରୀ...

ମାରାଣ୍ଡି, ରାଜ୍ୟ ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟ, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମୟୂରଭଞ୍ଜ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଡ.ଅରୁଣ କୁମାର ସାହୁ, ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

୧୯୨୯ ନଭେମ୍ବର ୧୯ରେ ସ୍ୱର୍ଗତ ମାଝି ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ସେ ସରକାରୀ ଚାକିରି କରିଥିଲେ। ହେଲେ ଆଦିବାସୀଙ୍କ ଉନ୍ନତି ନିମନ୍ତେ କିଛି କରିବା ଲକ୍ଷ୍ୟ ନେଇ ରାଜନୀତିରେ ଯୋଗ ଦେବାକୁ ସ୍ଥିର କରିଥିଲେ। କଂଗ୍ରେସରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ମାଝି ପରେ ଜନତା ଦଳରେ ଯୋଗ ଦେଇଥିଲେ। କଂଗ୍ରେସ ପକ୍ଷରୁ ସେ ୧୯୭୨ରୁ ୧୯୭୮ ପର୍ଯ୍ୟନ୍ତ ରାଜ୍ୟ ସଭା ଏମ୍‌ପି ଥିଲେ। କେନ୍ଦ୍ର ପେଟ୍ରୋଲିୟମ ଉପମନ୍ତ୍ରୀ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ। ୧୯୮୬ରେ ରାଇରଙ୍ଗପୁର ବିଧାନସଭାରୁ ଉପନିର୍ବାଚନରେ ଜନତା ଦଳ ପକ୍ଷରୁ ବିଜୟୀ ହୋଇଥିଲେ। ପରେ ପୁନର୍ବାର ରାଇରଙ୍ଗପୁର ବିଧାନସଭା ଆସନରେ ବିଜୟୀ ହୋଇ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକଙ୍କ ସରକାରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇ ୨୦୦୬ ରୁ ୨୦୦୯ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସେ ଆଦିବାସୀ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଥିଲେ। ଏହା ସହିତ ସେ ଜନଜାତି ଭାଷା ଓ ସଂସ୍କୃତି ସମ୍ବନ୍ଧରେ ପୁସ୍ତକ ପ୍ରକାଶ କରିବା ସହିତ ଦିଲ୍ଲୀସ୍ଥିତ ଅଲ ଇଣ୍ଡିଆ ଟ୍ରାଇବାଲ ଲିଟେରାରି ଫୋରମର ମଧ୍ୟ ସଦସ୍ୟ ଥିଲେ।

### ଗୁଣିଆଙ୍କ କଥାରେ..

ପିଟି ହତ୍ୟା କରିଥିଲେ। ପରେ ମୃତଦେହଗୁଡ଼ିକୁ ଘୋଷାରି ଘୋଷାରି ନେଇ ନିକଟସ୍ଥ କୂଅରେ ଫିଙ୍ଗି ଦେଇଥିଲେ। ଡମ୍ପର ଡ୍ରାଇଭର ଭାବେ କାମ କରୁଥିବା ମାଙ୍ଗିରିଙ୍କ ସ୍ୱାମୀ ସୁଦାମ ମୁଣ୍ଡା ଉକ୍ତ ଦିନ ଘରେ ନ ଥିଲେ। ଶନିବାର ସକାଳେ ସେ ଘରକୁ ଫେରି ସ୍ତ୍ରୀ ଓ ପିଲାମାନଙ୍କୁ ଦେଖିବାକୁ ପାଇ ନ ଥିଲେ। ଘରେ ରକ୍ତଛିଟା ପଡ଼ିଥିବା ଦେଖି ତାଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା। ଏ ନେଇ ସେ କୋଇଡ଼ା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୁଶାନ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ସନ୍ଧାନୀ କୁକୁର କୂଅ ନିକଟକୁ ଦୌଡ଼ି ଯାଇଥିଲା। ଦମକଳ ବାହିନୀକୁ ଡକାଯାଇ କୂଅରୁ ସମସ୍ତ ପାଣି ନିଷ୍କାସନ କରାଯିବା ପରେ ସେଥିରୁ ୫ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ରାମଚନ୍ଦ୍ର ପୋଥାଳ**

ଶ୍ୟାମଦାସପୁର, କୁଜାହାଲା, ଯାଜପୁର
ତିରୋଧାନ: ୨୯।୦୧।୨୦୧୬ (ଶୁକ୍ରବାର)

ଆପଣଙ୍କର ଅନାବିଳ, ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଆପଣଙ୍କ ପୂଜିତ ପ୍ରଭୁ ଗିରିଧାରୀ ଓ ଗୋବିନ୍ଦଙ୍କ ପାଖରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: **ଝିଅ- ଚଗଲି (ଲିଲି), ଜ୍ୱାଇଁ- ହୃଷୀ, ନାତି- ସୁନୁ, ନାତୁଣୀ- ଲିସି।** ଧ-୪୭୯୯୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଅର୍ଜୁନ ଚରଣ ବାରିକ୍**

ଆବିର୍ଭାବ: ୨୦।୦୧।୧୯୧୭
ତିରୋଧାନ: ୨୯।୦୧।୨୦୧୭
କୋର୍କୋରା, ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନଶୈଳୀ ଆମର ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନମାନେ। ଧ-୧୦୭୯୭

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**  ଅଷ୍ଟମସ୍ଥ ରବି ଓ ବୁଧ ପ୍ରଭାବରୁ ବିଚାର ବିଗିଡିଯିବ। ନିଜ ଲୋକମାନେ ଦାଉ ସାଧିବେ। ବିଜାତୀୟ ବନ୍ଧୁଙ୍କ ସହାୟତାରେ ଅର୍ଥ ପାଇବା ସହ କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଅକୁହା କଥାକୁ ସହକର୍ମୀଙ୍କ ଆଗରେ ବଖାଣି ବସି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିପାରେ।

**ବୃଷ**  ଷଷ୍ଠସ୍ଥ ଚନ୍ଦ୍ର ହେତୁ ନୂତନ କର୍ମାରମ୍ଭ ପାଇଁ ମନ୍ଦ ନୁହେଁ। କିନ୍ତୁ ଖର୍ଚ୍ଚାନ୍ତ, ବିରୋଧାଭାଷ, ପଡ଼ୋଶୀଙ୍କ ଅସହଯୋଗରୁ ଚିନ୍ତିତ ରହିବେ। ବାଣିଜ୍ୟ, ବ୍ୟବସାୟ, ଗମନାଗମନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଛୋଟ ଛୋଟ କଥାରୁ ଦୂରେଇ ରହିବା ଭଲ, ନଚେତ୍ ଅସନ୍ତୁଷ୍ଟ ହୋଇ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି।

**ମିଥୁନ**  ଧନାଧିପତିଙ୍କ ସୁପ୍ରଭାବ ଧନପ୍ରାପ୍ତିର ଚିନ୍ତାକୁ ବହୁମୁଖୀ କରାଇବ। ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରର ବିଫଳତା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଜମିଜମା, ଯାନବାହନ, ବିଦେଶ ଯାତ୍ରା, ଲେଖାପଢ଼ା କ୍ଷେତ୍ରରୁ ଉପକୃତ ହେବେ।

**କର୍କଟ**  ରାଶିପାଇଁ ଗ୍ରହସ୍ଥିତି ଭଲଥିବାରୁ ଯାହା କରିବେ ଭଲ ହେବ। କର୍ମକ୍ଷେତ୍ରରେ ପ୍ରତୀକ୍ଷିତ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ହେବେ। ବନ୍ଧୁଙ୍କ ପ୍ରଶଂସା ସହ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ମନୋବଳକୁ ଦ୍ୱିଗୁଣିତ କରିବ। ସାହିତ୍ୟ, ସଂସ୍କୃତି, କଳା, କାରିଗରି କାମରେ ଉତ୍ସାହିତ ହେବେ। ଯାନବାହନ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କ୍ରୟ କରିବାକୁ ମନ ବଳାଇବେ।

**ସିଂହ**  ଶନିକ୍ଷେତ୍ରସ୍ଥ ରବି ପ୍ରଭାବରେ ଟଣାଓଟରା ଭିତରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। ଅସୁବିଧା ନ ହେଲେ ମଧ୍ୟ ସନ୍ତୋଷଜନକ ସ୍ଥିତି ଆସିବ ନାହିଁ। ଦୂରଯାତ୍ରା କରିବାକୁ ପଡ଼ିପାରେ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବାକୁ ସମର୍ଥ ହେବେ। ପାରିବାରିକ ସ୍ୱାସ୍ଥ୍ୟ ସମସ୍ୟାରୁ ମନ ଭଲ ରହିବ ନାହିଁ।

**କନ୍ୟା**  ରବି ସହ ବୁଧ ଓ କେତୁ ଶେଷ ମୁହୂର୍ତ୍ତରେ ଆପଣଙ୍କ ସପକ୍ଷରେ ଯାଉଥିବା ନିଷ୍ପତ୍ତି ବଦଳିଯାଇପାରେ। ବନ୍ଧୁଙ୍କ କାମକୁ ଅପସନ୍ଦ କଲେ ମଧ୍ୟ କିଛି କରିବାର ବାଟ ପାଇବେ ନାହିଁ। ଗୃହ ନିର୍ମାଣ, ପରିବହନ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**  କର୍ମାଧିପ ନିଜ ରାଶିରେ ରହିଥିବାରୁ ସବୁକାମ ପଛକୁ ପକାଇ ଜୀବିକାନିର୍ବାହ କର୍ମକୁ ପ୍ରାଧାନ୍ୟ ଦେବେ। ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିବ। ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ସନ୍ତାନ ହେତୁକ କେତେକ ସମସ୍ୟା ମନକୁ ବିବ୍ରତ କରିବ। ଅଫିସ୍ କାମରେ ନିଜର ଅବହେଳାଜନିତ ମୃଦୁ ଗୁଞ୍ଜରଣ ଶୁଣିବାକୁ ପାଇବେ।

**ବିଛା**  ରୋଗାଧିପ ନକ୍ଷତ୍ରରେ ରାଶ୍ୟାଧିପ ଶତ୍ରୁତା ଓ ରୋଗପୀଡ଼ା ଜନିତ ବ୍ୟସ୍ତତା ଅନୁଭବ କରିବେ। ଯେତେ ଚେଷ୍ଟା କଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପନ୍ନ ନ ହେବାରୁ ଅସନ୍ତୁଷ୍ଟ ରହିବେ। ସାଧାରଣ କଥାରୁ ପରିବାରରେ ମତାନ୍ତର ଘଟିପାରେ। ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ, ଧନ ହାନି ଘଟିପାରେ।

**ଧନୁ**  ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ କରି ଆଶ୍ୱସ୍ତି ଲାଭ କରିବେ। ଆନୁଷ୍ଠାନିକ କାମରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। କାର୍ଯ୍ୟହାସଲର ଲକ୍ଷ୍ୟନେଇ ବନ୍ଧୁଙ୍କୁ ଆପ୍ୟାୟିତ କରିପାରନ୍ତି।

**ମକର**  ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଚେଷ୍ଟା କରୁଥିବା କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିପାରେ। ପରିବହନ, ନିର୍ମାଣ, ପ୍ରକାଶନ, ପ୍ରଶାସନିକ, ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରିବେ। ଅତୀତ ଘଟଣା ମନକୁ ଆଲୋଡ଼ିତ କରିପାରେ। ଅର୍ଥ ସଂକଟ ବନ୍ଧୁଙ୍କ ସାହାଯ୍ୟରେ ଦୂରୀଭୂତ ହେବ।

**କୁମ୍ଭ**  ପୁରାତନ ରୋଗର ପ୍ରାଦୁର୍ଭାବ କର୍ଯ୍ୟହାସଲ ପାଇଁ ପ୍ରତିବନ୍ଧକ ସାଜିପାରେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ବ୍ୟବସାୟ ଦିଗଟି ମନ୍ଦ ହେବନି। ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷ କ୍ରୟ କିମ୍ବା ଜମିଜମା କ୍ରୟବିକ୍ରୟ ନେଇ ଆଲୋଚନା କରିପାରନ୍ତି।

**ମୀନ**  ବନ୍ଧୁଙ୍କ ସହୃଦୟତା କାରଣରୁ ଅଭାବ ଥିଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପଡ଼ୋଶୀଙ୍କ ସହାୟତାରେ ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଆଜିର ଯାତ୍ରା ସକାଶେ ଅଷ୍ଟମଚନ୍ଦ୍ର ଅସ୍ଥିରତା ସୃଷ୍ଟି କରିପାରେ।

ଆଜି ମାଘ କୃଷ୍ଣ ନବମୀ ଯୁକ୍ତ ଦଶମୀ ମଙ୍ଗଳବାର, ଜାନୁୟାରୀ ୨୯ ତାରିଖ, ରାଶିନକ୍ଷତ୍ର-ବିଶାଖା/ତୁଳା, ଦିବା ଘ.୧୦।୦୩ ଗତେ, ବିଛା ଚନ୍ଦ୍ର, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଅପରାହ୍ନ ଘ.୦୪।୨୧ ଗତେ, ଅନୁରାଧା ନକ୍ଷତ୍ରେ, ବିବାହ ପାଣିଗ୍ରହଣ, ସକାଳ ଘ.୦୨।୧୫ ଗତେ ଘ.୧୦।୩୮ ମଧ୍ୟେ, ଘ.୧୨।୦୨ ଗତେ ଘ.୦୧।୨୫ ମଧ୍ୟେ ଅମୃତବେଳା ॥ ଦିବା ଘ.୧୦।୩୮ ଗତେ ଘ.୧୨.୦୨ ମଧ୍ୟେ, ଘ. ୦୨।୫୦ ଗତେ, ଘ.୦୪।୧୩ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୨।୪୬ ଗତେ ଘ.୦୪।୧୦ ମଧ୍ୟେ ରାହୁକାଳ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ସଂକ୍ଷେପରେ

ମେଡିକାଲ ସାମଗ୍ରୀ ଯୋଗାଣ ନାଁରେ ଠକେଇ ମାମଲା

### ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ନିକୋଲାସ୍

**କଟକ ଅଫିସ, ୨୮।୧:** ଅନୁଗୋଳ ପୋଲିସ ହାତରେ ଗିରଫ ହୋଇଥିବା ଘାନା ନାଗରିକ ନିକୋଲାସ୍ କୁଜୋଏ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିକୋଲାସ୍ ଶିଶୁଭବନର ଜଣେ ଡାକ୍ତରଙ୍କୁ ମେଡିକାଲ ସାମଗ୍ରୀ ଯୋଗାଇଦେବାକୁ ଇଣ୍ଟରନେଟ୍ ମାଧମରେ ଯୋଗାଯୋଗ କରିଥିଲେ। ପରେ ସେ କଟକ ଆସି ସମ୍ପୃକ୍ତ ଡାକ୍ତରଙ୍କଠାରୁ ଦୁଇଟି ପର୍ଯ୍ୟାୟରେ ୧୮ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଟଙ୍କା ନେଇ ସାମଗ୍ରୀ ଯୋଗାଇବାରେ ଅବହେଳା କରିବା ସହିତ ଓଡ଼ିଶା ଛାଡ଼ି ପଳାଇ ଯିବାକୁ ଉଦ୍ୟମ କରିଥିଲେ। ଏହା ଜାଣିପାରି ସମ୍ପୃକ୍ତ ଡାକ୍ତର ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଜାନୁୟାରୀ ୩ ରେ ନିକୋଲାସ୍‌ଙ୍କୁ ଅନୁଗୋଳରୁ ଗିରଫ କରାଯାଇଥିଲା। ସେ ଏବେ ଜେଲ୍‌ରେ ଅଛନ୍ତି।

■ ସାଲେପୁରରେ ଦୁଇ ବଡ଼ କାର୍ଯ୍ୟକ୍ରମ ଆଜି

# ଶାହ ଦେବେ ବିଜୟ ମନ୍ତ୍ର, ପ୍ରକାଶ ଦେବେ ପରୀକ୍ଷା

**କଟକ ଅଫିସ, ୨୮।୧**

■ କୁଳିଆ ପଡ଼ିଆରେ ଭାଜପାର ବୁଥ୍ ସ୍ତରୀୟ ସମ୍ମିଳନୀ
■ ସାଲେପୁରରେ ବିଧାୟକଙ୍କ ପଦଯାତ୍ରା
■ କଟକ ରାଜନୀତି ଉଷ୍ମ

ମଙ୍ଗଳବାର କଟକରେ ଦୁଇଟି ବଡ଼ ରାଜନୈତିକ କାର୍ଯ୍ୟକ୍ରମ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସାଲେପୁର ନିକଟ କୁଳିଆସ୍ଥିତ ପଡ଼ିଆରେ ଦଳୀୟ କର୍ମକର୍ତ୍ତାଙ୍କ ଏକ ବୁଥ୍‌ସ୍ତରୀୟ ସମ୍ମିଳନୀରେ ଯୋଗଦେବେ। ଅବିଭକ୍ତ କଟକ ଜିଲାର ୪ଟି ସଂସଦୀୟ କ୍ଷେତ୍ରର ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କୁ ଶାହ ବିଜୟ ମନ୍ତ୍ର ଦେବେ। ପାଖାପାଖି ୩୦ ହଜାର ଭାଜପା କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଦଳର ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସାଲେପୁର ବିଧାୟକ ପ୍ରକାଶ ବେହେରାଙ୍କ ପକ୍ଷରୁ ଅନୁରୂପ ଭାବେ ମଙ୍ଗଳବାର ଏକ ବଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମର ନାମ ରଖାଯାଇଛି 'ଆସନ୍ତୁ ଚାଲିବା'। ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ପୀରବଜାରଠାରୁ ସାଲେପୁର ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ପାଦରେ ଚାଲିଚାଲି ଯିବେ। ଏହି ପଦଯାତ୍ରାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହେବେ ବୋଲି ବିଧାୟକ ବେହେରା କହିଛନ୍ତି। ସାଲେପୁରରୁ କୁଳିଆର ଦୂରତା ମାତ୍ର ୩ କିଲୋମିଟର। ଏହି ଦୁଇ ବଡ଼ କାର୍ଯ୍ୟକ୍ରମ ପାଖାପାଖି ପୁଣି ଗୋଟିଏ ଦିନରେ ଆୟୋଜନକୁ ନେଇ ଯେତିକି ଚର୍ଚ୍ଚା ହେଉଛି ସେତିକି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାର୍ଯ୍ୟକ୍ରମକୁ ପ୍ରାୟୋଜିତ ଆୟୋଜନ ବୋଲି କୁହାଯାଉଥିବାବେଳେ ପ୍ରକାଶଙ୍କ ପାଇଁ ଏହା ଅଗ୍ନିପରୀକ୍ଷା ବୋଲି କୁହାଯାଉଛି। ଏହାକୁ ନେଇ କଟକ ରାଜନୀତି ବେଶ୍ ସରଗରମ ହୋଇଛି।

ପ୍ରକାଶ ହେଉଛନ୍ତି ଜିଲାର ଏକମାତ୍ର କଂଗ୍ରେସ ବିଧାୟକ। କିନ୍ତୁ ଏହି ପଦଯାତ୍ରା ସେ କଂଗ୍ରେସ ବ୍ୟାନରରେ ଆୟୋଜନ କରିନାହାନ୍ତି। କଂଗ୍ରେସର ଦଳୀୟ ସଙ୍କେତ କିମ୍ବା କୌଣସି ଶୀର୍ଷସ୍ତରୀୟ ନେତୃବୃନ୍ଦଙ୍କ ଫଟୋ ପ୍ରକାଶଙ୍କ ହୋର୍ଡିଂରେ ଦେଖିବାକୁ ମିଳୁନି। ତେବେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରକାଶଙ୍କ ମନ୍ତବ୍ୟ ବି ଅନେକ ପ୍ରଶ୍ନ ଛାଡି ଯାଉଛି। ସେ କହିଛନ୍ତି ଏହି ପଦଯାତ୍ରା ଟାଙ୍ଗୀ-ସାଲେପୁର ଅଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ। ଏଠି ବିଜେଡି, ଭାଜପା ଓ କଂଗ୍ରେସ ରାଜନୀତି କରାଯାଉ ନାହିଁ। ବିକାଶରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ଜନସାଧାରଣ ଏଥିରେ ସାମିଲ ହେବାକୁ କୁହାଯାଇଛି। ତେଣୁ ଦଳୀୟ ରାଜନୀତିର ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ତେବେ ପ୍ରକାଶଙ୍କ ଏହି ସଫେଇକୁ ରାଜନୈତିକ ବ୍ୟକ୍ତି ଓ ବିଶ୍ଳେଷକମାନେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ପ୍ରକାଶ ବିଜେଡି ଆଡକୁ ଢଳୁଥିବା ନେଇ ଦୀର୍ଘଦିନରୁ ଚର୍ଚ୍ଚା ଲାଗି ରହିଛି। ଭାଜପା ହେଉ କି କଂଗ୍ରେସର ବଡ଼ ବଡ଼ କାର୍ଯ୍ୟକ୍ରମ ଦିନ ବିଜେଡି ସାମନ୍ତରାଳ ଭାବେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଦେଖିବାକୁ ମିଳୁଛି। ତେବେ ପଦଯାତ୍ରାର ଆୟୋଜନ କରି ନିଜର ସାମର୍ଥ୍ୟ ଦେଖାଇବା ପାଇଁ ପ୍ରକାଶଙ୍କୁ ଅଦୃଶ୍ୟ ନିର୍ଦ୍ଦେଶ ରହିଥିବା ଆଲୋଚନା ହେଉଛି। ତେବେ ଏସବୁ ଭିତରେ ଏହି ଦୁଇଟି କାର୍ଯ୍ୟକ୍ରମ ପାଇଁ ପୀରବଜାରରୁ ସାଲେପୁର ପର୍ଯ୍ୟନ୍ତ ରାସ୍ତା ବ୍ୟାନର ଓ ହୋର୍ଡିଂରେ ଛାଇ ହୋଇଯାଇଛି। ରାସ୍ତାର ଗୋଟେ ପାର୍ଶ୍ୱରେ ବିଧାୟକଙ୍କ ହୋର୍ଡିଂ ଲାଗିଥିବାବେଳେ ଅନ୍ୟପଟେ ଅମିତ ଶାହଙ୍କ ହୋର୍ଡିଂ ଛାଇ ହୋଇଯାଇଛି। ନିର୍ବାଚନ ପାଖେଇ ଆସୁଥିବାବେଳେ ଏଭଳି କାର୍ଯ୍ୟକ୍ରମ ରାଜନୈତିକ ହଟଚମଟ ସୃଷ୍ଟି କରିଛି।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଆଗରେ ୨ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

**ଭୁବନେଶ୍ୱର, ୨୮।୧ (ବ୍ୟୁରୋ)**

ଥଇଥାନ ଯୋଜନା ଚାକିରି ନ ମିଳିବାରୁ ସୋମବାର ୨ ଯୁବକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଆତ୍ମାହୂତି ଉଦ୍ୟମ କରିଛନ୍ତି। ପୋଲିସ ସେମାନଙ୍କୁ ଉଦ୍ଧାର କରିବା ପରେ ପଚରାଉଚରା କରି ଛାଡ଼ିଦେଇଛି।

ଆତ୍ମାହୁତି ଉଦ୍ୟମ କରିଥିବା ଯୁବକଦ୍ୱୟ ହେଲେ କଟକ ଜିଲା ସାଲେପୁରର ସପ୍ତଜ୍ୟୋତି ରାଉଳ ଏବଂ ପୁରୀ ଜିଲା ନିମାପଡ଼ାର ମନୋରଞ୍ଜନ ସାହୁ। ସୂଚନା ମୁତାବକ, ସପ୍ତଜ୍ୟୋତି ଓ ମନୋରଞ୍ଜନଙ୍କ ବାପା ଗଣଶିକ୍ଷା ବିଭାଗ ଅଧୀନରେ ଚାକିରି କରୁଥିଲେ। ସେମାନଙ୍କ ବାପାଙ୍କ ମୃତ୍ୟୁ ପରେ ରିହାବିଲିଟେଶନ ଆଣ୍ଡ ଆସିଷ୍ଟାନ୍ସ ରୁଲ-୨୦୧୬ ଅନୁଯାୟୀ ଉକ୍ତ ପଦବୀରେ ସେମାନଙ୍କୁ ନିଯୁକ୍ତି ଦେବା ଲାଗି ସରକାରଙ୍କ ନିକଟରେ ଆବେଦନ କରିଥିଲେ। ୨୦୧୭ ଜୁଲାଇରେ ଏହି ଦୁଇଜଣଙ୍କ ଆବେଦନ ସମେତ ଅନ୍ୟ ବିଭାଗର ଆବେଦନଗୁଡ଼ିକୁ ବିଚାର କରି ଚାକିରି ଦେବା ଲାଗି ସାଧାରଣ ପ୍ରଶାସନ ବିଭାଗ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ଏହା ପରେ ବିଭାଗୀୟ ଅଧିକାରୀ ସପ୍ତଜ୍ୟୋତି ଓ ମନୋରଞ୍ଜନଙ୍କୁ ଚିଠି କରି ସମସ୍ତ କାଗଜପତ୍ର ଜିଲା କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ କହିଥିଲେ। ୨୦୧୮ ଏପ୍ରିଲରେ ସେମାନେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ କାଗଜପତ୍ର ଦେଇଥିଲେ। ହେଲେ ସେମାନଙ୍କ କଥା କେହି ଶୁଣି ନ ଥିଲେ। ଦୁହେଁ ବାରମ୍ବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ କିଛି ଫଳ ମିଳି ନ ଥିଲା। ଏ ନେଇ ସେମାନେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠକୁ ଆସି ଅଭିଯୋଗ ଜଣାଇଥିଲେ। ଏଥିସହ ଅନ୍ୟ ବିଭାଗରେ ଆବେଦନ କରିଥିବା ଆଶାୟୀମାନେ ମଧ୍ୟ ଆସି ଅଭିଯୋଗ କରିଥିଲେ। ପରେ ସପ୍ତଜ୍ୟୋତି ଏବଂ ମନୋରଞ୍ଜନ ଅଭିଯୋଗ ପ୍ରକୋଷ୍ଠ ଆଗରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ।

ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଦୁଇଦିନିଆ ଜାତୀୟ ଅଧିବେଶନ

# ଅଂଶଗ୍ରହଣ କରିବେ ଦେଶର ୫ ହଜାର ପ୍ରତିନିଧି

**ପୁରୀ ଅଫିସ, ୨୮।୧**

■ ଲକ୍ଷାଧିକ ଆଦିବାସୀଙ୍କ ହେବ ସମାଗମ
■ ୩ରେ ଯୋଗଦେବେ ଅମିତ ଶାହ

ଆସନ୍ତା ଫେବୃୟାରୀ ୨ ଓ ୩ରେ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଦୁଇଦିନିଆ ଜାତୀୟ ଅଧିବେଶନ ପୁରୀଠାରେ ଅନୁଷ୍ଠିତ ହେବ। ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ହେବାକୁ ଥିବା ଏହି ଅଧିବେଶନରେ ଦେଶର ୫ ହଜାର ଅନୁସୂଚିତ ଜନଜାତି ପ୍ରତିନିଧି ଯୋଗଦେବେ ବୋଲି ସୋମବାର ସ୍ଥାନୀୟ ଏକ ହୋଟେଲରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ କହିଥିଲେ, ୨ ତାରିଖ ପୂର୍ବାହ୍ନ ୧୧ଟାରୁ ଅଧିବେଶନ ଆରମ୍ଭ ହୋଇ ୩ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ଏହି ଜାତୀୟ ଅଧିବେଶନରେ ନିର୍ବାଚିତ ମୋର୍ଚ୍ଚାର ସମସ୍ତ ଏମ୍‌ପି, ବିଧାୟକ, କାଉନ୍‌ସିଲ ସଦସ୍ୟ, ଜିଲା ପରିଷଦ ସଦସ୍ୟ, ପୌର ଏବଂ ମହାନଗର ନିଗମ ମେୟର ଏବଂ ସଦସ୍ୟଙ୍କ ସମେତ ସବୁ ରାଜ୍ୟର ପ୍ରମୁଖ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିବେ। ୩ ତାରିଖ ଅପରାହ୍ନ ୨ଟା ପରେ ବିଶାଳ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଯୋଗଦେବେ। ଓଡ଼ିଶାର ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ସମାଗମ ହେବ। ଦେଶରେ ଅନୁସୂଚିତ ଜନଜାତିଙ୍କ ପରିସ୍ଥିତି କ'ଣ ରହିଛି, କେନ୍ଦ୍ର ସରକାରଙ୍କ ପକ୍ଷରୁ କ'ଣ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି, ଆଗକୁ ସେମାନଙ୍କ ବିକାଶ ପାଇଁ କ'ଣ କରାଯିବ ସେ ନେଇ ଆଲୋଚନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଓରାମ୍ କହିଥିଲେ। ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଥିଲେ, ୩ ତାରିଖ ଆଦିବାସୀ ସମ୍ମିଳନୀରେ ଶାହ ଯୋଗଦେଇ ମିଶନ ୧୨୦ କିପରି ହାସଲ କରିହେବ ସେ ନେଇ ପ୍ରେରଣାସ୍ପଦ ଉଦ୍‌ବୋଧନ ଦେବେ। ଭାଜପା ଓଡ଼ିଶା ପ୍ରଭାରୀ ଅରୁଣ ସିଂ କହିଥିଲେ, କେନ୍ଦ୍ର ସରକାର ଆଦିବାସୀଙ୍କ ବିକାଶ କଥା ଚିନ୍ତା କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ମନ୍ତ୍ରଣାଳୟ ଖୋଲାଯାଇଛି। ଆଦିବାସୀ ପିଲାଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ପାଇଁ ଏକଲବ୍ୟ ବିଦ୍ୟାଳୟ ଖୋଲାଯାଉଛି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ପୁରୀ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ବିରଞ୍ଚି ନାରାୟଣ ତ୍ରିପାଠୀ ଓ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ୨ୟ ହୋମିଓପାଥି ମିନି ଫାର୍ମାସୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୮।୧ (ବ୍ୟୁରୋ)**

ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜରେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଏକ ମିନି ଫାର୍ମାସୀ ଉଦ୍‌ଘାଟନ କରିଛନ୍ତି। ୩କୋଟି ୧୦ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଏହି ମିନି ଫାର୍ମାସୀ ସରକାରୀ ସ୍ତରରେ ଦେଶର ୨ୟ ହୋମିଓପାଥି ଫାର୍ମାସୀ। ହୋମିଓପାଥିକ୍ ଔଷଧ ପ୍ରସ୍ତୁତି କ୍ଷେତ୍ରରେ ଏହା ରାଜ୍ୟର ପ୍ରଥମ ସରକାରୀ ଉଦ୍ୟୋଗ। ପ୍ରାୟ ୨୦୦ ପ୍ରକାର ଔଷଧ ପ୍ରସ୍ତୁତି ନିମନ୍ତେ ଏହା ମାନ୍ୟତାପ୍ରାପ୍ତ। ବର୍ତ୍ତମାନ ଉପଲବ୍ଧ ଥିବା ବ୍ୟବସ୍ଥା ମଧ୍ୟରେ ଏହି ଅନୁଷ୍ଠାନ ରାଜ୍ୟର ପ୍ରାୟ ୫୫୦ ସରକାରୀ ହୋମିଓପାଥି ଚିକିତ୍ସାଳୟ ଓ ୪ଟି ହସ୍ପିଟାଲକୁ ଔଷଧ ଯୋଗାଇ ଆସୁଛି। ଏହାର ଦକ୍ଷତା ବୃଦ୍ଧି କରାଯାଇ ରାଜ୍ୟର ଆବଶ୍ୟକତା ପୂରଣ କରିବା ସହିତ ଅନ୍ୟ ରାଜ୍ୟକୁ ମଧ୍ୟ ଔଷଧ ଯୋଗାଇ ଦେଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ରାଜ୍ୟ ଔଷଧ ପରୀକ୍ଷଣ ପ୍ରୟୋଗଶାଳାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ରୟୋଗଶାଳା କାର୍ଯ୍ୟକ୍ଷମ ହେଲେ ଓଡ଼ିଶା ସହିତ ଅନ୍ୟ ରାଜ୍ୟରେ ପ୍ରସ୍ତୁତ ହେଉଥିବା ହୋମିଓପାଥି ଔଷଧର ମାନ ଓ ଗୁଣବତ୍ତା ପରୀକ୍ଷା କରାଯାଇପାରିବ। ରାଜ୍ୟର ଆୟୁଷ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ। ଆୟୁଷ ଚିକିତ୍ସା ବ୍ୟବସ୍ଥାର ବିକାଶ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ବିଧାୟକ ବିଜୟ କୁମାର ମହାନ୍ତି, ଆୟୁଷ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମିଶ୍ର ଏବଂ ଅଧୀକ୍ଷକ ପ୍ରଫେସର ସୁଧୀର କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ହୋମିଓପାଥି ମିନି ଫାର୍ମାସୀକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରୁଛନ୍ତି।

# ପଙ୍କରେ ବୁଡ଼ି ମାଈହାତୀ ମୃତ

**ରାୟଗଡ଼ା ଅଫିସ, ୨୮।୧**

ଆନ୍ଧ୍ରପ୍ରଦେଶର ବୀରଗୋଟମ ଜଙ୍ଗଲରୁ ଓଡ଼ିଶା ଭିତରକୁ ଚାଲି ଆସିଥିବା ହାତୀପଲ ମଧ୍ୟରୁ ଗୋଟିଏ ମାଈ ହାତୀର ସୋମବାର ମୃତ୍ୟୁ ହୋଇଛି। ଗତ ୫ତାରିଖରେ ଆସିଥିବା ହାତୀପଲରେ ୭ଟି ହାତୀ ଥିଲେ। ସେମାନେ ଓଡ଼ିଶା ଭିତରକୁ ଆସି ବ୍ୟାପକ କ୍ଷତି ଘଟାଇବା ସହିତ ଆତଙ୍କ ସୃଷ୍ଟି କରିଥିଲେ। ଗତ ୧୮ତାରିଖରୁ ହାତୀପଲ ବୀରଗୋଟମକୁ ଫେରିବା ଆରମ୍ଭ କରିଥିଲେ। ସୋମବାର ଭୋରରୁ ଏହି ହାତୀପଲ ଓଡ଼ିଶା ସୀମାନ୍ତ ଦୁଗି ଗ୍ରାମ ନିକଟ ନାଗାବଳୀ ନଦୀ ପାର ହୋଇ ଯିବାବେଳେ ମାଈ ହାତୀଟି ନଦୀକୂଳରେ ଥିବା ପଙ୍କ ଭିତରେ ପଶିଯାଇଥିଲା। କିନ୍ତୁ ପଙ୍କ ବହୁତ ଥିବାରୁ ଆଉ ବାହାରକୁ ବାହାରି ପାରି ନ ଥିଲା। ପଙ୍କରେ ବୁଡି ଅଣନିଃଶ୍ୱାସୀ ହୋଇ ତାହାର ମୃତ୍ୟୁ ଘଟିଥିଲା। ଏହା ପରେ ଅନ୍ୟ ୬ଟି ହାତୀ ଦୀର୍ଘ ସମୟ ସେଠାରେ ଆତଙ୍କ ଖେଳାଇଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡିଥିଲେ। ଖବରପାଇ ଆନ୍ଧ୍ରପ୍ରଦେଶ କୁରୁପମ ବନ ବିଭାଗ ପହଞ୍ଚି ହାତୀପଲକୁ ଘଉଡାଇଥିଲେ। ପରେ ହାତୀକୁ ବ୍ୟବଚ୍ଛେଦ କରାଯାଇ ପୋତାଯାଇଥିଲା।

# ଧରମବନ୍ଧା ଅଞ୍ଚଳରେ ଚିତା ବାଘ ଆତଙ୍କ

**ନୂଆପଡା ଅଫିସ, ୨୮।୧**



ଲଗାଯାଇଥିବା ଟ୍ରାପ କ୍ୟାମେରା।

■ ଗୁହାଳରେ ପଶି ପ୍ରାଣୀଙ୍କୁ କରୁଛି ଆକ୍ରମଣ
■ ବନବିଭାଗ ଲଗାଇଛି ଟ୍ରାପ କ୍ୟାମେରା

ନୂଆପଡା ଜିଲା ହଳଦୀ ଗାଁରେ କଲରାପତରିଆ ବାଘ ଆତଙ୍କର ବର୍ଷେ ନ ପୁରୁଣୁ ବର୍ତ୍ତମାନ ସୁନାବେଡା ଅଭୟାରଣ୍ୟ ସୀମାନ୍ତ ଧରମବନ୍ଧା ଅଞ୍ଚଳରେ ଚିତା ବାଘ ଆତଙ୍କ ଲୋକଙ୍କୁ ଭୟଭୀତ କରୁଛି। ଚାଷୀମାନଙ୍କ ଗୁହାଳରେ ରାତିରେ ପଶି ବିଭିନ୍ନ ସମୟରେ ଗୃହପାଳିତ ପଶୁଙ୍କୁ ଅତର୍କିତ ଆକ୍ରମଣ କରୁଥିବା ଖବର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ବିଭାଗ ଏହି ଅଞ୍ଚଳରେ ଟ୍ରାପ କ୍ୟାମେରା ଲଗାଇଥିବା ପ୍ରକାଶ। ମିଳିଥିବା ଖବର ଅନୁଯାୟୀ ଧରମବନ୍ଧା ଗ୍ରାମପଞ୍ଚାୟତ ଧରସାପଡା ଗାଁରେ ରାତି ହେଲେ ଗୁହାଳଗୁଡିକୁ ଚିତାବାଘ ଟାର୍ଗେଟ କରୁଛି। କିଛଦିନ ତଳେ ସ୍ଥାନୀୟ ଚାଷୀ ତୁଳାରାମ ମାଝିଙ୍କ ଛେଳିକୁ ଟାଣି ନେବାକୁ ଚେଷ୍ଟା କରୁଥିବା ବେଳେ ପରିବାର ଲୋକ ପାଟି କରିବାରୁ ଦୌଡି ଚାଲିଯାଇଥିଲା। ସେହିଭଳି ଗଙ୍ଗାରାମ ରାଉତଙ୍କ ୨ଟି ଛେଳିକୁ ନେଇଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଡୁଙ୍ଗରୀପଡାର ଜିରାଖାନ କେଉଁଟଙ୍କର ବାଛୁରୀ, ଫାଲଗୁନି ମାଝି ଏବଂ ମାଧବ ମାଝିଙ୍କ ବଳଦ ଏବଂ ବାଛୁରୀକୁ ଟେକି ନେଇ ଖାଇଥିବା ଚାଷୀମାନେ କହିଛନ୍ତି। ସୋମବାର ସନ୍ଧ୍ୟାରେ ଗଙ୍ଗାରାମ ମାଝିଙ୍କ ଗୁହାଳରେ ପଶିଥିବା ଖବର ପାଇ ଗ୍ରାମବାସୀ ଚିତ୍କାର କରି ଚିତାବାଘକୁ ଘୋଡ଼ାଇଥିଲେ। ତେବେ ବାରମ୍ବାର ଏଠାରେ ଚିତାବାଘ ପଇଁତରା ମାରୁଥିଲେ ହେଁ ବନ୍ୟପ୍ରାଣୀ ବିଭାଗ ଅବହେଳା କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହା ଉପରେ ସିସିଏଫ ରଜନୀକାନ୍ତ ରାଉତଙ୍କୁ ପଚାରିବାରେ କେଉଁ ବାଘ କେତେବେଳେ ଆସୁଛି ତାରି ଠିକ ବିବରଣୀ ମିଳିପାରିନାହିଁ। ଏହାକୁ ଠାବ କରିବାକୁ ଏହି ଅଞ୍ଚଳରେ ଟ୍ରାପ କ୍ୟାମେରା ଖଞ୍ଜାଯାଇଥିବା କହିଛନ୍ତି। ସେ ଯାହେଉ ଏହାକୁ ଜିଲା ପ୍ରଶାସନ ଗୁରୁତ୍ୱର ସହ ବିଚାର କରିବା ଜରୁରୀ ହୋଇପଡିଛି ବୋଲି ସ୍ଥାନୀୟ ସରପଞ୍ଚ ଓମପ୍ରକାଶ କଲାର କହିଛନ୍ତି।

# ମୁଁ ପାଠ ପଢ଼ିବି, ଏବେ ବିବାହ କରିବିନି

**ବଲାଙ୍ଗୀର ଅଫିସ, ୨୮।୧**

■ ବଲାଙ୍ଗୀରରେ ବାଲ୍ୟ ବିବାହ ଉଦ୍ୟମ
■ ସିଡବ୍ଲ୍ୟୁସି ହସ୍ତକ୍ଷେପ ପରେ ଶିଶୁଯତ୍ନ ଗୃହରେ ନାବାଳିକା
■ ବାପାଙ୍କ ବିରୋଧରେ ନାବାଳିକାଙ୍କ ଅଭିଯୋଗ

ବାଲ୍ୟ ବିବାହ ଭଳି ସାମାଜିକ କୁସଂସ୍କାର ରୋକିବା ଦିଗରେ କଡା ଆଇନ କାର୍ଯ୍ୟକାରୀ ହେଉଥିଲେ ସୁଦ୍ଧା ବଲାଙ୍ଗୀର ଜିଲା ପ୍ରଶାସନ ଓ ପୋଲିସର ଦାୟିତ୍ୱହୀନତା ଯୋଗୁ ବାଲ୍ୟ ବିବାହ ପ୍ରଥା ଜାରି ରହିଛି। ଜିଲାରେ ଜଣେ ନାବାଳିକାଙ୍କ ବିବାହକୁ ନେଇ ଦୁଇଭାଇଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ପରେ ଏହି ଘଟଣା ସାମ୍ନାକୁ ଆସିଛି। ଜିଲା ଶିଶୁକଲ୍ୟାଣ ସମିତି (ସିଡବ୍ଲ୍ୟୁସି)ର ଉଚିତ ପଦକ୍ଷେପ ଯୋଗୁ ଏହି ବିବାହ ଉଦ୍ୟମ ବନ୍ଦ ହୋଇଛି। ଏବେ ସମ୍ପୃକ୍ତା ନାବାଳିକାଙ୍କୁ ଶିଶୁଯତ୍ନ ଗୃହରେ ରଖାଯାଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ନାବାଳିକାଙ୍କ ବାପା ଓ ସମ୍ପର୍କୀୟ କାକା ମୁହାଁମୁହିଁ ହେବା ନେଇ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ମନହୀରା ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ତାଙ୍କ ବାପା ଜଣେ ଯୁବକଙ୍କ ସହ ବିବାହ କରିଦେବାକୁ ଉଦ୍ୟମ କରିଥିଲେ। ଏହି ପ୍ରସ୍ତାବରେ ଝିଅ ରାଜି ହୋଇ ନ ଥିଲେ। ନାବାଳିକାଙ୍କ ମା'ଙ୍କ ଦେହାନ୍ତ ପରେ ସେ ମାଗୁରବେଡା ଫାଣ୍ଡି ଅଞ୍ଚଳର ଜଣେ ସମ୍ପର୍କୀୟ କାକାଙ୍କ ଘରେ ପାଳିତା କନ୍ୟା ଭାବେ ରହିଥିଲେ। ତାଙ୍କୁ ବାପା ବିବାହ କରିଦେବାକୁ ଚାହୁଁଥିବା ବେଳେ ପାଳିତା ବାପା ଏହାକୁ ବିରୋଧ କରିଥିଲେ। ଏନେଇ ନାବାଳିକା କହିଛନ୍ତି, ସେ ଅଧିକ ପାଠ ପଢ଼ିବାକୁ ଚାହୁଁଛନ୍ତି। ସେ ଏବେ ବିବାହ କରିବେ ନାହିଁ। ବାପା ଏଥିରେ ରାଜି ହୋଇ ନ ଥିଲେ। ଝିଅର ଅନିଚ୍ଛା ସତ୍ତ୍ୱେ ବାପା ତାଙ୍କୁ ବିବାହ ଦେବାକୁ ଉଦ୍ୟମ କରିଥିଲେ। ଏହାପରେ ପାଳିତା ବାପା ଝିଅକୁ ଧରି ଗତ ୧୬ ତାରିଖରେ ବଲାଙ୍ଗୀର ଆସି ଜିଲା ଶିଶୁ କଲ୍ୟାଣ ସମିତିର ଦ୍ୱାରସ୍ଥ ହୋଇଥିଲେ। ସମିତି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ସଦସ୍ୟ ବିରଞ୍ଚି ବହିଦାର, ଡ ଗୋଦାବରୀଶ ରଥଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତା ନାବାଳିକା ତାଙ୍କ ବାପାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ସେ ପାଠ ପଢ଼ିବାକୁ ଚାହୁଁଥିବା କହିଥିଲେ। ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତା ନାବାଳିକାଙ୍କୁ ସାଲେପାଲିସ୍ଥିତ ଶିଶୁଯତ୍ନ ଗୃହକୁ ପଠାଯାଇଥିଲା। ସେଦିନରୁ ନାବାଳିକା ଜଣକ ସେଠାରେ ଅଛନ୍ତି। ଅନ୍ୟପକ୍ଷେ ଝିଅକୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିବା ଜାଣିବା ପରେ ଝିଅର ବାପା ତାଙ୍କ ସମ୍ପର୍କୀୟ ଭାଇ ତଥା ଝିଅର ପାଳିତା ବାପାଙ୍କ ଘରକୁ ଯାଇ ଗାଳିଗୁଲଜ କରିଥିଲେ। ସେ କେତେଜଣ ଅସାମାଜିକ ଲୋକଙ୍କୁ ନେଇ ଧମକଚମକ ଦେଉଥିବା ପାଳିତା ବାପା ମାଗୁରବେଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଦାଦନ ସମସ୍ୟା, ପିଲାବିକ୍ରି, ଅନାହାର, ଅର୍ଦ୍ଧାହାର, ମରୁଡି ଓ ଦାରିଦ୍ର୍ୟକୁ ନେଇ ବିଭିନ୍ନ ସମୟରେ ପ୍ରାଦେଶିକ ଓ ଜାତୀୟସ୍ତରରେ ଚର୍ଚ୍ଚାରେ ରହିଆସିଥିବା ବଲାଙ୍ଗୀର ଜିଲାରେ ବାଲ୍ୟ ବିବାହ ପ୍ରଥା ଅନ୍ୟତମ ସମସ୍ୟା ଭାବେ ଦେଖାଦେଇଛି। ବିଶେଷକରି ଦାଦନପ୍ରବଣ ଅଞ୍ଚଳରେ ଦାଦନ ଖଟିବାକୁ ଇଚ୍ଛା କରୁଥିବା ଦମ୍ପତି ସେମାନଙ୍କ ନାବାଳିକା ଝିଅ ଓ ନାବାଳକ ପୁଅଙ୍କୁ ବିବାହ କରି ରାଜ୍ୟ ବାହାରକୁ ଯିବାର ଅନେକ ନଜିର ରହିଛି।


## CLASSIFIED DISPLAY










MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable






# ଶିକ୍ଷାରେ ପାତରଅନ୍ତର

ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ୨୦୧୮ ଜୁଲାଇରେ ୬ଟି ବିଶ୍ୱବିଦ୍ୟାଳୟକୁ 'ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଏମିନେନ୍ସ' ବା ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଭାବେ ଘୋଷଣା କରିଥିଲେ। ୩ ସରକାରୀ ଓ ୩ ଘରୋଇ ଶିକ୍ଷାନୁଷ୍ଠାନ ଏଥିରେ ସ୍ଥାନ ପାଇଥିଲା। ସେଗୁଡ଼ିକ ହେଲା ଆଇଆଇଟି ଦିଲ୍ଲୀ ଓ ବମ୍ବେ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ବାଙ୍ଗାଲୋର, ପିଲାନିସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜି, ମଣିପାଲ ଏକାଡେମୀ ଅଫ୍ ହାୟର ଏଜୁକେଶନ ଏବଂ ଜିଓ ଇନ୍‌ଷ୍ଟିଚ୍ୟୁଟ୍। ସବୁଠାରୁ ବିଡ଼ମ୍ବନାର ବିଷୟ ଯେ, ଜିଓ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତାବରେ ଥିବା ବେଳେ ତାହାକୁ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଏମିନେନ୍ସ ମାନ୍ୟତା ଦିଆଯାଇଥିଲା। ସେତେବେଳେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସମାଲୋଚନା କରାଯାଇଥିଲା। ଏବେ ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକ ବାସ୍ତବରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରୁଛନ୍ତି, ସେଗୁଡ଼ିକୁ ସରକାରଙ୍କ ପକ୍ଷରୁ ମାନ୍ୟତା ଦିଆଯିବାରେ ପାତରଅନ୍ତର କରାଯାଉଛି। ଖବର ମିଳିଛି, ହରିୟାଣାର ସୋନେପତ ଜିଲାରେ ଥିବା ଅଶୋକା ବିଶ୍ୱବିଦ୍ୟାଳୟ, ଆନ୍ଧ୍ରପ୍ରଦେଶସ୍ଥ ଶ୍ରୀସିଟିର ସିଆର୍‌ଇଏ (କ୍ରିୟା) ଏବଂ ବେଙ୍ଗାଲୁରସ୍ଥିତ ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ଭଳି ଘରୋଇ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ସରକାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ ମାନ୍ୟତା ଦେବାକୁ ଦ୍ୱିଧା କରୁଛନ୍ତି। ଏହାର କାରଣ ହେଉଛି, ଏହିସବୁ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ବ୍ୟକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାସକ ଭାଜପାକୁ ସମାଲୋଚନା କରୁଛନ୍ତି। ଗୋଇନ୍ଦା ବ୍ୟୁରୋ (ଆଇବି) ଏ ସଂକ୍ରାନ୍ତ ଏକ ରିପୋର୍ଟ ଏଚ୍‌ଆର୍‌ଡିକୁ ଗତମାସରେ ଜଣାଇଥିବା ବିଷୟ ଏବେ ପଦାକୁ ଆସିଛି। ଏଠାରେ କୁହାଯାଇପାରେ ଯେ, ଗୋଇନ୍ଦା ବିଫଳତା ଯୋଗୁ ଦେଶର ନିରାପତ୍ତା ବିପନ୍ନ ହେଉଥିବା ବେଳେ ସରକାର ପ୍ରତି କେଉଁ ଦିଗରୁ ସମର୍ଥନ ରହିଛି, ତାହା ଜାଣିବା ପାଇଁ ଆଇବିକୁ ବ୍ୟବହାର କରାଯିବା ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ଅଶୋକା ବିଶ୍ୱବିଦ୍ୟାଳୟର କୁଳପତି ପ୍ରତାପ ଭାନୁ ମେହେଟା, କ୍ରିୟା ବିଶ୍ୱବିଦ୍ୟାଳୟ ସହ ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ ଓ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ ସହିତ ଅଜିମ୍ ସମ୍ପୃକ୍ତ ରହିବା ଏବଂ ଏମାନେ ମୋଦିଙ୍କ ଶାସନ ଶୈଳୀକୁ ସମାଲୋଚନା କରୁଥିବାରୁ ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଉଚ୍ଚ ସ୍ତରର ମାନ୍ୟତା ଦିଆଯିବା ଲାଗି ସରକାର ଇଚ୍ଛା ପ୍ରକାଶ କରୁନାହାନ୍ତି। ବାସ୍ତବରେ କେଉଁ ଶିକ୍ଷାନୁଷ୍ଠାନ ଉତ୍ତମ ଶିକ୍ଷା ପ୍ରଦାନ କରୁଛନ୍ତି ତାହାକୁ ଏଚ୍‌ଆର୍‌ଡି ମନ୍ତ୍ରଣାଳୟ ତନ୍ନତନ୍ନ କରି ଅନୁଧ୍ୟାନ କରିବା ଉଚିତ। ଏ କ୍ଷେତ୍ରରେ ରାଜନୀତି କରାଯିବା ଅର୍ଥ ଶିକ୍ଷା ବ୍ୟବସ୍ଥାକୁ ନ୍ୟୁନ କରାଯାଉଛି। ଜିଓ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା ହୋଇ ନ ଥିବା ବେଳେ ତାହାକୁ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଏମିନେନ୍ସ ମାନ୍ୟତା ଦିଆଯିବା ଲାଗି କେନ୍ଦ୍ର ନେତୃତ୍ୱ ଆଗଭର ହେବା ସରକାରଙ୍କ ସହ ସମ୍ପୃକ୍ତ ଅନୁଷ୍ଠାନର ସମ୍ଭାବ୍ୟ ଭିତିରି ବୁଝାମଣାକୁ ପଦାରେ ପକାଇଛି। ଏକ ଗଣତାନ୍ତ୍ରିକ ଦେଶରେ ସରକାରକୁ ସମାଲୋଚନା କରିବାର ଅଧିକାର ନାଗରିକଙ୍କର ରହିଛି। ହେଲେ ଏବର ସରକାର ଏହାକୁ ଦେଶଦ୍ରୋହର ଆଖ୍ୟା ଦେବାକୁ ପଛାଉ ନାହିଁ। ଯେଉଁମାନେ ସରକାରଙ୍କ ନୀତିକୁ ଆଖିବୁଜି ସମର୍ଥନ କରୁଛନ୍ତି, ସେମାନଙ୍କୁ ପୁରସ୍କାର ମିଳୁଥିବା ବେଳେ ସମାଲୋଚନାକାରୀଙ୍କୁ ବିଭିନ୍ନ ଉପାୟରେ ହଇରାଣ କରାଯାଉଛି। ଫଳସ୍ୱରୂପ ଅନେକ ସମୟରେ ଅପ୍ରୀତିକର ବା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି।

ଟାଇମ୍ସ ହାୟର ଏଜୁକେଶନ (ଟିଏଚ୍‌ଇ) ପକ୍ଷରୁ କରାଯାଇଥିବା ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ୨୦୧୯ ଅନୁଯାୟୀ, ଭାରତର କୌଣସି ଶିକ୍ଷା ପ୍ରତିଷ୍ଠାନ ବିଶ୍ୱସ୍ତରୀୟ ତାଲିକାର ଶ୍ରେଷ୍ଠ ୨୦୦ ମଧ୍ୟରେ ସ୍ଥାନ ପାଇନାହାନ୍ତି। ନିମ୍ନମାନର ଗବେଷଣା ଏବଂ ପାଠ୍ୟକ୍ରମଗୁଡ଼ିକୁ ଅନ୍ତର୍ଜାତୀୟ ମାନର କରିବାରେ ଭାରତ ଅକ୍ଷମ ହେଉଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି କୁହାଯାଉଛି। ଏ କ୍ଷେତ୍ରରେ କିଭଳି ସୁଧାର ଆସିବ ସେ ଦିଗରେ ନୂଆ ଚିନ୍ତା କରା ନ ଯାଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନାମ ପରିବର୍ତ୍ତନ କରିବାକୁ ମସୁଧା ଚାଲିଛି। ଏଥିସହିତ ରାଜନୀତିକୁ ସୁହାଇଲା ଭଳି ପାଠ୍ୟକ୍ରମରେ ପରିବର୍ତ୍ତନ ମଧ୍ୟ କରାଯାଉଛି। ବିଶ୍ୱସ୍ତରୀୟ ଶିକ୍ଷା ଢାଞ୍ଚା ଭାରତରେ କିଭଳି ଗଢ଼ାଯାଇପାରିବ ସେ ଦିଗରେ ଅଭିନବ ପଦକ୍ଷେପ ନିଆଯିବା ଆବଶ୍ୟକ। ତାହା କରା ନ ଯାଇ କୌଣସି ରାଜନୈତିକ ଚିନ୍ତାକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଗଲେ ଦେଶର ଅନେକ କ୍ଷତି ଘଟିବ। ମନେରଖିବାକୁ ହେବ ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କୌଣସି ରାଜନୈତିକ ଦଳ ସବୁବେଳେ କ୍ଷମତାରେ ରହିପାରେ ନାହିଁ। ପରିବର୍ତ୍ତନ ହେଉଛି ସମୟର ଆହ୍ୱାନ। ଆଜି ଶାସନ କରୁଥିବା ସରକାର ଆଗାମୀ ଦିନରେ କ୍ଷମତାଚ୍ୟୁତ ହେବା ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ। ଏହି ସତ୍ୟକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଗଲେ ଭବିଷ୍ୟତ ସହଜ ହୋଇଯାଆନ୍ତା।

## ୨୫ ବର୍ଷ ତଳର ଧରିତ୍ରୀ

**୨୯ ଜାନୁୟାରୀ ୧୯୯୪**

- ବୟନ ସାମଗ୍ରୀ କାରବାର ନେଇ ଭାରତ ଉପରେ ଗାଟ୍ ନିୟମ ଲାଗୁ କରିବା ପାଇଁ ଆମେରିକାର ଧମକ।
- ସମ୍ବିଧାନର ନବମ ଅନୁଚ୍ଛେଦରେ ଭୂସଂସ୍କାର ଆଇନଗୁଡ଼ିକୁ ସାମିଲ ପାଇଁ ଆଗତ ଏକ ପ୍ରସ୍ତାବକୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନୁମୋଦନ।
- କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଥମ ଏକଲବ୍ୟ ପୁରସ୍କାର ରଚିତା ପଣ୍ଡାଙ୍କୁ ପ୍ରଦାନ।

## ଚିରନ୍ତନୀ

ହେ ଜଳ-ପବନ-ଅଗ୍ନି-ମୃତ୍ତିକା-ଆକାଶ-ମହାଭୂତ
ଯାହା ଘେନି ଧରେ ପ୍ରାଣ, ଯାହା ଛାଡ଼ି ଶେଷେ ହୁଏଁ ମୃତ।
ତୁମେ ମୋର ଆଦି ଅନ୍ତ, ତୁମେ ମୋର ସବୁ ସାନ ବଡ଼
ତୁମେ ସତ୍ୟ ସନାତନ ଜ୍ଞାନରୂପୀ ଜଡ଼ ଆହେ ଜଡ଼!

(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | 2 | | | 0 | | | C | | | | 1 |
| 1 | | | | 7 | | | 8 | E | B | | 6 | | 4 | A |
| | 7 | | 8 | | | 9 | C | | A | | D | | | E |
| 3 | | | C | A | | 4 | 1 | | 8 | | | | | |
| C | E | B | 3 | | | | | 6 | | | | 8 | D | |
| | | | 6 | | 4 | | | C | D | 1 | | | | 5 |
| | | D | 7 | | | E | | 5 | | | 2 | | | 3 |
| A | | | | | 1 | | | | 5 | | | | B | D |
| | | 3 | E | 8 | | B | | | | A | | | | 4 |
| | | | 0 | | | 1 | | | | 7 | C | | | |
| | 5 | | 2 | 9 | | | E | | | | 7 | | | |
| 2 | B | | 1 | | | 3 | | | | | | | | |
| | | 7 | | | | | | | | E | | | 6 | 9 |
| | C | 4 | | | | 0 | 6 | | 2 | | | | 8 | |
| | | | A | | | 7 | | | | | 3 | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 1 | 5 | A | E | 7 | 0 | 8 | 9 | B | 4 | 2 | 6 | C | 3 |
| 9 | 4 | 2 | 6 | 0 | 1 | B | 3 | A | D | C | 8 | 5 | 7 | E |
| E | B | 7 | 4 | D | 8 | 5 | C | 1 | 6 | 0 | 3 | 9 | A | 2 |
| A | 6 | 3 | C | 5 | B | 2 | D | 4 | E | 7 | 9 | 8 | 1 | 0 |
| 0 | 8 | C | 9 | 2 | 3 | E | 6 | 7 | 5 | A | 1 | D | 4 | B |
| 2 | E | 6 | 1 | A | 4 | D | B | 3 | 9 | 8 | C | 7 | 0 | 5 |
| 3 | 0 | 4 | 5 | B | 9 | 1 | 2 | E | 7 | 6 | D | C | 8 | A |
| 8 | 5 | D | E | 7 | 2 | 6 | A | C | 3 | B | 0 | 1 | 9 | 4 |
| 1 | C | B | 3 | 6 | 0 | 7 | 9 | 8 | A | 5 | 4 | E | 2 | D |
| 7 | A | 9 | 8 | C | D | 4 | 0 | 5 | 1 | 2 | E | B | 3 | 6 |
| 5 | 3 | A | 2 | 4 | 6 | 8 | 1 | B | C | D | 7 | 0 | E | 9 |
| 4 | D | E | B | 9 | C | 3 | 7 | 2 | 0 | 1 | 5 | A | 6 | 8 |
| C | 7 | 8 | D | 3 | E | A | 5 | 0 | 4 | 9 | 6 | 2 | B | 1 |
| 6 | 9 | 1 | 0 | 8 | A | C | E | D | 2 | 3 | B | 4 | 5 | 7 |
| B | 2 | 0 | 7 | 1 | 5 | 9 | 4 | 6 | 8 | E | A | 3 | D | C |

ଗତକାଲିର ଉତ୍ତର



ମନ-ମାନଚିତ୍ର

ଡ. ନରହରି ବେହେରା

# ବର୍ଣ୍ଣବୋଧର ପ୍ରାସଙ୍ଗିକତା

ଓଡ଼ିଆ ଭାଷାର ସୁରକ୍ଷା ଏବଂ ଉତ୍ତରୋତ୍ତର ଉନ୍ନତି ପାଇଁ ଜନ୍ ବୀମ୍‌ସ, ଆମ୍‌ସ ସଟନ୍, ଜନ୍ ଲିଚେନ୍, ଗୌରୀଶଙ୍କର ରାୟ ପ୍ରମୁଖ କୃତବିଦ୍ୟ ଅଣଓଡ଼ିଆଙ୍କର ଅବଦାନକୁ ଯେପରି ଅସ୍ୱୀକାର କରି ହେବନାହିଁ, ସେହିପରି ଓଡ଼ିଆ ଭାଷାକୁ ସୁସଂଗଠିତ କରି ଉତ୍ତର ପିଢ଼ିଙ୍କ ନିକଟରେ ଏହାକୁ ସରଳ ସୁଗମ ବୋଲି ପରିଚୟ ସୃଷ୍ଟି କରିବାରେ ଜଣେ ଅଣଓଡ଼ିଆ ଭାବରେ ଭକ୍ତକବି ମଧୁସୂଦନ ରାଓଙ୍କୁ ମଧ୍ୟ ବିସ୍ମରଣ କରି ହେବନାହିଁ। ତାଙ୍କ ସୃଷ୍ଟି 'ବର୍ଣ୍ଣବୋଧ' ଏକ କ୍ଷୁଦ୍ର ପୁସ୍ତକ। ମାତ୍ର ଓଡ଼ିଆ ଭାଷା ଅସ୍ମିତାର ଏହା ହିଁ ହେଉଛି ପ୍ରାଣସ୍ୱରୂପ ଓଁକାର। ସରଳ ତରଳ ଭାଷା ଓ ଭାବରେ ଚପଳମନା ଶିକ୍ଷାର୍ଥୀମାନଙ୍କ ମନରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏହି ବର୍ଣ୍ଣବୋଧର ଭୂମିକା ନିଶ୍ଚିତ ଭାବରେ ପ୍ରଶଂସାର୍ହ। ସମୟର ପରିବର୍ତ୍ତନରେ ବିଦେଶୀ ଭାଷାପ୍ରତି ଅହେତୁକ ଦୁର୍ବଳତା ସତ୍ତ୍ୱେ ବର୍ଣ୍ଣବୋଧ ତାହାର ଗୌରବ ହରାଇ ନାହିଁ। ବିଭିନ୍ନ ଦୃଷ୍ଟିରୁ ବିଚାର କଲେ ଆଜି ଓଡ଼ିଆ ଭାଷାରେ ବର୍ଷକୁ ଯେତେ ବହି ବିକ୍ରି ହୁଏ ସେଥିମଧ୍ୟରୁ ବର୍ଣ୍ଣବୋଧ ଓ ମାଣବସା ଗୁରୁବାର ଦୁଇଟି କ୍ଷୁଦ୍ର ବହିର ସର୍ବାଧିକ ବିକ୍ରି ହୋଇଥାଏ। ଗୋଟିଏ ବହି ଓଡ଼ିଆ ଜାତିର ଭାଷାକୁ ସୁସଂଗଠିତ କରିବାପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ଅନ୍ୟଟି ଜାତିପ୍ରଥା ପରି ସାମାଜିକ କଳଙ୍କ ବିରୋଧରେ କାଳକାଳକୁ ବିଦ୍ରୋହୀ ଭାବରେ ଉଭା ହୋଇଛି।

ମଧୁସୂଦନ ରାଓଙ୍କର ମୂଳ ବର୍ଣ୍ଣବୋଧ ଏବେ ଅନେକାଂଶରେ ବଦଳି ଯାଇଛି। ବୈଦ୍ୟୁତିକ ଛାପାଖାନାର ବୈପ୍ଳବିକ ପରିବର୍ତ୍ତନ ତଥା ଆବଶ୍ୟକତା ହେତୁ ଏହି ବର୍ଣ୍ଣବୋଧର ରୂପରଙ୍ଗ ବଦଳିବା ସହ ଏଥିରେ ଅନେକ ନୂଆ ନୂଆ ତଥ୍ୟ ଖଞ୍ଜି ଦିଆଯାଇଛି। ବର୍ଣ୍ଣବୋଧର ନାଁ ବଦଳି 'ମଧୁବର୍ଣ୍ଣବୋଧ' ହୋଇଛି। କେହି କେହି ଏହାର ନାମ ମଧ୍ୟ ଛବିଳ ମଧୁବର୍ଣ୍ଣବୋଧ ରଖିଛନ୍ତି। ମୂଳ ବର୍ଣ୍ଣବୋଧ ଅନୁପଲବ୍ଧ ହେତୁ ବହୁଳ ବିକ୍ରି ହେଉଥିବା ଗୋଟିଏ ବହିକୁ କେନ୍ଦ୍ରକରି ବହୁ ନବଶିକ୍ଷିତ ବ୍ୟକ୍ତି ଧରି ନେଇଛନ୍ତି, ବିଲେଇ ଚିତ୍ର ଥିବା ବହିଟି ହିଁ ମୂଳ ବର୍ଣ୍ଣବୋଧ। ଅନେକେ ବର୍ଣ୍ଣବୋଧକୁ ମଧ୍ୟ ଭୁଲି ମଧୁବର୍ଣ୍ଣବୋଧକୁ ହିଁ ପ୍ରକୃତ ବହି ବୋଲି ବିଚାର କରନ୍ତି। ଏହି ମତକୁ ଉପଲବ୍ଧି କରି ଏ ପ୍ରବନ୍ଧର ପ୍ରତିବେଦକ ମଧୁ ରାଓଙ୍କ ଜୀବଦ୍ଦଶାରେ ପ୍ରକାଶିତ ମୂଳ ବର୍ଣ୍ଣବୋଧର ସ୍ୱରୂପ ଜାଣିବାକୁ ଅନେକ ପ୍ରୟାସ କରିଥିଲା। ସୌଭାଗ୍ୟକ୍ରମେ ଇଣ୍ଟରନେଟ୍‌ର ଓଡ଼ିଆ ଆର୍କାଇଭ୍‌ରୁ ଦୁଇଟି ପୁରାତନ ବର୍ଣ୍ଣବୋଧ ପ୍ରାପ୍ତ ହୋଇଥିଲା। ଏପରି ବିରଳ ପ୍ରୟାସ କରିଥିବା ଶୁଭାଶିଷ ପାଣିଗ୍ରାହୀ ଓ ସୁସ୍ମିତା ରଥଙ୍କୁ ଏ ପ୍ରତିବେଦକର ଅନେକ କୃତଜ୍ଞତା। ଯେଉଁ ଦୁଇଟି ପୁସ୍ତକ ଉପଲବ୍ଧ ହୋଇଛି ସେଥିରୁ ଗୋଟିଏ ପ୍ରକାଶ ପାଇଛି ୧୮୯୬ ମସିହାରେ। ଏହାର ପ୍ରକାଶକ ହେଉଛନ୍ତି ମ୍ୟାକ୍‌ମିଲନ୍ ଏଣ୍ଡ କୋ ଲିମିଟେଡ୍। ଏହାର ମୂଲ୍ୟ ଏକଅଣା ଥିଲା। ଏହି ବହି ମଲାଟ ଉପରେ ଲେଖାଯାଇଛି, ORIYA ALPHABET & SPELLING BOOK OF MADHUSUDAN RAO. ତା' ତଳେ ଓଡ଼ିଆରେ ବର୍ଣ୍ଣବୋଧ ବୋଲି ଲେଖାଯାଇଛି। ସଂଗ୍ରାହକମାନେ ଲେଖିଛନ୍ତି- ଏ ବହିଟି ଷଷ୍ଠ ସଂସ୍କରଣ। ଏହା ପୂର୍ବରୁ ବର୍ଣ୍ଣବୋଧର କୌଣସି ସଂସ୍କରଣ ଉପଲବ୍ଧ ହୁଏନାହିଁ। ଏହି ପୁସ୍ତକଟି ନିର୍ମଳକାନ୍ତ ମହାନ୍ତିଙ୍କଠାରୁ ସଂଗ୍ରହ କରାଯାଇ ଡିଜିଟାଲ କରାଯାଇଛି। ବର୍ଣ୍ଣବୋଧର ପ୍ରଥମ ପ୍ରକାଶ ହୋଇଥିଲା ୧୮୯୫ ମସିହାରେ। ଏହା ବ୍ୟତୀତ ଅନ୍ୟଗୋଟିଏ ବର୍ଣ୍ଣବୋଧ ଉପଲବ୍ଧ ହୋଇଛି, ଯାହାର ପ୍ରକାଶନ ସମୟ ଥିଲା ୧୯୦୧। ଏହା ଅଷ୍ଟମ ସଂସ୍କରଣ। ଏହି ବହିଟିକୁ ପ୍ରକାଶ କରିଛନ୍ତି, ଅରୁଣୋଦୟ ପ୍ରେସ, କଟକ। ମୂଲ୍ୟ- ଏକଅଣା। ମଧୁରାଓଙ୍କର ଜୀବଦ୍ଦଶା ଥିଲା ୧୮୫୩ରୁ ୧୯୧୨ ମସିହା। ତେଣୁ ତାଙ୍କର ଜୀବଦ୍ଦଶା ମଧ୍ୟରେ ଉପଲବ୍ଧ ଏହି ଦୁଇଟି ବର୍ଣ୍ଣବୋଧକୁ ପ୍ରାମାଣିକ ଗ୍ରନ୍ଥ ଭାବରେ ଗ୍ରହଣ କରାଯାଇପାରେ।

୧୮୯୬ (ଷଷ୍ଠ ସଂସ୍କରଣ) ଓ ୧୯୦୧ (ଅଷ୍ଟମ ସଂସ୍କରଣ)ର ବର୍ଣ୍ଣବୋଧ ମଧ୍ୟରେ ବିଷୟଗତ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ। କେବଳ ମୁଦ୍ରଣରେ ଉନ୍ନତି ଘଟିଥିବାରୁ ଏଥିରେ ଅକ୍ଷର ତଥା ଛବିରେ ନବୀକରଣ ହୋଇଥିବାର ଦେଖାଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ପୁସ୍ତକଟିର ନାମକରଣ ବର୍ଣ୍ଣବୋଧ ହୋଇଥିବାରୁ ଏଥିରେ କେବଳ ବର୍ଣ୍ଣ ସମ୍ପର୍କିତ ଆଲୋଚନା ହିଁ ହୋଇଛି। ବର୍ଣ୍ଣ ସମ୍ପର୍କରେ ଆଲୋଚନା କରାଯାଇ ସୁନ୍ଦର ସଂସାର, ପରମେଶ୍ୱର, ସ୍ତବ, ପ୍ରଭାତ ଓ ସନ୍ଧ୍ୟା କବିତାରେ ପୁସ୍ତକଟିକୁ ଶେଷ କରାଯାଇଛି। ଏ ଗୀତଗୁଡ଼ିକ ଅତ୍ୟନ୍ତ ସରଳ ଏବଂ ଭାବୋଦ୍ଦୀପକ ହୋଇଥିବାରୁ ଏହାର ସାଙ୍ଗୀତିକତା ଏବେ ବି ଅକ୍ଷୁଣ୍ଣ ଅଛି। ଏ ପୁସ୍ତକରେ ସଂଖ୍ୟା କିମ୍ବା ପଣକିଆ ଦିଆଯାଇ ନାହିଁ। ପରବର୍ତ୍ତୀ କୌଣସି ସଂସ୍କରଣରେ ଏଥିରେ ପଣକିଆକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବର୍ତ୍ତମାନ ଉପଲବ୍ଧ ବର୍ଣ୍ଣବୋଧ ଏବଂ ପୂର୍ବୋକ୍ତ ବର୍ଣ୍ଣବୋଧର ବିବିଧପାଠରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଏ ପାଠକୁ ଲେଖକ ନିଜେ ବଦଳାଇଛନ୍ତି କି ସମୟାନ୍ତରେ ଆଉ କେହି ବଦଳାଇଛନ୍ତି ତାହା ମଧ୍ୟ ଅନୁସନ୍ଧାନସାପେକ୍ଷ। ମାତ୍ର ତାଙ୍କ ବହିର ନାମ ବର୍ଣ୍ଣବୋଧକୁ ବଦଳାଇ ମଧୁବର୍ଣ୍ଣବୋଧ କରିଦିଆଯାଇଛି, ଅନେକ ସ୍ଥାନରେ ତାଙ୍କର ମୂଳ ପାଠ ସହିତ ଅନ୍ୟାନ୍ୟ ପାଠକୁ ଯୋଖି ଦିଆଯାଇଛି।

କାଳର ବହୁ ପରିବର୍ତ୍ତନ ସତ୍ତ୍ୱେ କାହିଁକି ଏ ବର୍ଣ୍ଣବୋଧ ଅତି ଆଦରଣୀୟ ହୋଇ ରହିଛି, ତାହା ଏକ ଗୂଢ଼ ପ୍ରଶ୍ନ। ଏହି କ୍ଷୁଦ୍ର ପୁସ୍ତକ ଭିତରେ ଅବୋଧ ଶିଶୁମାନଙ୍କ ପାଇଁ ଯେଉଁ ସରଳ ଭାବ ସମନ୍ୱିତ ଶବ୍ଦପୁଞ୍ଜ ପର୍ଯ୍ୟାୟକ୍ରମେ ସଜାଯାଇଛି ତାହା ଅନନ୍ୟ। ପିଲାଟି ଜୀବନର ଆରମ୍ଭରେ ଯେଉଁ ପରିବେଶ ମଧ୍ୟରେ ବଢ଼ିଥାଏ, ଯେଉଁ ସବୁ ଶବ୍ଦ, ଖେଳ ଓ ଖେଳଣା ସହିତ ପରିଚିତ ଥାଏ ତା'କୁ ଆଧାର କରି ଏହି ବହିଟି ଆରମ୍ଭ ହୋଇଛି- ଚକ, ଅଖ, ଘର, ଉଇ ଇତ୍ୟାଦି। ସେହିପରି ଘର ଭିତରେ ଦେଖୁଥିବା ଦ୍ରବ୍ୟ, ଜୀବଜନ୍ତୁଙ୍କୁ ନେଇ ସରଳ ବୋଧଗମ୍ୟ ଭାଷାରେ ଶବ୍ଦ ସଂଯୋଜନା ଏହାର ବୈଶିଷ୍ଟ୍ୟ- 'ଅଇଲାଣି ବିଲେଇ। ମୂଷା ଯିବ ପଳେଇ। ଛେଳି ଛୁଆଟିକୁ ଦେଖ। ମେଷ ଛୁଆଟିକି ରଖ।' ଇତ୍ୟାଦି ଏହାର ଗୋଟିଏ ଗୋଟିଏ ଉଦାହରଣ। କେବଳ ସେତିକି ନୁହେଁ ଶବ୍ଦ ପରିଚୟ ମଧ୍ୟରେ ଉପଦେଶ ପ୍ରଦାନ, ଈଶ୍ୱର ବିଶ୍ୱାସ, ପ୍ରକୃତି ବର୍ଣ୍ଣନା ପରି ବହୁ ଦୃଶ୍ୟ ସଂଯୋଜନା ଏହି କ୍ଷୁଦ୍ର ପୁସ୍ତକଟିକୁ ସମୃଦ୍ଧ କରିଛି। 'ମଧୁର ବିନୟ ବଚନ, କହି ତୋଷିବ ଜନମନ' ପରି ଚିରନ୍ତନ ଆପ୍ତବାକ୍ୟ କେଉଁ କୋମଳ ହୃଦୟକୁ ସ୍ପର୍ଶ ନ କରିବ? 'ଆକାଶ ଦିଶେ କି ସୁନ୍ଦର, ତାହାକୁ ରଚିଲେ ଈଶ୍ୱର,' ପ୍ରଭୃତି ପ୍ରାକୃତିକ ଦୃଶ୍ୟ ସହିତ ଈଶ୍ୱର ପ୍ରୀତିର ଭାବଗର୍ଭକ ଲଳିତ ବର୍ଣ୍ଣନା କିମ୍ବା ନିଜକୁ ଈଶ୍ୱରଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ ଭାବନା ଏହି ବର୍ଣ୍ଣବୋଧକୁ କାଳଜୟୀ କରି ରଖିବ।

ଗୋଟିଏ ଭାଷାର ଭିତ୍ତିକୁ ସୁଦୃଢ଼ କରିବା ପାଇଁ ବର୍ଣ୍ଣବୋଧ ପରି କ୍ଷୁଦ୍ର ପୁସ୍ତକଟିର ଭୂମିକାକୁ କେହି ବି ଅସ୍ୱୀକାର କରିବେ ନାହିଁ। ମାତ୍ର ସେହି ବହି ସମ୍ପର୍କରେ କାଳକ୍ରମେ ଆମର ଉତ୍ତର ପିଢ଼ି ଭୁଲିବାକୁ ଲାଗିଲେଣି। ଏ ବହିର ସ୍ରଷ୍ଟା ଭକ୍ତକବି ମଧୁସୂଦନ ରାଓ ମଧ୍ୟ ବିସ୍ମୃତ ହେବାକୁ ବସିଲେଣି। ସରକାରୀ ସ୍ତରରେ ବର୍ଣ୍ଣବୋଧର ପ୍ରସାର ସମ୍ଭବ ହେଉନାହିଁ, ଆଇନର କାଠଗଡ଼ାରେ ଏବେ ସେ ବନ୍ଦୀ। ଏପରି ପରିସ୍ଥିତିରେ ଏ ମହାନ୍ ସ୍ରଷ୍ଟା ଓ ସୃଷ୍ଟିକୁ ସମ୍ମାନ ଦେବା ତଥା ହଜିଯାଉଥିବା ବର୍ଣ୍ଣବୋଧକୁ ପୁଣି ଥରେ ଉତ୍ତରପିଢ଼ିଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଗତ ତିନିବର୍ଷ ଧରି କିଛି ଉତ୍ସାହୀ ଶିକ୍ଷକ ଏବଂ ଅନୁଷ୍ଠାନ ପକ୍ଷରୁ ମଧୁ ରାଓଙ୍କର ଜନ୍ମଦିନ ଜାନୁୟାରୀ ୨୯ ତାରିଖକୁ ବର୍ଣ୍ଣବୋଧ ଦିବସ ଭାବରେ ପାଳନ କରାଯାଉଛି। ପିଲାମାନଙ୍କ ମଧ୍ୟରେ ବର୍ଣ୍ଣବୋଧ ଉପରେ ପରୀକ୍ଷା କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି କରାଯିବା ସହିତ ବର୍ଣ୍ଣବୋଧର ଉପାଦେୟତା ଏବଂ ମଧୁ ରାଓଙ୍କର କୃତି ଓ ଜୀବନୀ ସମ୍ପର୍କରେ ଅବଗତ କରାଇବା ଏ ଦିବସର ମୂଳ ଲକ୍ଷ୍ୟ। ମାତ୍ର ସରକାରୀ ପୃଷ୍ଠପୋଷକତା ବିନା ଏହା ସମସ୍ତଙ୍କ ନିକଟରେ ପହଞ୍ଚି ପାରିବ ନାହିଁ। ଭାଷା ହେଉଛି ଓଡ଼ିଶାର ମୂଳ ପୁଞ୍ଜି। ଏହାକୁ ଭିତ୍ତିକରି ଆମେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଛୁ। ତେଣୁ ଆମ ଭାଷାକୁ ସମୃଦ୍ଧ କରିଥିବା ମହାନ୍ ଆତ୍ମାମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ହିଁ ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ। ଏକଥା ଆମେ ଭୁଲିଯିବା ଅନୁଚିତ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍,
ଭଦ୍ରକ, ମୋ-୭୯୭୮୯୦୩୫୦୯

# ଅଛି ଶୀତଲହରି, ନାହିଁ ଚୂତମଞ୍ଜରୀ



ଚିନ୍ମୟ ରାୟ

ମସିହା ୨୦୧୮ ସ୍ମରଣୀୟ ରହିବ ପାଣିପାଗ କାରଣରୁ, ଯେହେତୁ ପ୍ରବଳ ଥଣ୍ଡା ଏବଂ ପୌଷ ଓ ମାଘର ଜାଡ଼ରେ ପିଲାରୁ ବୁଢ଼ା ସମସ୍ତେ ଆକ୍ରାନ୍ତ। ରାଜଧାନୀର ଆଲୋକିତ ରାଜପଥରେ ନିଆଁ ପୁଇଁବାର ଦୃଶ୍ୟ ସଞ୍ଜ ୬ରୁ ରାତି ୯ ଯାଏଁ ଦେଖିବାକୁ ମିଳିଲା। କୁହାଯାଉଛି ୧୯୯୬ ମସିହାରେ ଅନେକ ସହରର ତାପମାତ୍ରା ଏମିତି ୧୦ ଡିଗ୍ରୀ ତଳକୁ ଖସିଥିଲା। ୨୨ ବର୍ଷ ପରେ ରେକର୍ଡ ଭାଙ୍ଗିବା ଶୀତ ଆସି ପୁଣି ରାଜ୍ କଲା। ଦାରିଙ୍ଗବାଡି ଛଡ଼ା ଏଥର କେନ୍ଦୁଝରରେ ବି ତୁଷାରପାତ ହେଲା। ମଞ୍ଜିଥରା ଶୀତ ସମସ୍ତେ ଅନୁଭବ କଲେ।

ସବୁଠୁ ଉଲ୍ଲେଖନୀୟ କଥା: ଚନ୍ଦ୍ରଗିରି ଜିରାଙ୍ଗ (ଗଜପତି ଜିଲା)ରୁ ପ୍ରାୟ ବୌଦ୍ଧଧର୍ମୀ ତିବ୍ବତିଆନ୍‌ମାନେ କଟକ ସହରରେ ଏକ କୋଟିରୁ ଅଧିକ ଟଙ୍କାର ଶୀତବସ୍ତ୍ର ବେପାର କରି ତୃପ୍ତ ହୋଇଛନ୍ତି। ରାଜଧାନୀ ବଡ଼ହାଟ ସନ୍ନିକଟ ଏସ୍‌ବିଆଇ ପାଖେ ଶୀତ ପୋଷାକର ବଜାର ବସିଥାଏ। ଏ ବର୍ଷ ସେଠି ଗହଳି ଲାଗିଛି ମାନେ ଭଲ ବିକ୍ରିବଟା ନିଶ୍ଚୟ ଚାଲିଛି। କନକନିଆଁ ଶୀତ ସହିତ ନାନାଦି ପନିପରିବା, ତିନି ପ୍ରକାର କୋବି, ଧନିଆ, ଶିମ୍ବ, ପାଳଙ୍ଗ, ବିଲାତି, ମଟର, ପିଆଜଶଣ୍ଢା, ଗାଜର ଆଦି ସୁଲଭ ହେବା ସହ ଯଥାମୂଲ୍ୟରେ ଗ୍ରାହକ କିଣୁଛନ୍ତି। ଏଇ ପ୍ରସଙ୍ଗ ଆଣିବାର କାରଣ ପ୍ରକୃତି ଶୀତମନସ୍କ ହୋଇଛି ଏବଂ ବସୁଧା ସବୁଜଶ୍ରୀମଣ୍ଡିତ, ଅଥଚ ଆଉ ଏକ କ୍ଷେତ୍ରରେ ବ୍ୟତିକ୍ରମ କାହିଁକି?

ଗତ ଜାନୁୟାରୀ ୫ ଥିଲା ବକୁଳ ଅମାବାସ୍ୟା। ଚୂତମଞ୍ଜରୀ ଆମ୍ବଗଛରେ ଆଗରୁ ଉଭା ହୋଇ ସାରିଥାଏ, ମାତ୍ର ଏ ବର୍ଷ ଶତକଡା ୯୯ ଭାଗ ଶାଖାପ୍ରଶାଖାରେ ଆମ୍ବ ବଉଳର ନାଁଗନ୍ଧ ନାହିଁ। ପ୍ରକୃତି କ'ଣ ରାଜି ହେଲାନି ଏବର୍ଷ ଚୂତକୁ ମଞ୍ଜରିତ କରିବାକୁ? ପରିବେଶବିତ୍ ଭିନ୍ନ କାରଣ ହୁଏତ ବୁଝାଇ କହିବେ। ତେବେ କଦଳୀ ଓ ଶ୍ରୀଫଳ ବାଦ୍ ଆମ୍ବ ହିଁ ଆମର ଅତି ପ୍ରିୟ ଫଳ। ପଲ୍ଲୀରୁ ସହର ପ୍ରାୟ ଘରେ, ଅଗଣାରେ, ବାଡିରେ ଆମ୍ବଗଛଟିଏ ଥିବ। ଆମ୍ବଡାଳଟିଏ ନ ଥିଲେ ଆମର ଶୁଭ କଳସ ପରିପୂର୍ଣ୍ଣ ହୁଏନାହିଁ। ଶୁଭକର୍ମରେ- ବାହାବ୍ରତଠୁ ଯଜ୍ଞ, ଅଷ୍ଟପ୍ରହର, ପ୍ରବଚନ, ହନୁମାନ ଚାଳିଶା ସବୁଥିରେ କଦଳୀଗଛ, ଆମ୍ବଡାଳ, ପଇଡ଼ ନିହାତି ଆବଶ୍ୟକ। ତେବେ କ'ଣ ପାଇଁ ଏ ବର୍ଷ କୌଣସି ଆମ୍ବଗଛରେ ବଉଳ ନାହିଁ, କିଏ ଦେବ ଉତ୍ତର? ଗତବର୍ଷ କୋକିଳ ମଧ୍ୟ ପଳାୟନ କରିଥିଲା। ଚିଲିକା ହ୍ରଦରେ ରେକର୍ଡ ସଂଖ୍ୟକ (୧୦ ଲକ୍ଷରୁ ଅଧିକ) ବିଦେଶୀ ପକ୍ଷୀଙ୍କ ସମାଗମ, ବଜାରରେ ଟନ୍ ଟନ୍ ପରିବା, ଏମିତିକି ମଣ୍ଡା, ଗେଣ୍ଡୁ, ସେବତୀ ଓ କେଳି କୁସୁମର ଶୋଭାଶ୍ରୀ ଅଥଚ ଆମ୍ବ ବଉଳ ନାହିଁ କାହିଁକି? ଅଙ୍ଗାରକାମ୍ଳର ବୃଦ୍ଧି ହେତୁ ଇଥର କି ତା'ର ପ୍ରତିବାଦ ଜଣାଉଛି, ମକର ସଂକ୍ରାନ୍ତି ଆସିଯିବ ପଛେ ଚୂତଗଛ ମଞ୍ଜରିତ ହେବ ନାହିଁ?

ମଣିଷ ସମାଜ ତା'ର ପ୍ରତିବାଦ ପାଇଁ ଯେପରି ଅନଶନ, ଧର୍ମଘଟ, ଧାରଣାରେ ଦିନ ଦିନ ବସିଥାଏ, ବୋଧହୁଏ ସେହିପରି ମଣିଷର ଅପରିଣାମଦର୍ଶୀ କର୍ମ ଓ ପ୍ରତିକୂଳ ଜଳବାୟୁର ପ୍ରତିବାଦ କରି ଚୂତତରୁ ଚାହୁଁନି ପୁଷ୍ପିତ ହେବାକୁ ... ଯାହା ମାର୍ଗଶିର ମଧ୍ୟଭାଗରୁ ଆରମ୍ଭ ହୁଏ। ଏ ବର୍ଷ ପୌଷ ଅମାବାସ୍ୟା ବା ବକୁଳ ନାଁରେ ଅମାବାସ୍ୟା ଗଲାଣି ପଛକେ ବଉଳ ବାସ୍ନାରେ ଦିଗ ଚହଟିଲା ନାହିଁ। କାହିଁ କେବେ କବି ତୁଣ୍ଡରୁ ଝରିଥିଲା, ପୌଷମାସେ... ଆମ୍ବତୋଟାର ଅପୂର୍ବ ଶିରୀ... ଶାଖା ଶାଖାରେ ବଉଳ ହସେ ଥରି ଥରି...।

ଆଉ ଏକ ଉଲ୍ଲେଖନୀୟ ପ୍ରସଙ୍ଗ: ବିଭୁଦତ୍ତ ମଧୁ କଣ୍ଠଧାରୀ କୋକିଳର କୁହୁତାନ ଶୁଭୁନାହିଁ। ତା'ର ଅନ୍ୟତମ ପ୍ରିୟ ଆହାର ହିଁ ଆମ୍ବ ବଉଳ। ଯଦି ବଉଳ ନାହିଁ ସେ କ'ଣ ଖାଇବ ଆଉ କଣ୍ଠ ମାଜି ରିୟାଜ କରିବ? ଏଇ ସମୟ କ'ଣ କୋକିଳ ଓ ବଉଳ ବିରୋଧୀ ହୋଇଗଲା? ଶାସ୍ତ୍ରୀୟ ସମ୍ଭାର ଏମାନେ... ନେଟ୍, ମୋବାଇଲ, ଟିଭି ଚ୍ୟାନେଲ ଯୁଗରେ କି ପରୋକ୍ଷରେ ସେମାନଙ୍କୁ ହଟାଇବାର ଯୋଜନା ଚାଲିଛି? ଉଦାର ପ୍ରକୃତିର ସନ୍ତାନ କୋକିଳ ଓ ପ୍ରକୃତିର ଅବଦାନ ଆମ୍ବ ବଉଳ। ବୋଧହୁଏ ପ୍ରକୃତି ଆଜି କ୍ଷୁବ୍ଧ, ସେଥିପାଇଁ ବଉଳ ଉଭାନ... କୋକିଳ ଉଭାନ- କବି, ପ୍ରକୃତିପ୍ରେମୀ, ଛାତ୍ର, ଯୁବକ, ବିଜ୍ଞାନୀ ସମସ୍ତଙ୍କୁ ଏଇ ବ୍ୟତିକ୍ରମର ବିଚାର ପାଇଁ ଏହା ଆହ୍ୱାନ ସଦୃଶ ହୋଇଛି।

ତେବେ ହୁଏତ ପ୍ରକୃତି ଟିକେ ଅଭିମାନ କରିଛି- ଅଭିମାନ ଭାଙ୍ଗିଲା ପରେ ଆଉ କିଛିଦିନ ପରେ ହୁଏତ ଆମ୍ବଗଛରେ ବଉଳ ଦେଖାଦେଇପାରେ। ପୌଷମାସରୁ ଯଦି ଆମ୍ବଗଛଗୁଡ଼ିକ ବଉଳିଥାନ୍ତା, ତେବେ ସମ୍ପ୍ରତି ଦେଖାଯାଉଥିବା ପ୍ରବଳ କୁହୁଡ଼ି ମାଡ଼ରେ ତା'ର ଅବସ୍ଥା ରହିଥାନ୍ତା କି? ଅବଶ୍ୟ ପୌଷମାସରେ ସବୁ ଆମ୍ବଗଛରେ ବଉଳ ହୁଏନାହିଁ। ଅନେକ ଗଛରେ ମାଘ ଓ ଫାଲଗୁନ ମାସରେ ବଉଳ ହୁଏ। ସେଥିପାଇଁ ଭକ୍ତକବି ମଧୁସୂଦନ ଲେଖିଛନ୍ତି- ଆମ୍ବ ବଉଳଇ ଫଗୁଣ ମାସେ, ଦିଗ ଚହଟଇ ତା'ର ସୁବାସେ। ତେବେ ଫଗୁଣ ମାସରେ କେବଳ ଆମ୍ବ ବଉଳ ଦେଖାଯାଏ ନାହିଁ- ତା' ସହ ଆମ୍ବଚଣା, କଷିଆମ୍ବ ଓ ବଡ଼ଆମ୍ବ ବି ଅନେକ ଗଛରେ ଦେଖିବାକୁ ମିଳେ। ବର୍ତ୍ତମାନର ସ୍ଥିତିରୁ ଏ ବର୍ଷ ସେଥିରେ ଟିକେ ବିଡ଼ମ୍ବନା ଦେଖିବାକୁ ମିଳିବାର ସମ୍ଭାବନା ଜଳଜଳ ଦିଶୁଛି।

ମୋ-୭୬୦୮୯୯୦୫୮୩

## ଏଇ ଭାରତରେ

ଦେଶରେ ପ୍ରତିବର୍ଷ ନଷ୍ଟ ହେଉଛି ୨୨ ହଜାର ଟନ୍ ଖାଦ୍ୟ। ୨୦୧୬ ସୂଚନା ଅଧିକାର ଆଇନ ଅନୁସାରେ ମିଳିଥିବା ରିପୋର୍ଟରେ ଏହା ଦର୍ଶାଯାଇଛି। ବଳକା ଖାଦ୍ୟର ୧୦% ସଂଗ୍ରହ କରାଗଲେ ଏହା ଆମ ଦେଶର ଗୋଟିଏ ବର୍ଷର ମଧ୍ୟାହ୍ନ ଭୋଜନକୁ ଭରଣା କରିପାରନ୍ତା ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଛାତ୍ରାବାସ କ୍ୟାଣ୍ଟିନ୍, ଅଫିସ କ୍ୟାଣ୍ଟିନ୍ ତଥା ବିଭିନ୍ନ ଉତ୍ସବରେ ରନ୍ଧାଯାଉଥିବା ଖାଦ୍ୟଦ୍ରବ୍ୟ ଅତିଥିମାନେ ଖାଇ ମଧ୍ୟ ବଳିପଡେ। ଏହାକୁ ଶେଷରେ ଫିଙ୍ଗି ଦିଆଯାଏ। କିନ୍ତୁ କୋଲକାତାର ଚନ୍ଦ୍ରଶେଖର କୁଣ୍ଡୁ ଏଭଳି ଖାଦ୍ୟକୁ ସଂଗ୍ରହ କରିଥାଆନ୍ତି। ସଂଗୃହୀତ ଖାଦ୍ୟକୁ କୋଲକାତା ତଥା ଆସାନସୋଲ୍‌ର ୨ଶହ ଗରିବ ଲୋକଙ୍କ ମଧ୍ୟରେ ବଣ୍ଟନ କରିଥାଆନ୍ତି। ଚନ୍ଦ୍ରଶେଖର ପେସାରେ ଜଣେ କମ୍ପ୍ୟୁଟର ଶିକ୍ଷକ। ସେ ଫୁଡ୍ ଏଜୁକେଶନ୍ ଆଣ୍ଡ ଇକୋନୋମିକ୍ ଡେଭଲପ୍‌ମେଣ୍ଟ (ଫିଡ୍) ନାମରେ ଏକ ସଂସ୍ଥା ଗଠନ କରିଛନ୍ତି। ଏହି ସଂସ୍ଥା ଦିନସାରା ବିଭିନ୍ନ ସ୍ଥାନରୁ ବଳକା ଖାଦ୍ୟ ସଂଗ୍ରହ କରି ଭୋକିଲା ଲୋକଙ୍କ ମୁହଁରେ ଆହାର ଯୋଗାଇଥାଏ। ଚନ୍ଦ୍ରଶେଖରଙ୍କ ପରୋପକାରୀ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ।

# ଅମୃତର ନାଭି

ଡ. ଲାବଣ୍ୟଚନ୍ଦ୍ର ସାହୁ

ଗାଈ ବା ଗାଭୀକୁ ବେଦରେ ଅମୃତର ନାଭି ବୋଲି କୁହାଯାଇଛି- 'ମାତା ରୁଦ୍ରାଣାଂ ଦୁହିତା ବସୂନାଂ ସ୍ୱସାଦିତ୍ୟାନାମମୃତସ୍ୟ ନାଭିଃ।' ଅର୍ଥାତ୍ ଗାଈ ହେଉଛି ରୁଦ୍ରଗଣଙ୍କ ମାତା, ବସୁମାନଙ୍କର ପୁତ୍ରୀ, ଆଦିତ୍ୟମାନଙ୍କର ଭଗ୍ନୀ ଏବଂ ଦୁଗ୍ଧ, ଦଧି ଓ ଘୃତ ରୂପକ ଅମୃତର ସୃଜନସ୍ଥଳୀ। ଭାରତୀୟ ସଂସ୍କୃତିରେ ଗୋସେବାକୁ ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ବିଚାର କରାଯାଉଥିଲା। ଦୈନିକ ଅଗ୍ନିହୋତ୍ର ବା ହୋମ ପାଇଁ ଘୃତ ଅନିବାର୍ଯ୍ୟ ଥିଲା। ଏଣୁ ଘୃତ, ଦଧି ଓ ଦୁଗ୍ଧର ଆବଶ୍ୟକତା ପୂରଣ ନିମିତ୍ତ ଗୋପାଳନ କରାଯାଉଥିଲା। ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ପଞ୍ଚାମୃତ ଏବଂ ପ୍ରାୟଶ୍ଚିତ୍ତ କ୍ରିୟାରେ ପଞ୍ଚଗବ୍ୟର ଆବଶ୍ୟକତା ପଡ଼ିଥାଏ। ପୁରାଣ, ସଂହିତାରେ ଗୋମାତାକୁ ସର୍ବବେଦମୟୀ ଓ ସର୍ବଦେବମୟୀ କୁହାଯାଇ ଗାଈର ଗୋବର ଓ ମୂତ୍ରକୁ ମଧ୍ୟ ପବିତ୍ର ମନେ କରାଯାଉଥିଲା। ପ୍ରାଚୀନ ରାଜାମାନଙ୍କ ସମ୍ପଦ କହିଲେ ଗୋସମ୍ପଦକୁ ବୁଝାଉଥିଲା। ଏଣୁ ଦୁର୍ଯ୍ୟୋଧନ ପାଣ୍ଡବଙ୍କ ଅଜ୍ଞାତବାସ କାଳରେ ଧେନୁହରଣ ପାଇଁ ବିରାଟ ରାଜ୍ୟ ଆକ୍ରମଣ କରିଥିଲେ। ଜମଦଗ୍ନିଙ୍କ ଆଶ୍ରମରୁ କାମଧେନୁ ହରଣ କଥା ପୁରାଣରେ ଅଛି।

ମହାଭାରତରେ ଭୀଷ୍ମ, ଯୁଧିଷ୍ଠିରଙ୍କୁ ବୁଝାଇଛନ୍ତି ଯେ, ଗାଈ, ଭୂମି, ବିଦ୍ୟା- ଏହି ୩ଟି ଦାନର ଫଳ ଅମାପ। ଭୂମିର ଉର୍ବରତା ଓ ବାତାବରଣ ଶୁଦ୍ଧି ନିମିତ୍ତ ଗାଈ ବଞ୍ଚିଥିବା ବେଳେ ଉପକାରୀ ଓ ମୃତ୍ୟୁ ପରେ ମଧ୍ୟ ତାହାର ସର୍ବାଙ୍ଗ ଉପଯୋଗ ହୋଇଥାଏ। ପ୍ରାଚୀନ ପୁରାଣରେ ଦୂରତାକୁ 'ଧେନ୍ୱନ୍ତର'ରେ ମପାଯାଉଥିଲା, ଯଥା-ଲିଙ୍ଗରାଜ ମନ୍ଦିରଠାରୁ ମେଘେଶ୍ୱର ୧୭୦୦ ଧେନ୍ୱନ୍ତରରେ ଅବସ୍ଥିତ। ଗୋଟିକ ପରେ ଗୋଟିଏ ଗାଈକୁ ଠିଆକରି ଦୂରତା ମପାଯାଉଥିଲା। ହଜିଲା ଗୋରୁକୁ ଖୋଜିବା ଲାଗି ବ୍ୟବହୃତ ଗବେଷଣା (ଗୋ+ଏଷଣା) ଶବ୍ଦଟି ଆଜି ତତ୍ତ୍ୱ-ଗବେଷଣା ବା ରିସର୍ଚ୍ଚ ଅର୍ଥରେ ବ୍ୟବହୃତ ହେଉଛି। ଏହାହିଁ ଆମର ଗୋମୟ ସଂସ୍କୃତିର ବଳିଷ୍ଠ ପ୍ରମାଣ। ଆଜି ବୁଢ଼ୀ ଓ ରୋଗଣା ଗୋରୁ ପ୍ରତି ଅବହେଳା ଓ ମାଂସାର୍ଥେ ଚାଲାଣକୁ ନେଇ ବିବାଦ ଦେଖାଦେଉଛି। ପୁରାଣ କହେ- ନୀଳ ଓ ରକ୍ତ କମଳ ବୀଜ ଗୋମୟରୁ ସୃଷ୍ଟି। ପବିତ୍ର ବିଲ୍ୱବୃକ୍ଷ ମଧ୍ୟ ଗୋମୟରୁ ଉତ୍ପନ୍ନ। ହିନ୍ଦୁ ସଂସ୍କୃତିରେ 'ଗାଈ' ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ। ମୋ-୮୮୯୫୪୮୭୧୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଡାକଘରେ ପାସପୋର୍ଟ ସେବା

ମହାଶୟ,

ଆସ୍କା, ଭଦ୍ରକ, କଟକ ସମେତ ୬ଟି ଡାକଘରେ ପାସପୋର୍ଟ ସେବା ସମ୍ପର୍କରେ ଘୋଷଣା ପ୍ରକାଶ ପାଇଛି। ପୁରୀ ମୁଖ୍ୟ ଡାକଘରକୁ ଏହି ସୁବିଧାରୁ ବଞ୍ଚିତ କରାଯାଇଛି। ପୁରୀର ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କୁ ପାସପୋର୍ଟ ପାଇଁ ଭୁବନେଶ୍ୱର ଯିବାକୁ ପଡୁଛି। ପୁରୀ ଏକ ପର୍ଯ୍ୟଟନସ୍ଥଳୀ ଯୋଗୁ ଏଠାରେ ବହୁ ଜନସମାଗମ ହୁଏ ଓ ଏଠିକାର ପିଲା ଉଚ୍ଚଶିକ୍ଷା ନିମିତ୍ତ ବିଦେଶ ଯିବାକୁ ପାସପୋର୍ଟ ଦରକାର କରନ୍ତି। ଏଣୁ କେନ୍ଦ୍ର ସରକାର ୨୦୧୯ରେ ପୁରୀ ମୁଖ୍ୟ ଡାକଘରେ ପାସପୋର୍ଟ ସେବା ଯୋଗାଣର ବ୍ୟବସ୍ଥା କରନ୍ତୁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ସଚେତନତା କେବଳ ପ୍ରଚାରରେ

ସରକାର ଦେଶରେ ଜଳ ଓ ବିଦ୍ୟୁତ୍‌ର ସଂରକ୍ଷଣ ପାଇଁ ଲୋକମାନଙ୍କୁ ନାନା ଭାବରେ ସଚେତନ କରିଥାନ୍ତି। କିନ୍ତୁ ସରକାରୀ ନିୟମରେ ବନ୍ଧା ସରକାରୀ କର୍ମଚାରୀମାନେ ସେହି ବିଭାଗରେ କିପରି କାର୍ଯ୍ୟ ହୁଏ, ସେମାନଙ୍କର ନିଘା ନ ଥାଏ। ସହରରେ ଅଧିକାଂଶ ସ୍ଥାନରେ ପାନୀୟ ଜଳ ତଳେ ପଡ଼ି ବୋହିଯାଉଥିଲେ ମଧ୍ୟ କାହାର କିଛି କରିବାର ନାହିଁ। ସେହିପରି ସହରର ବତିଖୁଣ୍ଟରେ ଚବିଶ ଘଣ୍ଟା ବତି ଜଳୁଥିଲେ ମଧ୍ୟ ଦେଖିବାକୁ କେହି ନାହିଁ। 'ସରକାର କା ମାଲ୍ ଦରିଆ ମେ ଡାଲ୍' ନ୍ୟାୟରେ ସମସ୍ତେ ଉଦାସୀନ, ବେପରୁଆ। ସରକାରୀ ବାବୁମାନେ ଏ ବିଷୟରେ ସଚେତନ ହୋଇ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ଆମେରିକୀୟଙ୍କ ସ୍ୱପ୍ନ ପୂରଣ ପାଇଁ ଆମେ ଏଠାକୁ ଆସିଛୁ । ହେଲେ ଦେଶର ଗଣତନ୍ତ୍ର ଏବେ ବିପଦରେ, ଯାହା ପୂର୍ବରୁ କେବେ ହୋଇ ନ ଥିଲା ।
- କମଳା ହାରିସ, ସିନେଟର



## ସଂକ୍ଷେପରେ

### ଆଇଆର୍‌ସିଟିସି ଦୁର୍ନୀତି ଲାଲୁଙ୍କୁ ଜାମିନ



**ନୂଆଦିଲ୍ଲୀ,୨୮।୧**-ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ହୋଟେଲ ଆବଣ୍ଟନ ଦୁର୍ନୀତି ମାମଲାରେ ପୂର୍ବତନ ରେଳ ମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ, ତାଙ୍କ ସ୍ତ୍ରୀ ରାବ୍ରୀ ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କୁ ଜାମିନ ମିଳିଛି। ସୋମବାର ଦିଲ୍ଲୀର ପଟିଆଲା କୋର୍ଟରେ ଜାମିନ ଆବେଦନ ଉପରେ ଶୁଣାଣି ହୋଇଥିଲା। ସ୍ୱତନ୍ତ୍ର ବିଚାରପତି ଅରୁଣ ଭରଦ୍ୱାଜ ବ୍ୟକ୍ତିଗତ ୧ଲକ୍ଷ ଟଙ୍କା ମୁଚାଲିକାରେ ସେମାନଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୨୦୦୬ରେ ପୁରୀ ଓ ରାଞ୍ଚିରେ ଥିବା ଆଇଆର୍‌ସିଟିସି ହୋଟେଲର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର ପ୍ରତିବଦଳରେ ପାଟନାରେ ୩ ଏକର ବାଣିଜ୍ୟିକ ଜମି ଯୋଗାଇ ଦେବାକୁ ଡିଲ୍ ହୋଇଥିଲା। ଏହି ଅନୈତିକ ଅର୍ଥ କାରବାରରେ ସମ୍ପୃକ୍ତି ନେଇ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ତାଙ୍କ ସ୍ତ୍ରୀ ରାବ୍ରୀ ଦେବୀ ଏବଂ ପୁଅ ତେଜସ୍ୱୀଙ୍କ ବିରୋଧରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚାର୍ଜଶିଟ୍ ଦାଖଲ କରିଥିଲା।

### ଫ୍ରାନ୍ସରେ ହିଂସା ବିରୋଧୀ ଶାନ୍ତି ଶୋଭାଯାତ୍ରା

**ପ୍ୟାରିସ,୨୮।୧**-ଫ୍ରାନ୍ସରେ ଦୀର୍ଘଦିନ ଧରି ଚାଲିଥିବା ସରକାର ବିରୋଧୀ ଦଙ୍ଗା ବିରୋଧରେ ପ୍ୟାରିସ୍‌ଠାରେ ଶାନ୍ତି ଶୋଭାଯାତ୍ରା କରାଯାଇଛି। ରବିବାର ଏହି ଶୋଭାଯାତ୍ରାରେ ୧୦ହଜାର ଲୋକ ସାମିଲ୍ ହୋଇଥିଲେ। ବର୍ଷାରେ ପ୍ୟାରିସ୍‌ର ଦି ଲା ନେଶନ ସ୍କୋୟାରରୁ ଏହି ଶାନ୍ତିପୂର୍ଣ୍ଣ ଯାତ୍ରା ବାସ୍ତିଲ ଐତିହାସିକ ସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ଗଣତାନ୍ତ୍ରିକ ମାଧ୍ୟମରେ ବିରୋଧ କରାଯିବାକୁ ଶୋଭାଯାତ୍ରାକାରୀ ସ୍ଲୋଗାନ୍ ଦେଇଥିଲେ।

### ବିବାଦରେ ସିଦ୍ଧରାମାୟା



**ବେଙ୍ଗାଲୁରୁ,୨୮।୧**-ମହୀଶୂରଠାରେ ଏକ ସାଧାରଣ ସଭାରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧରାମାୟା ଜଣେ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରିଥିବା କ୍ୟାମେରାରେ ଧରା ପଡିଛି। ମହିଳା ଜଣକ ରାଜସ୍ୱ ବିଭାଗ କର୍ମଚାରୀଙ୍କ ସମ୍ପର୍କରେ ଅଭିଯୋଗ କରୁଥିବାବେଳେ ସିଦ୍ଧରମାୟା ତାଙ୍କଠାରୁ ମାଇକ୍ରୋଫୋନ ଛଡାଇ ଆଣିବା ସହ ତାଙ୍କ ଦୁପଟ୍ଟା ଟାଣିଦେଇଥିଲେ। ଏହି ଘଟଣା ଘଟିଛି ସିଦ୍ଧରାମାୟାଙ୍କ ପୁଅ ଯତୀନ୍ଦ୍ରଙ୍କ ନିର୍ବାଚନମଣ୍ଡଳୀ ବରୁଣା ଅନ୍ତର୍ଗତ ନରସିପୁରା ଗ୍ରାମରେ। ବରିଷ୍ଠ ନେତାଙ୍କ ଏଭଳି ଆଚରଣକୁ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି।

# ପ୍ରଦର୍ଶନ ବନାମ ପ୍ରତିଶ୍ରୁତି

**ରାୟପୁର,୨୮।୧**



ନରେନ୍ଦ୍ର ମୋଦି



ରାହୁଲ ଗାନ୍ଧୀ

ଲୋକ ସଭା ନିର୍ବାଚନ ଯେତିକି ପାଖେଉଛି, ଭୋଟ ବ୍ୟାଙ୍କକୁ ମଜଭୁତ କରିବା ଲାଗି ବିଭିନ୍ନ ଦଳ ପକ୍ଷରୁ ଉଦ୍ୟମ ସେତିକି ଜୋରଦାର ହେଉଛି। ଉଭୟ ଶାସକ ଦଳ ଏବଂ ବିରୋଧୀ ଜନସାଧାରଣଙ୍କୁ ଆକର୍ଷଣୀୟ ପ୍ରତିଶ୍ରୁତିମାନ ଦେବାରେ ଲାଗିଛନ୍ତି। ୨୦୧୪ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଲୋଭନୀୟ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ୫୬ ଇଞ୍ଚ ଛାତି ଦରକାର ବୋଲି କହିଥିବା ମୋଦି କ୍ଷମତାରେ ରହିବାର ୫୬ ମାସ ମଧ୍ୟରେ ଅନେକ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି। ଏବେ କଂଗ୍ରେସ ପ୍ରତିଶ୍ରୁତି ବର୍ଷା କରିଚାଲିଛି। କେନ୍ଦ୍ର ସରକାର ଆଗାମୀ ବଜେଟରେ ଅନେକ ଆକର୍ଷଣୀୟ ଘୋଷଣା କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ଭୋଟ ଦେବା ପୂର୍ବରୁ ଜନସାଧାରଣ ମୋଦି ସରକାରଙ୍କ ପ୍ରଦର୍ଶନ ଏବଂ କଂଗ୍ରେସର ପ୍ରତିଶ୍ରୁତିକୁ ତରାଜୁରେ ତଉଲିବେ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଇଛନ୍ତି।

ମୋଦିଙ୍କ ୨୦୧୪ ନିର୍ବାଚନ ବେଳର ସବୁଠୁ ବଡ଼ ପ୍ରତିଶ୍ରୁତି ଥିଲା ବିଦେଶରେ ଥିବା କଳାଧନ ଫେରାଇ ଆଣିବା ଏବଂ ଦୁର୍ନୀତିମୁକ୍ତ ଶାସନ। କଳାଧନ ଫେରିଲେ ସାଧାରଣ ଜନତାଙ୍କ ବ୍ୟାଙ୍କ ଖାତାରେ ୧୫ ଲକ୍ଷ ଟଙ୍କା ଲେଖାଏଁ ଜମା ହୋଇପାରିବ ବୋଲି ସେ କହିଥିଲେ, ଯାହା କେବଳ ପ୍ରତିଶ୍ରୁତିରେ ରହିଯାଇଛି। କଳାଟଙ୍କା ଫେରାଇ ଆଣିବା ବଦଳରେ ସେ ବିମୁଦ୍ରୀକରଣ ଘୋଷଣା କରି ଜନସାଧାରଣଙ୍କୁ କେବଳ ହଇରାଣ ହରକତ କରିନାହାନ୍ତି, ଦେଶର ଆର୍ଥିକ ଅଭିବୃଦ୍ଧିକୁ ପଛକୁ ନେଇଯାଇଛନ୍ତି। ସେହିପରି ଜିଏସ୍‌ଟି କାର୍ଯ୍ୟକାରିତା ଯୋଗୁ ବ୍ୟବସାୟୀମାନେ ପ୍ରଭାବିତ ହୋଇଛନ୍ତି। ଦୁର୍ନୀତିମୁକ୍ତ ଶାସନ ପ୍ରତିଶ୍ରୁତି ମଧ୍ୟ ପାଳନ ହୋଇପାରି ନାହିଁ। ପ୍ରତିବର୍ଷ ୨ କୋଟି ବେରୋଜଗାର ଯୁବତୀଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ପ୍ରତିଶ୍ରୁତି ପାଣିର ଗାର ହୋଇଛି। ତାଙ୍କ ଶାସନ କାଳରେ ନିଯୁକ୍ତି ସୁଯୋଗ ହ୍ରାସ ପାଇଛି। ସରକାରୀ ସେକ୍ଟରରେ ନିଯୁକ୍ତି ସୃଷ୍ଟି ହେଉ ନ ଥିବାବେଳେ ସାଧାରଣ ବର୍ଗର ଗରିବଙ୍କ ଲାଗି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଆଇନ ଆଣି ପ୍ରଧାନମନ୍ତ୍ରୀ ଶସ୍ତା ଲୋକପ୍ରିୟତା ହାସଲ ଉଦ୍ୟମ କରିଛନ୍ତି। ସେହିପରି ଉତ୍ପାଦିତ ଫସଲ ଉପରେ ଖର୍ଚ୍ଚର ଦେଢ଼ଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପ୍ରଦାନ ସହ ଚାଷୀଙ୍କ ଆୟ ଦୁଇ ଗୁଣ କରିବା ଲାଗି ମୋଦି ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି। କେନ୍ଦ୍ରର ଏନ୍‌ଡିଏ ସରକାର ଯେଉଁ କେତୋଟି ପ୍ରତିଶ୍ରୁତି କାର୍ଯ୍ୟକାରୀ କରିଛି, ତାହାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରି ନାହିଁ।

ଅନ୍ୟପକ୍ଷରେ ଆଗାମୀ ନିର୍ବାଚନ ଜିତି କ୍ଷମତାକୁ ଫେରିବାର ଲକ୍ଷ୍ୟ ରଖିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଶର କୃଷକ ଏବଂ ଗରିବଙ୍କୁ ଆକୃଷ୍ଟ କରିବା ଲାଗି ଗୋଟିଏ ପରେ ଗୋଟିଏ ଲୋଭନୀୟ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। କ୍ଷମତାକୁ ଆସିଲେ ସମସ୍ତ କୃଷି ଋଣ ଛାଡ଼ କରାଯିବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଥିବାବେଳେ ନିକଟରେ ତିନୋଟି ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ସରକାର ଗଢ଼ିବା ପରେ ଉକ୍ତ ପ୍ରତିଶ୍ରୁତି ପାଳନ କରି ଲୋକଙ୍କ ମଧ୍ୟରେ ଭରସା ସୃଷ୍ଟି କରିଛି।

### କ୍ଷମତାକୁ ଆସିଲେ ଗରିବଙ୍କୁ ସର୍ବନିମ୍ନ ଆୟ ଗ୍ୟାରେଣ୍ଟି: ରାହୁଲ

କେନ୍ଦ୍ରରେ କ୍ଷମତାକୁ ଫେରିଲେ ସାରା ଦେଶରେ କୃଷିଋଣ ଛାଡ଼ ସମେତ ଧାନର ଏମ୍ଏସ୍‌ପି ୨୬୦୦ ଟଙ୍କା କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି। ସୋମବାର ରାୟପୁରଠାରେ ରାହୁଲ ଏକ ଦଳୀୟ ସଭାକୁ ସମ୍ବୋଧିତ କରିବା ଅବସରରେ ୨୦୧୯ ନିର୍ବାଚନ ଜିତି କଂଗ୍ରେସ କ୍ଷମତାକୁ ଆସିଲେ ସବୁ ରାଜ୍ୟର ଗରିବଙ୍କୁ ‘ସର୍ବନିମ୍ନ ଆୟ ଗ୍ୟାରେଣ୍ଟି’ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ସର୍ବନିମ୍ନ ଆୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ। ଅନ୍ୟ କୌଣସି ଦେଶ ଏଭଳି ଯୋଜନା କାର୍ଯ୍ୟକାରୀ କରି ନ ଥିବାରୁ ଏହା ବିଶ୍ୱରେ ପ୍ରଥମ ଯୋଜନା ହେବାକୁ ଯାଉଥିବା ସେ କହିଛନ୍ତି। କେହି ଗରିବ ଏବଂ ଭୋକିଲା ରହିବେ ନାହିଁ। କଂଗ୍ରେସର ଏହି ଐତିହାସିକ ନିଷ୍ପତ୍ତି କାର୍ଯ୍ୟକାରୀ କରିବା ଲାଗି ଗୋଟିଏ ସୁଯୋଗ ଦେବାକୁ ରାହୁଲ ଏଠାରେ ଆୟୋଜିତ କିଷାନ ଆଭାର ସମ୍ମିଳନୀରେ ନିବେଦନ କରିଛନ୍ତି। ଭାଜପା ନେତୃତ୍ୱାଧୀନ ସରକାର ଶିଳ୍ପପତିମାନଙ୍କ ଋଣ ଛାଡ କରୁଥିବାବେଳେ କୃଷିଋଣ ଛାଡ଼ ଲାଗି ଟଙ୍କା ନଥିବା କଥା କହୁଛି। ଏହି ସରକାର କୃଷକଙ୍କ ଅପେକ୍ଷା ଶିଳ୍ପପତିଙ୍କୁ ଅଧିକ ପ୍ରାଧାନ୍ୟ ଦେଉଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି।

## ‘ପ୍ରତିଶ୍ରୁତି ନ ରଖିଲେ ଲୋକେ ପିଟିବେ’

**ନୂଆଦିଲ୍ଲୀ,୨୮।୧**



ସ୍ୱପ୍ନ ଦେଖାଉଥିବା ନେତାଙ୍କୁ ଲୋକେ ପସନ୍ଦ କରିଥାନ୍ତି। ତେବେ ପ୍ରତିଶ୍ରୁତି ରଖି ନ ପାରିଲେ ସେମାନେ ଉକ୍ତ ନେତାଙ୍କୁ ପିଟିଥାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ରବିବାର କହିଛନ୍ତି। ଗଡ଼କରୀଙ୍କ ଏଭଳି ମନ୍ତବ୍ୟ ତାଙ୍କ ନିଜ ଦଳର ନେତାମାନଙ୍କ ପ୍ରତି ଚେତାବନୀ ବୋଲି କୁହାଯାଉଛି। ଯେତିକି ପ୍ରତିଶ୍ରୁତି ପୂରଣ କରିପାରିବ, ସେତିକି ସ୍ୱପ୍ନ ଦେଖାଅ ବୋଲି ଗଡ଼କରୀ କହିଛନ୍ତି। ମନ୍ତ୍ରୀ ନିଜ ଦଳକୁ ଦର୍ପଣ ଦେଖାଇଛନ୍ତି ବୋଲି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓ୍ୱାଇସି କହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ତିନି ରାଜ୍ୟରେ ଭାଜପାର ପରାଜୟ ପରେ ଦଳର ନେତୃତ୍ୱ ଏଥିପାଇଁ ନିଜକୁ ଦାୟୀ କରିବା ଉଚିତ ବୋଲି କହି ଗଡ଼କରୀ ଚର୍ଚ୍ଚାର ପରିସରକୁ ଆସିଥିଲେ।

## ୩ ବର୍ଷ କାର୍ଯ୍ୟ କରିଥିବା ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୮।୧**



ଗୋଟିଏ ସ୍ଥାନରେ ୩ ବର୍ଷ ଧରି କାର୍ଯ୍ୟ କରିଥିବା ଅଧିକାରୀଙ୍କୁ ବଦଳି କରିବାକୁ ନିର୍ବାଚନ ଆୟୋଗ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ମୁଖ୍ୟ ସଚିବ (ସିଏସ୍)ମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ ୨୦୧୭ ମେ’ ୩୧ ସୁଦ୍ଧା ଜିଲା ତଥା ବିଧାନସଭା କ୍ଷେତ୍ରରେ ୩ ବର୍ଷ କାର୍ଯ୍ୟ ସମ୍ପାଦନ କରିଥିବା ଓ ଯେ କୌଣସି ନିର୍ବାଚନ ସେବା ତୁଲାଇଥିବା ଜୁନିୟର ଏବଂ ସିନିୟର ନିର୍ବାଚନ ଅଧିକାରୀ, ପୋଲିସ ଇନ୍ସପେକ୍ଟର ଓ ସବ୍‌ଇନ୍ସପେକ୍ଟର ପୁନର୍ବାର ଯେପରି ସେଠାରେ ଅବସ୍ଥାପିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ ସମସ୍ତ ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ଲାଗୁ ହେବ। ଆଗକୁ ଏପ୍ରିଲ ଓ ମେ’ରେ ହେବାକୁ ଥିବା ଲୋକ ସଭା ଓ ବିଧାନ ସଭା ନିର୍ବାଚନରେ ସ୍ୱଚ୍ଛତା ଆଣିବାକୁ ଯାଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ହୋଇଛି।

## ଇସ୍ତଫା ଧମକ ଦେଲେ କୁମାରସ୍ୱାମୀ

**ବେଙ୍ଗାଲୁରୁ,୨୮।୧(ପି.ଟି.)**



କର୍ଣ୍ଣାଟକରେ କ୍ଷମତାରେ ଥିବା କଂଗ୍ରେସ ଏବଂ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ତୀବ୍ର ହେବାରେ ଲାଗିଛି। ଏହା ଏବେ ଏପରି ସ୍ତରରେ ପହଞ୍ଚିଛି ଯେ, କଂଗ୍ରେସ ଏହାର ବିଧାୟକମାନଙ୍କୁ କାବୁରେ ନ ରଖିଲେ କ୍ଷମତାରୁ ଓହରିଯିବେ ବୋଲି ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ସୋମବାର ଚେତାବନୀ ଦେଇଛନ୍ତି। ସିଦ୍ଧରାମାୟାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ରବିବାର କଂଗ୍ରେସର ଜଣେ ବିଧାୟକ ଦାବି କରିଥିଲେ। ମେଣ୍ଟ ସରକାରରେ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ବୋଲି ବିଧାୟକ ଏସ.ଟି. ସୋମଶେଖର ଅଭିଯୋଗ କରିଥିଲେ। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି କୁମାରସ୍ୱାମୀ କହିଛନ୍ତି, ଯଦି ତାଙ୍କ କାର୍ଯ୍ୟଶୈଳୀ ଗ୍ରହଣୀୟ ହେଉନାହିଁ ତେବେ ସେ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛନ୍ତି। ସେ ପଦବୀ ପାଇଁ ଲାଳାୟିତ ନୁହନ୍ତି ବୋଲି କହିଛନ୍ତି। ବିଧାୟକମାନଙ୍କ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଦିନେଶ ଗୁଣ୍ଡୁ ରାଓ ମତ ଦେବା ସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଯିବ ବୋଲି କହିଛନ୍ତି।

## ମେଣ୍ଟରେ ବଡ଼ଭାଇ ଭୂମିକା ନେବ ଶିବସେନା

**ମୁମ୍ବାଇ,୨୮।୧(ପି.ଟି.)**–ମହାରାଷ୍ଟ୍ରରେ ମେଣ୍ଟ ଗଠନ ଲାଗି ଭାଜପାଠାରୁ କୌଣସି ପ୍ରସ୍ତାବ ମିଳିନାହିଁ କି ଆମେ ସେଭଳି ପ୍ରସ୍ତାବ ଅପେକ୍ଷାରେ ନାହୁଁ ବୋଲି ଶିବସେନା କହିଛି। ତେବେ ମେଣ୍ଟରେ ଶିବସେନା ସବୁବେଳେ ବଡ଼ଭାଇ ଭୂମିକା ନେଇଛି ଏବଂ ଆଗକୁ ମେଣ୍ଟ ହେଲେ ସେହି ଭୂମିକାରେ ରହିବ। ଦଳ ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ବିଧାୟକ ଏବଂ ଏମ୍‌ପିମାନଙ୍କ ବୈଠକ ପରେ ସଞ୍ଜୟ ରାଉତ ଗଣମାଧ୍ୟମକୁ ଏହା କହିଛନ୍ତି। ୨୦୧୪ ପୂର୍ବରୁ ଭାଜପା ଏବଂ ଶିବସେନା ମଧ୍ୟରେ ଦୀର୍ଘଦିନ ଧରି ମେଣ୍ଟ ରହିଥିଲା।

## ଫୁର୍‌ସତ

### ଦୈନିକ ମରୁଛନ୍ତି ୮ ହଜାର ଫେସବୁକ୍ ୟୁଜର୍ସ

**ନୂଆଦିଲ୍ଲୀ:** ଦୈନିକ ୮,୦୦୦ ଫେସବୁକ୍ ବ୍ୟବହାରକାରୀ ମୃତ୍ୟୁବରଣ କରୁଛନ୍ତି। ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଫେସବୁକ୍ ହେବ ବିଶ୍ୱର ସର୍ବବୃହତ୍ ଭାର୍ଚୁଆଲ୍ ଗ୍ରେଭ୍‌ୟାର୍ଡ। କାରଣ ଜୀବନ୍ତ ବ୍ୟବହାରକାରୀଙ୍କ ଅପେକ୍ଷା ମୃତ ଲୋକଙ୍କ ପ୍ରୋଫାଇଲ୍ ସୋସିଆଲ ମିଡିଆରେ ଅଧିକ ସଂଖ୍ୟାରେ ରହିବ। ଅନେକ ସୋସିଆଲ ମିଡିଆ ପ୍ଲାଟଫର୍ମ ମଧ୍ୟରୁ ଫେସବୁକ୍ ଅନ୍ୟତମ। ଟୁଇଟର, ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍ସଆପ୍, ସ୍ନାପଚାଟ, ରେଡିଟ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱରେ ୨୦୦ କୋଟି ଲୋକ ଫେସବୁକ୍, ୧୫୦ କୋଟି ଲୋକ ହ୍ୱାଟ୍ସଆପ୍, ୧୦୦ କୋଟି ଇନ୍‌ଷ୍ଟାଗ୍ରାମ୍ ଏବଂ ୩୩କୋଟି ୬୦ଲକ୍ଷ ଟୁଇଟର ବ୍ୟବହାର କରନ୍ତି। ତନ୍ମଧ୍ୟରୁ କିଛି କୋଟି ଲୋକ ଭାରତୀୟ। ଡିଜିଟାଲ୍ ପ୍ଲାଟଫର୍ମରେ ଲୋକେ ସମୟ ବ୍ୟୟ କରି ସେଥିରୁ ଆନନ୍ଦ ପାଇଥାଆନ୍ତି। କିନ୍ତୁ ଜଣେ ମରିଗଲା ପରେ ତାଙ୍କର ସୋସିଆଲ ମିଡିଆ ଆକାଉଣ୍ଟ ଅଚଳ ହୋଇପଡେ। କିନ୍ତୁ ଫେସବୁକ୍ ଲୋକଙ୍କୁ ଏକ ଲିଗାସି କଣ୍ଟାକ୍ଟ ପାଇଁ ସୁଯୋଗ ସୃଷ୍ଟି କରିଛି, ଯେଉଁଠି ଜଣେ ପରିବାର ସଦସ୍ୟ କିମ୍ବା ବନ୍ଧୁ କୌଣସି ମୃତ ବ୍ୟକ୍ତିର ଆକାଉଣ୍ଟ ଚଳାଇବା ପାଇଁ ସୁଯୋଗ ପାଇପାରିବ।

### ମାର୍ସ ଅପର୍ଚ୍ୟୁନିଟି ରୋଭର ଅଚଳ



**ଓ୍ୱାଶିଂଟନ୍:** ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ ମଙ୍ଗଳକୁ ପ୍ରେରିତ ଅପର୍ଚ୍ୟୁନିଟି ରୋଭର ଏହାର ଯାତ୍ରା ଓ ଗବେଷଣା ୧୫ବର୍ଷ ସମ୍ପୂର୍ଣ୍ଣ କରିଛି। ୭ ମାସ ତଳେ ଚନ୍ଦ୍ରପୃଷ୍ଠରେ ପ୍ରବଳ ଧୂଳିଝଡ଼ ଯୋଗୁ ରୋଭର ଅଚଳ ହୋଇପଡିଥିବା ବୈଜ୍ଞାନିକମାନେ କହିଛନ୍ତି। ଗତବର୍ଷ ଜୁନ୍ ୧୦ରୁ ଅପର୍ଚ୍ୟୁନିଟି ପକ୍ଷରୁ କୌଣସି ସଂକେତ ମିଳୁନାହିଁ। ଧୂଳିଝଡ଼ ଦ୍ୱାରା ରୋଭର ସୋଲାର ପ୍ୟାନେଲ ପୋତି ହୋଇଯାଇଥିବାରୁ ଏହାର ଯନ୍ତ୍ରାଂଶ ଆଉ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଝଡ଼ ଥମିଯିବା ସହିତ ଆକାଶ ନିର୍ମଳ ରହିଛି। ମିଶନ୍ ଟିମ ସଦସ୍ୟମାନେ ଏହା ସହିତ ଯୋଗାଯୋଗ ପାଇଁ ବାରମ୍ବାର ଚେଷ୍ଟା କରିଥିଲେ ମଧ୍ୟ ରୋଭର ଚଳନଶୂନ୍ୟ ରହିଛି। ସଂକେତ ନ ମିଳିବା ପରଠାରୁ ରୋଭରଠାରେ ୬୦୦ଥର ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ପ୍ରୟୋଗ କରାଯାଇଥିବା ନାସା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତେବେ ଏ ପର୍ଯ୍ୟନ୍ତ ଆଶା ଛାଡିନାହୁଁ ବୋଲି ମାର୍ସ ଏକ୍ସପ୍ଲୋରେଶନ୍ ରୋଭର ମିଶନ୍ (ଏମ୍ଇଆର)ର ପ୍ରିନ୍ସିପାଲ ଇନ୍‌ଭେଷ୍ଟିଗେଟର ଷ୍ଟିଭେନ୍ ଡବ୍ଲ୍ୟୁ ସ୍କୁୟର୍ସ ପ୍ରକାଶ କରିଛନ୍ତି। ମାର୍ସ ଅପର୍ଚ୍ୟୁନିଟି ରୋଭର ସମ୍ପୂର୍ଣ୍ଣ ଅଚଳ ହୋଇଥିବା ନେଇ ବୈଜ୍ଞାନିକମାନେ ଆଶଙ୍କା କରୁଛନ୍ତି।

୬ ଚକ ବିଶିଷ୍ଟ ରୋଭର ୨୦୦୪ ଜାନୁୟାରୀ ୨୪ରେ ମଙ୍ଗଳର ଯେଉଁ ଅଂଶରେ ଅବତରଣ କରିଥିଲା, ତାହାକୁ ମେରିଡିଆନି ପ୍ଲାନମ୍ କୁହାଯାଏ। ରୋଭର ଲୋହିତ ଗ୍ରହ ମଙ୍ଗଳରେ ଅବତରଣ କରିବା ପରେ ପରେ ଏହାର ପ୍ରଥମ ସଂକେତ ପଠାଇଥିଲା।

### ଇତିହାସର ଆଇନାରେ

#### ଜାନୁୟାରୀ ୨୯ର ପ୍ରମୁଖ ଘଟଣା

୧୯୪୮ ଜାନୁୟାରୀ ୨୯ରେ ପାକିସ୍ତାନ ସମାଜବାଦୀ ପାର୍ଟି (ପିଏସ୍‌ପି) ପ୍ରତିଷ୍ଠା ହୋଇଥିଲା। ଏହା ଭାରତୀୟ ସମାଜବାଦୀ ଦଳର ଅଂଶବିଶେଷ। କିନ୍ତୁ ପାକିସ୍ତାନ ରାଜନୀତିରେ ଏହି ଦଳ ନିଜର ପତିଆରା ସୃଷ୍ଟି କରିପାରିଲା ନାହିଁ। କାରଣ ପାକିସ୍ତାନ ରାଷ୍ଟ୍ର ଗଠନକୁ ଏହା ବିରୋଧ କରୁଥିଲା। ପିଏସ୍‌ପିକୁ ରାଜନୈତିକ ବାସନ୍ଦ କରାଯାଇଥିଲା। ଇସ୍‌ଲାମିକ୍ ସମାଜବାଦ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଦଳ ପାଇଁ କଷ୍ଟକର ଥିଲା।

୧୮୬୧ ଜାନୁୟାରୀ ୨୯ରେ ଆମେରିକାର ୩୪ତମ ରାଜ୍ୟର ମାନ୍ୟତା ପାଇଥିଲା କାନସାସ୍। ଏହାର ରାଜଧାନୀ ଟୋପେକା ଏବଂ ଏହାର ବୃହତ୍ତମ ସହର ୱିଚିଟା। ଆମେରିକାର କାନ୍‌ସା ଜନଜାତିଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। କାନସାସ୍ ଜନଜାତିର ଇତିହାସ ହଜାର ହଜାର ବର୍ଷ ତଳର। କାନସାସ୍ ପ୍ରଦେଶର ପୂର୍ବ ଭାଗରେ ବିଶେଷକରି ନଦୀ ଉପତ୍ୟକା ଏବଂ ଗାଆଁରେ ଏହି ଜନଜାତିର ଲୋକେ ବାସ କରୁଥିଲେ।

### ‘ମଣିକର୍ଣ୍ଣିକା’ ଆୟ ୪୨କୋଟି ଟପିଲା

**ମୁମ୍ବାଇ:** କଙ୍ଗନା ରାଣାଓ୍ୱତ୍‌ଙ୍କ ଅଭିନୀତ ‘ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍‌ସୀ’ ରିଲିଜ୍ ସପ୍ତାହରେ ୪୨.୫୫ କୋଟି ଟଙ୍କା ଆୟ କରିପାରିଛି। ଉକ୍ତ ଫିଲ୍ମ ରାଣୀ ଲକ୍ଷ୍ମୀବାଈଙ୍କ ଜୀବନ କାହାଣୀ ଉପରେ ଆଧାରିତ ହୋଇଥିବାବେଳେ ଗତ ଶୁକ୍ରବାର ଦେଶର ବିଭିନ୍ନ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ରାଣୀ ଲକ୍ଷ୍ମୀବାଈ ଭୂମିକାରେ କଙ୍ଗନାଙ୍କ ଅଭିନୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁପାରିଛି। ଫିଲ୍ମ ପବ୍ଲିସିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସିନେମା ରିଲିଜ୍ ହେବାର ପ୍ରଥମ ଦିନରେ ୮.୭୫ କୋଟିରୁ ଅଧିକ ଆୟ କରିପାରିଥିଲା। ଦ୍ୱିତୀୟ ଦିନରେ ୧୮.୧ କୋଟି ଏବଂ ତୃତୀୟ ଦିନରେ ୧୫.୭୦ କୋଟି ଏପରି ସମୁଦାୟ ୪୨.୫୫ କୋଟି ଆୟ କରିପାରିଛି। ଉକ୍ତ ଚଳଚ୍ଚିତ୍ର ଦିଲ୍ଲୀ ଏନ୍‌ସିଆର, ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନରେ ଭଲ ଆୟ କରିଛି।




ଜୈନ ଏବଂ ନିଶାନ୍ତ ପିଟ୍ଟିଙ୍କ ସମେତ ଜି ଷ୍ଟୁଡିଓ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ଅଙ୍କିତା ଲୋଖାଣ୍ଡେ, ଅତୁଲ କୁଲ୍‌କର୍ନି, ବୈଭବ ତତ୍ୱୱାଡି ଏବଂ ଡାନି ଡେଞ୍ଜୋଙ୍ଗ୍‌ପା।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୫ | ୧୬.୨ |
| ଚାନ୍ଦବାଲି | ୨୩.୭ | ୧୭.୬ |
| କଟକ | ୨୪.୨ | ୧୬.୦ |
| ପାରାଦ୍ୱୀପ | ୨୫.୪ | ୧୮.୧ |
| ଭୁବନେଶ୍ୱର | ୨୬.୨ | ୧୭.୬ |
| ଗୋପାଳପୁର | ୨୫.୭ | ୧୮.୩ |
| ପୁରୀ | ୨୬.୨ | ୧୭.୬ |
| ଅନୁଗୋଳ | ୨୩.୧ | ୧୩.୦ |
| ବାରିପଦା | ୨୩.୪ | ୧୭.୫ |
| ଝାରସୁଗୁଡ଼ା | ୨୩.୬ | ୧୩.୬ |
| କେନ୍ଦୁଝର | ୨୧.୨ | ୧୪.୩ |
| ସମ୍ବଲପୁର | ୨୪.୧ | ୧୪.୬ |
| ସୁନ୍ଦରଗଡ଼ | ୨୭.୦ | ୧୧.୦ |
| ହୀରାକୁଦ | ୨୩.୭ | ୧୫.୬ |
| ତାଳଚେର | ୨୩.୪ | ୧୪.୩ |
| ଭବାନୀପାଟଣା | ୨୨.୦ | ୧୫.୫ |
| ବଲାଙ୍ଗୀର | ୨୨.୫ | ୧୪.୫ |
| କୋରାପୁଟ | ୨୭.୬ | ୧୨.୬ |
| ଫୁଲବାଣୀ | --- | ୮.୫ |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୨୫.୨ | ୧୩.୫ |
| ସୋନପୁର | ୨୩.୦ | ୧୪.୦ |
| ଦାରିଙ୍ଗିବାଡ଼ି | ୧୮.୦ | ୧୨.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ

## ସଂକ୍ଷେପରେ

### ଦେଶୀ ମଦ ଜବତ, ଜଣେ ଗିରଫ

**ଘଣ୍ଟାପଡା,୨୮।୧(ଡି.ଏନ.ଏ.):** କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା କନ୍ଧପଡାରେ ସୋମବାର ଘଣ୍ଟାପଡା ଫାଣ୍ଡି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଚଢାଉ କରି ଜଣେ ଯଣେ ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଜଗା ଭୋଇ(୧୯) । ତାଙ୍କଠାରୁ ୫ଲିଟର ଦେଶୀ ମଦ ଜବତ କରାଯାଇଛି । ଏ ନେଇ ଏକ ମାମଲା (ନଂ.୧୮/୧୯) ରୁଜୁ ହୋଇଛି । ମଙ୍ଗଳବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କନ୍ଧମାଳ ଥାନା ଆଇଆଇସି ନରେଶ ପ୍ରଧାନ ସୂଚନା ଦେଇଛନ୍ତି ।

### ଟେମ୍ପୋ ଓଲଟି ଦୁଇ ଗୁରୁତର

**ଘଣ୍ଟାପଡା,୨୮।୧(ଡି.ଏନ.ଏ.):** କନ୍ଧମାଳରୁ ଘଣ୍ଟାପଡା ଯାଉଥିବା ବେଳେ ଏକ ଟେମ୍ପୋ ଓଲଟି ପଡିବାରୁ ସବାର ଦୁଇଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତ ଦ୍ୱୟ ହେଲେ ମସିଣାଗୋରା ଗ୍ରାମର ନୀଳା ମହାନନ୍ଦ(୫୮) ଏବଂ ମଲିକୁଦର ସୀତାରାମ ରଣା(୪୨) । କନ୍ଧମାଳରୁ ଘଣ୍ଟାପଡାକୁ ଯାତ୍ରୀ ନେଇ ଯାଉଥିବା (ନଂ.ଓଆର୧୫କ୍ୟୁ/୨୪୩୯) ଟେମ୍ପୋ ଭାରସାମ୍ୟ ହରାଇ ୪୧ ନମ୍ବର ରାଜ୍ୟ ରାଜପଥର ତବଡା ଛକ ନିକଟରେ ଓଲଟି ପଡିଥିଲା। ଖବର ପାଇ କନ୍ଧମାଳ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲା । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋନପୁର ସ୍ଥାନାନ୍ତର କରାଯାଇଛି ।

### ପାଣିପଞ୍ଚାୟତ ପକ୍ଷ ପାଳିତ

**ବୌଦ୍ଧ,୨୮।୧(ସ୍ୱ.ପ୍ର)** ବୌଦ୍ଧ ଜଳସେଚନ ବିଭାଗ ପକ୍ଷରୁ ସୋମବାର ପାଣିପଞ୍ଚାୟତ ପକ୍ଷ ପାଳିତ ହୋଇଛି । ପାଣି ପଞ୍ଚାୟତ ସଭାପତି ପୟଧର ମହାକୁଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପାଣିକୁ ଠିକ ଭାବେ ବଣ୍ଟନ କରାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି ଅବସରରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ପୃଷ୍ଟି, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୁରୁ ପ୍ରସାଦ ପୃଷ୍ଟି, ସହକାରୀ ଯନ୍ତ୍ରୀ ବିବେକାନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଯନ୍ତ୍ରୀ ଭିଜଲା ଏକା, ବସନ୍ତ ମହାକୁଡ, ସୁବ୍ରତ ମଲିକ ପ୍ରମୁଖ ସହଯୋଗ କରିଥିଲେ ।

## ରାମଲୀଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ତାଡ଼କୀ ବଧ, ଅହଲ୍ୟା ଉଦ୍ଧାର ଅଭିନୀତ

**ଭେଡ଼େନ, ୨୮।୧ (ଡ଼ି.ଏନ.ଏ)**

ଭେଡ଼େନରେ ଚାଲିଥିବା ଶ୍ରୀ ଶ୍ରୀ ଅଖଣ୍ଡ ଶ୍ରୀହରି ନାମଯଜ୍ଞ ତଥା ବିରାଟ ରାମଲୀଳା ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ସନ୍ଧ୍ୟାରେ ଦଶରଥଙ୍କ ଦରବାରକୁ ବିଶ୍ୱାମିତ୍ରଙ୍କ ଆଗମନ, ତାଡ଼କି ବଧ, ସୁବାହୁ ରାକ୍ଷସ ବଧ, ମାରିଚ ରାକ୍ଷସ ବନରୁ ବିତାଡ଼ିତ, ଗୌତମ ମୁନି ଆଶ୍ରମରେ ପାଷାଣୀ ଅହଲ୍ୟା ଉଦ୍ଧାର, ଗଙ୍ଗା ପାରି ହେବା ପାରି ହେବା ପାଇଁ କୈବର୍ତ୍ତ ତାଙ୍କୁ ନୌକାରେ ବସାଇବାକୁ ମନା କରିବା ଆଦି ଦୃଶ୍ୟ ଅଭିନୀତ ହୋଇଛି ପୁରୁଣା ହାଟପଦା ସ୍ଥିତ ଅଯୋଧ୍ୟା ମଞ୍ଚରେ । ଅପରପକ୍ଷରେ ଥାନା ସମ୍ମୁଖ ରାବଣ ଦରବାରରେ ଦଶାନନ ରାବଣ ସ୍ୱର୍ଗର ଇନ୍ଦ୍ରଙ୍କୁ ଦୂତ ପ୍ରେରଣ କରିଛି ଐରାବତ ହସ୍ତୀ, ପାରିଜାତ ପୁଷ୍ପ ଓ ରମ୍ଭା ମେନକା ଆଦି ଅପସରା ମାନଙ୍କୁ ଲଙ୍କାକୁ ପଠାଇବା ପାଇଁ। ଅନ୍ୟଥା ହେଲେ ସ୍ୱର୍ଗ ଆକ୍ରମଣ ପାଇଁ ଦେଇଛି ଚେତାବନୀ। ରାବଣ ଦରବାରରେ ଖ୍ୟାତନାମା କଣ୍ଠଶିଳ୍ପୀ ରମାକାନ୍ତ ହରିପାଲ ସଙ୍ଗୀତ ପରିବେଷଣ କରିଥିଲେ ।



ଭେଡେନରେ ଚାଲିଥିବା ରାମଲୀଳା ମହୋତ୍ସବରେ ଅହଲ୍ୟା ଉଦ୍ଧାର ଦୃଶ୍ୟ ।

# ସାହିତ୍ୟ ସାମ୍ପ୍ରତିକ ସମାଜର ଚଳନ୍ତି ଇତିହାସ

## ଜିଲା ଲେଖକ ପାଠକ ସମାବେଶ

**ବୌଦ୍ଧ,୨୮।୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ଲେଖକ ପାଠକ ସମାବେଶ ରବିବାର ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର କୁମାର ଭୋଇଙ୍କ ପୌରୋହିତ୍ୟରେ ଆମ ସମାଜ ଓ ସାମ୍ପ୍ରତିକ ସାହିତ୍ୟର ସ୍ଥିତି ପ୍ରଗତି ଓ ପରିବ୍ୟାପ୍ତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କୁମାର ହସନ, ସରୋଜ ମହାନ୍ତି, ପବିତ୍ର ମୋହନ ଦାଶ, ଅମୀୟ ପାଣ୍ଡବ, କେଦାର ମିଶ୍ର, ପିତାମ୍ବର ତରାଇ, ଆଦିତ୍ୟେଶ୍ୱର ମିଶ୍ର, ବାସୁଦେବ ପାତ୍ର ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ । ସମାଜର ହିତ ପାଇଁ ସାହିତ୍ୟ ସାଧନା କରୁଥିବା ସାହିତ୍ୟକମାନେ ନିଜର ଜୀବନ ଶୈଳୀରେ ଆଚରଣ ଓ ଉଚ୍ଚାରଣକୁ ସମଭାବରେ ପ୍ରତିଫଳିତ କରିବା ଆବଶ୍ୟକ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ଏଥିରୁ ବ୍ୟତିକ୍ରମ ହେଲେ ସମାଜ ପ୍ରଭାବିତ ହେବାକୁ ଏଡାଇ ହେବନାହିଁ । ସାହିତ୍ୟକ ଜନସାଧାରଣଙ୍କ ସହ ସିଧାସଳଖ ଯୋଡି ହୋଇପାରିଲେ ପାଠକ ମାନେ ସାହିତ୍ୟରେ ଆଗ୍ରହ ରଖିବେ। ଯେହେତୁ ସାହିତ୍ୟ ସମାଜର ଚଳନ୍ତି ଇତିହାସ, ତେଣୁ ସାହିତ୍ୟକମାନେ ନିଜ ନିଜ କୃତିରେ ସମାଜର ବିବିଧ ଦିଗକୁ ଦର୍ଶାଇବା ଦରକାର ବୋଲି ଆଲୋଚକ ମାନେ ସ୍ୱୀକାର କରିଥିଲେ । ସମାବେଶର ପରବର୍ତ୍ତୀ ପର୍ଯ୍ୟାୟରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅକ୍ଷୟ କୁମାର ରାଉତ ଓ କିଶୋର ମିଶ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ଅବକାଶ ସାହୁ, ରଞ୍ଜୁ ଅମାତ, ରଞ୍ଜିତା ପଣ୍ଡାଙ୍କ ସଂଯୋଜନାରେ ମାଟି ବିଷୟ କବିତା ଆସର ଅନୁଷ୍ଠିତ ହୋଇଥିଲା । ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଲେଖକ ପାଠକ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।

### ବାର୍ଷିକ କ୍ରୀଡା ସମ୍ପନ୍ନ

**ପଦ୍ମପୁର, ୨୮।୧ (ଡି.ଏନ.ଏ)** ପଦ୍ମପୁର ଉପଖଣ୍ଡ ବୁଧାପାଲି ୟୁଜିଏମ୍‌ଇ ସ୍କୁଲ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦ୍‌ଯାପନୀ ଉତ୍ସବ ସ୍କୁଲ ଅଧକ୍ଷ ଟୁନା ଡୁମୁନିଆଁଙ୍କ ପରିଚାଳନାରେ ଶେଷ ହୋଇଛି। ଉକ୍ତ ଉତ୍ସବରେ ପୋଲିସ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର ମୁଖ୍ୟଅତିଥି, ପଦ୍ମପୁର ଶିକ୍ଷା ବିଭାଗର ସୁନୀଲ ଷଡଙ୍ଗୀ, ପ୍ରଧାନଶିକ୍ଷକ ଦେବାନନ୍ଦ ଭୋଇ, ଗ୍ରାମ କମିଟି ସଭାପତି କିଶୋର ବହିଦାର, ଧବଳେଶ୍ୱର ଭୋଇ, ଟୁନା ଡୁମୁନିଆଁ, ସୁଶାନ୍ତ ମହାପାତ୍ର ସହଯୋଗ କରିଥିଲେ । ଆଥ୍‌ଲେଟିକ ଆସୋସିଏଶନ ସଭାପତି ଲୋକନାଥ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୧ରେ ବରଗଡ଼ରେ ହେବ ଭାଷା ସମାବେଶ

**ବରଗଡ଼ ଅଫିସ୍,୨୮।୧**

ଫେବୃଆରୀ ୨୧ତାରିଖିରେ ବରଗଡ଼ର ବିଜୁ ପଟ୍ଟନାୟକ ଟାଉନ ହଲରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହେବ । ଏହି ଉତ୍ସବକୁ ମିଳିତ ଭାବେ କୋସଲ କ୍ରିୟାନୁଷ୍ଠାନ କମିଟି ଓ କ୍ଲିଅର ଆୟୋଜନ କରୁଛନ୍ତି । ରବିବାର ବରଗଡ଼ ସାମ୍ବାଦିକ ସଂଘ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କୋସଲି କ୍ରିୟାନୁଷ୍ଠାନ କମିଟିର ଆବାହକ ସାକେତ ଶ୍ରୀଭୂଷଣ ସାହୁ ସୂଚନା ଦେଇ କହିଥିଲେ, ଏହି ଜାତୀୟସ୍ତରୀୟ ଭାଷା ସମାବେଶରେ ଡଃ ଜୋଗା ସିଂ(ପଞ୍ଜାବୀ), ଡଃ ଦୀପକ ପାୱାର(ମରାଠୀ), ସେଛିଲ ନାଥନ(ତାମିଲ), ଆନନ୍ଦ ଗୁରୁ(କନ୍ନଡ଼), ସିଦ୍ଧବ୍ରତ ଦାସ(ବଙ୍ଗାଳୀ), ୟୋଗୋସ୍ ଆର୍(ବାଡୁଗୁ), କୁନ୍ଦନ ଅମିତାଭ (ଅଙ୍ଗିକା) ସମେତ ଭୋଜପୁରୀ, ରାଜସ୍ଥାନୀ, ବାଜିକା, ମୈଥିଲି, କୁଇ, ଭତରି, ହୋ ବିଞ୍ଝାଲ ଆଦି ଭାଷାର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାର ସାହିତ୍ୟିକ, ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେବେ। ଏହି ସମ୍ମିଳନୀରେ ବିଶେଷଭାବେ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ ପାଇଁ ମହାପାତ୍ର କମିଟି ଦ୍ୱାରା ସୁପାରିଶ ହୋଇଥିବା ଅସ୍ୱୀକୃତ ୩୮ଟି ଭାଷାର ହକ୍ ବିଷୟରେ ଆଲୋଚନା ହେବ । ବରଗଡ଼ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଭାଷାକର୍ମୀମାନେ ଟାଉନ ହଲରେ ପହଞ୍ଚିବେ। ସେଠାରେ କୋସଲି ଆନ୍ଦୋଳନରେ ଯୋଗ ଦେଇଥିବା ପ୍ରାୟ ୫୦ଜଣ ଭାଷାକର୍ମୀଙ୍କୁ ସମ୍ମାନିତ କରାଯିବ । ବରଗଡ଼ ଭାଷା ଅଧିକାର ଦାବି ଉନ୍ମୋଚିତ ହେବ ବୋଲି କୋସଲି କ୍ରିୟାନୁଷ୍ଠାନ କମିଟି ଆବାହକ ସାହୁ ଜଣାଇଛନ୍ତି ।

# ବର୍ଷା ସମ୍ଭାବନା, ପାରଦ ଖସିବ

**ଭୁବନେଶ୍ୱର,୨୮।୧(ବ୍ୟୁରୋ):** ବଙ୍ଗୋପସାଗର ଉପକୂଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶା ଏବଂ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଦେବଗଡ ଜିଲାରେ ଆକାଶ ମେଘୁଆ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି। ଝାରସୁଗୁଡା, ସମ୍ବଲପୁର, ନୂଆପଡା, ବରଗଡ ଜିଲାର କେତେକ ସ୍ଥାନରେ ଘନକୁହୁଡି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ପାଗ ଶୁଖିଲା ରହିବ। ବର୍ଷା ଯୋଗୁ ରାଜ୍ୟରେ ଶୀତ ପ୍ରକୋପ ସାମାନ୍ୟ ବୃଦ୍ଧି ପାଇବ। ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ତଳକୁ ଖସିବା ସମ୍ଭାବନା ରହିଛି। ଆସନ୍ତା ୩୧ ତାରିଖ ଯାଏ ପାଗ ଶୁଖିଲା ରହିବ ବୋଲି ଅନୁମାନ କରାଯାଇଛି।

## ଜିଲା ସାଂସ୍କୃତିକ ମହୋତ୍ସବ 'ଯତରା'ର ଦ୍ୱିତୀୟ ସନ୍ଧ୍ୟା

# ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

**ସୁନ୍ଦରଗଡ଼,୨୮।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ସାଂସ୍କୃତିକ ମହୋତ୍ସବ 'ଯତରା'ର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ପାରମ୍ପରିକ ବାଦ୍ୟଯନ୍ତ୍ରରେ ମୁକ୍ତାକାଶ ରଙ୍ଗମଞ୍ଚ ଦୁଲୁକି ଉଠିଥିଲା । ଢୋଲ, ନିଶାନ, ତାସା ଓ ମହୁରି ତାଳରେ ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ କଳାହାଣ୍ଡିର ଘୁମୁରା ନୃତ୍ୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା । ସେହିପରି ଶୀତୁଆ ସନ୍ଧ୍ୟାରେ ନାଗପୁରର ଦକ୍ଷିଣ–କେନ୍ଦ୍ରାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓ ମଧ୍ୟପ୍ରଦେଶର ଗଙ୍ଗୋର ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ରାଉରକେଲା ତ୍ରିଭଙ୍ଗୀ କଳାପରିଷଦ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଭଦ୍ରକ କଳାକାରଙ୍କ ଦ୍ୱାରା ମୋଗଲ ତାମସା, କଳାହାଣ୍ଡି ଜିଲା ସାଂସ୍କୃତିକ ପରିଷଦ କଳାକାରଙ୍କ ଘୁମୁରା ନୃତ୍ୟ, ଲୋକନୃତ୍ୟ ଗବେଷଣା କେନ୍ଦ୍ର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ସୁନ୍ଦରଗଡ଼ ସିଦ୍ଧିବିନାୟକ ଡ୍ୟାନ୍ସ ଗ୍ରୁପର ନୃତ୍ୟ, ଭୁବନେଶ୍ୱର କଳିଙ୍ଗ ପାଇକ କ୍ରିଏଶନ୍ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶିତ ହୋଇଥିଲା। ଏଥିସହ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଜିଲା ଉନ୍ନୟନ ପ୍ରଦର୍ଶନୀ, ଖାଦ୍ୟ ମେଳା ଏବଂ ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଜିଲାର ଶ୍ରେଷ୍ଠ ସପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କଳାହାଣ୍ଡି ଜିଲା ସାଂସ୍କୃତିକ ପରିଷଦ କଳାକାର ଘୁମୁରା ନୃତ୍ୟ ପରିବେଷଣ କରୁଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ବିକାଶ ବିଜନେସ୍ ମ୍ୟାନେଜମେଣ୍ଟ ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ ଦଳର ଖେଳାଳିମାନେ ।

**ବରଗଡ଼ ଅଫିସ୍,୨୮।୧**

ବିକାଶ କ୍ରୀଡ଼ା ବିଭାଗର ଉଦ୍ୟମକ୍ରମେ ବିକାଶ କ୍ରିକେଟ ଷ୍ଟାଡ଼ିୟମରେ ପ୍ରଥମ ଯଦୁମଣି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବିକାଶ ବିଜନେସ୍ ମ୍ୟାନେଜମେଣ୍ଟ ପ୍ରତିପକ୍ଷ ବିକାଶ ଆବାସିକ ସ୍କୁଲକୁ ୩ରନରେ ହରାଇ ଚାମ୍ପିୟନ ହୋଇଥିଲା । ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧିନାୟକ ରାହୁଲ ଚୌଧୁରୀ ମ୍ୟାନ ଅଫ ଦ ଟୁର୍ଣ୍ଣାମେଣ୍ଟ, ବିକାଶ ଆବାସିକ ସ୍କୁଲର ରାଧାବଲ୍ଲଭ ଓଧାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଳିକ୍ରୀଷ୍ଣା, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମ୍ୟାଣ୍ଟର କୋ ଅର୍ଡ଼ିନେଟର ଆରଏସଭି କ୍ରୀଷ୍ଣା ପ୍ରମୁଖ ପୁରସ୍କାର ବିତରଣ କରିଥିଲେ । ଗତ ୨୧ରୁ ୨୭ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାକୁ ବିକାଶ ଖେଳ ବିଭାଗ ପରିଚାଳନା କରିଥିଲା।

# ୨୮ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

**ଜହ୍ନାପଙ୍କ, ୨୮।୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ମୁଣ୍ଡାପଡା କ୍ଲଷ୍ଟରସ୍ତରୀୟ ୨୮ତମ ବାର୍ଷିକୋତ୍ସବ ଓ କ୍ରୀଡା ସୋମବାର ଉଦ୍‌ଘାଟିତ ହୋଇଛି । ଉଦଘାଟନୀ ଉତ୍ସବରେ ସରପଞ୍ଚ ବିଦ୍ୟାଧର ସ୍ୱାଇଁ ମୁଖ୍ୟଅତିଥି, ପ୍ରାକ୍ତନ ସାଧନ କେନ୍ଦ୍ର ସଂଯୋଜକ ପର୍ଶୁରାମ ପ୍ରଧାନ, ସମିତି ସଭ୍ୟ ସଞ୍ଜୟ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ଶୁକଦେବ ପ୍ରଧାନ, ନେତ୍ରାନନ୍ଦ ନାୟକ, ସିଆରସିସି ଶେଷଦେବ ପ୍ରଧାନ, ବ୍ରାହ୍ମଣୀପାଲି ସରପଞ୍ଚ ପ୍ରତିନିଧି ଅରୁଣ ବାଘ, ଦୀନବନ୍ଧୁ ପୋଡ଼ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏବିଇଓ ଅଚ୍ୟୁତାନନ୍ଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସହକାରୀ ଶିକ୍ଷକ ବୀରବିକ୍ରମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା ବରିଷ୍ଠ ବିଭାଗର ୧୦୦ ମିଟର ଦୌଡ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା । ମଙ୍ଗଳବାର ଏହା ଉଦଯାପିତ ହେବ ବୋଲି ଜଣାପଡିଛି ।

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

! !ଋଣ ଋଣ ଋଣ ! !
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
08859752212
D-244, Tejendranagar, Zundal, Zundal-382421, Tal./Dist.- Gandhinagar

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।

- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### କ୍ଷୀରମଗ୍ବା ଗୌଡ଼ ଯାଦବ ସମାଜ ସଭା

ଟିପିଲିମା, ୨୮।୧ (ଡି.ଏନ.ଏ.)-ସମ୍ବଲପୁର ଜିଲା ଧନକଉଡା ବ୍ଲକ ଆ.କଟାପାଲି, ବୈଜାମୁଣ୍ଡା, ଚାଉଁରପୁର, ସେହ୍ନାପାଲି, କଲାମାଟି, ବସନ୍ତପୁର, କର୍ଡୋଲା, କୁଦଗୁଣ୍ଡେରପୁର ଭଳି ୮ଟି ପଞ୍ଚାୟତର କ୍ଷୀରମଗ୍ବା ଗୌଡ଼ ଯାଦବ ସମାଜର ବାର୍ଷିକ ସଭା କଲାମାଟି ପଞ୍ଚାୟତ ଲଡୁଖାଇ କଁଟାଶିରା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉର୍କୁଲା ପାଣ୍ଡେ ଏଥିରେ ଅଧକ୍ଷତା କରିଥିଲେ। ଚୈତନ୍ୟ ମହାକୁର, କୁଞ୍ଜବିହାରୀ ବନଛୋର, କୃତାର୍ଥ ମହାକୁର, କୋଷାଧକ୍ଷ ରାଜେନ୍ଦ୍ର ବନଛୋର ପ୍ରମୁଖ ମଞ୍ଚାସୀନ ଥିଲେ। ଲଡୁଖାଇର ପଞ୍ଚାନନ ନାଏକ, ଯୁଯୁମୁରା କୋଶାପାଲିର ସହଦେବ ଗହିର, ହୀରାକୁଦ ମହମ୍ମଦପୁରର ସାହେବ ଦୀପଙ୍କୁ ସମ୍ମାନିତ କରାଯାଇଥିଲା । ଧୀରେନ୍ଦ୍ର ନାଗ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଅର୍ଜୁନ ସ୍ପୋର୍ଟ୍ସ ଏକାଡେମୀ ଉଦ୍‌ଘାଟିତ

ସମ୍ବଲପୁର, ୨୮।୧ (ବ୍ୟୁରୋ)-ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅର୍ଜୁନ ସ୍ପୋର୍ଟ୍ସ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଏଏସଏନ ରାଓ ମୁଖ୍ୟଅତିଥି ଓ ପ୍ରଭାତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକାଡେମୀର ଶୁଭାରମ୍ଭ କରିଥିଲେ । ସ୍କୁଲ ଅଧକ୍ଷା କାମିନୀ ଯୋଶୀ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଖଣ୍ଡୋକଟା ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିବେ ଏଲି

କୁଚିଣ୍ଡା, ୨୮।୧ (ଡି.ଏନ.ଏ)- କୁଚିଣ୍ଡା ଅଞ୍ଚଳର ପ୍ରସିଦ୍ଧ ଖଣ୍ଡୋକଟା ଧନୁଯାତ୍ରାରେ ଏଥର କଂସ ଭୂମିକାରେ ବରଗଡ ଧନୁଯାତ୍ରାରେ ପୂର୍ବରୁ କଂସ ଭୂମିକାରେ ଅଭିନୟ କରିଥିବା ଗୋପାଳ ସାହୁ (ଏଲି) ଅଭିନୟ କରିବେ । ଖଣ୍ଡୋକଟା ଧନୁଯାତ୍ରାରେ ପୂର୍ବରୁ କଂସ ଭୂମିକାରେ ଅଭିନୟ କରୁଥିବା ମଙ୍ଗଲୁ ସାହୁ ଏଥର ଅଭିନୟ ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି। ଏଣୁ କିଏ କଂସ ଭୂମିକା ତୁଲାଇବେ ସେ ନେଇ ଖଣ୍ଡୋକଟାଠାରେ ଧନୁଯାତ୍ରା କମିଟିର ଏକ ବୈଠକ ବସି କଳାକାର ଚୟନ କରାଯାଇଥିଲା। ଏଲି ହିଁ ଏଥର ଅଭିନୟ କରିବେ ବୋଲି ନିଷ୍ପତ୍ତି ହୋଇଛି। ତେବେ ଏଥର ଖଣ୍ଡୋକଟାର ୨୬ତମ ଧନୁଯାତ୍ରା ମହୋତ୍ସବ ଫେବୃୟାରୀ ୧୫ ତାରିଖଠାରୁ ଆରମ୍ଭ ହୋଇ ୨୦ ତାରିଖରେ ଉଦ୍‌ଯାପିତ ହେବ।



ଲଜପତ ରାୟ ଆଇନ କଲେଜରେ ଆୟୋଜିତ ଜାତୀୟ ଆଲୋଚନା ଚକ୍ରରେ ଛାତ୍ରୀଛାତ୍ର ଓ ପ୍ରତିନିଧିମାନେ ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି, କର୍ମକର୍ତ୍ତା ।

# ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇନ ପ୍ରଣୟନ ହେଉ

ସମ୍ବଲପୁର, ୨୮।୧ (ବ୍ୟୁରୋ)

ସମାଜର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇନ ପ୍ରଣୟନ କଲେ ବିଶେଷ ଭାବେ ଫଳପ୍ରଦ ହେବ । ତେଣୁ ଆଇନଜ୍ଞମାନେ ସମାଜଶାସ୍ତ୍ର ବିଷୟରେ ଜ୍ଞାନ ଆହରଣ କଲେ ତାହା ବେଶ ସହାୟକ ହେବ । ଗତ ୨୦୧୮ ମସିହାରେ ସୁପ୍ରିମକୋର୍ଟ ଦେଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାୟ ବର୍ତ୍ତମାନର ସାମାଜିକ ପରିସ୍ଥିତିରେ ବିରାଟ ପରିବର୍ତ୍ତନ ଆଣିବ । ଲଜପତ ରାୟ ଆଇନ କଲେଜ ପକ୍ଷରୁ ଆୟୋଜିତ 'ନ୍ୟାୟିକ ନିଷ୍ପତ୍ତିର ପ୍ରଭାବ ମୂଲ୍ୟାୟନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ବକ୍ତାମାନେ ଏହା କହିଛନ୍ତି । କଲେଜ ସମ୍ମିଳନୀ କକ୍ଷରେ ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଥିଲା। ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଆଇନ ପ୍ରାଧ୍ୟାପକ ଡ. ଡିଏସ୍ ପ୍ରକାଶ ରାଓ ମୁଖ୍ୟ ବକ୍ତା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଡ. ବିକ୍ରମ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ। ଅପରାହ୍ନରେ ଢେଙ୍କାନାଳ ଆଇନ କଲେଜ ପ୍ରାଧ୍ୟାପକ ଡ. ବିଜୟ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତା ଓ ଡ. ବିଶ୍ୱନାଥ ଗୁପ୍ତାଙ୍କ ସଂଯୋଜନାରେ ପ୍ରଥମ ବୈଷୟିକ ଅଧିବେଶନ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଏସ. କୁମାର ସାହୁ ଓ ଉପକୁଳସଚିବ ଶ୍ୟାମା ପ୍ରସାଦ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୋଟ ୧୨ ଜଣ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ସେହିଭଳି ଦ୍ୱିତୀୟ ବୈଷୟିକ ଅଧିବେଶନରେ ଅବସରପ୍ରାପ୍ତ ଆଇନ ପ୍ରାଧ୍ୟାପକ ଡ. ଶ୍ରୀକାନ୍ତ ମିଶ୍ର ଅଧକ୍ଷତା କରିଥିଲେ । ରାଜ୍ୟ ପୋଲିସ ଏକାଡେମି ପ୍ରଫେସର ହୃଷୀକେଶ ମେହେର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଏଥିରେ ଗଙ୍ଗାଧର ମେହେର ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧକ୍ଷ ଡ. ଶ୍ରୀମନ୍ତ ଦାଶଙ୍କ ସମେତ ୧୫ ଜଣ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ସନ୍ଧ୍ୟାରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସମୀର ମହାପାତ୍ରଙ୍କ ସଂଯୋଜନାରେ ନିକିତା ତ୍ରିପାଠୀ, ସୃଷ୍ଟି ପ୍ରଧାନ, ଦୀପ୍ତିରେଖା ଦାଶ, ଶ୍ୱେତା ଚକ୍ରବର୍ତ୍ତୀ, ବ୍ରଜବନ୍ଧୁ ମୁଦୁଲି, ଶ୍ରୀନାଥ ପ୍ରଧାନ, ପୂଜା ପଣ୍ଡିତ, ମୋହିନି ସା ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ ।

## କିନ୍ନରମାନଙ୍କୁ ନେଇ ଆଇନ ସଚେତନତା ଶିବିର

ସମ୍ବଲପୁର, ୨୮।୧ (ବ୍ୟୁରୋ)

ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଆଇନସେବା ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସିନିୟର ସିଭିଲ ଜଜ ସଙ୍ଗୀତା ପାଣି, ସିଭିଲ ଜଜ ଦିଗବିଜୟ ଦାଶ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ରବୀନ୍ଦ୍ର କୁମାର ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କିନ୍ନରମାନଙ୍କ ସକାଶେ ଥିବା ସାମ୍ବିଧାନିକ ଓ ଆଇନଗତ ଅଧିକାର ଏବଂ ସେମାନଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ସମସ୍ତ ପ୍ରକାର ସୁଯୋଗ ସମ୍ବନ୍ଧରେ ସୂଚନା ଦେଇଥିଲେ । ସମଲେଶ୍ୱରୀ କିନ୍ନର ସଂଘ ସଭାପତି ବବଲିଙ୍କ ସମେତ ବିଭିନ୍ନ ଅଞ୍ଚଳର କିନ୍ନରମାନେ ସାମିଲ ଥିଲେ ।



ସମ୍ବଲପୁର ସୋସିଆଲ ଷ୍ଟାର କ୍ଲବ ସ୍ଥାପନା ଦିବସରେ ବିଧାୟିକାଙ୍କ ସହ କର୍ମକର୍ତ୍ତା।

# ସୋସିଆଲ ଷ୍ଟାର କ୍ଲବର ସ୍ଥାପନା ଦିବସ

ସମ୍ବଲପୁର, ୨୮।୧ (ବ୍ୟୁରୋ)

ସୋସିଆଲ ଷ୍ଟାର କ୍ଲବର ୧୯ତମ ସ୍ଥାପନା ଦିବସ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ମାନସରଞ୍ଜନ ପାଢ଼ୀଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୫୦ଜଣ ମହିଳା ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ନର୍ସ ଲଳିତା ନାୟକ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବୋଷ ଏବଂ ମାରୱାଡି ଯୁବ ମଞ୍ଚ ମହିଳା ଶାଖା ଶକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ, ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ରେଡକ୍ରସ ସମ୍ବଲପୁର ଶାଖା ଉପାଧକ୍ଷା ଡା. ଦୀପ୍ତିବାଲା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ ପରୱିନ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନନ୍ତ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଆତିଫ ଆଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ମହମ୍ମଦ ମକ୍‌ବୁଲ୍ ସୂଚନା ପ୍ରଦାନ କରିଥିଲେ। ମହାବୀର ମିଶ୍ର, ଶ୍ୟାମାକାନ୍ତା ବିଶି, ପ୍ରଭାତ ହୋତା, ଶିବନାରାୟଣ ମହାରଣା, ମହମ୍ମଦ ମୁନିର୍, ବି. ଅଞ୍ଜଳି ରାଓ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଟବଡାବାହାଲ ଫୁଟବଲ ଟୁର୍ନାମେଣ୍ଟରେ ଭାଲୁଡୁଡିଆ ଚାମ୍ପିୟନ

ରେଙ୍ଗାଲି, ୨୮।୧ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଟବଡାବାହାଲ ପଞ୍ଚାୟତ ଅନ୍ତର୍ଗତ କୁଦାମୁଡା ଫୁଟବଲ ପଡିଆଠାରେ ମାଁ କରମସାନୀ ଏସଟି କ୍ଲବ ପକ୍ଷରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏହି ଫୁଟବଲ ଟୁର୍ନାମେଣ୍ଟରେ ଭାଲୁଡୁଡିଆ ଫୁଟବଲ ଦଳ ଏବଂ ଜମାଦାରପାଲି ଫୁଟବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଲୁଡୁଡିଆ ଦଳ ଚାମ୍ପିୟନ ହୋଇଥିଲା । ବିଜୟୀ ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ପରାଜିତ ଦଳକୁ ୭ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଫୁଟବଲ ଟୁର୍ନାମେଣ୍ଟରେ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଯୁବ ବିଜେଡି ନେତା କିରଣ ବେହେରା, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ସଭାପତି ବାବୁଲୁ ରାଉତ, ଇଂ. ଗାନ୍ଧୀ ବେହେରା, ହରିଶଙ୍କର ବେହେରା, ଟବଡାବାହାଲ ସରପଞ୍ଚ ଗୋପାଳ ଓରାମ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।




ବାଟଗାଁ କଲେଜରେ ଅନୁଷ୍ଠିତ ଛାତ୍ରୀ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଆତ୍ମରକ୍ଷା ତାଲିମ ନେଲେ ବାଟଗାଁ କଲେଜ ଛାତ୍ରୀ

ନାକଟିଦେଉଳ,୨୮।୧(ଡି.ଏନ.ଏ.)

ବାଟଗାଁ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ ୫୮ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ । କଲେଜ ଅଧକ୍ଷ ରମେଶ କୁମାର ଅଗ୍ରୱାଲା ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବାଟଗାଁ ସରପଞ୍ଚ ବେଦମତୀ କିଷାନ ଯୋଗଦେଇ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଉପରେ ଆଲୋକପାତ କରି ତାଲିମ ନେଇଥିବା ଛାତ୍ରୀମାନେ ଆବଶ୍ୟକ ସ୍ଥଳେ ଏହି କୌଶଳକୁ ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧ୍ୟାପକ ପତିତ ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ସୁବାସିନୀ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପ୍ରତିଭା ଡାଙ୍ଗ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ତାଲିମ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ସମ୍ବଲପୁର, ୨୮।୧ (ବ୍ୟୁରୋ)

ବୁଲେଟ ବ୍ୟାୟାମଶାଳାର ବାର୍ଷିକ ଉତ୍ସବ ମୁଦିପଡାସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହୋଇଥିଲା । ଏଥିରେ ୧୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସୌମ୍ୟରଞ୍ଜନ ପ୍ରଧାନ ପ୍ରଥମ, ଡୋଳମଣି ରାଉତ ଦ୍ୱିତୀୟ ଓ ଭୋଳା ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନୁଷ୍ଠାନ ସଭାପତି ଆନନ୍ଦ ଜେନାଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ବିଜୁ ଜନତା କୃଷକ ଦଳ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସୁରେଶ ପଣ୍ଡା ଓ ହରଜିତ୍‌ସିଂ ଭୁରଜି ବିଚାରକ ଥିଲେ। ଲିଟନ ବହିଦାର ପ୍ରତିଯୋଗିତା ପରିଚାଳନା କରିଥିଲେ । ସମ୍ପାଦକ ନିମାଇଁ ଚନ୍ଦ୍ର କର ବିବରଣୀ ପାଠ କରିଥିଲେ । ଡ. ଶ୍ୟାମସୁନ୍ଦର ଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




ସମ୍ବଲପୁର ମୁଦିପଡାରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ୩ ପ୍ରତିଯୋଗୀ ଅତିଥି ଓ ଆୟୋଜକଙ୍କ ସହ ।

# ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ଉତ୍ସବ

ସମ୍ବଲପୁର, ୨୮।୧ (ବ୍ୟୁରୋ)

ଜଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ଉତ୍ସବ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ୯ଟି ବ୍ଲକରେ କାର୍ଯ୍ୟକାରୀ କରାଯାଇଥିବା ମୋ ସ୍କୁଲ ଅଭିଯାନର ଚିତ୍ର ପ୍ରଦର୍ଶନୀ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲା ଶିକ୍ଷାଧିକାରୀ ସୁବୋଧ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଅବସରରେ ପଦ୍ମିନୀ ସୁପକାର, ଇଂ. କରୁଣାକର ସୁପକାର, ଅଶୋକ ଜଲାନ, ଅରୁଣ ପଟ୍ଟୱାରି, ମୋନାଲି ପଣ୍ଡା, ଡା. ସୁମିତ୍ରା ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ରବି ଯାଦବ, କୁସୁମା ଫାଉଣ୍ଡେଶନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପାଟଯୋଶୀ ଏବଂ ଲିମସରିଏନ୍ ଯୁବକ ସଂଘକୁ ସମ୍ମାନିତ କରାଯାଇଥିଲା । ଡ. ଗୌରିଦାସ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା ସ୍କୁଲର ଶଶାଙ୍କ ପୁରୋହିତ, ଧମାର ରମାକାନ୍ତ ସେଠ, ବଟେମୁରାର ଶ୍ରୀବସ୍ତ ପଣ୍ଡା, କୁନ୍ତରାର ସୁରେନ୍ଦ୍ର ପଟେଲ, ରମ୍ପେଲାର ବିଶିକେଶନ ବିଶ୍ୱାଳ, ଖିଣ୍ଡାର ପ୍ରଣୟ ଶତପଥୀ, ବୁଢ଼ାରଜାର ଗୁରୁଦତ୍ତ ପୁରୋହିତ, ଅରବିନ୍ଦ ମହାପାତ୍ର ଓ ରାଜେନ୍ଦ୍ର ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ । ହରିନାରାୟଣ ପଣ୍ଡାଙ୍କ ରଚନା ଓ ସଂଯୋଜନାରେ ବୁଢ଼ାରଜା ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ । ସହକାରୀ ଜିଲା ଶିକ୍ଷା ଅଧିକାରୀ ଦୟାନିଧି ପୂଜାରୀ, ଡିପିସି କଳ୍ପନା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶିକ୍ଷୟିତ୍ରୀ ସୁମିତା ପତ୍ରି, ରାକ୍ଷୀ ମହାପାତ୍ର, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ, ବିଜ୍ଞାନ ନିରୀକ୍ଷିକା ଦୀପାଳୀ ଚୌଧୁରୀ, ସିଏସବି ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଫଟୋରେ ଖବର



ସମ୍ବଲପୁର ଭୀମ ଭୋଇ ସାହିତ୍ୟ ସଂସଦଠାରେ ଉତ୍ସର୍ଗ ଦ୍ୱାରା ରକ୍ତଦାନ ଶିବିରରେ ଜଣେ ମହିଳାଙ୍କୁ ପୁରସ୍କୃତ କରାଯାଉଛି ।

# ଡାକଡେରାରେ ଫୁଟବଲ ଟୁର୍ନାମେଣ୍ଟ: କୁଚିଣ୍ଡା ବିଜୟୀ

ପଡିଆବାହାଲ, ୨୮।୧ (ଡି.ଏନ.ଏ)

ଡାକଡେରା ଜୟନ୍ତପୁରଠାରେ ଆୟୋଜିତ ଫୁଟବଲ ପ୍ରତିଯୋଗିତାରେ ଝାରସୁଗୁଡାକୁ ୦-୧ ଗୋଲରେ ହରାଇ କୁଚିଣ୍ଡା ମହାବୀର କ୍ଲବ ବିଜୟୀ ହୋଇଛି । ୨ୟ ସେମିଫାଇନାଲରେ ବଲାଙ୍ଗୀରକୁ ହରାଇ ଝାରସୁଗୁଡା ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ମାଁ ମେଟାକାନୀ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟକୁ ଲକ୍ଷ୍ମଣ ନାଥ, ଶୀତଳ ଗୁରୁ, ଶିବୁ ଛତ୍ର, ଅରୁଣ ଭୋଇ, ବୃଷଭାନୁ ମହାନ୍ତ, ରାଜା ଓରାମ ପ୍ରମୁଖ ଉପସ୍ଥିତ ରହି ଦାୟିତ୍ୱ ନିର୍ବାହ କରିଥିଲେ । ଉଦଯାପନୀ ଉତ୍ସବରେ ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଯୁଯୁମୁରା ବ୍ଲକ ପୂର୍ବତନ ଅଧକ୍ଷ ଶରତ ସାହୁ, ଜୟନ୍ତପୁର ସରପଞ୍ଚ ସୁରେନ୍ଦ୍ର ଭୋଇ, ସମିତି ସଭ୍ୟା ସୌଦାମିନୀ ମିର୍ଦ୍ଧା, କବରାପାଲି ସରପଞ୍ଚ ତିଲୋତ୍ତମା ବାଗ, ଡା. ରାଜାରାମ ଷଡଙ୍ଗୀ, ପୂର୍ବତନ ସରପଞ୍ଚ ଗଣେଶ ତାଣ୍ଡିଆ, ବିନୋଦ ବଡପଣ୍ଡା, ରିଙ୍କୁ ମିଶ୍ର, ପ୍ରଦୀପ ପରିଡା, ସୁବୋଧ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।



ଡାକଡେରା ଜୟନ୍ତପୁରଠାରେ ଆୟୋଜିତ ଫୁଟବଲ ପ୍ରତିଯୋଗିତାରେ ବିଧାୟକ ରୋହିତ ପୂଜାରୀ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ତାଲିମ ନେଲେ ୪୫ ନଳକୂଅ ମିସ୍ତ୍ରି

ରେଢ଼ାଖୋଲ,୨୮।୧(ଡି.ଏନ.ଏ.) ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ରେଢାଖୋଲ କଦମ୍ବପଡିଆସ୍ଥିତ ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମରେ ଦୁଇ ଦିନ ଧରି ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ମୈତ୍ରୀ ନିର୍ମାଣ ଶ୍ରମିକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ରେଢାଖୋଲ ବ୍ଲକରେ କାର୍ଯ୍ୟରତ ପ୍ରାୟ ୪୫ଜଣ ନଳକୂଅ ମିସ୍ତ୍ରି ଯୋଗ ଦେଇ ତାଲିମ ନେଇଥିଲେ। ମୈତ୍ରୀ ନିର୍ମାଣ ଶ୍ରମିକ ସଂଘର ସଭାପତି ରାଜା ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ତାଲିମ ଶିବିର ବୁଲୁ ବିଶୋଇ ପରିଚାଳନା କରିଥିଲେ। ତାଲିମ ପରେ କର୍ମଚାରୀମାନଙ୍କ ଏକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କୃତ କାର୍ଯ୍ୟ ହୋଇଥିବା କର୍ମଚାରୀମାନଙ୍କୁ ପରବର୍ତ୍ତୀ ସମୟରେ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି।

### ତୁଳସୀ ଦାସ ମାହାଣାଙ୍କ ଶେଷକୃତ ସମ୍ପନ୍ନ

ରେଙ୍ଗାଲି, ୨୮।୧ (ଡି.ଏନ.ଏ)- ରେଙ୍ଗାଲି ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ଚାଉଲଡିପୋ ଗ୍ରାମର ଡ. ତୁଳସୀ ଦାସ ମାହାଣାଙ୍କ ସୋମବାର ରେଙ୍ଗାଲି ଶ୍ମଶାନଠାରେ ଶେଷକୃତ ସମ୍ପନ୍ନ ହୋଇଛି । ଶେଷ ଦର୍ଶନ ପାଇଁ ରାଜନେତା, ବୁଦ୍ଧିଜୀବୀଙ୍କ ସୁଅ ଛୁଟିଥିଲା । ପରେ ତାଙ୍କ ପାର୍ଥିବ ଶରୀରକୁ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା । ବଡପୁଅ କୃଷ୍ଣଚନ୍ଦ୍ର ମାହାଣା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସୁରଜମଲ କଲେଜ ଛୁଟି କରାଯାଇଥିଲା।

### ଗୁଳିକାଣ୍ଡ ଘଟଣାରେ ଅଭିଯୁକ୍ତ ଚିହ୍ନଟ, ଗୁଳି ଜବତ

ସମ୍ବଲପୁର,୨୮।୧(ବ୍ୟୁରୋ)-ସମ୍ବଲପୁର ସହରର କ୍ଷେତରାଜପୁର ଥାନା ଅଧୀନ ଫାର୍ମରୋଡରେ ରବିବାର ସନ୍ଧ୍ୟାରେ ରୂପକ ସ୍ୱାଇଁ (୩୨)ଙ୍କୁ ଗୁଳିକାଣ୍ଡ ଘଟଣାରେ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି । ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସର ୨ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଛି । ଅନ୍ୟପକ୍ଷେ ଘଟଣାସ୍ଥଳରୁ ଗୋଟିଏ ଜୀବନ୍ତ ଗୁଳି ଓ ଖୋକା ଜବତ ହୋଇଛି। ରବିବାର ରାତିରେ ଅଞ୍ଚଳର କେତେ ଜଣ ଯୁବକଙ୍କୁ ଥାନାକୁ ନେଇ ପୋଲିସ ପଚରା ଉଚୁରା କରିଛି । ଖୁବ ଶୀଘ୍ର ଘଟଣାର ପର୍ଦ୍ଦାଫାସ କରାଯିବ ଓ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି।

### ଲୋକଙ୍କ ଅଭିଯୋଗ ଶୁଣିଲେ ସରକାରୀ ବାବୁ

ଦେବଗଡ,୨୮।୧ (ସ୍ୱ.ପ୍ର.) ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି । ଶିବିରରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବିନାରାୟଣ ସିଂଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଶୁଣାଣି କରିଥିଲେ। ୪୦ରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଉପରେ ଥିବାବେଳେ ୧୦ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ବିଦ୍ୟୁତ ସଂଯୋଗ, ଅନ୍ତ୍ୟୋଦୟ ଚାଉଳ, ସ୍କୁଲ ମରାମତି, ଏନ.ଏଚ. କ୍ଷତି ପୂରଣ, ପିଇବା ପାଣି , ଯୋଗାଣ, ଘର ଡିହ ନିମନ୍ତେ ଜାଗା ଚିହ୍ନଟ, ଶ୍ରମିକମାନଙ୍କୁ ସାହାଯ୍ୟ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ଉଠା ଜଳସେଚନ, ରେକର୍ଡ ଜାଗା ଜବରଦଖଲ ଆଦି ଉପରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ମା' ବିନ୍ଧ୍ୟବାସିନୀଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା

ରେଢ଼ାଖୋଲ,୨୮।୧(ଡି.ଏନ.ଏ.) ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ ପଞ୍ଚାୟତ ଡିମିରିମୁଣ୍ଡା ଗ୍ରାମରେ ବିନ୍ଧ୍ୟବାସିନୀ ମା'ଙ୍କ ଏକ ନୂତନ ମନ୍ଦିର ନିର୍ମାଣ କରାଯିବ। ଏଥିପାଇଁ ସୋମବାର ଭୂମି ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ବିଧାୟକ ରୋହିତ ପୂଜାରୀ ଯୋଗ ଦେଇ ଭୂମି ପୂଜା କରିଥିଲେ। ଏହି ଅବସରରେ ଆୟୋଜିତ ହୋମଯଜ୍ଞରେ ବୃଷକେତୁ ପ୍ରଧାନ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ବିବେକାନନ୍ଦ ହୋତା ପୂଜାର୍ଚ୍ଚନା କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ରୋଜାଲିନ ବେହେରା, ବଂଶାଜାଲ ସେବା ସମବାୟ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ, ସମିତି ସଭ୍ୟ ଧର୍ମେନ୍ଦ୍ର କହଁର, ସରପଞ୍ଚ ନଳିନୀ ଦେହୁରୀ, ନରୋତ୍ତମ ପ୍ରଧାନ, ଦୁଃଖବନ୍ଧୁ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ତ୍ରିନାଥ ପ୍ରଧାନ, ଦୁଃଖୀଶ୍ୟାମ ପ୍ରଧାନଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

# କ୍ରୀଡ଼ାକୁ ନୁହେଁ, ସମାବେଶକୁ ଗୁରୁତ୍ୱ

ସମ୍ବଲପୁର,୨୮।୧(ବ୍ୟୁରୋ)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍)ଷ୍ଟାଡିୟମରେ ଫେବ୍ରୁୟାରୀ ୨ ତାରିଖ ବିଜୁ ଯୁବ ବାହିନୀ ସମାବେଶ ହେବାକୁ ସ୍ଥିର ହୋଇଛି । ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଉଛି । ଜିଲାପାଳ ମଧ ତୃତୀୟ ମହଲାରେ ବଡବାବୁଙ୍କୁ ଖୁସି କରିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗ ଦେଇ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ଉତ୍ସାହିତ କରିବେ। ହେଲେ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବାରୁ ଜିଲାର ବିଭିନ୍ନ ଅନୁଷ୍ଠାନ, ରାଜନୀତି ଦଳ, ଖେଳ ପ୍ରେମୀ ପ୍ରତିବାଦ କରିଛନ୍ତି । ଷ୍ଟାଡିୟମସାରା ଗାତ ଖୋଳି ଓ ଗାଡିରେ ଟେଣ୍ଟ ପାଇଁ ଜିନିଷ ନେବା ଆଣିବା ଯୋଗୁ ପଡିଆ ଖିନଭିନ୍ ହୋଇ ଗଲାଣି। ପଡିଆରେ ଗାଡି ଗଡିବା ବେଳେ ଖେଳାଳିଙ୍କୁ ଲାଗୁଛି ଯେମିତି ପ୍ରଶାସନ ସେମାନଙ୍କ ଉପରେ ରୋଲର ଚଳାଇ ଦେଉଛି। ସେହିଭଳି ଗାତ ଖୋଳିବା ବେଳେ ଛାତିରୁ ରକ୍ତ ବହି ଯାଉଛି ବୋଲି ସେମାନଙ୍କ ଅନୁଭୂତି ହେଉଛି। ଯେଉଁ ପଡିଆରେ ସେମାନେ ଅଭ୍ୟାସ କରନ୍ତି ଆଜି ସେମାନଙ୍କ ଆଖି ଆଗରେ ସରକାର ଓ ପ୍ରଶାସନ ପଡିଆକୁ ବିଦାରି ଦେଉଛି। ଏଠାରେ କେବଳ ଖେଳକୁଦ ବ୍ୟତୀତ ଆଉ କିଛି କାର୍ଯ୍ୟକ୍ରମ ନ କରିବାକୁ ଦିନେ ନିଷ୍ପତ୍ତି ହୋଇଥିଲା। ହେଲେ ସେ ନିୟମକୁ ଆଜି ପ୍ରଶାସନ ଦଳି ଦେଉଥିବା ଏମାନେ ଅଭିଯୋଗ କରିଛନ୍ତି।

ବିଜେଡି ପ୍ରଶାସନକୁ ନଚାଉଛି। ପିଏଚଡି ପଡିଆରେ ଏହି ସମାବେଶ ହୋଇ ପାରିଥାନ୍ତା। ହେଲେ ଭିଏସ୍ଏସ୍ ଷ୍ଟାଡିୟମକୁ ଏଥିପାଇଁ ବ୍ୟବହାର କରିବା ଆଦୌ ଠିକ୍ ହୋଇନି। ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ସହ ବିଭିନ୍ନ ସରକାରୀ ଓ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଷ୍ଟାଡିୟମକୁ ବ୍ୟବହାର କରିବାକୁ ଅନୁମତି ମିଳି ନ ଥାଏ। ହେଲେ ଏବେ କାହା ଚାପ ଓ କାହା ସ୍ୱାର୍ଥ ପାଇଁ ଏତେ ବଡ ଆୟୋଜନ କରାଯାଉଛି । ଗାତ ଖୋଳି ଟେଣ୍ଟ ଲଗା ଯାଉଛି। ଟେଣ୍ଟ ସାମଗ୍ରୀ ନେବା ଆଣିବାରେ ଭାରିଯାନ ବ୍ୟବହାର କରାଯାଉଛି । ଫଳରେ ପଡିଆ ମାଟି ଦବି ଯାଇ ଘାସ ନଷ୍ଟ ହେଉଛି । ୧୯୮୪ ମସିହାରେ ଷ୍ଟାଡିୟମ କାମ ଚାଲିଥିବା ସମୟରେ ଏକ ସଭା ହୋଇଥିଲା । ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଏକ ସର୍ବସାଧାରଣ ବୈଠକ ବସିଥିଲା। ଏଠାରେ କୌଣସି ପ୍ରକାର ସଭା ସମିତି ନ କରିବା ପାଇଁ ଅନୁମୋଦନ ହୋଇଥିଲା। ହେଲେ ଏବେ ପ୍ରାୟ ୩୫ ବର୍ଷ ପରେ ଏହି ରେକର୍ଡକୁ ଭାଙ୍ଗି ଦିଆଯାଇଛି । ସମସ୍ତ ନିୟମକୁ ଭାଙ୍ଗି ବିଜୁ ଯୁବ ସମାବେଶ ଆୟୋଜନ କରାଯାଉଛି । ଅନ୍ୟପକ୍ଷେ ଏହି କାର୍ଯ୍ୟକ୍ରମ ପାଇଁ ଜିଲାସ୍ତରୀୟ ଫୁଟବଲ ଟୁର୍ନମେଣ୍ଟକୁ ଅଧାରୁ ବନ୍ଦ କରି ଦିଆଯାଇଛି ବୋଲି କ୍ରୀଡ଼ାପ୍ରେମୀ ଓ ଖେଳାଳି ଅଭିଯୋଗ କରି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପଇଛି। ପ୍ରଶାସନ ଓ ସ୍ଥାନୀୟ ବିଜେଡି ନେତା କିନ୍ତୁ ଏମାନଙ୍କ ଭାବାବେଗକୁ ବୁଝିବାରୁ ନାରାଜ। ଏଣୁ ସମାବେଶ ଦିନ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିରୋଧ ପ୍ରଦର୍ଶନ କରାଯିବାର ଆଶଙ୍କା ରହୁଛି। ଏବେ ବି ସମୟ ଅଛି ଏହି ନିଷ୍ପତ୍ତିର ପୁନର୍ବିଚାର କରି ପିଏଚଡି ପଡିଆରେ ସମାବେଶ ଆୟୋଜନ କରିହେବ। ନ ହେଲେ ସମାବେଶ ବେଳେ ଯଦି କିଛି ଅପ୍ରୀତିକର ଘଟଣା ଘଟେ ତେବେ ପ୍ରଶାସନକୁ ହିଁ ବଦନାମ ହେବାକୁ ପଡିବ। ସୂଚନାଯୋଗ୍ୟ, ଏହି ବିଜୁ ଯୁବ ବାହିନୀ ସମାବେଶରେ ସମ୍ବଲପୁର ସମେତ ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ଦେବଗଡ, ଅନଗୋଳ ଜିଲାର ୩୫ ହଜାରରୁ ଅଧିକ ଯୁବକ ସାମିଲ ହେବେ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କୁ ନେଇ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସ୍ଥାନୀୟ କଳାକାରମାନଙ୍କୁ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରହିଛି । ଏ ସମ୍ପର୍କରେ ଜିଲା କ୍ରିଡା ଅଧିକାରୀ ଉପେନ୍ଦ୍ର ଶତପଥୀଙ୍କୁ ପଚାରିବାରୁ ଏହାର ଉତ୍ତର ଜିଲାପାଳ ଦେଇ ପାରିବେ ବୋଲି କହିଥିଲେ।


ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବିଜୁ ଯୁବସମାବେଶ ପାଇଁ ଟେଣ୍ଟ ତିଆରି ଚାଲିଥିବା ସହ ମିନିଟ୍ରକ୍ ଗଡୁଛି ।

**୧ରେ ବିଜୁ ଯୁବ ସମାବେଶ**

- ନିୟମ ଦଳିଦେଲା ଜିଲା ପ୍ରଶାସନ
- ଭିଏସ୍ଏସ୍ ଷ୍ଟାଡିୟମ ଖିନଭିନ୍
- ଖେଳାଳି, କ୍ରୀଡାବିତ୍ ଅସନ୍ତୁଷ୍ଟ
- ପିଏଚଡି ପଡିଆ ବିକଳ୍ପ ରହିଛି
- ଫୁଟବଲ ଟୁର୍ନାମେଣ୍ଟ ବନ୍ଦ

**ସେମାନଙ୍କ ମୁହଁରୁ...**


"ଏହା କ୍ରୀଡା ପ୍ରେମିଙ୍କ ପାଇଁ ଦୁଃଖଦ ଘଟଣା। ସମ୍ବଲପୁରରେ ପିଏଚଡି ପଡିଆ ବିକଳ୍ପ ରହିଛି। ତେଣୁ ଷ୍ଟାଡିୟମକୁ ବ୍ୟବହାର କରିବା ଅନୁଚିତ। ଏଥିରେ ପଡିଆ ନଷ୍ଟ ହେବ।
–ବିଶ୍ୱମ୍ଭର ବହିଦାର, ଆଜୀବନ ସଦସ୍ୟ, ଜିଲା କ୍ରୀଡା ସଂଘ ।


"ସରକାରୀ କାର୍ଯ୍ୟକ୍ରମ ନାମରେ କ୍ଷମତାର ଅପବ୍ୟବହାର କରାଯାଉଛି । ଷ୍ଟାଡିୟମ ନିର୍ମାଣ କାମରେ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ହେଲେ ରାଜ୍ୟ ଓ ଜିଲା ପ୍ରଶାସନ ଜାଣି ଶୁଣି ପଡିଆକୁ ନଷ୍ଟ କରିଦେବାକୁ ଏହି କାର୍ଯ୍ୟକ୍ରମ କରୁଛନ୍ତି ।
–ସତ୍ୟନାରାୟଣ ପଣ୍ଡା, ଆଇନଜୀବୀ।


"ବିଜୁ ଯୁବ ସମାବେଶ କାର୍ଯ୍ୟକ୍ରମକୁ ନେଇ ପ୍ରଥମେ ପିଡି ଅନୁମତି ମାଗିଥିଲେ । ମନା କରିଦେବାରୁ ପରେ ଜିଲାପାଳ ସମର୍ଥ ବର୍ମା ଚିଠି ଦେଇଥିଲେ । ଏହା ସରକାରୀ କାର୍ଯ୍ୟକ୍ରମ ବୋଲି କହିଥିଲେ।
–ଦୁଲାଲାଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ, ଜିଲା କ୍ରାଡା ସଂଘ ।


"ଷ୍ଟାଡିୟମରେ ବିଜୁ ଯୁବ ସମାବେଶକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଉଛି। ସରକାରୀ କାର୍ଯ୍ୟକ୍ରମ ନାମରେ ଟଙ୍କା ଖର୍ଚ୍ଚ କରି ଦଳୀୟ ପ୍ରଚାର ପ୍ରସାର କରାଯାଉଛି।
–ଆଶ୍ୱିନୀ ଗୁରୁ, ଜିଲା କଂଗ୍ରେସ ସଭାପତି ।

# ବିଜେଡି ଅମଳରେ ବେରୋଜଗାର ବଢିଛି



ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଦେବଗଡ,୨୮।୧(ସ୍ୱ.ପ୍ର.)

ରାଜ୍ୟ ତଥା ଜିଲାରେ ଦେଖା ଦେଇଥିବା ବେରୋଜଗାର ସମସ୍ୟାର ପ୍ରତିକାର ପ୍ରତିବାଦରେ ସୋମବାର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି ବାହାରି ଥିଲା। ନବୀନ ପଟ୍ଟନାୟକଙ୍କ ଶାସନ ଅମଳରେ ରାଜ୍ୟରେ ବେରୋଜଗାର ସମସ୍ୟା ବଢି ଚାଲିଛି । ଯୁବତୀ ଯୁବକ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ନିଯୁକ୍ତିର ସୁଯୋଗ ମିଳୁନାହିଁ ବୋଲି ଭାଜପା ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। ଆଲୋକ ମିଶ୍ର, ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଭାରତ ଭୂଷଣ ପ୍ରଧାନ, ମିନକେତନ ପ୍ରଧାନ, ସଚ୍ଚିକାନ୍ତ ଦାଶ, ପ୍ରଭାସ ମିଶ୍ର, ରଞ୍ଜନ ବେହେରା, ଦୟାଶଙ୍କର ଦ୍ୱିବେଦୀ, ତପନ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ହଳଧରଙ୍କ ସମେତ ୩ ପାଇଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ଭାଷା ପୁରସ୍କାର

ଭୁବନେଶ୍ୱର,(ବ୍ୟୁରୋ)୨୮।୧



ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନଠାରେ ୨୦୧୭–୧୮ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଭାଷା ପୁରସ୍କାର ସୋମବାର ପ୍ରଦାନ କରାଯାଇଛି। ଏହି ଅବସରରେ ଓଡ଼ିଶାର ୩ଜଣ ଖ୍ୟାତନାମା ସାହିତ୍ୟିକ ଏବଂ କବି ଏହି ସମ୍ମାନ ଗ୍ରହଣ କରିଛନ୍ତି। କବି ହଳଧର ନାଗ, ସାହିତ୍ୟିକ ପ୍ରଫେସର ଗଗନେନ୍ଦ୍ର ନାଥ ଦାସ ଏବଂ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ଲାଗି ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। କବି ହଳଧର ନାଗ ଏବଂ ଡ. ପ୍ରଫୁଲ୍ଲ ତ୍ରିପାଠୀ ୨୦୧୭ ମସିହା ପାଇଁ କୋଶଳୀ ଏବଂ ସମ୍ବଲପୁରୀ ଭାଷାରେ ଏକାଡେମୀ ଭାଷା ପୁରସ୍କାର ପାଇଥିବା ବେଳେ ୨୦୧୮ ମସିହା ପାଇଁ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରଫେସର ଗଗନେନ୍ଦ୍ର ନାଥ ଦାସ ଏହି ପୁରସ୍କାର ପାଇଛନ୍ତି। ତେବେ ଅସୁସ୍ଥତା ଯୋଗୁ ପ୍ରଫେସର ଦାସ ଯାଇପାରି ନ ଥିବାରୁ ତାଙ୍କ ପାଇଁ ପୁଅ ତପନ କୁମାର ଦାସ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଛି। ମଙ୍ଗଳବାର ଜଣାଶୁଣା ସାହିତ୍ୟ ସମୀକ୍ଷକ ତଥା ଶିକ୍ଷାବିତ୍ ପ୍ରଫେସର ଦାଶରଥି ଦାସ ୨୦୧୮ ମସିହା ଲାଗି ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ।

# ଜିଲାପାଳଙ୍କ ଆବାସିକ ଅଫିସ ସମ୍ମୁଖରେ ବିକ୍ଷୋଭ

ସମ୍ବଲପୁର, ୨୮।୧ (ବ୍ୟୁରୋ)

ସମ୍ବଲପୁର ଜିଲା ଶିଳ୍ପ କରିଡର୍ ଭାବେ ରାଜ୍ୟରେ ପରିଚୟ ସୃଷ୍ଟି କରିଛି । ସମ୍ବଲପୁର– ଝାରସୁଗୁଡା ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟ, ବଡ କାରଖାନା ଗଢ଼ି ଉଠିଛି । ହେଲେ ସ୍ଥାନୀୟ ଶିକ୍ଷିତ ଯୁବକଙ୍କୁ ନିଯୁକ୍ତି ମିଳୁନାହିଁ । କିନ୍ତୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି । ବାସ୍ତବିକ ଶିଳ୍ପ କାରଖାନାରେ ଜମିହରା ଯୁବକମାନେ ବେକାର ହୋଇଛନ୍ତି। ତେଣୁ ସ୍ଥାନୀୟ ନିଯୁକ୍ତି ଦାବିରେ ସମ୍ବଲପୁର ଭାରତୀୟ ଜନତା ପାର୍ଟି ଜିଲା ଯୁବ ମୋର୍ଚ୍ଚା କର୍ମୀ ସୋମବାର ଅପରାହ୍ନ ୧ଟାରେ ଜିଲାପାଳଙ୍କ ଆବାସିକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ସମୟରେ ଭାଜପା ଯୁବ ମୋର୍ଚ୍ଚା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଏପରିକି ଆନ୍ଦୋଳନାକରୀମାନେ ବ୍ୟାରିକେଟ୍ ଭାଙ୍ଗି ତଳେ ପକାଇ ଦେଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲା। ଅପରାହ୍ନ ସାଢ଼େ ୪ଟାରେ ବ୍ୟକ୍ତିଗତ ମୁଚାଲାରେ ୧୨୦ ଜଣ ଆନ୍ଦୋଳନକାରୀଙ୍କୁ ଛାଡି ଦିଆଯାଇଛି । ଜେଲ ଛକଠାରୁ ଶତାଧିକ ଭାଜପା ଯୁବ କର୍ମୀ ରାଲିରେ ବାହାରି ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ଜିଲା ସଭାପତି ରିକନ ପଟ୍ଟନାୟକଙ୍କ ପରିଚାଳନାରେ ଆନ୍ଦୋଳନ ହୋଇଥିଲା । ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରି ସଦସ୍ୟ ପିଙ୍କୁ ପାଣି ଓ ଅଶ୍ୱିନୀ ମାଝୀ ଯୋଗ ଦେଇଥିଲେ । ସେହିପରି ବିଜୟ ଅଗ୍ରୱାଲ, ସୁରେନ୍ଦ୍ର ପ୍ରଧାନ, ବିଶ୍ୱଜିତ ବାଗ, ଉତ୍ତମ ବିଶ୍ୱାଳ, ଅମିତ ବହିଦାର, ପ୍ରଭୁଦତ୍ତ ପଣ୍ଡା, ରିକି ବେହେରା, ବିକାଶ ଭୋଇ, ରାହୁଲ ମୋଦକ, ରାକେଶ ରାଉତ, ସ୍ୱାଗତ ପାଢ଼ୀ, ଅନିଲ ପୃଷ୍ଟି, ଅବିନାଶ ତିୱାରୀ, ଶୁଭମ ପୁରୋହିତ, ମାନରଞ୍ଜନ ଥାପା, ଶେଖର ଅଗ୍ରୱାଲ, ହରିହର ପଣ୍ଡା, ସୌମିତ୍ର ଜତି, ସୁଦୀପ୍ତ ପରିଡା, ଦେବାଶିଷ ବେହେରା, ରାଜେଶ ସ୍ୱାଇଁ, ଭରତ ସାହୁ, ଧ୍ରୁବଚରଣ ବେହେର, ପିଣ୍ଟୁ ମହତ ପ୍ରମୁଖ ଆନ୍ଦୋଳନେର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ମଧ ଯୁବ ମୋର୍ଚ୍ଚା କର୍ମୀମାନେ ଜିଲାପାଳଙ୍କ ଅଫିସ, ଜିଲା ନିୟୋଜନ ଅଫିସ ଘେରାଉ କରିଥିଲେ । ଏପରିକି ବେକାରୀ ଯୁବକଙ୍କ ତାଲିକା ମଧ୍ୟ ପ୍ରସ୍ତୁତି କରି ପ୍ରଦାନ କରିଥିଲେ । ହେଲେ ଏ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ।

- ବେକାରଙ୍କ ପାଇଁ ଭାଜପାର ଗର୍ଜନ
- ସ୍ଥାନୀୟ ନିଯୁକ୍ତି ଦାବି, ପୋଲିସ ସହ ଧସ୍ତାଧସ୍ତି
- ୧୨୦ ଜଣ ଆନ୍ଦୋଳନକାରୀ ଗିରଫ ହେଲେ
- ବ୍ୟକ୍ତିଗତ ମୁଚାଲିକାରେ ପରେ ଛାଡିଲା ପୋଲିସ


ସୋମବାର ସମ୍ବଲପୁର ଜିଲାପାଳଙ୍କ ଆବାସିକ ଅଫିସ ସମ୍ମୁଖରେ ଭାଜପା ଯୁବ ମୋର୍ଚ୍ଚା ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ଚାଲିଛି ।

### ବିଜେଡି କର୍ମୀ ସମ୍ମିଳନୀ

ନାକଟିଦେଉଳ,୨୮।୧(ଡି.ଏନ.ଏ.)
ବାଟଗାଁ ଏବଂ ଜାମୁଯୋରୀ ପଞ୍ଚାୟତର ବିଭିନ୍ନ ସ୍ଥାନରେ ସୋମବାର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମଳନୀ ଅନୁଷ୍ଠିତ ହୋଇଯାଇଛି । ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ ଉପରେ ଆଲୋକପାତ କରଥିଲେ। ଯୋଜନାର ପ୍ରକୃତ ସୁଫଳ ଯେପରି ସାଧାରଣ ହିତାଧିକାରୀ ପାଇପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏବେଠାରୁ ପ୍ରସ୍ତୁତ କରିବା ସହ ତୃଣମୁଳ ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅପର ପକ୍ଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡ଼ିକର ସଫଳତାର ବାର୍ତ୍ତା ଏବଂ କେନ୍ଦ୍ରସରକାରଙ୍କ ବିଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଅନାଦି ଚରଣ ସାହୁ, ରାଜକିଶୋର ପ୍ରଧାନ, ରାମପ୍ରସାଦ ସାହୁ, କୁଞ୍ଜବିହାରୀ ନନ୍ଦ, ବାଲ୍ମିକ କିସାନ, ବାଟଗାଁ ସରପଞ୍ଚ ବେଦମତୀ କିସାନ, ଜାମୁଯୋରୀ ସମିତି ସଭ୍ୟ ସାଗର କୁମାର ସାହୁ, ସୁନୀଲ ମାଝୀ, ବିପିନ ବିଶ୍ୱାଳ, ଶ୍ରୀପତି ଗଡ଼ନାୟକ, ହରିହର ପ୍ରଧାନ, ଦୁର୍ଯୋଧନ ପ୍ରଧାନ, ପ୍ରଫୁଲ୍ଲ ମାଝି, ମେଘନାଦ ବେହେରା, ଅରୁଣ ସାହୁ, ପ୍ରଭାକର ନାଏକ, ରଞ୍ଜୁ ଦେହୁରୀ, କୌଶିକ ଦେହୁରୀ, ଅରକ୍ଷିତ ସାହୁ, ରାମଚନ୍ଦ୍ର ଧଳ, ନବ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥଲେ।



ଶରୀରଟି କାମନା ଦ୍ୱାରା ନିଜ କଥା କହିଲା ଭଳି, ଆତ୍ମା ତା' କଥା କହେ ବିବେକ ଜରିଆରେ।

- ଋଷୋ।

## ସଂକ୍ଷେପରେ

### କାଳିଆ ଯୋଜନା: ପ୍ରକାଶ ପାଇଲା ଦ୍ୱିତୀୟ ପର୍ଯ୍ୟାୟ ତାଲିକା

**ଭୁବନେଶ୍ୱର,୨୮।୧(ବ୍ୟୁରୋ)-** କାଳିଆ ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ ତାଲିକା ଚଳିତ ମାସ ୨୫ରୁ ପ୍ରକାଶ ପାଇଛି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କର ଦ୍ୱିତୀୟ ପର୍ଯ୍ୟାୟ ତାଲିକା ଓ ଭୂମିହୀନ କୃଷକଙ୍କ ପ୍ରଥମ ପର୍ଯ୍ୟାୟ ଚିଠା ପ୍ରକାଶ ପାଇଛି। ଏହି ତାଲିକାଗୁଡିକ ବର୍ତ୍ତମାନ ରାଜ୍ୟର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ କୃଷି ସମବାୟ ସମିତି ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଉପଲବ୍ଧ ହେଉଛି। ଏହା ଆସନ୍ତା ଫେବୃୟାରୀ ୩ ପର୍ଯ୍ୟନ୍ତ ସେହି ସ୍ଥାନଗୁଡିକରେ ଉପଲବ୍ଧ ହେବ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସବୁଜ ଫର୍ମରେ ଆବେଦନ କରିଥିବା ବ୍ୟକ୍ତିଙ୍କର ତାଲିକା 'କ'ରେ ଉପଲବ୍ଧ ହେବ। ହେଲେ ଯେଉଁ ହିତାଧିକାରୀଙ୍କ ନାଁ, ପିତାଙ୍କ ନାଁ, ଆଧାର ନମ୍ବର , ସମ୍ପୂର୍ଣ୍ଣ ଠିକଣା ଏବଂ ବ୍ୟାଙ୍କ୍ ଜମାଖାତାର ବିବରଣୀ ନ ଥିବ, ସେମାନଙ୍କୁ ତାଲିକା 'ଖ'ରେ ରଖାଯିବ। ସେହି ତାଲିକାରେ ଥିବା ହିତାଧିକାରୀ ସମ୍ପୂର୍ଣ୍ଣ କାଗଜ ପତ୍ର ପ୍ରଦାନ କରି ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସବୁଜ ବାକ୍ସରେ ଆସନ୍ତା ୩ ତାରିଖ ମଧ୍ୟରେ ପକାଇବେ। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ନାଁ ଦ୍ୱିତୀୟ ପର୍ଯ୍ୟାୟରୁ ବାଦ୍ ଦେବା ଅଥବା କୌଣସି ଅଭିଯୋଗ କରିବାକୁ ହେଲେ ନାଲି ଫର୍ମ ପୂରଣ କରି ପଞ୍ଚାୟତ ଅଫିସରେ ପକାଇବାକୁ ପଡିବ ବୋଲି କୁହାଯାଇଛି। ପ୍ରକାଶ ଯେ, ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଚାକିରି କରୁଥିବା ବ୍ୟକ୍ତି, ପେନ୍‌ସନ୍ ଭୋଗୀ, ଅବସରପ୍ରାପ୍ତ କର୍ମଚାରୀ, କରଦାତା, ବଡ ଚାଷୀ ଏବଂ ଗୋଟିଏ ପରିବାରର ଏକାଧିକ ଚାଷୀଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ଏଯାବତ୍ ପ୍ରାୟ ୭.୦୭ ଲକ୍ଷ ଚାଷୀ କାଳିଆ ଯୋଜନା ପାଇଁ ଥିବା ସୂଚନା ପ୍ରଦାନ କାର୍ଯ୍ୟକ୍ରମରେ ଯୋଡି ହୋଇ ସାରିଲେଣି। କାଳିଆ ଯୋଜନା ବିଷୟରେ ଅବଗତ କରିବା ପାଇଁ ୯୫ ଲକ୍ଷ ୧୧ ହଜାର ଚାଷୀଙ୍କୁ ବାର୍ତ୍ତା ପ୍ରେରଣ କରାଯାଇଛି। ସେହିପରି କାଳିଆ ଯୋଜନା ପାଇଁ ଉଦ୍ଦିଷ୍ଟ ୱେବସାଇଟ୍‌କୁ ୮୬ ଲକ୍ଷ ୫୯ ହଜାର ବ୍ୟକ୍ତିବିଶେଷ ବ୍ୟବହାର କରିସାରିଲେଣି।

### କାର୍-ବାଇକ୍ ଧକ୍କାରେ ଜଣେ ମୃତ

**ସମ୍ବଲପୁର,୨୮।୧(ବ୍ୟୁରୋ)-** ସମ୍ବଲପୁର ସଦର ଥାନା କବରାପାଲି ଗ୍ରାମ ନିକଟରେ ସୋମବାର କାର-ବାଇକ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି । ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି । ଏ ଦୁହିଁଙ୍କ ପରିଚୟ ମିଳି ପାରି ନାହିଁ ବୋଲି ପୋଲିସ କହିଛି। ପୋଲିସ କାର ଓ ବାଇକୁ ଜବତ କରିଛି । ସୂଚନାଯୋଗ୍ୟ ଯେ, କାର (ନଂ ଓଆର-୦୨-ଏଏସ-୦୧୦୭) ସମ୍ବଲପୁର ପଟକୁ ଆସୁଥିଲା। ଅନ୍ୟପଟେ ବିପରୀତ ଦିଗରୁ ବାଇକ (ନଂ ଓଡି-୨୩ ଇ ୬୯୯୪) ଯାଉଥିଲା। ହେଲେ କବରାପାଲି ଛକରେ ଉଭୟ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରୁ ଏକ ଅଟୋ ସାହାଯ୍ୟରେ ଆହତମାନଙ୍କୁ ପ୍ରଥମେ ଏକ ଘରୋଇ ମେଡିକାଲ ଓ ପରେ ବୁର୍ଲା ନିଆଯାଇଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ଜଣଙ୍କ ମୃତ୍ୟୁ ଘଟିଛି।

### ପିକଅପ୍ ଭ୍ୟାନ୍ ଚୋରି ଅଭିଯୋଗ

**ଧମା ୨୮।୧(ଡି.ଏନ.ଏ.)-** ସମ୍ବଲପୁର ଜିଲା ଧମା ଥାନାରୁ ପ୍ରାୟ ୩ ଶହ ମିଟର ଦୂରରୁ ଥିବା ଏକ ପିକଅପ ଭ୍ୟାନ୍ ରବିବାର ରାତିରେ ଚୋରି ହୋଇଛି । ଏ ନେଇ ଗାଡି ମାଲିକ ମଦନ ଲାଲା ଅଗ୍ରୱାଲ ଥାନାରେ ଅଭିଯୋଗ କରିଛନ୍ତି । ଗାଡି (ଓଆର ୧୫-ଏସ-୩୧୦୩)ଟି ତାଙ୍କ ଘର ସମ୍ମୁଖରେ ରହିଥିଲା। ରାତିରେ କେହି ଚୋରି କରି ନେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

■ କାର୍ଯ୍ୟକାରୀ ହେଲାନି ହାଇକୋର୍ଟଙ୍କ ଜଳାଶୟ ଆଦେଶ

# ପୁନରୁଦ୍ଧାର ବଦଳରେ ବିକ୍ରି ମସୁଧା

■ ସିଏମ୍‌ସି, ତହସିଲ୍ କର୍ମଚାରୀ ସାମିଲ୍ ଥିବା ଅଭିଯୋଗ
■ କିସମ ପରିବର୍ତ୍ତନକୁ ଅସ୍ୱୀକାର କଲେ ସିଏମ୍‌ସି କମିଶନର
■ ୮ ବର୍ଷ ହେଲା ଟେଣ୍ଡରରେ ଅଟକିଛି ଯୋଜନା

**କଟକ ଅଫିସ, ୨୮।୧**

କଟକ ସହରରେ ଥିବା ଜଳାଶୟଗୁଡ଼ିକ କ୍ରମଶଃ ପୋତି ହେବାରେ ଲାଗିଛି। ଫଳରେ ୱାଟର ରିଚାର୍ଜ ସ୍ୱାଭାବିକ ହୋଇପାରୁ ନ ଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଅନ୍ୟପକ୍ଷରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ୨୦୦୪ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ହାଇକୋର୍ଟ ୨୦୧୦ରେ କଟକ ମହାନଗର ନିଗମ (ସିଏମ୍‌ସି)କୁ ପଦକ୍ଷେପ ଗ୍ରହଣ ପାଇଁ ଆଦେଶ ଦେଇଥିଲେ। ତଦନୁଯାୟୀ ସିଏମ୍‌ସି ସହରର ୮ ପୋଖରୀର ପୁନରୁଦ୍ଧାର ପାଇଁ ବ୍ୟବସ୍ଥା କରିଥିଲା। ଏଥିମଧ୍ୟରେ ରହିଥିବା କେତେକ ଘରୋଇ ପୋଖରୀକୁ ଅଧିଗ୍ରହଣ କରି ସେଗୁଡିକର ପୁନରୁଦ୍ଧାର ପାଇଁ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ତେଣୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୋଖରୀ ପୁନରୁଦ୍ଧାର ଓ ଅଧିଗ୍ରହଣ ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଥିଲା। ଇତିମଧ୍ୟରେ ୮ ବର୍ଷ ବିତି ଯାଇଥିଲେ ମଧ୍ୟ ଗୋଟିଏ ହେଲେ ପୋଖରୀର ପୁନରୁଦ୍ଧାର କରାଯାଇନାହିଁ କି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଏପରିସ୍ଥଳେ କେତେକ ଜଳାଶୟର କିସମ ପରିବର୍ତ୍ତନ କରାଯାଇ ବିକ୍ରି ପାଇଁ ମସୁଧା ଚାଲିଛି। ସହରର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ମିଳିମିଶି ଷଡ଼ଯନ୍ତ୍ର କରୁଥିବା ବିଶ୍ୱସ୍ତସୂତ୍ରରୁ ଜଣାପଡିଛି। ସୂଚନାଥାଉକି, ପୁନରୁଦ୍ଧାର ପାଇଁ ସହରର ଶିଶୁଭବନ ପୋଖରୀ, କନିକା ପୋଖରୀ, କାଳୀୟଦଳନ ପୋଖରୀ, ରାଷ୍ଟ୍ରଭାଷା ପୋଖରୀ, ସିଦ୍ଧେଶ୍ୱରସାହି ପୋଖରୀ, ପେଟିନସାହି ପୋଖରୀ, ଲାଲାମଠ ପୋଖରୀ, ଲକ୍ଷ୍ମୀନାରାୟଣ ପୋଖରୀ, ନୀଳକଣ୍ଠେଶ୍ୱର ମନ୍ଦିର ପୋଖରୀ, ଗହ୍ମଡିଆ ପୋଖରୀ ଓ ବେଲେଶ୍ୱର ମନ୍ଦିର ପୋଖରୀକୁ ସିଏମ୍‌ସି ଚିହ୍ନଟ କରିଥିଲା। ସେଥିମଧ୍ୟରୁ ଶିଶୁଭବନ ପୋଖରୀଟି ସରକାରଙ୍କ ଅଧୀନରେ ଥିବାବେଳେ ବାକି ସମସ୍ତ ପୋଖରୀ ଘରୋଇ ବ୍ୟକ୍ତିବିଶେଷଙ୍କ ଦଖଲରେ ଥିଲା। ଶିଶୁଭବନ ପୋଖରୀର ପୁନରୁଦ୍ଧାର ପାଇଁ ୩୦ ଲକ୍ଷ ଟଙ୍କା ଓ କାଳୀୟଦଳନ ପୋଖରୀ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ପୋଖରୀ ଦୁଇଟିକୁ ପ୍ରଥମେ ଅଧିଗ୍ରହଣ କରି ପୁନରୁଦ୍ଧାର କାର୍ଯ୍ୟ କରିବାକୁ ସିଏମ୍‌ସି ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ବାକି ପୋଖରୀଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ସରକାରୀ ଘରୋଇ ସହଭାଗିତା (ପିପିପି ମୋଡ୍)ରେ କରିବା ପାଇଁ ଏମ୍‌ଓୟୁ ହୋଇଥିଲା। ଏହି ଅନୁଯାୟୀ, ରାଷ୍ଟ୍ରଭାଷା ପୋଖରୀ ପାଇଁ ୧୧ ଲକ୍ଷ, ସିଦ୍ଧେଶ୍ୱର ସାହି ପାଇଁ ୧୦ ଲକ୍ଷ, ପେଟିନ ସାହି ପାଇଁ ୧୦ ଲକ୍ଷ, ଲାଲମଠ ପାଇଁ ୧୯ ଲକ୍ଷ, ଲକ୍ଷ୍ମୀନାରାୟଣ ପୋଖରୀ ପାଇଁ ୧୧ ଲକ୍ଷ, ନୀଳକଣ୍ଠେଶ୍ୱର ପୋଖରୀ ପାଇଁ ୨୧ ଲକ୍ଷ, ଗହ୍ମଡିଆ ପାଇଁ ୧୭ ଲକ୍ଷ ଓ ବେଲେଶ୍ୱର ମନ୍ଦିର ପୋଖରୀ ପାଇଁ ୨୧ ଲକ୍ଷ ଟଙ୍କାକୁ ମିଶାଇ ମୋଟ ୫ କୋଟି ଟଙ୍କା ନଗର ଉନ୍ନୟନ ବିଭାଗ ମଞ୍ଜୁର କରିଥିଲା। ହେଲେ ପୋଖରୀ ଅଧିଗ୍ରହଣ ଓ ପୁନରୁଦ୍ଧାର କାର୍ଯ୍ୟରେ ବିଳମ୍ବ ହେବାରୁ କେତେକ ପୋଖରୀକୁ ପୋତାଯାଇ ତାହାର କିସମକୁ ଘରବାଡ଼ିକୁ ପରିବର୍ତ୍ତନ କରି ବିକ୍ରି କରାଯାଇଥିବା ଘଟଣା ଏବେ ପଦାକୁ ଆସିଛି। ଏଭଳି କାର୍ଯ୍ୟରେ ସିଏମ୍‌ସି ଓ ତହସିଲର କର୍ମଚାରୀମାନେ ସାମିଲ ରହିଥିବା ଅଭିଯୋଗ ଉଠୁଛି। ଏ ସମ୍ପର୍କରେ ସିଏମ୍‌ସି କମିଶନର ଶରତ ନାୟକ କୁହନ୍ତି, କେତେକ ପୋଖରୀ ପାଇଁ ଟେଣ୍ଡର କାର୍ଯ୍ୟ ଶେଷ ହୋଇଛି। ତେବେ ବର୍ତ୍ତମାନ ଏହି କାର୍ଯ୍ୟ କେତେଦୂର ଆଗେଇଛି ସେ ସମ୍ପର୍କରେ ତର୍ଜମା କରାଯିବ ବୋଲି ସେ କହିଛନ୍ତି। ଦୀର୍ଘଦିନ ଧରି ହାଇକୋର୍ଟଙ୍କ ଆଦେଶ ଓ ଟଙ୍କା ଆସିଥିଲେ ମଧ୍ୟ କ'ଣ ପାଇଁ ଏହି କାର୍ଯ୍ୟ ସମ୍ପନ୍ନ କରାଯାଇ ନାହିଁ ପ୍ରଶ୍ନରେ କମିଶନର କୌଣସି ଉତ୍ତର ଦେଇ ନ ଥିଲେ। କିନ୍ତୁ ପୋଖରୀର କିସମ ପରିବର୍ତ୍ତନ କଥାକୁ ସେ ଅସ୍ୱୀକାର କରିଥିଲେ।

## ସିମରନଙ୍କ ପୁରୁଷ ବନ୍ଧୁଙ୍କୁ ଆଜି ବୁର୍ଲା ପୋଲିସ ରିମାଣ୍ଡରେ ନେବ

### ଅନୁମତି ଦେଲେ ଏସ୍‌ଡିଜେଏମ କୋର୍ଟ

**ସମ୍ବଲପୁର,୨୮।୧(ବ୍ୟୁରୋ)–** ସମ୍ବଲପୁରୀ ଆଲବମ ଅଭିନେତ୍ରୀ ତଥା ସେଲଫି ବେବୋ ଭାବେ ଜଣାଶୁଣା ସିମ୍ରନ ମୋର୍ଯ୍ୟଙ୍କ ସନ୍ଦେହପୂର୍ଣ୍ଣ ମୃତ୍ୟୁ ଘଟଣାର ରହସ୍ୟ ଖୋଲିପାରିନି। ଏହା ହତ୍ୟା ନା ଆତ୍ମହତ୍ୟା ତହାର ପରଦା ଉଠିନାହିଁ। ସିମ୍ରନଙ୍କ ମୃତ୍ୟୁ ପରେ କିନ୍ତୁ ତାଙ୍କ ପୁରୁଷ ବନ୍ଧୁ ଧ୍ରୁବରାଜ ସୁନା ପୋଲିସର ତଦନ୍ତ ଜାଲରେ ଛନ୍ଦି ହୋଇ ପଡିଛନ୍ତି। ବୁର୍ଲା ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି । ଧ୍ରୁବରାଜଙ୍କୁ ଅଧିକ ପଚରାଉଚୁରା ପାଇଁ ସମ୍ବଲପୁର ଏସ୍‌ଡିଜେଏମ କୋର୍ଟ ସୋମବାର ୨ ଦିନ ରିମାଣ୍ଡରେ ନେବାକୁ ବୁର୍ଲା ପୋଲିସକୁ ଅନୁମତି ଦେଇଛନ୍ତି । ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବୁର୍ଲା ଥାନା ପୋଲିସ ସମ୍ବଲପୁର ମଣ୍ଡଳ କାରାଗାରରୁ ତାଙ୍କୁ ନିଜ ହିପାଜତରେ ନେବ। ପଚରା ଉଚୁରା କଲା ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବୁର୍ଲା ଥାନା ଅଧିକାରୀ ମାନସ ରଞ୍ଜନ ପ୍ରଧାନ କହିଛନ୍ତି। ଧ୍ରୁବରାଜଙ୍କୁ ରିମାଣ୍ଡରେ ନେବା ଲାଗି ବୁର୍ଲା ପୋଲିସ ସମ୍ବଲପୁର ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଥିଲା । ସମ୍ବଲପୁର ଏସ୍‌ଡିଜେଏମ କୋର୍ଟ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି।

## ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର



**ଭୁବନେଶ୍ୱର,୨୮।୧(ବ୍ୟୁରୋ)–** ୨୦୧୮ ମସିହା ନିମନ୍ତେ ଘୋଷଣା ହୋଇଛି କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର। ଓଡ଼ିଆ ଭାଷା କ୍ଷେତ୍ରରେ ଜଣାଶୁଣା ଅନୁବାଦିକା ତଥା ସାହିତ୍ୟିକା ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଦ୍ୱାରା ଅନୂଦିତ ଉପନ୍ୟାସ 'ଶ୍ରୀମୟୀ ମା'କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ମିଳିବ। ରାମକୃଷ୍ଣ ପରମହଂସ ଓ ଶାରଦା ଦେବୀଙ୍କ ଜୀବନ କାହାଣୀକୁ ନେଇ ରଚିତ ମୂଳପୁସ୍ତକ 'ଶ୍ରୀମୟୀ ମାଁ'ର ଏହା ଓଡ଼ିଆ ଅନୁବାଦ, ଯାହାର ଲେଖକ ହେଉଛନ୍ତି ଖ୍ୟାତନାମା ବଙ୍ଗଳା ଲେଖକ ତଥା କଥାକାର ନବ କୁମାର ବସୁ। ପୁରସ୍କାର ବାବଦରେ ସୋମବାର ଏକାଡେମୀ ପକ୍ଷରୁ ନୂଆଦିଲ୍ଲୀଠାରେ ଘୋଷଣା କରାଯାଇଛି। ଓଡ଼ିଆ ସମେତ ମୋଟ ୨୪ଟି ଭାରତୀୟ ଭାଷାରେ ଅନୁବାଦ ପୁରସ୍କାର ଘୋଷଣା କରାଯାଇଛି। ପୁରସ୍କାରସ୍ୱରୂପ ଅନୁବାଦକମାନଙ୍କୁ ଏକାଡେମୀ ତରଫରୁ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ।


## DISTRICT MINERAL FOUNDATION, KEONJHAR

**(2nd Floor, DRDA Building, Keonjhar - 758001)**
(Email: dmfkeonjhar@gmail.com)

No. 113/DMF Date: 24.01.2019

**REQUEST FOR PROPOSAL**

In continuation to this office advertisement No. 1742 dated 15.12.2018 sealed proposals are invited from the eligible reputed and qualified Agencies/organisations for "Establishment and Management of Patient Facilitation Centre at SCB Medical College and Hospital, Cuttack" under DMF, Keonjhar. The detailed terms and conditions along with the RFP documents can be downloaded from the district website **www.kendujhar.nic.in**.

The Proposal complete in all respect should reach the undersigned on or before 14.02.2019 upto 5 PM and will be opened on 15.02.2019 at 11.00 Hours in the presence of the committee constituted for the purpose.

The undersigned reserves the right to reject or cancel any or all the tenders without assigning any reason thereof.

**Sd./- Collector-cum-Chairman & Managing Trustee, D.M.F., Keonjhar**



## ODISHA COAL AND POWER LTD.

Odisha Coal and Power Limited OCPL

**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur, Bhubaneswar-751023, Odisha,
Ph. No: 0674-2300654/ 2300664

**NOTICE INVITING TENDER**

**NIT No: OCPL/SER-87/2019** **Date: 29.01.2019**

Sealed bids in prescribed format are invited from Companies / Agencies/ Firms for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission/ Opening of bid |
|---|---|---|---|---|---|---|
| 1 | Providing Security Services at OCPL's Hemgir Site and Corporate Office, Bhubaneswar | Rs.5,900/- (Rupees Five thousand and nine hundred only) including GST. | Rs.2,00,000/- (Rupees Two Lakhs only). | 29/01/2019 | 11/02/2019 | 03:00 PM on 15/02/2019 03.30 PM on 15/02/2019 |

For further details, bidders may visit our website, i.e. www.ocpl.org.in. Any clarification my please be address to the undersigned at the above address or by email to: a.kanungo@ocpl.org.in.

**Sd./- Addl. General Manager (Commercial & Contracts)**



## BERHAMPUR MUNICIPAL CORPORATION, GANJAM

**INVITATIONS FOR BIDS (IFB)**

L. No.1123/X-E-3-7/2019 Date: 24.01.19

**Invitation for Bids**
**Bid Identification No. BMC (BAM) / 189/2018-19** No.441-C

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | |
| 2 | Nature of work | Civil Works |
| 3 | No. of work | 32 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt.02.02.19 to 17.00 hrs. of 18.02.19 |
| 8 | Date & time of opening of the bids | 11.30 hrs. onwards on dt.19.02.19 |
| 9 | Mode of submission of tender | Tender should be submitted on line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

**Sd./- Commissioner,**
13035/11/0205/1819 **Berhampur Municipal Corporation, Berhampur, Odisha**



## GOVERNMENT OF ODISHA
## OFFICE OF THE EXECUTIVE ENGINEER PHULBANI (R&B) DIVISION, PHULBANI

e-mail: eeplbrb@gmail.com

**INVITATIONS FOR BIDS (IFB)**

**'e' procurement Notice**

**Bid Identification No.EE-R&B-PLB-17-2018-19**

No.1180-B

1) Name of the work : Road work- 01 No.
2) Estimated cost : Rs. 87.72 lakhs
3) Period of completion : As notified in Tender Call Noitce
4) Date & time of availability of bid documents in the portal : From 01.02.2019, 10.00 AM to 11.02.2019, 05.00 PM
5) Last date / time for receipt of bids in the portal : Upto 05.00 PM of dated 11.02.2019
6) Name and address of the O.I.T. : Executive Engineer, Phulbani (R&B) Division

Further details can be seen from the website **www.tendersodisha.gov.in**.
Corrigendum if any shall be published only in the above website.

**Sd./- Executive Engineer, Phulbani (R&B) Division**
34066/11/0027/1819



## OFFICE OF THE ENGINEER-IN-CHIEF (CIVIL), ODISHA, NIRMAN SOUDHA, UNIT-V, BHUBANESWAR

**INVITATIONS FOR BIDS (IFB)**

**E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. -(0674)- 2391523, Fax:- (0674)-2395245**
**File No-B-I-H.E.-22/2015 No. 4418 Dt. 25.01.2019**

**No.1185-B:-** **Invitation for Bids**

**Bid Identification No. CE (B) – 43 / 2018-19**

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for building works for "Construction of New Examination Building (G+1) within CHSE Premises at Samantpur, Bhubaneswar, Odisha" whose amount put to tenders are approximately Rs.5,50,00,000/- respectively and as detailed below. | | |
| 2. | Nature of work | : | Building work (Composite work) |
| 3. | No. of work | : | 1 No. |
| 4. | Bid Cost. | : | Rs. 10,000/- |
| 5. | Class of Contractor | : | "A" / Special Class |
| 6. | Availability of Bid Documents in the website | : | From dt.30.01.2019 to 17:00 hours of dt.13.02.2019. |
| 7. | Date of Opening of Bid | : | Dt.14.02.2019 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd. /-Chief Engineer (Buildings), Odisha**
**34117/11/0189/1819**



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨**

ସଂଖ୍ୟା : 1143 / IND-II-PH-756 ତାରିଖ : ୨୮।୦୧।୨୦୧୯

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶ୍ରୀ ମହାବୀର ଫେରୋଆଲୋଏଜ୍ ପ୍ରା. ଲି. ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କାଳୁଙ୍ଗା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, କାଳୁଙ୍ଗା ଅନ୍ତର୍ଗତ ଜିଆବାହାଲ ଗ୍ରାମରେ ସ୍ଥିତ ପେଲେଟ ପ୍ଲାଷ୍ଟର ସମ୍ପ୍ରସାରଣ ଓ ଉପାଦେୟତା (ଦୈନିକ ୧୮୦୦ ଟନ୍‌ରୁ ୪୮୦୦ ଟନ୍), ଡିଆରଆଇ ପ୍ରକଳ୍ପ (ଦୈନିକ ୩୦୦ ଟନ୍‌ରୁ ୧୦୦୦ ଟନ୍), ଏସ୍‌ଏମ୍‌ଏସ୍ ପ୍ରକଳ୍ପ (ବାର୍ଷିକ ୦.୧ ନିୟୁତ ଟନ୍‌ରୁ ୦.୩ ନିୟୁତ ଟନ୍), କ୍ୟାପଟିଭ୍ ପାୱାର ପ୍ଲାଣ୍ଟ (୧୨ ମେଗାୱାଟ୍‌ରୁ ୩୮ ମେଗାୱାଟ୍) ଏବଂ ରୋଲିଙ୍ଗ ମିଲ୍ (ବାର୍ଷିକ ୦.୨୫ ନିୟୁତ ଟନ୍) ନିମନ୍ତେ** ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା. ୨୭.୧୦.୨୦୧୮ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ଲାଠିକଟା ତହସିଲ୍ ଅନ୍ତର୍ଗତ କାଳୁଙ୍ଗା ଗ୍ରାମସ୍ଥିତ ଆଇଡ଼ିସି ଖଡ଼ିଆଟୋଲାର ଖେଳପଡିଆଠାରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା : ''The Times of India'' ରେ ତା. ୨୩.୦୯.୨୦୧୮ରିଖ ଏବଂ '**ଧରିତ୍ରୀ**'ରେ ତା. ୨୪.୦୯.୨୦୧୮ ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁଁ ତା. ୨୭.୧୦.୨୦୧୮ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା. ୦୧.୦୩.୨୦୧୯ରିଖ ଦିବା ୧୧.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ଲାଠିକଟା ବ୍ଲକ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜୟବାହାଲ ଶିବ ମନ୍ଦିର ପଛ ପ୍ଲଟ୍ ନଂ ୮୨୯, ଖାତା ନଂ ୧୦୬, କାଳୁଙ୍ଗା 'କ' ପଡିଆ ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୦୧.୦୩.୨୦୧୯ ରିଖ ଦିବା ୧୧.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ଲାଠିକଟା ବ୍ଲକ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜୟବାହାଲ ଶିବ ମନ୍ଦିର ପଛ ପ୍ଲଟ୍ ନଂ ୮୨୯, ଖାତା ନଂ ୧୦୬, କାଳୁଙ୍ଗା 'କ' ପଡିଆ ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,**ସୁନ୍ଦରଗଡ଼** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ରାଉରକେଲା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**



## ODISHA LIFT IRRIGATION CORPORATION LIMITED

**( A Government of Odisha Undertaking)**
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
**e-Mail: eeolicdivn.bbsr@ymail.com Tel. 0674-2391847**

**e-Procurement Notice**

**Bid Identification No. 592 /2018-19 Dt. 21.01.2019**

**No.CAD-1330:-** The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites percentage Rate bids in online mode for installation of Lift Irrigation Projects in Puri district under BKVY 2018-19 in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O, Odisha and Civil license as mentioned below with experience in similar nature of work.

| | | | |
|---|---|---|---|
| 1. | Nature of work | : | Execution of work for installation & energisation of 10 Nos L. I. Projects in different blocks of Puri district. |
| 2. | No. of packages | : | 05 Nos. |
| 3. | Estimated cost | : | Varies from Rs.3172032/- to Rs.4372694/- |
| 4. | Period of completion | : | 90 days . |
| 5. | Date & time of availability of bid documents in the portal | : | 01.02.2019 at 10.00 A.M. |
| 6. | Last date & time for receipt of bids in the portal | : | 15.02.2019 up to 5.00 P.M. |
| 7. | Date & time of seeking clarification | : | 01.02.2019 at 10.00 A.M. to 11.02.2019 up to 5.00 P.M. |
| 8. | Opening date & time | : | 16.02.2019 at 04.00P.M. |
| 10. | Name & address of the officer inviting Bid | : | Executive Engineer, Lift Irrigation Division, Bhubaneswar. |

The details of tender are available in the Government tender website i.e. www.tendersorissa.gov.in and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website.

**Executive Engineer**
**32155/11/0034/1819** **L.I.Division, Bhubaneswar**



## OFFICE OF THE EXECUTIVE ENGINEER P.H. DIVISION, BARIPADA

Tel/Fax - 06852 – 250740
e-mail –eephbpd@nic.in, eephbaripada2016@gmail.com

**RFP Identification No: RFP/EE/PHED/BARIPADA/02/2018-19**

**REQUEST FOR PROPOSAL (RFP)**
**CONSULTANCY SERVICES FOR PREPARATION OF DETAILED PROJECT REPORT (DPR)**

No.442-C: The Executive Engineer, Public Health Division, Baripada on behalf of Governor of Odisha invites proposals from empanelled consultants under Panchayat Raj and Drinking Water Department, Govt.of Odisha for preparation of DPR of piped water supply projects.

| | | | |
|---|---|---|---|
| 1. | Name of work | : | Consultancy Services for Preparation of DPR for Improvement of Water Supply to Rairangpur Municipality |
| 2. | Indicative area | : | Within Rairangpur Municipality |
| 3. | Approx. project cost | : | Rs.8.89 lakh |
| 4. | Bid security | : | Rs.9,000/- |
| 5. | Bid cost | : | Rs.4,000/- |
| 6. | Availability of Bid Documents in the website **www.odisha.gov.in** | : | From 10.00 A.M. of 01.02.2019 to 5.00 P.M. of 13.02.2019 |
| 7. | Last date of receipt of Bid | : | 16.02.2019 up to 5.00 P.M. |
| 8. | Date of Opening of Bid | : | 18.02.2019 at 11.00 A.M. |

Further details can be seen from the website: - **www.odisha.gov.in**.

**Sd./- Executive Engineer, P.H. Division, Baripada**
13016/11/0007/1819

# ପରିବାରରେ ନ୍ୟାୟ ବ୍ୟବସ୍ଥା

**ପରିବାରକୁ ସୁରୁଖୁରୁରେ ଚଳାଇବା ସହଜ କଥା ନୁହେଁ। ପାଞ୍ଚମନକୁ ଏକାଠିକରି ଆଗେଇବାକୁ ଏହାର ମୁରବି ସଦାବେଳେ ଚେଷ୍ଟିତ ଥାଆନ୍ତି। ହେଲେ ପରିବାରରେ କିପରି ଖୁସି ବଜାୟ ରହିବ ଏବଂ ସମସ୍ତେ ମନ ମିଳାଇ ଚଳିବେ ତାହାକୁ ଗୁରୁତ୍ୱ ଦେବା ଆବଶ୍ୟକ। ତେଣୁ ସେଥିପାଇଁ ସମସ୍ତଙ୍କର ସହଯୋଗ ଦରକାର। ଏଥିପାଇଁ କେତୋଟି ବିଷୟ ପ୍ରତି ନଜର ଦେବା ଦରକାର। ଜାଣନ୍ତୁ ଏ ସମ୍ପର୍କରେ...**

ଯେତେବେଳେ ପରିବାର ଖୁସିରେ ରହୁ ବୋଲି ଆପଣ ଚିନ୍ତା କରୁଛନ୍ତି ,ସେଥିପାଇଁ ସମସ୍ତଙ୍କୁ ମିଳିମିଶି ରହିବା ଦରକାର। ଏ କଥା ଠିକ୍ ଯେ ପରିବାରର ସବୁ ସଦସ୍ୟଙ୍କୁ ନେଇ ସ୍ୱ-ଅନୁଶାସନରେ ରହିବା ମଧ୍ୟ ସେତିକି ଜରୁରୀ। ଅନ୍ୟଥା ସମ୍ପର୍କରେ ଫାଟ ସୃଷ୍ଟିହେବ। ପରିବାରର ସମ୍ବିଧାନ ଗଢ଼ିବା ସମୟରେ ଆମକୁ କେଉଁ କଥା ପ୍ରତି ଦୃଷ୍ଟିଦେବା ଆବଶ୍ୟକ।



**ଦାମ୍ପତ୍ୟ ଜୀବନରେ ...**

ଏହା ସତ ଯେ ସ୍ୱାମୀ-ସ୍ତ୍ରୀର ସମ୍ପର୍କରେ ଔପଚାରିକତା ଆବଶ୍ୟକତା ନାହିଁ। ପୁଣି ଦାମ୍ପତ୍ୟ ଜୀବନରେ ଜଡ଼ିତ କିଛି ମହତ୍ତ୍ୱପୂର୍ଣ୍ଣ କଥା ରହିଛି,ଯେଉଁଥିରେ ନିଜ ପାର୍ଟନର ସହିତ ଖୋଲାଖୋଲି ଭାବେ କଥା ହେବା ଜରୁରୀ। ଆପୋସ ସହମତି ଆଧାରରେ ନିଜ ସମ୍ପର୍କରେ କିଛି ନିୟମ ପାଳନ କରିବା ଦରକାର।

-ଦୁଇଜଣଙ୍କ ସ୍ୱାଧୀନତାକୁ ସମ୍ମାନ କରିବା ସହ ପର୍ସନାଲ ସ୍ପେସ୍ ରଖନ୍ତୁ।

-ମିଛଠାରୁ ଦୂରେଇ ରହିବା ସହ ସମ୍ପର୍କରେ ପାରଦର୍ଶିତା ରହିବା ଜରୁରୀ। -ପାର୍ଟନର ଉପରେ ନିଜ ପସନ୍ଦ ଲଦିଦେବା ଠିକ୍ ନୁହେଁ। କିନ୍ତୁ ତାଙ୍କର ରୁଚି , ଭାବନାକୁ ସମ୍ମାନଦେବାକୁ ଭୁଲନ୍ତୁ ନାହିଁ।



-ଉଭୟ ନିଜର ବନ୍ଧୁବାନ୍ଧବଙ୍କୁ ଧ୍ୟାନ ରଖିବା ଜରୁରୀ।

-ଦାମ୍ପତ୍ୟ ଜୀବନରେ କିଛି ମହତ୍ତ୍ୱପୂର୍ଣ୍ଣ ବିଷୟ ରହିଥାଏ,ଯାହାକୁ ନେଇ ପାର୍ଟନର ସହ ଖୋଲାଖୋଲି ଭାବେ କଥା ହୁଅନ୍ତୁ। ନିଜ ସହମତି କ୍ରମେ କୌଣସି ବିଷୟକୁ ନେଇ ଆଲୋଚନା କରନ୍ତୁ।

-ଆପଣ ଯଦି କିଛି ଭୁଲ୍ କରିଛନ୍ତି ତେବେ ଇଗୋ ନ କରି କ୍ଷମା ମାଗି ନିଅନ୍ତୁ । ଏହାଦ୍ୱାରା ସମ୍ପର୍କ ମଧୁର ହେବ।



**ପିଲାର ଲାଳନପାଳନ ଅବସରରେ :** ଅଧିକାଂଶ ଲୋକଙ୍କୁ ଏହା ଲାଗିଥାଏ ଯେ ତାଙ୍କର ପ୍ୟାରେଣ୍ଟିଂ ବହୁତ ଭଲ। ଆଧୁନିକ ଟେକ୍ନୋଲୋଜି ସହିତ ନିରନ୍ତର ଜଡ଼ିତ ରହିବା ଯୋଗୁ ଛୋଟ ବୟସରୁ ପିଲାମାନେ ଗ୍ୟାଜେଟ୍ସ ପ୍ରତି ଆକର୍ଷିତ ହୋଇଥାନ୍ତି। ଯଦି ଆପଣ ନିଜ ପିଲାକୁ ଇଣ୍ଟରନେଟ୍ ଆଡିକ୍ସନ୍‌ରୁ ଦୂରେଇ ରଖି ବଞ୍ଚାଇବାକୁ ଚାହୁଁଛନ୍ତି ତେବେ ପ୍ରଥମରୁ ଏମିତି କିଛି ଉପାୟ କରନ୍ତୁ ଯାହାଦ୍ୱାରା ସେ ସବୁବେଳେ ମୋବାଇଲ ଧରିବାକୁ ଜିଦ୍ କରିବ ନାହିଁ। ଏଥିପାଇଁ ପିଲା ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବା ସହ ରାଗକୁ ସଂଯମ କରି ରଖନ୍ତୁ। କାରଣ ପିଲା ବଡ଼ମାନଙ୍କଠାରୁ ହିଁ ଅନେକ କଥା ଶିଖିଥାଏ। ସ୍କୁଲ ଯାଉଥିବା ପିଲା ପାଇଁ ଖେଳକୁଦ,ଟିଭି ଦେଖିବା,ଶୋଇବା,ଉଠିବା ଲାଗି ସମୟ ନିର୍ଦ୍ଧାରଣ କରନ୍ତୁ। ଏହି ନିୟମ ଠିକ୍ ସେ ପାଳନ ହେଉଛି କି ନାହିଁ ତାହା ଦେଖିବା ମଧ୍ୟ ଜରୁରୀ।

**ପିଢ଼ି ମଧ୍ୟରେ ବ୍ୟବଧାନ:** ସବୁ ପରିବାରର ଜୀବନଶୈଳୀ,ରହିବା,ଖାଇବା ନିଶ୍ଚିତ ରୂପେ ଅଲଗା ହୋଇଥାଏ। କିନ୍ତୁ ନୂଆ ପିଢ଼ି ଆସିବା କାରଣରୁ ପୁରୁଣା ମଧ୍ୟରେ ସାମାନ୍ୟ ଟଣାଟଣି ଚାଲିଥାଏ। ନିଜ ମାତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ତାଙ୍କୁ ମଝିରେ ମଝିରେ ନେଇ ଚେକ୍‌ଅପ୍ କରନ୍ତୁ। ବୟସ ବଢ଼ିଲେ ନିଜର ସବୁ କାମ ପାଇଁ ପୁଅବୋହୂ ଉପରେ ନିର୍ଭର କରନ୍ତୁ ନାହିଁ। ଟେକ୍ନୋଲୋଜି ବଦଳୁଥିବା ଯୋଗୁ ନିଜକୁ ଅପ୍‌ଡେଟ୍ କରି ରଖନ୍ତୁ।

**ଆର୍ଥିକ ବିଷୟରେ ଦିଅନ୍ତୁ ଗୁରୁତ୍ୱ:** ଟଙ୍କା ପଇସା କ୍ଷେତ୍ରରେ କେତେଜଣ ସ୍ୱାମୀସ୍ତ୍ରୀ ପରିବାର ସଦସ୍ୟଙ୍କ ସହ ଖୋଲାଖୋଲି ଭାବେ କଥା ହୋଇ ନ ଥାନ୍ତି। ନିଜ ପରିବାରର ବଜେଟ ପ୍ରସ୍ତୁତ କରିବା ପୂର୍ବରୁ ଏମରଜେନ୍ସି ପାଇଁ ଏମରଜେନ୍ସି ଫଣ୍ଡରେ କିଛି ଟଙ୍କା ସଞ୍ଚୟ ନିଶ୍ଚିତ କରନ୍ତୁ। ଯେଉଁଠି ସ୍ୱାମୀ-ସ୍ତ୍ରୀ ଦୁଇଜଣ କର୍ମଜୀବୀ ତାଙ୍କ ମଧ୍ୟରେ ଆର୍ଥିକ ଦାୟିତ୍ୱକୁ ନିଜ ମଧ୍ୟରେ ବାଣ୍ଟି ଦିଅନ୍ତୁ। ଯଦି ଦୁଇଭାଇର ପରିବାର ଏକା ସାଥିରେ ରହୁଥାନ୍ତି, ତେବେ ଧ୍ୟାନ ଦିଅନ୍ତୁ ମାସିକ ବଜେଟରେ ଦୁଇଜଣଙ୍କ ସମାନ ଯୋଗଦାନ ରହିବା ଆବଶ୍ୟକ। ଆବଶ୍ୟକ ପଡ଼ିବା ସ୍ଥଳେ ଭାଇ-ଭଉଣୀଙ୍କୁ ଆର୍ଥିକ ସହାୟତା ପାଇଁ ସବୁବେଳେ ପ୍ରସ୍ତୁତ ରୁହନ୍ତୁ। କିନ୍ତୁ ଟଙ୍କା ଫେରାଇବା କ୍ଷେତ୍ରରେ ସ୍ପଷ୍ଟ ଭାବେ କଥାବାର୍ତ୍ତା ହୋଇଯାନ୍ତୁ। ଅନ୍ୟଥା ଭୁଲ୍ ବୁଝାମଣା ପାଇଁ ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ।



ନିବେଦିତା



ରୀନାରାଣୀ

**ବୁଝନ୍ତୁ ମାନବୀୟ ମୂଲ୍ୟବୋଧକୁ:** ଏମିତିରେ ତ ଅନେକ ପରିବାରରେ ମାନବୀୟ ମୂଲ୍ୟବୋଧ ପାଇଁ ଖାସ୍ ସ୍ଥାନ ରହିଛି। ତଥାପି ଏହି ମାମଲାରେ ସମସ୍ତଙ୍କୁ ବିଶେଷ ରୂପେ ଧ୍ୟାନଦେବା ଜରୁରୀ। ଏହିସବୁ ନିୟମ ନିଜ ପରିବାର ମଧ୍ୟରେ ପାଳନ ହେଉଛି କି ନାହିଁ ଏହାକୁ ଗୁରୁତ୍ୱ ଦେବା ଜରୁରୀ। ନିଜ ସମ୍ପର୍କରେ ପାରଦର୍ଶିତା ବଢ଼ାଇବା ପାଇଁ ଚେଷ୍ଟା କରନ୍ତୁ । ଯଦି ପରିବାରରେ ଜଣେ ମିଛ କହୁଛି ତେବେ ତାକୁ ଏମିତି କରିବାକୁ ମନା କରନ୍ତୁ। ପରିବାରରେ ଏପରି ମାହୋଲ ରଖନ୍ତୁ, ଯାହାଦ୍ୱାରା ସମସ୍ତେ ଖୁସିରେ ରହିବେ।

### ସେମାନେ କ'ଣ କରନ୍ତି...

**କୌଣସି ଘଟଣାକୁ ହାଲ୍‌କା ଭାବରେ ନେଇ ନ ଥାଏ : ନିବେଦିତା ପଟ୍ଟନାୟକ (ଗୃହିଣୀ, ଭୁବନେଶ୍ୱର)**

କଥାରେ ଅଛି ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି। ତେଣୁ ଘରସଂସାର ଥିଲେ ସବୁ ପ୍ରକାର କଥାକୁ ମ୍ୟାନେଜ କରି ଚଳିବାକୁ ପଡ଼ିଥାଏ। ବିଶେଷଭାବରେ ମୋ ପରିବାରରେ କିପରି ସବୁବେଳେ ଖୁସି ବଜାୟ ରହିବ ତା' ଉପରେ ଗୁରୁତ୍ୱ ଦିଏ। ଯେକୌଣସି ଘଟଣା ଘଟିଲେ ତାହାକୁ କେବେ ହାଲ୍‌କା ଭାବରେ ନେଇ ନ ଥାଏ। ଅପରପକ୍ଷରେ କୌଣସି ଜଟିଳ ପରିସ୍ଥିତି ସୃଷ୍ଟି ହେଲେ ତାକୁ ନେଇ ବିଚଳିତ ହେବା ପରିବର୍ତ୍ତେ ତାହାର କିପରି ସହଜରେ ସମାଧାନ କରାଯାଇପାରିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦିଏ। ପରିବାର ବିଷୟରେ ସବୁବେଳେ ମୋ ସ୍ୱାମୀଙ୍କ ସହ ବିଶଦ ଭାବରେ ଆଲୋଚନା କରିଥାଏ।

**ପରିବାରର ଖୁସି ମୋ ପାଇଁ ସବୁକିଛି (ରୀନାରାଣୀ ମହାନ୍ତି, ଗୃହିଣୀ, ରଘୁନାଥପୁର, ଜଗତ୍‌ସିଂହପୁର)**

ପରିବାରର ଖୁସି ମୋ ପାଇଁ ସବୁକିଛି। ଜୀବନ ହେଉଛି ସୁଖ-ଦୁଃଖର ସମ୍ଭାର। ତେଣୁ ଏହି ସମୟରେ ବେଶ୍ ସତର୍କତାର ସହ ଚାଲିଥାଏ। ପରିବାରରେ କୌଣସି ସମସ୍ୟା ଦେଖାଦେଲେ ତାକୁ କେବେ ଅଣଦେଖା କରେନା। ମୋ ପରିବାର ସଦସ୍ୟଙ୍କ ସହ ମନ ମିଳାଇ ଚଳିଥାଏ ଏବଂ ପ୍ରତିଟି କଥାରେ ସେମାନଙ୍କର ମତ ନେଇଥାଏ। ସବୁଠାରୁ ବଡ଼ କଥା ହେଲା ପରିବାର ସଦସ୍ୟମାନେ ମନ ମିଳାଇ ଚଳିବା ଦରକାର। ଏହି କଥାକୁ ମୁଁ ସବୁବେଳେ ଗୁରୁତ୍ୱ ଦିଏ।

ଇଏ ବି ଜଣେ ନାରୀ

# ମହିଳାଙ୍କୁ ସ୍ୱରୋଜଗାରକ୍ଷମ କରାଇବା ମୂଳଲକ୍ଷ୍ୟ



ସୋହା ଅଲ୍ଲୀ ଖାଁଙ୍କ ସହ ମାସୁମ୍ ମହାପାତ୍ର (ଡାହାଣ)

ଭୁବନେଶ୍ୱରରେ ଜନ୍ମିତା ମାସୁମ୍ ମହାପାତ୍ର। ଶିକ୍ଷାଗତ ଯୋଗ୍ୟତା ଆର୍କିଟେକ୍ଚର ସହିତ ଇଣ୍ଟେରିୟର ଡିଜାଇନ । ପିଲାଟି ଦିନରୁ କିଛି କରିବାର ଝୁଙ୍କ୍ ତାଙ୍କ ମନରେ ସବୁବେଳେ ବସା ବାନ୍ଧିଥିଲା। ପରିଶେଷରେ ତାଙ୍କର ଆଶା ପୂରଣ ହୋଇଛି। ଇଣ୍ଟେରିୟର ଡିଜାଇନ କ୍ଷେତ୍ରରେ ସେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଏ ସମ୍ପର୍କରେ ୨୮ବର୍ଷ ବୟସ୍କା ମାସୁମ୍ କହନ୍ତି, ''ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ ନିଜେ ନୂଆ କ୍ରିଏଟିଭ୍ କରିବାକୁ ପସନ୍ଦ କରୁଥିଲି। ସବୁବେଳେ ଏମିତି କିଛି ଅଲଗା କରିବି ଯାହା ସମସ୍ତଙ୍କଠୁ ଅଲଗା ଥିବ। ସେଥିପାଇଁ ମୁଁ ଏହି ଲାଇନକୁ ମୋ କ୍ୟାରିୟର ରୂପେ ବାଛିନେଲି। ଇଣ୍ଟିରିୟର ଡିଜାଇନ୍ କୋର୍ସରେ ଡିଗ୍ରୀ ହାସଲପରେ ମୁଁ ୨୦୧୪ରେ ନିଜର ଏକ ଫାର୍ମ କଲି ଯାହାର ନାଁ ଦେଇଥିଲି ଏମ୍‌ଆଇଡି(ଆର୍କିଟେକ୍ଚର ଇଣ୍ଟେରିୟର ଡିଜାଇନ ଷ୍ଟୁଡିଓ) । ଏଥିପାଇଁ ମୋ ସ୍ୱାମୀ, ଶାଶୁଘରୁ ଏବଂ ବାପଘର ପକ୍ଷରୁ ମିଳିଥିବା ସହଯୋଗକୁ କଦାପି ଭୁଲିପାରିବି ନାହିଁ। ସେମାନେ ମୋତେ ପ୍ରତିଟି ଷ୍ଟେପ୍‌ରେ ପ୍ରୋତ୍ସାହିତ କରିଛନ୍ତି। ଆଜିକାଲି ନାରୀ ନିଜେ ଗୋଡ଼ରେ ଠିଆ ହେବା କିଛି ନୂଆ କଥା ନୁହେଁ। ଏ କ୍ଷେତ୍ରରେ ମୁଁ ମହିଳାମାନଙ୍କୁ ଏଇଆ କହିବି ଯେ ଆମେ ସବୁଥିରେ ଆଗୁଆ ରହିବା । ମୋ ପ୍ରଫେସନରେ ଏକ ମୋଟୋ ଅଛି ମହିଳାଙ୍କୁ ସ୍ୱରୋଜଗାରକ୍ଷମ କରାଇବା। ଏହା ବ୍ୟତୀତ ଖେଳ ଏବଂ ମେକ୍‌ଅପ୍ ନେବାରେ ମୋର ରୁଚି ଅଛି। ଅବସର ସମୟରେ ମୁଁ ନୂଆ ନୂଆ ଜାଗାକୁ ଯାଏ ଏବଂ କିଛି କ୍ରିଏଟିଭ୍ ଡିଜାଇନ ଶିଖିଥାଏ। ଆଶା ଆଉ ସ୍ୱପ୍ନ ତ ଅନେକ ଅଛି। ସେଗୁଡ଼ିକୁ ପୂରଣ କରିବାକୁ ନିଶ୍ଚୟ ଚେଷ୍ଟା କରିବି। ମୋର ପ୍ରତିଟି କାମରେ ମହିଳାଙ୍କୁ ହିଁ ଗୁରୁତ୍ୱ ଦେବି। କାରଣ ସେମାନ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଚେଷ୍ଟା ଜାରି ରଖିବି।'' ନିଜ ସାଧନା ପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ ଏବଂ ପୁରସ୍କାର, ଯାହା ତାଙ୍କୁ ଆଗକୁ ଆଗେଇବାରେ ଯଥେଷ୍ଟ ସାହାଯ୍ୟ କରିଛି।

-ମହାଶ୍ୱେତା



# ଅଫିସିଆଲ୍ ପାର୍ଟିକୁ ଯିବା ପୂର୍ବରୁ ..



ଜଣେ କର୍ମଜୀବୀ ନିଜ କର୍ମକ୍ଷେତ୍ରରେ ପ୍ରତିଦିନ ପାଖାପାଖି ୮-୧୦ଘଣ୍ଟା ଅଫିସ୍‌ରେ ବିତାଇଥାନ୍ତି। ଅଫିସ୍ ସମୟରେ ସେ ତାଙ୍କର ପୂରା ସମୟ କାମ ଏବଂ କାମ ସହ ଜଡ଼ିତ କଥାକୁ ନେଇ ସରିଥାଏ। କାମ ସମୟରେ ଯେତେବେଳେ ତାଙ୍କୁ ଅଫିସ୍ ପାର୍ଟି ଲାଗି ସମୟ ମିଳେ ସେତେବେଳେ ସେ ସମୟ ତାଙ୍କ ପାଇଁ ବହୁତ ଖାସ୍ ହୋଇଥାଏ। ସେ ସମୟରେ ସେ ନିଜକୁ ଗ୍ଲାମରିୟସ ଲୁକ୍ ଦେବାକୁ ଚାହିଁଥାନ୍ତି, ଯାହାପାଇଁ କେତେ ପ୍ରସ୍ତୁତି ଆରମ୍ଭ କରିଦେଇଥାନ୍ତି । ଆମେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣ ଆପଣାଇପାରନ୍ତି।

-ସର୍ବପ୍ରଥମେ ପାର୍ଟିକୁ ଯିବା ପୂର୍ବରୁ ଆପଣ ଏମିତି ଡ୍ରେସ୍ ଚୟନ କରନ୍ତୁ ଯାହା ଆପଣଙ୍କ ଫିଗରକୁ ପରଫେକ୍ଟ ମାନିବ।

-କିଛି ଏମିତି ସେମିତି ଡ୍ରେସ୍ ଚୟନ କରନ୍ତୁ ନାହିଁ, ଯାହା ଆପଣଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିବ।

-ସବୁବେଳେ ଯଦିଓ ଆପଣ ସିମ୍ପଲ ଭାବେ ଅଫିସ୍ ଯାଉଥାନ୍ତି, କିନ୍ତୁ ପାର୍ଟି ଥିବା ଦିନ ନିଜ ହେୟାରକୁ ନୂଆ ଲୁକ୍ ଦିଅନ୍ତୁ। ଆପଣ ଚାହିଁଲେ ବି ନିଜ ପରିଚିତ ଲୋକଙ୍କ ମତାମତ ନେଇ ସେଇ ଅନୁଯାୟୀ ମେକ୍‌ଅପ୍ ନିଅନ୍ତୁ ।

-ନିଜ ଡ୍ରେସ୍ ଅନୁଯାୟୀ ମେକ୍‌ଅପ୍ ନିଅନ୍ତୁ। କଦାପି ଅଧିକ ମେକ୍‌ଅପ୍ ନିଅନ୍ତୁ ନାହିଁ।

-ସବୁବେଳେ ନାଚୁରାଲ ମେକ୍‌ଅପ୍ ନିଅନ୍ତୁ। ଏପରି ମେକ୍‌ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିଥାଏ। ଆପଣ ଚାହିଁଲେ ବି ମେକ୍‌ଅପ୍ ସହିତ ଡ୍ରେସ୍ ଏବଂ ଆଇସ୍ୟାଡୋ ମ୍ୟାଚ୍ କରିପାରିବେ। ମେକ୍‌ଅପ୍ ସମୟରେ ମ୍ୟାଚିଂ ଲିପ୍‌ଷ୍ଟିକ୍ ଲଗାଇବାକୁ ଭୁଲନ୍ତୁ ନାହିଁ।

-ଡ୍ରେସ୍ ସହ ଆପଣ ହାଇହିଲ୍ସ ପିନ୍ଧିଲେ ଏହା ଆପଣଙ୍କ ଲୁକ୍‌କୁ ସୁନ୍ଦର କରିବା ସହିତ ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

ସୌନ୍ଦର୍ଯ୍ୟ

**କେଶ ପାଚିବା ଆରମ୍ଭ କଲେ ଆମେ ତାକୁ ଗୋଟା ଗୋଟା କରି କାଟିଥାଉ କିମ୍ବା ଆଉ କେତେକେ ମେଡିସିନ୍ ଖାଇଥାନ୍ତି। ଆଉ କେତେଜଣ ଲୋକ ଅଛନ୍ତି ଯେଉଁମାନେ ପାର୍ଲର ଯାଇ ଅଧିକ ଟଙ୍କା ଖର୍ଚ୍ଚକରି କଲର କରାଇଥାନ୍ତି। ଆମେ ଏଠାରେ ଏମିତି କିଛି ଟିପ୍ସ ଦେଉଛୁ ଯାହାକୁ ଆପଣାଇବାକୁ ବେଶି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବନି...**

# କେଶ ସମସ୍ୟା...

❖ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆଳୁଚୋପା ସାହାଯ୍ୟରେ କେଶର କେତେକ ସମସ୍ୟା ସମାଧାନ ହୋଇପାରିବ। ଏଥିରେ ଥିବା ଷ୍ଟାର୍ଚ ଏକ ନାଚୁରାଲ କଲର ରୂପେ କାମ କରିଥାଏ।

❖ଆଳୁଚୋପାରୁ ପ୍ରସ୍ତୁତ ହେୟାର ମାସ୍କରେ ଭିଟାମିନ୍ ଏ,ବି ଓ ସି ରହିଛି। ଏହା ଆମ ସ୍କାଲ୍ପରେ ଥିବା ମଇଳା ଏବଂ ରୂପିକୁ ଦୂର କରିଥାଏ। କେବଳ ଏତିକି ନୁହେଁ, ଆଳୁରେ ଥିବା ଆଇରନ୍,ଜିଙ୍କ୍,ପଟାସିୟମ୍ ଓ କ୍ୟାଲ୍‌ସିୟମ୍ ହେୟାର ଫଲ୍ ସମସ୍ୟାକୁ ମଧ୍ୟ ରୋକିଥାଏ।

❖ସର୍ବପ୍ରଥମେ ଆଳୁରୁ ଚୋପା ଛଡ଼ାଇ ଦିଅନ୍ତୁ। ଏହି ଚୋପାକୁ ଏକ କପ୍ ପାଣିରେ ଭଲଭାବେ ଫୁଟାଇ ଦିଅନ୍ତୁ। ଯେତେବେଳେ ଏହା ଫୁଟିଯିବ ଏହାକୁ ୫-୧୦ମିନିଟ୍ ପର୍ଯ୍ୟନ୍ତ ସିମ୍‌ରେ ଛାଡ଼ି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହି ପାଣିକୁ ଏକ ପାତ୍ରରେ ଭର୍ତ୍ତିକରି ରଖି ଦିଅନ୍ତୁ। ଯଦି ଆପଣଙ୍କ ଆଳୁ ପାଣିରୁ ଦୁର୍ଗନ୍ଧ ଆସୁଛି ଏଥିରେ ଲାଭେଣ୍ଡର ଅଏଲ ପକାଇପାରିବେ।

❖ଆଳୁଚୋପାରୁ ପ୍ରସ୍ତୁତ ହେୟାର ପ୍ୟାକ୍‌କୁ ଯଦି ସଫା ଓଦା କେଶରେ ଲଗାଯିବ ଅଧିକ ଲାଭ ହେବ। ଏହି ମିଶ୍ରଣ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ମସାଜ୍ କରନ୍ତୁ। ଏବେ ଏହାକୁ ଅଧାଘଣ୍ଟା କେଶରେ ଲଗାଇ ଛାଡ଼ି ଦିଅନ୍ତୁ। ଏହା ପରେ କେଶକୁ ଭଲଭାବେ ଥଣ୍ଡାପାଣିରେ ଧୋଇଦିଅନ୍ତୁ।





ଖାଦ୍ୟରୁଚି

# ଓଟ୍ସ ଟିକ୍କି

**ଆବଶ୍ୟକ ସାମଗ୍ରୀ:** ଓଟ୍ସ ଏକ କପ, ଗୁଣ୍ଡ ହୋଇଥିବା ପନିର ଏକଚତୁର୍ଥାଂଶ,ଗାଜର ଏକ ଚତୁର୍ଥାଂଶ, ସିଝା ହୋଇଥିବା ଆଳୁ ଚକଟା,ଧନିଆ ଦୁଇଚାମଚ, ଲଙ୍କା ପାଉଡର ଏକଚାମଚ,ଲେମ୍ବୁରସ ଏକ ଚାମଚ, ଅଦା ପେଷ୍ଟ ଦେଢ଼ ଚାମଚ,କଞ୍ଚାଲଙ୍କା ପେଷ୍ଟ ଦେଢ଼ ଚାମଚ,ଗରମ ମସଲା ପାଉଡର ଏକ ଚାମଚ,ଆମଚୁର ପାଉଡର ଏକ ଚାମଚ,ଲୁଣ ସ୍ୱାଦ ଅନୁସାରେ,ଲୋ ଫ୍ୟାଟ୍ କ୍ଷୀର ଅଳ୍ପ ପରିମାଣରେ,ତେଲ ଦେଢ଼ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ଓଟ୍ସ ପକାନ୍ତୁ। ଏବେ ପନିର,ଗାଜର,ଆଳୁ ଚକଟା,ଧନିଆପତ୍ର,ଲେମ୍ବୁରସ,ଅଦା କଞ୍ଚାଲଙ୍କା ପେଷ୍ଟ,ସିମ୍‌ଲା ମିର୍ଚ୍ଚ ପାଉଡର, ଗରମ ମସଲା ପାଉଡର,ଆମଚୁର ପାଉଡର ଓ ଲୁଣ ମିଶାନ୍ତୁ। ଏବେ ସବୁ ମିଶ୍ରଣକୁ ମିଶାଇ ଦିଅନ୍ତୁ। ଏବେ ସେଥିରେ ଅଳ୍ପ ପାଣି ପକାଇ ରଖନ୍ତୁ। ଏହାପରେ ମିଶ୍ରଣକୁ ଭଲଭାବେ ମିଶାନ୍ତୁ। ଏହାର ଛୋଟ ଛୋଟ ଟିକ୍କି ହାତରେ ନିଅନ୍ତୁ।



ଏହାକୁ କ୍ଷୀରରେ ବୁଡ଼ାନ୍ତୁ। ପୁଣି କ୍ଷୀରରୁ କାଢ଼ି ଏହାକୁ ଶୁଖିଲା ଓଟ୍ସରେ ଟିକେ ଗଡ଼ାଇ ଦିଅନ୍ତୁ। ଏବେ ଗ୍ୟାସ୍‌ଚୁଲାରେ ତାୱା ଗରମ କରନ୍ତୁ। ପୁଣି ଟିକ୍କିକୁ ବ୍ରଶ୍ ସାହାଯ୍ୟରେ ଦୁଇପଟ ତେଲ ଲଗାନ୍ତୁ। ଏହାକୁ ଗରମ ତାୱା ଉପରେ ରଖନ୍ତୁ। ଯେତେବେଳେ ଟିକ୍କି ଗୋଲ୍‌ଡେନ୍ କଲର ହୋଇଯିବ ଆରପଟ ଓଲଟାଇ ସେକନ୍ତୁ। ପ୍ଲେଟ୍‌ରେ କାଢ଼ି ଏହାକୁ ଧନିଆ ଓ ପୁଦିନା ଚଟଣି ସହ ପରଷନ୍ତୁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.10 (7) | 368.84 35,656.70 | 119.00 10,661.55 | ₹350 33,650.00 | ₹850 40,900.00 |

ଷ୍ଟିଲ୍ ପ୍ଲାଣ୍ଟଗୁଡ଼ିକରେ ଘଟୁଥିବା ଦୁର୍ଘଟଣା ଏଡ଼ାଇବା ଲାଗି ସରକାର ଏକ ନିରାପତ୍ତା ନିର୍ଦ୍ଦେଶାଳୟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି।
– ଚୌଧରୀ ବିରେନ୍ଦର ସିଂ, କେନ୍ଦ ଇସ୍ପାତ ମନ୍ତ୍ରୀ



ରାଶନ ଦୋକାନଗୁଡ଼ିକରେ ଗୁଣବତ୍ତା ବିଶିଷ୍ଟ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବା ଲାଗି ମହଜୁଦ ଭଣ୍ଡାରରେ ରଖାଯାଉଥିବା ଶସ୍ୟର ନିୟମିତ ଯାଞ୍ଚ ଲାଗି ଏଫ୍‌ସିଆଇକୁ କୁହାଯାଇଛି।
– ରାମ ବିଲାସ ପାଶ୍ୱାନ, କେନ୍ଦ୍ର ଖାଦ୍ୟମନ୍ତ୍ରୀ



## ସଂକ୍ଷେପରେ

### ଷ୍ଟିଲ୍ ଉତ୍ପାଦନରେ ଭାରତ ଦ୍ୱିତୀୟ

**ନୂଆଦିଲ୍ଲୀ,୨୮-୧:** ଜାପାନକୁ ପଛରେ ପକାଇ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଷ୍ଟିଲ୍ ଉତ୍ପାଦକ ଦେଶ ହୋଇଛି। ବିଶ୍ୱ ଷ୍ଟିଲ୍ ଆସୋସିଏଶନ ଅନୁଯାୟୀ, ୫୧% ଇସ୍ପାତ ଉତ୍ପାଦନ ସହ ଚାଇନା ଶୀର୍ଷରେ ରହିଛି। ଆସୋସିଏଶନର ରିପୋର୍ଟ ଅନୁଯାୟୀ ୨୦୧୮ରେ ଚାଇନାର କଞ୍ଚା ଷ୍ଟିଲ୍ ଉତ୍ପାଦନ ୬.୬ ପ୍ରତିଶତ ବୃଦ୍ଧି ପାଇ ୯୨.୮୩ କୋଟି ଟନରେ ପହଞ୍ଚିଗଲାଣି। ୨୦୧୭ରେ ଏହା ୮୭.୦୯ କୋଟି ଟନ ଥିଲା। ରିପୋର୍ଟ ଅନୁଯାୟୀ ଭାରତର କଞ୍ଚା ଇସ୍ପାତ ଉତ୍ପାଦନ ୨୦୧୮ରେ ୪.୯% ବଢ଼ି ୧୦.୬୫ କୋଟି ଟନ୍‌ରେ ପହଞ୍ଚିଛି, ଯାହାକି ୨୦୧୭ରେ ୧୦.୧୫ କୋଟି ଟନ୍ ଥିଲା। ଜାପାନର ମୋଟ୍ ଇସ୍ପାତ ଉତ୍ପାଦନ ଏହି ସମୟରେ ୦.୩% ହ୍ରାସ ପାଇ ୧୦.୪୩ କୋଟି ଟନ ହୋଇଛି। ଏଭଳି ଭାବେ ଷ୍ଟିଲ ଉତ୍ପାଦନରେ ଜାପାନକୁ ଭାରତ ପଛରେ ପକାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଆମେରିକା ୮.୬୭ କୋଟି ଟନ ଷ୍ଟିଲ୍ ଉତ୍ପାଦନ ସହ ୪ର୍ଥ, ଦକ୍ଷିଣ କୋରିଆ ୫ମ(୭.୨୫ କୋଟି ଟନ୍), ରୁଷ ୬ଷ୍ଠ(୭.୧୭ କୋଟି ଟନ୍), ଜର୍ମାନୀ ୭ମ(୪.୨୪ କୋଟି ଟନ୍), ତୁର୍କି ୮ମ(୩.୭୩ କୋଟି ଟନ), ବ୍ରାଜିଲ ୯ମ(୩.୪୭ କୋଟି ଟନ୍) ଓ ଇରାନ୧୦ମ(୨.୫ କୋଟି ଟନ୍)ରେ ରହିଛି।

### ଟିକଟ ବୁକିଂ ସଫ୍ଟୱେରର ଦୁରୁପଯୋଗ ରୋକିବ ରେଲୱେ

**ନୂଆଦିଲ୍ଲୀ,୨୮-୧:** ଭାରତୀୟ ରେଲୱେ ନିଜର ଟିକଟ ବୁକିଂ ସଫ୍ଟୱେର ୱେବ୍‌ସାଇଟ୍‌ରେ ଅଟୋମେଶନ ସଫ୍ଟୱେରର ଦୁରୁପଯୋଗ ରୋକିବା ଲାଗି ଖୁବଶୀଘ୍ର ଏକ ସାଇବର କ୍ରାଇମ ସେଲ୍ ସ୍ଥାପନ କରିବାକୁ ଯାଉଛି। ରେଲୱେ ସୂତ୍ରରୁ ଜଣାପଡିଛି ଯେ, ଏଭଳି ଏକ ସେଲ୍‌ର ବ୍ୟବହାର୍ଯ୍ୟତା ଜାଣିବା ଲାଗି ରେଲୱେ ବୋର୍ଡ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏହି ୬ ସଦସ୍ୟବିଶିଷ୍ଟ କମିଟିରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ସାମିଲ କରାଯାଇଛି,ଯେଉଁଥିରେ ସିଆର୍‌ଆଇଏସ୍‌ର ଇଞ୍ଜିନିୟର, କମ୍ପ୍ୟୁଟରୀକରଣ ଏବଂ ସୂଚନା ବ୍ୟବସ୍ଥା, ସିଗନାଲ ଏବଂ ଟେଲିକମ୍, ସତର୍କତା ଅଧିକାରୀ ଏବଂ ସୁରକ୍ଷା ଅଧିକାରୀ ସାମିଲ ହୋଇଛନ୍ତି। ଏହି କମିଟି ଆସନ୍ତା ୩ ମାସ ମଧ୍ୟରେ ବୋର୍ଡକୁ ନିଜର ରିପୋର୍ଟ ଦେବ। ସାଇବର କ୍ରାଇମ ସେଲ୍ କିଭଳି ପ୍ରତିଷ୍ଠା ହେବ ଏହି କମିଟି ତା'ର ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରି ବୋର୍ଡ ସମ୍ମୁଖରେ ଉପସ୍ଥାପନ କରିବ। ୧୯ ଏଭଳି ୱେବ୍‌ସାଇଟ ରହିଛନ୍ତି, ଯେଉଁମାନେ ଅଟୋମେଶନ ସଫ୍ଟୱେର ଦୁରୂପଯୋଗ କରୁଛନ୍ତି ବୋଲି ଗତବର୍ଷ ରେଲୱେ ପକ୍ଷରୁ ସଂସଦରେ ସୂଚନା ଦିଆଯାଇଥିଲା।

### ଟାଟା ଭାରତର ସବୁଠାରୁ ମୂଲ୍ୟବାନ ବ୍ରାଣ୍ଡ୍

**ନୂଆଦିଲ୍ଲୀ,୨୮-୧:** ବ୍ରାଣ୍ଡ୍ ଟାଟାର ମୂଲ୍ୟ ୩୭ ପ୍ରତିଶତ ବୃଦ୍ଧି ପାଇବା ସହିତ ୧୯.୫ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଏଥିସହିତ ଟାଟା ଗ୍ରୁପ୍ ବିଶ୍ୱର ଶୀର୍ଷ ୧୦୦ ବ୍ରାଣ୍ଡ୍ ମଧ୍ୟରେ ସାମିଲ ହୋଇଯାଇଛି। ଏକ ରିପୋର୍ଟରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଲୁଣରୁ ସଫ୍ଟୱେର ପର୍ଯ୍ୟନ୍ତ ତିଆରି କରୁଥିବା ଏହି ଗ୍ରୁପ୍ କମ୍ପାନୀକୁ ଲଣ୍ଡନସ୍ଥିତ କନସଲଟାନ୍ସି ବ୍ରାଣ୍ଡ୍ ଫାଇନାନ୍ସ ତାଲିକାରେ ୮୬ତମ ସ୍ଥାନରେ ରଖାଯାଇଛି। ଏହି କମ୍ପାନୀ ୨୦୧୮ରେ ଏହି ତାଲିକାରେ ୧୦୪ତମ ସ୍ଥାନରେ ରହିଥିଲା। ବିଶ୍ୱର ଶୀର୍ଷ ୧୦୦ କମ୍ପାନୀ ମଧ୍ୟରେ ଏହା ଏକମାତ୍ର ଭାରତୀୟ କମ୍ପାନୀ। ଟାଟା ସନ୍ସ ଅଧକ୍ଷ ଏନ୍.ଚନ୍ଦ୍ରଶେଖରନ କହିଛନ୍ତି ଯେ, ଏହି ମାନ୍ୟତା ମିଳିବା କାରଣରୁ ବ୍ୟବସାୟକୁ ବିଶ୍ୱରେ ସାମାଜିକ ଦାୟିତ୍ୱ ବୋଧ ସହିତ ବଢ଼ାଇବାକୁ ପ୍ରେରଣା ମିଳୁଛି। ନବୀନତମ ଏବଂ ଉଦ୍ୟମିତା ମାଧ୍ୟମରେ ଉତ୍କର୍ଷ ପ୍ରତିପାଦନ କରିବା ଲାଗି କ୍ରମଗତ ପ୍ରୟାସ ଜାରି ରହିବ।

### ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ଆରମ୍ଭ

# 'ପ୍ରଡକ୍ଟ ଇନୋଭେଶନକୁ ଗୁରୁତ୍ୱ ଦିଅନ୍ତୁ ଏମ୍‌ଏସ୍‌ଏମ୍‌ଇ'

ଭୁବନେଶ୍ୱର,୨୮-୧




- ଶିଳ୍ପ ବିକାଶ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ: ଶଶିଭୂଷଣ
- ଦାରିଦ୍ର୍ୟ ଦୂରୀକରଣ ଦିଗରେ ଏମ୍‌ଏସ୍‌ଏମ୍‌ଇ ସହାୟକ: ପ୍ରଫୁଲ୍ଲ ସାମଲ
- ୧୪.୬୧ ଲକ୍ଷ ନିଯୁକ୍ତି ସୃଷ୍ଟି
- ୪୦୦ ଏମ୍‌ଏସ୍‌ଏମ୍‌ଇ,୪୦ ଷ୍ଟାର୍ଟଅପ୍, ବିଦେଶରୁ ୩୨ ଉଦ୍ୟୋଗୀଙ୍କ ଯୋଗଦାନ

ବର୍ତ୍ତମାନ ସାରା ଦେଶର ପ୍ରାୟ ୬ କୋଟି ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ରହିଛି। ଓଡିଶାରେ ଏଭଳି ସାଢେ ୩ ଲକ୍ଷରୁ ଅଧିକ ଶିଳ୍ପ ସଂସ୍ଥା ରହିଛନ୍ତି। ଜାତୀୟ ହାର ତୁଳନାରେ ରାଜ୍ୟରେ ଏହି କ୍ଷେତ୍ରରେ ଶିଳ୍ପ ବିକାଶର ଆବଶ୍ୟକତା ରହିଛି। ସଂସ୍ଥାଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଯୋଗଦାନ ରଖୁ ଥିବାରୁ ରାଜ୍ୟ ସରକାର ଏଦିଗରେ ଯତ୍ନବାନ ହେବା ଆବଶ୍ୟକ। ସଂସ୍ଥାଗୁଡ଼ିକୁ ପ୍ରାଥମିକତା ପୂର୍ବକ ପାଣ୍ଠି ବ୍ୟବସ୍ଥା ସହ ପୁଞ୍ଜିଯୋଗାଣ ଧାରା ଉନ୍ନତ କରିବା ଉଚିତ ବୋଲି କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ସଚିବ ଅରୁଣ ପଣ୍ଡା ସୂଚନା ଦେଇଛନ୍ତି। ସୋମବାରଠାରୁ ଭୁବନେଶ୍ୱରର ପ୍ରଦର୍ଶନୀପଡ଼ିଆଠାରେ ଆରମ୍ଭ ହୋଇଥିବା ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାରରେ ଯୋଗ ଦେବା ଅବସରରେ ପଣ୍ଡା କହିଛନ୍ତି ଯେ, କେନ୍ଦ୍ର ସରକାର ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ବିକାଶ ଲାଗି ବହୁବିଧ ବ୍ୟବସ୍ଥା କରିଛନ୍ତି। ଇଜ୍ ଅଫ୍ ଡୁଇଂ ବିଜନେସକୁ ତ୍ୱରାନ୍ୱିତ ପୂର୍ବକ ଏମ୍‌ଏସ୍‌ଏମ୍‌ଇକୁ ପାଣ୍ଠି ଯୋଗାଣ ବ୍ୟବସ୍ଥା, ବଜାର ସୁବିଧା, ଟେକ୍ନୋଲୋଜି ଉପଲବ୍ଧ କରାଇବା ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯାଉଛି। ଏଭଳି ସ୍ଥିତିରେ ସଂସ୍ଥାଗୁଡ଼ିକ ସେମାନଙ୍କ ପ୍ରଡକ୍ଟରେ ଭିନ୍ନତା ଆଣିବାକୁ ହେବ। ଏହା ହେଲେ ସେମାନେ ନିଜ ପ୍ରଡକ୍ଟ ଲାଗି ଏକ ବଜାର ସୃଷ୍ଟି କରିବାକୁ ସକ୍ଷମ ହେବେ। ସେହିଭଳି ଜିଲାସ୍ତରରେ କାର୍ଯ୍ୟ କରୁଥିବା ଜିଲା ଶିଳ୍ପ କେନ୍ଦ୍ର(ଡିଆଇସି)ଗୁଡ଼ିକ କେବଳ ତଦାରଖ ନ କରି ଫାସିଲିଟେଶନ ସେଣ୍ଟର ଭାବେ କାର୍ଯ୍ୟ କରିଲେ ତୃଣମୂଳ ସ୍ତରରେ ଏମ୍‌ଏସ୍‌ଏମ୍‌ଇର ବିକାଶ ଦ୍ରୁତ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ବିକାଶ ଲାଗି ପ୍ରତିଶ୍ରୁତିବଦ୍ଧ। ଏଦିଗରେ ରାଜ୍ୟ କାର୍ଯ୍ୟ କରୁଥିବା ଏଥିରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୧୭,୮୬୩ କୋଟି ଟଙ୍କାର ନିବେଶ ଏବଂ ୧୪.୬୧ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ଷ୍ଟାର୍ଟ ଅପ୍, ଶିଳ୍ପ ଏବଂ ଏମ୍‌ଏମ୍‌ଏମ୍‌ଇ ନୀତି ଆଣିବା ସହ ଶିଳ୍ପ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ସେହିଭଳି ଭିଜନ-୨୦୨୫ ଡକ୍ୟୁମେଣ୍ଟ, ମେକ ଇନ୍ ଓଡ଼ିଶା ଏବଂ ଆର୍ଥିକ ସଂସ୍କାର ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ରାଜ୍ୟରେ ଉକ୍ତ ଶିଳ୍ପର ବିକାଶ ଲାଗି ପର୍ଯ୍ୟାପ୍ତ ସୁଯୋଗକୁ ବିଚାର କରି ରାଜ୍ୟ ସରକାର ମାର୍କେଟିଂ ରୋଡ୍‌ମ୍ୟାପ୍ ଆଣିବା ଦିଗରେ କାର୍ଯ୍ୟରତ।

ଶିଳ୍ପର ବିକାଶ ଲାଗି ଓଡ଼ିଶା ରାଜ୍ୟ ଫାଇନାନ୍ସ କମିଶନର ପୁନରୁଦ୍ଧାର ଉପରେ ଏମ୍‌ଏମ୍‌ଏସ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଗୁରୁତ୍ୱାରୋପ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଦାରିଦ୍ର୍ୟ ଦୂରୀକରଣ ଦିଗରେ ସହାୟକ ହେଉଛି। ଏହି ସଂସ୍ଥାଗୁଡ଼ିକ କୌଣସି ଅସୁବିଧା କାରଣରୁ ଯଦି ବନ୍ଦ ହେଉଛି ତାକୁ ପୁନଃ ଚାଲୁ କରିବା ନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଶିଳ୍ପ ବିକାଶ ଲାଗି ବ୍ୟାଙ୍କ ତଥା କେନ୍ଦ୍ର ସରକାରଙ୍କ ସହଯୋଗ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୋଲି ସାମଲ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ଏସ୍‌ଏସ୍‌ଏମ୍‌ଇ ସ୍ୱତନ୍ତ୍ର ସଚିବ ଏଲ୍‌ଏନ୍ ଗୁପ୍ତା, ଏନ୍‌ଏସ୍‌ଆଇସି ସିଏମ୍‌ଡି ସୁଧୀର ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୪୦୦ ଏମ୍‌ଏସ୍‌ଏମ୍‌ଇ, ୪୦ ଷ୍ଟାର୍ଟଅପ୍ ଏବଂ ଇରାନ, ବାଂଲାଦେଶ, ଦକ୍ଷିଣ କୋରିଆ, କାମ୍ବୋଡିଆ ଭଳି ଦେଶରୁ ୩୨ ଉଦ୍ୟୋଗୀ ଯୋଗଦେବା ସହ ସେମାନଙ୍କ ପ୍ରଡକ୍ଟ ପ୍ରଦର୍ଶନ କରାଉଛନ୍ତି।

#### ଷ୍ଟାର୍ଟ ଅପ୍ ଓଡ଼ିଶା ପୋର୍ଟାଲରେ ୩୫୦ ସଂସ୍ଥା ପଞ୍ଜୀକୃତ

ମେ ୨୦୧୭ରେ ରାଜ୍ୟ ସରକାର ଷ୍ଟାର୍ଟଅପ୍ ଓଡ଼ିଶା ପୋର୍ଟାଲ ଶୁଭାରମ୍ଭ କରିବା ପରଠାରୁ ଗତ ୨୦ ମାସ ମଧ୍ୟରେ ଏଥିରେ ୩୫୦ ଉଦ୍ୟୋଗ ପଞ୍ଜୀକୃତ ହୋଇଛନ୍ତି। ରାଜ୍ୟ ଷ୍ଟାର୍ଟଅପ୍ ନୀତି ଅଧୀନରେ ୬୧ ଟି ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିଲାଗି ୧୧ ଇନକ୍ୟୁବେଟର, ୧୨ ନୋଡାଲ ଏଜେନ୍ସି ଏବଂ ୧୦୦ ମେଣ୍ଟର କାର୍ଯ୍ୟ କରୁଛନ୍ତି। ଡିଆଇପିପିର ରାଜ୍ୟ ଷ୍ଟାର୍ଟଅପ ର୍ୟାଙ୍କିଙ୍ଗ-୨୦୧୮ରେ ଓଡ଼ିଶା ଟପ୍ ପରଫରମର ଭାବେ ମାନ୍ୟତା ପାଇଛି। ପ୍ରତି ମାସରେ ୨୦ ସଂସ୍ଥା ଏହି ତାଲିକାରେ ଯୋଡି ହେଉଥିବା ବେଳେ ୨୦୨୦ ସୁଦ୍ଧା ଷ୍ଟାର୍ଟଅପ୍ ସଂଖ୍ୟା ୧୦୦୦ରେ ପହଞ୍ଚାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

### ନରେଶ ପେନୁମାକା ଭୁବନେଶ୍ୱର ମଣ୍ଡଳର ସିଜିଏସ୍‌ଟି ମୁଖ୍ୟ କମିଶନର



ଭୁବନେଶ୍ୱର,୨୮-୧

କେନ୍ଦ୍ରୀୟ ସାମଗ୍ରୀ ଓ ସେବା ଟିକସ(ସିଜିଏସ୍‌ଟି) ଭୁବନେଶ୍ୱର ମଣ୍ଡଳର ନୂଆ ମୁଖ୍ୟ କମିଶନର ଭାବେ ନରେଶ ପେନୁମାକା ଦାୟିତ୍ୱ ଗ୍ରହଣ କରିଛନ୍ତି। ପେନୁମାକା ୧୯୮୭ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ । ଏହା ପୂର୍ବରୁ ସେ ହାଇଦ୍ରାବାଦ ଜୋନର ପ୍ରଧାନ ଆୟୁକ୍ତ ପଦରେ ନିୟୋଜିତ ଥିଲେ। ସେ ୟୁନିଭର୍ସିଟି ଅଫ ମାଡ୍ରାସରୁ ବାଣିଜ୍ୟରେ ସ୍ନାତକୋତ୍ତର ଏବଂ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ଟିକସ କ୍ଷେତ୍ରରେ ତାଙ୍କର ଦୀର୍ଘ ୩ ଦଶନ୍ଧିର ଅଭିଜ୍ଞତା ରହିଛି। ଜୋନରେ ଟିକସ ଫାଙ୍କିକୁ ରୋକିବା ସହ ବ୍ୟବସାୟୀମାନେ ଜିଏସ୍‌ଟିର ଲାଭ କିଭଳି ଭାବେ ପାଇବେ ତାକୁ ପ୍ରାଥମିକତା ଦିଆଯିବ ବୋଲି ପେନୁମାକା କହିଛନ୍ତି। ସୂଚନା ଯୋଗ୍ୟ ଭୁବନେଶ୍ୱର ଜୋନ ୨୦୧୮ରେ ଶେଷ ସୁଦ୍ଧା ଜିଏସ୍‌ଟିରୁ ୪୮୧୨ କୋଟି, ସୀମା ଟିକସରୁ ୩୯୦୧ କୋଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଟିକସ ବାବଦକୁ ୧୨୮୦୭ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଥିବା ସୂଚନା ରହିଛି।

# ମହଙ୍ଗା ପଡ଼ିବ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଠକାମି

ନୂଆଦିଲ୍ଲୀ,୨୮-୧

ସାମଗ୍ରୀ ଏବଂ ସେବା କର(ଜିଏସ୍‌ଟି) ଅଧୀନରେ ଜାଲ୍ ବିଲ୍ ଜରିଆରେ ସରକାରଙ୍କୁ ଠକି ଇନପୁଟ୍ ଟ୍ୟାକ୍ସ କ୍ରେଡିଟ ଆଦାୟ କରିଥିବା ବ୍ୟବସାୟୀ ଅଡୁଆରେ ପଡିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ଟିକସ ଅଧିକାରୀମାନେ ସେମାନଙ୍କ ବିରୋଧରେ ଯାଞ୍ଚ ଆରମ୍ଭ କରିବାକୁ ଯାଉଛନ୍ତି। ଜିଏସଟି ଆଦାୟ କ୍ରମାଗତ ହ୍ରାସ ପାଇବା ପରେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଏହି କାରଣରୁ ଟିକସ ଅଧିକାରୀମାନଙ୍କୁ କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆସରିଛି। ଜିଏସଟି ହ୍ରାସର କାରଣ ଜାଣିବା ତଥା ଏ ଦିଗରେ ସମ୍ଭାବ୍ୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ଲାଗି ଜିଏସ୍‌ଟି କାଉନସିଲ୍ ପକ୍ଷରୁ ଏକ ମନ୍ତ୍ରୀଗୋଷ୍ଠୀ ଗଠନ କରାଯାଇସାରିଛି। ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ(ଆଇଟିସି)ର ଅଧିକ ଉପଯୋଗ ସମ୍ପର୍କରେ ଏହି ଗୋଷ୍ଠୀ ତର୍ଜମା କରିବେ।

ସାଧାରଣତଃ ଆଟିସି ଯୋଗୁ ରାଜସ୍ୱ ହ୍ରାସ ହୋଇ ନ ଥାଏ। କିନ୍ତୁ କେତେକ ଅସାଧୁ ବ୍ୟବସାୟୀ, କମ୍ପାନୀ ଏହାର ଦୁରୂପଯୋଗ କରିଛନ୍ତି। ସେମାନେ ସରକାରଙ୍କ ନିକଟରୁ ଆଇଟିସି ଦାବି କରିବା ଲାଗି ଜାଲ୍ ବିଲ୍‌ର ସହାୟତା ନେଇଛନ୍ତି ବୋଲି ଅନୁମାନ କରାଯାଉଛି। ଏହାରି ମାଧ୍ୟମରେ ବଡ଼ ଧରଣର ଟିକସ ପୁଣି ବ୍ୟବସାୟୀ ଫେରସ୍ତ ପାଉଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଆର୍ଥିକ ବର୍ଷ ୨୦୧୮-୧୯ରେ ଜିଏସ୍‌ଟି ବାବଦରେ ହାରାହାରି ମାସକୁ ୯୬ହଜାର କୋଟିଟଙ୍କାର ରାଜସ୍ୱ ଆଦାୟ ହୋଇଛି। ମୋଟ୍ ଜିଏସଟି ରିଫଣ୍ଡର ୮୦ ପ୍ରତିଶତ ଆଇଟିସି ମାଧ୍ୟମରେ ହେଉଛି। ମାତ୍ର ୨୦ ପ୍ରତିଶତ ଟିକସ ରୂପରେ ଜମା ହେଉଛି। ବର୍ତ୍ତମାନର ବ୍ୟବସ୍ଥାରେ ଇନପୁଟ ଟ୍ୟାକ୍ସ କ୍ରେଡିଟ ଦାବିକୁ ଯୋଗାଣକାରୀଙ୍କ ଦ୍ୱାରା ପୂର୍ବରୁ ଦାଖଲ ହୋଇଥିବା ଇନପୁଟ୍ ଟିକସ ସହ ତତ୍କାଳ ସିଧାସଳଖ ମିଳାଇବାର କୌଣସି ବ୍ୟବସ୍ଥା ନାହିଁ। ଦାଖଲ ହେବା ଏବଂ ଏହାକୁ ମିଳାଇବା ଲାଗି ଅଧିକ ସମୟ ଲାଗିଥାଏ। ଏଭଳି ସ୍ଥିତିରେ ଆଇଟିସି ଦାବିକୁ ଜିଏସ୍‌ଟିଏନ୍ ଜରିଆରେ ଜିଏସ୍‌ଟିଆର-୨ଏ ସହ ମିଶାଯାଏ। ଏଥିରେ ତ୍ରୁଟି ପରିଲକ୍ଷିତ ହେଲେ ଟିକସ ଅଧିକାରୀ ସମ୍ପୃକ୍ତ ବ୍ୟବସାୟୀଙ୍କୁ ନୋଟିସ ଦିଅନ୍ତି। ଏହାର ଫାଇଦା ଉଠାଇ କେତେକ ବ୍ୟବସାୟୀ ଜାଲ୍ ବିଲ୍ ଦାଖଲ କରିଛନ୍ତି ବୋଲି ଆୟକର ବିଭାଗର ସନ୍ଦେହ ଉପୁଜିଛି। ଜଣେ ଅଧିକାରୀଙ୍କ କହିବାନୁଯାୟୀ ରିଟର୍ନ ଦାଖଲ କରିବାର ନୂଆ ବ୍ୟବସ୍ଥା ଲାଗୁ ହେବା କ୍ଷଣି ଟିକସ ଅଧିକାରୀମାନଙ୍କୁ ଦାବି ମିଳାଇବା ସହଜ ହେବ। ମିଳିଥିବା ସୂଚନାରୁ ଜଣାପଡିଛି ଯେ, ରାଜସ୍ୱ ବିଭାଗ ଏବେ ବଡ଼ ସଂଖ୍ୟାରେ ଆଇଟିସିର ଯାଞ୍ଚ କରିବାକୁ ଯାଉଛି। ଉଲ୍ଲେଖ କରାଯାଇପାରେ ଯେ, ଗତ ବର୍ଷ ଏପ୍ରିଲରେ ୧.୦୩ ଲକ୍ଷ କୋଟି ଟଙ୍କା, ମେ'ରେ ୯୪,୦୧୬ କୋଟି, ଜୁନ୍‌ରେ ୯୫,୬୧୦ କୋଟି, ଜୁଲାଇରେ ୯୬,୪୮୩ କୋଟି, ଅଗଷ୍ଟରେ ୯୩,୯୬୦ କୋଟି, ସେପ୍ଟେମ୍ବରରେ ୯୪,୪୪୨ କୋଟି, ଅକ୍ଟୋବରରେ ୧,୦୦୭୧୦ କୋଟି, ନଭେମ୍ବରରେ ୯୭,୬୩୭ କୋଟିତଥା ଡିସେମ୍ବରରେ ୯୪,୭୨୬ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଛି।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିଲେ ଆର୍‌ବିଆଇ ଗଭର୍ନର

**ମୁମ୍ବାଇ,୨୮-୧:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମୁଖ୍ୟମାନଙ୍କୁ ଭେଟିଛନ୍ତି। ଏଥିରେ ବ୍ୟାଙ୍କର ସିଇଓ, ଏମ୍‌ଡି ସାମିଲ ଥିଲେ। ଏହି ବୈଠକରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକଠାରୁ ରିଜର୍ଭ ବ୍ୟାଙ୍କର କ'ଣ ଆଶା ରହିଛି ତାହା ଗଭର୍ନର ଶକ୍ତିକାନ୍ତ ଭଲ ଭାବେ ବୁଝାଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଫେବୃୟାରୀ ୭ରେ ଚଳିତ ଆର୍ଥିକ ବର୍ଷ ଲାଗି ୬ଷ୍ଠ ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବେ। ନୂଆ ଗଭର୍ନର ଭାବେ ଶକ୍ତିକାନ୍ତ ମୁଦ୍ରାନୀତି ସମୀକ୍ଷାର ପ୍ରଥମ ବୈଠକରେ ଯୋଗ ଦେବେ। ବ୍ୟାଙ୍କିଙ୍ଗ କ୍ଷେତ୍ରରୁ ଆର୍‌ବିଆଇ କ'ଣ ଚାହୁଁଛି, ତାହା ଜଣାଇବା, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ସ୍ପଷ୍ଟ ଚିତ୍ର କ'ଣ ହେବ ତାହା ଜାଣିବା ଲାଗି ବସ୍ତୁତଃ ଏହି ବୈଠକ ଆୟୋଜନ କରାଯାଇଥିଲା ବୋଲି ସେ ଖବରଦାତାଙ୍କୁ ଜଣାଇଛନ୍ତି।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସ
ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-15,
ଫୋନ୍ ନଂ. 0674-2360189/2360542, ଫାକ୍ସ : 0674-2360990
ଇ-ମେଲ : rmbbsr@cewacor.nic.in | ୱେବ୍‌ସାଇଟ : www.cewacor.nic.in

CWC/RO-Engg./BBSR/NIT/18-19 Dated: 29/01/2019

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା ସଂ. 03/18-19**

ନିମ୍ନୋକ୍ତ କାର୍ଯ୍ୟ ପାଇଁ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଠିକାଦାରଙ୍କ ଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛି :

| କ୍ର. ସଂ. | କାର୍ଯ୍ୟର ନାମ | ଆକଳିତ ମୂଲ୍ୟ (ଟଙ୍କାରେ) | ଟେଣ୍ଡର ଅନ୍‌ଲାଇନ୍ ଦାଖଲ କରିବାର ଅନ୍ତିମ ତାରିଖ |
|---|---|---|---|
| 1 | କେନ୍ଦ୍ରୀୟ ପଣ୍ୟାଗାର-ଜଟଣୀ(ଓଡ଼ିଶା)ର ଅଭ୍ୟନ୍ତରୀଣ ରାସ୍ତାର ମରାମତି କାର୍ଯ୍ୟ । | 4446752.67 | ତା. 28.02.2019 ରିଖ 15.00 ଘଟିକା ପର୍ଯ୍ୟନ୍ତ |

ବିସ୍ତୃତ ଟେଣ୍ଡରର ଚୁକ୍ତିର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନାର ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.tenderwizard.com/CWC କିମ୍ବା http://eprocure.gov.in/epublish/app ରେ ଦୃଶ୍ୟମାନ ଏବଂ ଡାଉନ୍‌ଲୋଡ୍ କରାଯାଇପାରିବ ।
ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

**NOTICE**
OFFICE OF THE CHIEF DIST. MEDICAL AND PUBLIC HEALTH OFFICER, BARGARH
No.977 Date27.01.19
In pursuance to Notice No.952 dtd.25.01.2019 of CDM & PHO, Bargarh, the CBST for selection of Staff Nurse and Addl. ANM which was scheduled to be held on 29th & 30th Jan-19 is postponed until further notification.
**Sd./- Chief Dist, Medical & Public Health Officer, Bargarh**

ZILLA SWASTHYA SAMITI, KALAHANDI
DISTRICT PROGRAMME MANAGEMENT UNIT
NATIONAL HEALTH MISSION
E-mail: dpmukalahandi@gmail.com, Phone: 06670 - 330998
Advt. No.237/DPMU/NHM Date: 22.01.2019
**NOTICE INVITING BID FOR EQUIPMENT, AIDS & DRUGS FOR DEIC (RBSK) O/O CDM & PHO, KALAHANDI**
Bids are invited from eligible firms / company / agency / suppliers / distributors to supply the Equipments, Aids & Drugs to DEIC, RBSK KALAHANDI. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: **www.kalahandi.nic.in**. The last date of submission of bid is on or before **15.02.2019 by 04 PM** to the O/o- CDM&PHO, Kalahandi through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.
**Sd./- Chief District Medical & Public Health Officer, Kalahandi**

**ODISHA JOINT ENTRANCE EXAMINATION-2019 (OJEE - 2019)**
No: OJEE-19/036 Date: 28.01.2019
**TENDER CALL NOTICE**
**Call for Proposals and Quotations for conducting the Joint Entrance Examination 2019 in Computer-Based-Test (CBT) Mode for MBA, MCA, Lateral Entry to MCA, M.PHARM, M.ARCH, M.PLAN and all M.TECH Courses.**
Tenders are invited from eligible, reputed and qualified IT Firms with sound technical and financial capabilities for implementation and maintenance of Computer Based System for conducting entrance examination of OJEE 2019. The tenderers may apply in the prescribed tender documents available on the websites of OJEE. i.e. **www.odishajee.com/www.ojee.nic.in.** The last date of submission of the tender is 18th February, 2019 by 5:00PM.
The OJEE Authority reserves the right to cancel the tender without assigning any reason thereof.
Sd/-
CHAIRMAN, OJEE

# ଏତଲା ପୂର୍ବରୁ ବନ୍ଦ ହୋଇଥାନ୍ତା ଫାଇଲ

ମୁମ୍ବାଇ,୨୮-୧

**ଭିଡିଓକନ ଋଣ ଜାଲିଆତି**



ଭିଡିଓକନ ଋଣ ଠକେଇ ମାମଲାରେ ନୂଆ ନୂଆ ତଥ୍ୟ ପଦାକୁ ଆସିବାରେ ଲାଗିଛି। ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଛର ତଥା ତାଙ୍କ ପରିବାରବର୍ଗ ଏବଂ ଭିଡିଓକନ ପ୍ରମୋଟର ବେଣୁଗୋପାଳ ଧୂତ୍‌ଙ୍କ ବିରୋଧରେ ଆଗତ ଅଭିଯୋଗର ତଦନ୍ତ କରୁଥିବା କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ(ସିବିଆଇ)ର ତଦନ୍ତକାରୀ ଅଧିକାରୀ ଏତଲା ଦାଏର କରିବାର ସପ୍ତାହକ ପୂର୍ବରୁ ଫାଇଲ ବନ୍ଦ କରିବାକୁ ସୁପାରିସ କରିଥିଲେ ବୋଲି ଅନୁସନ୍ଧାନରୁ ଜଣାପଡିଛି। ସେମାନଙ୍କ ବିରୋଧରେ ଆଗତ ଅଭିଯୋଗ ଉପରେ ସେଭଳି ଦୋଷୀସାବ୍ୟସ୍ତ କରିବା ଭଳି ପ୍ରମାଣ ମିଳି ନ ଥିଲା ବୋଲି ତଦନ୍ତକାରୀ ଅଧିକାରୀ ନିଜ ରିପୋର୍ଟରେ ଉଲ୍ଲେଖ କରିଥିବା କୁହାଯାଉଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଉକ୍ତ ୩ ଜଣଙ୍କ ବିରୋଧରେ ତଦନ୍ତ କରୁଥିବା ଦଳର ସଦସ୍ୟ ଡେପୁଟି ଇନ୍ସପେକ୍ଟର ଜେନେରାଲ ଜଶବୀର ସିଂହ ଏବଂ ଏସ୍‌ପି ସୁଧାଂଶୁ ମିଶ୍ର ପୂର୍ବରୁ ତଦନ୍ତ କରିଥିବା ଅଧିକାରୀ ଡି.ଜେ. ବାଜପେୟୀଙ୍କ ସୁପାରିସକୁ କାଏମ ରଖିଥିଲେ ଏବଂ ପ୍ରମାଣ ଅଭାବରୁ ଫାଇଲ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ତେବେ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ଏମ୍.ନାଗେଶ୍ୱର ରାଓ ଏହାକୁ ଅଣଦେଖା କରିଥିଲେ ଏବଂ ଏତଲା ଦାଏର ଲାଗି ସବୁଜ ସଙ୍କେତ ଦେଇଥିଲେ। ଏହାର ଦିନକ ପରେ ତଦନ୍ତ ଦାୟିତ୍ୱରେ ଥିବା ଦଳକୁ ବଦଳାଇ ଦିଆଯାଇଥିଲା ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ସୂଚନାଥାଉ କି, ଚନ୍ଦା କୋଚ୍ଛର, ତାଙ୍କ ସ୍ୱାମୀ ଦୀପକ କୋଚ୍ଛର ଓ ବେଣୁଗୋପାଳଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ସିବିଆଇ ପକ୍ଷରୁ ଏତଲା ଦାଏର କରାଯିବା ପରେ କେନ୍ଦ୍ର ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୋସିଆଲ ମିଡିଆରେ ଏହାକୁ ତୀବ୍ର ଭର୍ତ୍ସନା କରିଥିଲେ। ସୂଚନାରୁ ଜଣାପଡିଛି ଯେ, ତଦନ୍ତକାରୀ ଅଧିକାରୀ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ, ଅଭିଯୋଗ ମିଳିବା ମାତ୍ରେ ସିବିଆଇ ପକ୍ଷରୁ ଚନ୍ଦା, ତାଙ୍କ ଦିଅର ରାଜୀବ କୋଚ୍ଛରଙ୍କୁ ଜେରା କରାଯାଇଥିଲା। ତେବେ ଅଭିଯୋଗକୁ ଏତଲାରେ ପରିବର୍ତ୍ତନ କରିବା ଭଳି କୌଣସି ଗ୍ରହଣଯୋଗ୍ୟ ପ୍ରମାଣ ମିଳି ନଥିଲା। ଏଣୁ ଅଭିଯୋଗ ସମ୍ପର୍କିତ ଫାଇଲକୁ ବନ୍ଦ କରିଦେବା ଉଚିତ୍ ହେବ ବୋଲି ସୁପାରିସ୍‌ରେ ଦର୍ଶାଯାଇଥିଲା। ଏହି ଫାଇଲ ନାଗେଶ୍ୱର ରାଓଙ୍କ ନିକଟକୁ ପଠାଯିବା ପରେ ସେ ସୁପାରିସ୍‌କୁ ଅଣଦେଖା କରି ଚଳିତ ସପ୍ତାହରେ ଏତଲା ଦାଏର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅନ୍ୟ ଅଧିକାରୀଙ୍କ କହିବାନୁଯାୟୀ ତଦନ୍ତ କରୁଥିବା ଅଧିକାରୀମାନେ ତଦନ୍ତକୁ ଜାଣିଶୁଣି ବିଳମ୍ବ କରୁଥିଲେ ଏବଂ ଚଢ଼ାଉ ସମ୍ପର୍କରେ ତଥ୍ୟକୁ ସାର୍ବଜନୀନ କରୁଥିଲେ। ମିଶ୍ର ଓ ଅନ୍ୟମାନଙ୍କ ବିରୋଧରେ ତଥ୍ୟ ଲିକ୍ କରୁଥିବାର ପ୍ରମାଣ ମିଳିବା ପରେ ତାଙ୍କୁ ବଦଳି କରାଯାଇଛି। ଏସ୍‌ପି ମୋହିତ ଗୁପ୍ତାଙ୍କ ଅଧୀନରେ ଚଢ଼ାଉ କରାଯାଉଥିଲା। ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସମ୍ପର୍କରେ ଏବେ ଭିତିରିଆ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 13 ରେ ପ୍ଲଟ ନଂ –13-2F/718 ଟିକୁ ଶ୍ରୀମତୀ ଛାୟାରାଣୀ ରାଉତ, ସ୍ୱାମୀ – ଶ୍ରୀ ପଞ୍ଚାନନ ସାହୁ, ସା/ପୋ– ଜନକଦେଇପୁର, ଥା – ଏରସମା, ଜିଲ୍ଲା – ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀମତୀ ଛାୟାରାଣୀ ରାଉତଙ୍କ ମୃତ୍ୟୁପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ସ୍ୱାମୀ ଶ୍ରୀ ପଞ୍ଚାନନ ସାହୁ, ପି – ୰ ମନୁ ସାହୁ, ସା/ପୋ – ଜନକଦେଇପୁର, ଥା – ଏରସମା, ଜିଲ୍ଲା – ଜଗତସିଂହପୁର ଉକ୍ତ ପ୍ଲଟ ଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
ସଚିବ




ZILLA SWASTHYA SAMITI, GANJAM
Advt. No.1984 Date: 25.01.2019
**WALK IN INTERVIEW**
A Walk In Interview will be conducted for filling up vacancies of various staff under NHM, O/o CDM & PHO, Ganjam, Berhampur on contractual basis subject to renewal as per Odisha State Health & Family Welfare Society terms and conditions.
1. Medical Officer SNCU
2. Medical Officer DEIC
3. Dental Technician
4. Block Programme Manager
5. Community Nurse
6. Optometrist
7. Clinical Psychologist

Interested candidates can log on to district website **https://ganjam.nic.in** for details of vacancy, Date of Walk In Interview, eligible criteria & application form etc. Candidates fulfilling the eligibility criteria may appear before the Interview Board (Venue : IEC Hall of office of the CDM & PHO, Ganjam, Berhampur) on the scheduled date mentioned against post from 10.30 A.M. to 12.00 Noon, with filled application form along with a self attested copies of all supportive documents.
The undersigned reserves the right to cancel / reject any or all the applications without assigning any reason thereof.
**Sd./- CDM & PHO, Ganjam**

"ଭାରତ ଆମଠାରୁ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଦଳ ହୋଇଥିଲେ ହେଁ ଅଣ୍ଡରଡଗ୍ ନୁହେଁ, ଆମକୁ କଡ଼ା ଟକ୍କର ଦେବ ।
–କୋରାଡୋ ବାରାଜ୍ଜୁଟି
ଇଟାଲୀ ଡେଭିସ୍ କପ୍ ଅଧିନାୟକ



"ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ଫାଇନାଲରେ ନୋଭାକ ଜୋକୋଭିଚ୍‌ଙ୍କଠାରୁ ପରାଜୟକୁ ମୁଁ ସକାରାତ୍ମକ ଦୃଷ୍ଟିରେ ନେଇଛି ।
–ରାଫାଲ ନାଡାଲ, ସ୍ପାନିଶ ଟେନିସ୍ ଖେଳାଳି



## ସଂକ୍ଷେପରେ

### ମୁକ୍ତେଶ୍ୱରର ବୃହତ ବିଜୟ

**ଭୁବନେଶ୍ୱର, ୨୮।୧(ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଭୁବନେଶ୍ୱର ଲିଟିଲ୍ ଷ୍ଟାର୍ସ କ୍ରିକେଟ ଲିଗ୍‌ର ୨ୟ ଦିବସରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ (ଏମ୍‌ସିସି) ବୃହତ ବିଜୟ ହାସଲ କରିଛି। ମୁକ୍ତେଶ୍ୱର ୯ ଉଇକେଟ୍‌ରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ୩୧ ଓଭରରେ ମାତ୍ର ୬୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମୁକ୍ତେଶ୍ୱରର ଐଶ୍ୱର୍ଯ୍ୟ ପତି ୪ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ମୁକ୍ତେଶ୍ୱର ୧୭.୨ ଓଭରରେ ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଭାବୀ ବୋଲିଂ ପାଇଁ ଐଶ୍ୱର୍ଯ୍ୟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

### କୃତୀ କୁସ୍ତି ପ୍ରତିଯୋଗୀ ସମ୍ବର୍ଦ୍ଧିତ

**କଟକ ଅଫିସ,୨୮।୧:** ବାରବାଟୀ ରେସଲିଂ କ୍ଲବ ପକ୍ଷରୁ ସୋମବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗତ ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ବିଭିନ୍ନ ଓଜନ ବର୍ଗରେ ଚାମ୍ପିୟନ ହୋଇଥିବା କ୍ଲବର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏମାନେ ହେଲେ ରୋଜାଲିନ ପାଲ, ବନିତା ପାତ୍ର, ଚିନ୍ମୟୀ ସାମଲ, ବିଉଟି ସାମଲ, ରାଜମୋହିନୀ। ସମ୍ବର୍ଦ୍ଧନା ଉତ୍ସବରେ କ୍ଲବ ସମ୍ପାଦକ ପ୍ରତାପ କିଶୋର ସିଂ ଅତିଥି ଭାବେ ଯୋଗ ଦେଇଥିଲେ।

■ ସର୍ବଭାରତୀୟ ଲାଲମନି କ୍ରିକେଟ

# ସେମିରେ ଇଷ୍ଟକୋଷ୍ଟ ରେଲୱେ

**ସୋନପୁର,୨୮।୧ (ନି.ପ୍ର.)**

ଇଷ୍ଟକୋଷ୍ଟ ରେଲୱେ (ଖୋର୍ଦ୍ଧା) ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଗାନ୍ଧୀ ପଡିଆରେ ସୋମବାର ଏହି ଦଳ ସ୍କୁଲ ଅଫ୍ କ୍ରିକେଟ୍(ଜାମସେଦପୁର)କୁ ୩୪ ରନରେ ହରାଇ ଦେଇଛି। ଏହି ମ୍ୟାଚରେ ଟସ୍ ଜିତି ଜାମସେଦପୁର ଦଳ ଖୋର୍ଦ୍ଧା ଦଳକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରତିକୂଳ ପାଗ ହେତୁ ମ୍ୟାଚ ବିଳମ୍ବିତ ହେବା କାରଣରୁ ଏହି ଟି୨୦ ମ୍ୟାଚକୁ ୧୫ ଓଭର ବିଶିଷ୍ଟ କରାଯାଇଥିଲା । ଇଷ୍ଟକୋଷ୍ଟ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନୂତନ ଭାବେ ଧାର୍ଯ୍ୟ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୨୭ ରନ କରିଥିଲା । ଦଳ ପକ୍ଷରୁ ସମୀର ମହାନ୍ତି ୩୪ ବଲରୁ ଦ୍ରୁତ ୬୫ ରନ ଓ ଲଗ୍ନଜିତ ସାମଲ ଅପରାଜିତ ୨୮ବଲରୁ ୩୪ ରନ କରିଥିଲେ। ବିପକ୍ଷ ଦଳ ପକ୍ଷରୁ ରାହୁଲ ରଞ୍ଜନ ୨ଟି ଓ ଅନିଲ କୁମାର ଏବଂ ନରେନ୍ଦ୍ର ଦେବ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜାମସେଦପୁର ଦଳ ୧୫ ଓଭରରେ ୮ ଉଇକେଟ ହରାଇ ୯୩ ରନ କରିଥିଲା । ଦଳ ପକ୍ଷରୁ କୁଶ ଝା ୨୦ ବଲରୁ ୨୩ ରନ, ବିଜୟଶଙ୍କର ୧୬ ବଲରୁ ଅପରାଜିତ ୧୮ ରନ ଓ ଅଭିଷେକ ୮ ବଲରୁ ୧୨ ରନ କରିଥିଲେ । ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ପକ୍ଷରୁ ସୁଶାନ୍ତ ସାହୁ ଚମତ୍କାର ବୋଲିଂ କରି ହ୍ୟାଟ୍ରିକ୍ ସହ ୧୧ ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ । ଅଙ୍କିତ ଯାଦବ ୨ଟି ଓ ଜୟନ୍ତ ବେହେରା ୧ଟି ଉଇକେଟ ହାସଲ କରିଥିଲେ । ଟୁର୍ନାମେଣ୍ଟ ନିୟମାନୁସାରେ ଖୋର୍ଦ୍ଧା ଦଳକୁ ବୋନସ ୬ ରନ ମିଳିଥିଲା । ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଟି୧୦ ମ୍ୟାଚ୍‌ରେ ସମୀର ମହାନ୍ତିଙ୍କ ୨୩ ବଲରୁ ୩୯ରନ ଓ ସନ୍ଦୀପ ମୂଳିଆଙ୍କ ୧୭ ବଲରୁ ୨୩ ରନ ସହାୟତାରେ ଖୋର୍ଦ୍ଧା ଦଳ ନିର୍ଦ୍ଧାରିତ ଓଭରରେ ୯୪ ରନ କରିଥିଲା। ବୋନସ ୬ ରନକୁ ମିଶାଇ ଜାମସେଦପୁର ଦଳ ସମ୍ମୁଖରେ ୧୦୧ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଜାମସେଦପୁର ଦଳ ମାତ୍ର ୬୭ ରନ ସଂଗ୍ରହ କରିବାକୁ ସମର୍ଥ ହୋଇପାରିଥିଲା। ଦଳ ପକ୍ଷରୁ ନୀଲେଶ ରଣା ୩୦ ରନ ଓ ପ୍ରେମ କୁମାର ଗୁପ୍ତା ୧୦ ରନ କରିଥିଲେ । ଖୋର୍ଦ୍ଧା ପକ୍ଷରୁ ଆଲୋକ ମଙ୍ଗରାଜ ମାତ୍ର ୫ ରନରେ ୩ଟି ଓ ଜୟନ୍ତ ବେହେରା ମଧ୍ୟ ୫ ରନରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ମନୀଷ ଅଗ୍ରୱାଲ ଓ ନିଶାନ୍ତ ମହାନ୍ତି ଖୋର୍ଦ୍ଧା ଦଳର ସମୀର ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଓସିଏର ସ୍ୱୀକୃତିପ୍ରାପ୍ତ ଅମ୍ପାୟର ସତ୍ୟପ୍ରକାଶ ରଥ ଓ ପୃଥ୍ୱୀରାଜ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ରାଜେଶ ଅଗ୍ରୱାଲ ସ୍କୋରର ଦାୟିତ୍ୱରେ ଥିଲେ । ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ, ଅଚ୍ୟୁତ ମିଶ୍ର ଓ ବି .ଏସ୍. ରାଓ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ବ୍ଲୁ ଡାଇମଣ୍ଡ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ।


ଇଷ୍ଟକୋଷ୍ଟ ରେଲୱେର ସମୀର ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

# ୬ଷ୍ଠକୁ ଖସିଲେ ଫେଡରର

**ପ୍ୟାରିସ, ୨୮।୧ (ଏଏଫ୍‌ପି):** ଏଟିପି ଟେନିସ୍ ର୍ୟାଙ୍କିଙ୍ଗ ତାଲିକା ସୋମବାର ପ୍ରକାଶ ପାଇଛି। ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ରାଫାଲ ନାଡାଲଙ୍କୁ ପରାସ୍ତ କରିବା ପରେ ନୋଭାକ ଜୋକୋଭିଚ୍ ନମ୍ବର ୱାନ ସ୍ଥାନରେ ତାଙ୍କ ସ୍ଥିତିକୁ ସୁଦୃଢ଼ କରିଦେଇଛନ୍ତି। ଅନ୍ୟପକ୍ଷରେ ପ୍ରି-କ୍ୱାର୍ଟରରେ ଗ୍ରୀସ୍ ଜିଆଣ୍ଟ କିଲର ଷ୍ଟିଫାନସ ତିସିତ୍‌ସିପାସ୍‌ଠାରୁ ପରାଜିତ ହୋଇଥିବା ଗତଥର ଚାମ୍ପିୟନ ରୋଜର ଫେଡେରର ତୃତୀୟ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଖସି ଆସିଛନ୍ତି। ଆଲେକ୍‌ଜାଣ୍ଡର ଜେଭରେଭ ତୃତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ଅଷ୍ଟ୍ରେଲିଆନ ଓପନ ଖେଳି ନ ଥିବା ଜୁଆନ ମାର୍ଟିନ ଡେଲ୍‌ପେଟ୍ରୋ ଚତୁର୍ଥ ସ୍ଥାନରେ ରହିଛନ୍ତି। ମେଲବୋର୍ନଠାରେ ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଥିବା ତଥା ଗତବର୍ଷର ୱିମ୍ବେଲଡନ ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକାର କେଭିନ୍ ଆଣ୍ଡରସନ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ମେଲବୋର୍ନରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିବାରୁ ଜାପାନର କେଇ ନିଶିକୋରୀ ଦୁଇ ସ୍ଥାନ ପଦୋନ୍ନତି ପାଇ ୭ମ ସ୍ଥାନରେ ରହିଛନ୍ତି। ସେମିଫାଇନାଲରେ ନାଡାଲଙ୍କୁ ପରାସ୍ତ କରିଥିବା ତିସିତ୍‌ସିପାସ୍ ୩ ସ୍ଥାନ ପଦୋନ୍ନତି ପାଇ ଟପ୍ ୧୦ ନିକଟବର୍ତ୍ତୀ ହୋଇଛନ୍ତି। ସେ ୧୨ଶ ସ୍ଥାନରେ ଅଛନ୍ତି।

### ଟେନିସ୍ ର୍ୟାଙ୍କିଙ୍ଗ

**ଟପ୍ ଟେନ୍ ଏଟିପି ର୍ୟାଙ୍କିଙ୍ଗ:** ୧. ନୋଭାକ ଜୋକୋଭିଚ୍ (ସର୍ବିୟା) ୧୦,୯୫୫ ପଏଣ୍ଟ, ୨. ରାଫାଲ ନାଡାଲ (ସ୍ପେନ୍) ୮,୩୨୦ ପଏଣ୍ଟ, ୩. ଆଲେକ୍‌ଜାଣ୍ଡର ଜେଭରେଭ (ଜର୍ମାନୀ), ୪. ଜୁଆନ ମାର୍ଟିନ ଡେଲପେଟ୍ରୋ (ଆର୍ଜେଣ୍ଟିନା), ୫. କେଭିନ ଆଣ୍ଡରସନ (ଦକ୍ଷିଣ ଆଫ୍ରିକା), ୬. ରୋଜର ଫେଡେରର (ସୁଇଜରଲାଣ୍ଡ), ୭.କେଇ ନିଶିକୋରୀ (ଜାପାନ), ୮. ଡୋମିନିକ୍ ଥିମ୍ (ଅଷ୍ଟ୍ରିଆ), ୯. ଜନ୍ ଇଜନର (ଯୁକ୍ତରାଷ୍ଟ୍ର ଆମେରିକା), ୧୦. ମାରିନ୍ ସିଲିକ୍ (କ୍ରୋଏସିଆ)।

## ଜାତୀୟ ଟାଏକୋଣ୍ଡୋରେ ଜୟବର୍ଦ୍ଧନ

**କଟକ ଅଫିସ,୨୮।୧:** ହାଇଦ୍ରାବାଦର ଜିଏମ୍‌ସି ଇନଡୋର ଷ୍ଟାଡିୟମରେ ୩୫ତମ ଜାତୀୟ ସବଜୁନିୟର ଟାଏକୋଣ୍ଡୋ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ କଟକ ଜିଲାରୁ ପ୍ରତିନିଧିତ୍ୱ କରିବେ ଓ.ଟି ଜୟବର୍ଦ୍ଧନ ରାଓ । କଟକ ଟାଏକୋଣ୍ଡୋ ସ୍ପୋର୍ଟ୍ସ ଆସୋସିଏଶନ ସଭାପତି ନିଶାର ଅହମ୍ମଦ ଓ ସମ୍ପାଦକ ପ୍ରହଲ୍ଲାଦ ସାହା ଜୟବର୍ଦ୍ଧନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଆନ୍ତଃ ଜିଲା ବିଦ୍ୟାଧର ସାହୁ ମେମୋରିଆଲ କ୍ରିକେଟ

# ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂ


ୟୁନିୟନ ସ୍ପୋର୍ଟିଂର ସୌରଭ କନୋଜିଆ ଅତିଥିଙ୍କଠାରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭଣ୍ଡାରିପୋଖରୀ, ୨୮।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ଡାକ୍ତରଖାନା ଖେଳପଡ଼ିଆଠାରେ ଚାଲିଥିବା ଆନ୍ତଃ ଜିଲା ବିଦ୍ୟାଧର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ସୋଲାର ସ୍ପୋର୍ଟିଂକୁ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିୟନ ସ୍ପୋର୍ଟିଂ ଟସ୍ ଜିତି ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ୍ କରିଥିଲା । ଦଳ ପକ୍ଷରୁ ସୌରଭ କନୋଜିଆ ୫ ଛକା, ଗୋଟିଏ ଚୌକାରେ ୩୯ ରନ୍, ସର୍ବେଶ୍ୱର ମହାନ୍ତି ୩ ଛକା, ଗୋଟିଏ ଚଉକାରେ ୩୦ ରନ୍ କରିଥିଲେ । ପ୍ରତିପକ୍ଷର ମାନସ ମୁଦୁଲି ୪ ଓଭର ବୋଲିଂ କରି ୩ ଉଇକେଟ, ପ୍ରକାଶ ପଣ୍ଡା ୨ ଓଭର ବୋଲିଂ କରି ୮ ରନ୍ ଦେଇ ୨ ଉଇକେଟ ନେଇଥିଲେ । ଜବାବରେ ସୋଲାର ସ୍ପୋର୍ଟିଂ ୨୦ ଓଭରରେ ୮ ଉଇକେଟ ହରାଇ ୧୫୨ ରନ୍ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ଦେବଦତ୍ତ ଧଳ ୨ ଛକା, ୫ ଚୌକାରେ ୫୨ ରନ୍, ସୌଭାଗ୍ୟ ମିଶ୍ର ୨ ଛକା, ଗୋଟିଏ ଚୌକାରେ ୨୮ ରନ୍ କରିଥିଲେ । ପ୍ରତିପକ୍ଷର ବୋଲର ସୌରଭ କନୋଜିଆ ୪ ଓଭର ବୋଲିଂ କରି ୪ ଉଇକେଟ ପାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସୌରଭଙ୍କୁ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ଚରଣ ପଣ୍ଡା, ସଞ୍ଜୟ ଶତପଥୀ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ବିଶ୍ୱରଞ୍ଜନ ଜେନା, ସନ୍ତୋଷ ଖଣ୍ଡାଇ ସ୍କୋରର, ସୂର୍ଯ୍ୟକାନ୍ତ ଭାରତୀ ରେଫରି ଥିଲେ। ବିଜୟ ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର କଟକ ନିମପୁର ସ୍ପୋର୍ଟିଂ ଓ ଭଦ୍ରକ ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ରାଇଜିଂ ଷ୍ଟୁଡେଣ୍ଟକୁ ଟାଇଟଲ୍

**ଆନନ୍ଦପୁର,୨୮।୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଅଲତୀ ମିନି ଷ୍ଟାଡିୟମ୍‌ରେ ୨୫ତମ ରାଜ୍ୟସ୍ତରୀୟ ଗୋଲଡେନ୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ କ୍ରିକେଟ ମ୍ୟାଚ୍‌ର ଫାଇନାଲ୍ ରବିବାର ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଏବଂ ରାଇଜିଂ ଷ୍ଟୁଡେଣ୍ଟ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଇଷ୍ଟକୋଷ୍ଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ସାବତ୍ ୫୧ ଓ ରାକେଶ ମହାନ୍ତି ୩୮ ରନ୍ ସଂଗ୍ରହ କରିଥିଲେ। ରାଇଜିଂ ପକ୍ଷରୁ ବିପ୍ଳବ ସାମନ୍ତରାୟ ଓ ଆଲୋକ ସାହୁ ଦୁଇଟି ଲେଖାଁଏ ଉଇକେଟ୍ ହାସଲ କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୨୪.୪ ଓଭରରେ ୧୮୨ ରନ୍ ସଂଗ୍ରହ କରି ବିଜୟୀ ହେବା ସହିତ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ଦଳ ପକ୍ଷରୁ ପ୍ରତୀକ ତ୍ରିପାଠୀ ଅପରାଜିତ ୭୨ ରନ୍ ଇନିଂସ ଖେଳି ଦଳକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାବେଳେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପାଇବାରେ ଯୋଗ୍ୟ ବିବେଚିତ ହୋଇଥିଲେ। ଆଲୋକ ସାହୁ ମ୍ୟାନ ଅଫ ଦି ସିରିଜ୍ ହୋଇଥିଲେ। ମ୍ୟାଚକୁ ବିଜୟ ଜେନା ଓ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ସେହିପରି ସ୍କୋରର ଭାବେ ଆଦିତ୍ୟ ନାୟକ, ଆଲୋକ ଦାସ, ପ୍ରିୟବ୍ରତ ମହାରଣା, ଭାଷ୍ୟକାର ଭାବେ ବୁବୁ ସିହ୍ନା, ତପନ ନାୟକ, ପିଚ୍ କ୍ୟୁରେଟର୍ ଭାବେ ରଶ୍ମିରଞ୍ଜନ ମହାରଣା ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଟିମ୍‌କୁ ୨୫ ହଜାର ଓ ରନର୍ସଅପ ଦଳକୁ ୧୫ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କିଶୋର ଚନ୍ଦ୍ର ଦାସ, ଅଭିନେତ୍ରୀ ରିୟା ଦେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ପ୍ରଭାତ କୁମାର ବରାଳଙ୍କ ସଂଯୋଜନାରେ ଆୟୋଜିତ ଖେଳକୁ ସମ୍ପାଦକ ମନ୍ମଥ ରାଉତ, ପ୍ରଭାତ ସାମଲ, ରାକେଶ ଭୂୟାଁ, ଅନିଲ ସ୍ୱାଇଁ, ମୀନକେତନ ରାଉଳ, ଚନ୍ଦନ ସାହୁ, ଶଶିକାନ୍ତ ଭୂୟାଁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

### ରାଜ୍ୟସ୍ତରୀୟ ଗୋଲଡେନ୍ କପ୍ କ୍ରିକେଟ



ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ସାଇ ଢେଙ୍କାନାଳ ଚାମ୍ପିୟନ

**ରସୁଲପୁର,୨୮।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ନିକଟସ୍ଥ ଖେଳପଡିଆରେ ଅନୁଷ୍ଠିତ ୬ଷ୍ଠ ବାର୍ଷିକୀ ରାଜ୍ୟସ୍ତରୀୟ ନେହେରୁ କପ୍ କବାଡ଼ି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଚଳିତବର୍ଷ ଢେଙ୍କାନାଳ ସାଇ ଭୁବନେଶ୍ୱରର କିଶୋର କ୍ଲବକୁ ୩୩-୧୮ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସାଇ ଦଳ ଯାଜପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ବେଳେ କିଶୋର କ୍ଲବ ଓଡ଼ିଶା ପୋଲିସକୁ ହରାଇଥିଲା। ଫାଇନାଲ ମ୍ୟାଚରେ ସାଇ ଦଳ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରିଥିଲା। ଦଳର ସୁରକ୍ଷା ଦୁର୍ଗକୁ କିଶୋର କ୍ଲବ ଭେଦ କରି ନ ପାରି ପରାଜୟ ସ୍ୱୀକାର କରିଥିଲା। ଯୁବନେତା ବିଶ୍ୱଜିତ ପତିଙ୍କ ଅଧ୍ୟକ୍ଷତାରେ ସୋମବାର ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ମୁଖ୍ୟ ଅତିଥି ଭାବେ ଜୀବନ ବୀମା କମ୍ପାନୀ ପ୍ରବନ୍ଧକ ରବିନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ବଜାର କମିଟି ପ୍ରାକ୍ତନ ସଭାପତି ପ୍ରଶାନ୍ତ ଦାସ, କ୍ରୀଡାବିତ୍ ପଦ୍ମଚରଣ ପ୍ରଧାନ, ନରେନ୍ଦ୍ର ପଣ୍ଡା, ଅଧ୍ୟାପକ ସତ୍ୟବ୍ରତ ଦାସ, ଭାସ୍କର ମଲ୍ଲିକ, ବିଶ୍ୱଜିତ୍ ସାହୁ, ସନ୍ତୋଷ ସାହୁ, ପ୍ରତାପ ସାହୁ, ଜଗନ୍ନାଥ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।

### ରାଜ୍ୟସ୍ତରୀୟ ନେହେରୁ କପ୍ କବାଡ଼ି ଉଦ୍‌ଯାପିତ

ଅଲ ଇଣ୍ଡିଆ କବାଡି ଫେଡେରେଶନ ସ୍ୱୀକୃତିପ୍ରାପ୍ତ ଅଫିସିଆଲ କୃଷ୍ଣକାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସେଠୀ, ଅନାଦି ସାହୁ, ମନସ୍ୱିନୀ ସାହୁ, ସୁରେଶ ସାହୁ, ପ୍ରଦୀପ ସାହୁ, ଶାନ୍ତନୁ ମଲ୍ଲିକ, ପ୍ରଭାକର ରାଉତ, ଜୟରାମ ମାଝୀ, କରୁଣାକର ମାଝି, ମଳୟ ରାଉତ, ପୁପୁନ ମଲ୍ଲିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ କ୍ଲବର ବରିଷ୍ଠ ଓ କନିଷ୍ଠ ସଦସ୍ୟଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠମାନେ ବିଜୟୀ ହୋଇଥିଲେ। ଉଭୟ ଦଳକୁ ଅତିଥିମାନେ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ଟାଇଟଲ୍ ବିଜୟୀ ସାଇ ଢେଙ୍କାନାଳ ଦଳର ଖେଳାଳିମାନେ।

■ ରାଜ୍ୟସ୍ତରୀୟ ମା'ବରାହୀ ଫୁଟବଲ ଟୁର୍ନାମେଣ୍ଟ

# କଟକ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ


ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳିମାନେ ଅତିଥିଙ୍କ ସହ।

**ଘସିପୁରା, ୨୮।୧(ଡି.ଏନ୍.ଏ.)**

ଆନନ୍ଦପୁର ଥାନା ଅନ୍ତର୍ଗତ ବଞ୍ଚୋ ପଞ୍ଚାୟତ ଆନୁକୂଲ୍ୟରେ ମା' ବରାହୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଥିବା ବେଳେ କଟକ ସ୍ପୋର୍ଟ୍ସହଷ୍ଟେଲ ବିଜୟୀ ହୋଇଛି। ବଞ୍ଚୋ ଖେଳପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ଦିନ ଉଦ୍‌ଘାଟନୀ ଦିବସରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ଓ ବାଲେଶ୍ୱର ଫକୀରମୋହନ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ କାହାରି ଉପରେ ଗୋଲ ହୋଇ ନ ଥିବା କାରଣରୁ ଖେଳ ଅମୀମାଂସିତ ରହିଥିଲା । ଯାହାଫଳରେ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇ କଟକ ସ୍ପୋର୍ଟ୍ସ ହଷ୍ଟେଲ ୪-୩ ଗୋଲରେ ଫକୀରମୋହନ କ୍ଲବକୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ତଥା ଶାସଙ୍ଗ ସରପଞ୍ଚ ବିଦ୍ୟାଧର ବିଶ୍ୱାଳ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର କୁମାର ଜେନା ଯୋଗଦେଇଥିଲେ। ବରିଷ୍ଠ ବିଜେଡି ନେତା ଶଶାଙ୍କ ଶେଖର ପୁହାଣଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଫରି ଭାବେ ପ୍ରଶାନ୍ତ କୁମାର ପାଲ ଦାୟିତ୍ୱ ବହନ କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବେ ଦିଗ୍‌ବିଜୟ ଦାଶ, ଶିବ ପ୍ରସାଦ ଦାଶ ଓ ଲକ୍ଷ୍ମୀ ପ୍ରସାଦ ସହଯୋଗ କରିଥିଲେ। ବଞ୍ଚୋ ଗ୍ରାମପଞ୍ଚାୟତର ସଦସ୍ୟ ପ୍ରଶାନ୍ତ ରାଉତ, ବିକ୍ରମ କେଶରୀ ରାଉତ, ଅମର ରାଉତ, ସୁଶାନ୍ତ କୁମାର ବିଶ୍ୱାଳ, ମହେନ୍ଦ୍ର ରାଉତ, ଭରତ କୁମାର ରାଉତ ଓ ଗ୍ରାମର ବହୁ ପୁରାତନ ଖେଳାଳିଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୯ ଜାନୁୟାରୀ, ୨୦୧୯



“ଶ୍ରୀଲଙ୍କା ବିପକ୍ଷ ଗାବା ଟେଷ୍ଟ ମୋ ପାଇଁ ଚ୍ୟାଲେଞ୍ଜ ସଦୃଶ ଥିଲା। ଚାପ ଯୋଗୁ ଏକ ସପ୍ତାହ ମୋ ନିଦ ହଜିଯାଇଥିଲା ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



“ଶୁବମନ ଗିଲ୍ ୧୯ ବର୍ଷରେ ଯେପରି ଖେଳୁଛନ୍ତି ମୁଁ ସେହି ବୟସରେ ତାଙ୍କ ତୁଳନାରେ ୧୦ ପ୍ରତିଶତ ଦକ୍ଷ ନ ଥିଲି ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ନ୍ୟୁଜିଲାଣ୍ଡ ଦଳରେ ନିଶାମ, ଆଷ୍ଟଲେ ସାମିଲ

**ମାଉଣ୍ଟ ମାଉଁଗାନୁଇ, ୨୮।୧(ପି.ଟି.):** ଭାରତ ବିପକ୍ଷ ଅନ୍ତିମ ଦୁଇ ଦିନିକିଆ ମ୍ୟାଚ୍ ପାଇଁ ଅଲ୍‌ରାଉଣ୍ଡର ଜିମ୍ମି ନିଶାମ ଓ ଲେଗ୍-ସ୍ପିନର ଟଡ୍ ଆଷ୍ଟଲେଙ୍କୁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳରେ ସାମିଲ କରାଯାଇଛି। ଡଗ୍ ବ୍ରାସୱେଲଙ୍କ ସ୍ଥାନରେ ନିଶାମଙ୍କୁ ଦଳରେ ସାମିଲ କରାଯାଇଥିବାବେଳେ ଇଶ୍ ସୋଧିଙ୍କ ସ୍ଥାନ ନେଇଛନ୍ତି ଆଷ୍ଟଲେ। ଗତ ନଭେମ୍ବରରେ ଗୋଇଠିରେ ଆଘାତ ପାଇବା କାରଣରୁ ଆଷ୍ଟଲେ ପାକିସ୍ତାନ ବିପକ୍ଷ ସମ୍ପୂର୍ଣ୍ଣ ସିରିଜରୁ ବାଦ୍ ପଡ଼ିଥିଲେ। ଏବେ ସେ ସୁସ୍ଥ ହୋଇ ଦଳକୁ ପୁଣିଥରେ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସେହିଭଳି ନିଶାମ ନିକଟରେ ଶ୍ରୀଲଙ୍କା ବିପକ୍ଷରେ ଶେଷ ହୋଇଥିବା ସିରିଜରେ ଅଂଶଗ୍ରହଣ କରିଥିଲେ ମଧ ମାଂସପେଶୀଜନିତ ସମସ୍ୟା ଲାଗି ଭାରତ ବିପକ୍ଷ ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ୩ୟ ମ୍ୟାଚ୍‌କୁ ଭ୍ରମଣକାରୀ ଭାରତ ୭ ଉଇକେଟ୍‌ରେ ଜିତିନେଇଛି। ଏହି ବିଜୟ ସହ ବିରାଟ ବାହିନୀ ସିରିଜକୁ ୩-୦ରେ ଆଗୁଆ କବ୍‌ଜା କରିସାରିଛି। ସିରିଜ ପରାଜୟ ସତ୍ତ୍ୱେ ଫର୍ମରେ ନ ଥିବା ଦୁଇ ବିସ୍ଫୋରକ ବ୍ୟାଟ୍ସମ୍ୟାନ ମାର୍ଟିନ ଗୁପ୍‌ଟିଲ ଓ କଲିନ୍ ମୁନ୍‌ରୋଙ୍କୁ ଦଳରେ ରଖିବା ଲାଗି ନ୍ୟୁଜିଲାଣ୍ଡ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି।

### ଧୋନୀଙ୍କ ସମକକ୍ଷ ରୋହିତ

**ମାଉଣ୍ଟ ମାଙ୍ଗନୁଇ,୨୮।୧:** ଭାରତୀୟ ଦଳର ଓପନର ରୋହିତ ଶର୍ମା ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସମକକ୍ଷ ହୋଇଛନ୍ତି। ଏହି ମ୍ୟାଚ୍‌ରେ ରୋହିତ ଦୁଇଟି ଛକା ମାରିଛନ୍ତି। ଏହାକୁ ମିଶାଇ ତାଙ୍କ ଦିନିକିଆ କ୍ୟାରିୟରର ଛକା ସଂଖ୍ୟା ୨୧୫ରେ ପହଞ୍ଚିଛି। ସମାନ ସଂଖ୍ୟକ ଛକା ସହ ଧୋନୀ ଓ ରୋହିତ ଦିନିକିଆ ଫର୍ମାଟରେ ସର୍ବାଧିକ ଛକା ମାରିଥିବା ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ତାଲିକା ଶୀର୍ଷରେ ରହିଛନ୍ତି। ତେବେ ରୋହିତ ମାତ୍ର ୧୯୯ ମ୍ୟାଚ ଖେଳି ୨୧୫ ଛକା ମାରିଥିବାବେଳେ ଧୋନୀଙ୍କୁ ସମାନ ସଂଖ୍ୟକ ଛକା ମାରିବା ପାଇଁ ୩୩୭ ମ୍ୟାଚ୍ ଲାଗିଛି। ଅଧିକ ସଂଖ୍ୟକ ଛକା ମାରିଥିବା ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ସଚିନ ତେନ୍ଦୁଲକର (୧୯୫), ସୌରଭ ଗାଙ୍ଗୁଲି (୧୮୯) ଓ ଯୁବରାଜ ସିଂ (୧୫୩) ରହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ସଂଖ୍ୟକ ଛକା ମାରିବାର ରେକର୍ଡ ପାକିସ୍ତାନ ପୂର୍ବତନ ଅଧିନାୟକ ସାହିଦ ଆଫ୍ରିଦୀଙ୍କ ନାମରେ ରହିଛି। ସେ ସର୍ବାଧିକ ୩୫୧ ଛକା ମାରିଛନ୍ତି। ତାଙ୍କ ପଛକୁ ୱେଷ୍ଟଇଣ୍ଡିଜ୍‌ର ଓପନର କ୍ରିସ ଗେଲ (୨୭୫) ଓ ସନଥ ଜୟସୁରିୟା (୨୭୦) ରହିଛନ୍ତି।

### ମହିଳା ହକି ଟେଷ୍ଟ ସିରିଜ୍: ଭାରତ-ସ୍ପେନ୍ ମ୍ୟାଚ୍ ଡ୍ର

**ମୁର୍ସିଆ(ସ୍ପେନ),୨୮।୧(ପି.ଟି.):** ଭାରତୀୟ ମହିଳା ହକି ଦଳ ସ୍ପେନ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହେବା ପରେ ଦ୍ୱିତୀୟ ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସକ୍ଷମ ହୋଇଛି। ରବିବାର ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଶେଷ ହୋଇଛି। ଭାରତ ପାଇଁ ଗୁରଜିତ କୌର (୪୩ତମ ମିନିଟ୍) ଗୋଲ ସ୍କୋର କରିଥିବାବେଳେ ୪୯ତମ ମିନିଟ୍‌ରେ ଘରୋଇ ଦଳ ପକ୍ଷରୁ ମାରିଆ ଟୋଷ୍ଟ ଗୋଲ ଦେଇଥିଲେ। ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳ ୨-୩ ଗୋଲରେ ହାରି ଯାଇଥିଲା। ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ ପରେ ମଧ ପ୍ରଥମ ଦୁଇ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭାରତକୁ ଦୁଇଟି ପେନାଲ୍ଟି କର୍ନର ମିଳିଥିଲା। ହେଲେ ଘରୋଇ ଗୋଲକିପରଙ୍କ ଚମତ୍କାର ସେଭ ଯୋଗୁ ଭାରତ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲା। ଏହାପରେ ୩ୟ କ୍ୱାର୍ଟରରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୁରଜୀତ ସଫଳତାର ସହ ଗୋଲ ସ୍କୋର କରିଥିଲେ। ଫଳରେ ଅନ୍ତିମ କ୍ୱାର୍ଟର ପୂର୍ବରୁ ଭାରତ ୧-୦ ଗୋଲର ଅଗ୍ରଣୀ ନେଇସାରିଥିଲା। କିନ୍ତୁ ୪୯ତମ ମିନିଟ୍‌ରେ ଘରୋଇ ଖେଳାଳି ଟୋଷ୍ଟଙ୍କ ଗୋଲ ଯୋଗୁ ମ୍ୟାଚ୍ ବରାବର ସ୍ଥିତିକୁ ଆସିଥିଲା। ଏହାପରେ ଉଭୟ ଦଳ ପକ୍ଷରୁ ବହୁ ଉଦ୍ୟମ ସତ୍ତ୍ୱେ ସ୍କୋର ଲାଇନରେ କୌଣସି ଫରକ ପଡ଼ି ନ ଥିଲା। ସିରିଜ୍‌ର ୩ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

# ନ୍ୟୁଜିଲାଣ୍ଡରେ ଭାରତର ଦ୍ୱିତୀୟ ସିରିଜ ବିଜୟ

**ମାଉଣ୍ଟ ମାଉଁଗାନୁଇ, ୨୮।୧(ପି.ଟି.)**

ବିଦେଶ ମାଟିରେ ଭାରତୀୟ କ୍ରିକେଟ ଦଳର ସିରିଜ ବିଜୟ ଜାରି ରହିଛି। ନିକଟରେ ଅଷ୍ଟ୍ରେଲିଆକୁ ଟେଷ୍ଟ ଓ ଦିନିକିଆରେ ଧୂଳି ଚଟେଇ ଆସିଥିବା ଟିମ୍ ଇଣ୍ଡିଆ ଏବେ ନ୍ୟୁଜିଲାଣ୍ଡରେ ମଧ ନିଜର ଦମ୍ ଦେଖାଇଛି। ବୋଲରଙ୍କ ଚମତ୍କାର ପ୍ରଦର୍ଶନ ପରେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ସଫଳତା ବଳରେ ଭାରତ ସୋମବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଏଥିସହ ବିରାଟ କୋହଲିଙ୍କ ଦଳ ୩-୦ରେ ଅଗ୍ରଣୀ ରହିବା ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି। ନ୍ୟୁଜିଲାଣ୍ଡ ମାଟିରେ ଭାରତର ଏହା ହେଉଛି ଦ୍ୱିତୀୟ ଦିନିକିଆ ସିରିଜ ବିଜୟ। ଦୀର୍ଘ ୧୦ ବର୍ଷ ବ୍ୟବଧାନରେ ନ୍ୟୁଜିଲାଣ୍ଡରେ ସିରିଜ ବିଜୟ ସ୍ୱାଦ ପାଇଛି ଟିମ୍ ଇଣ୍ଡିଆ। ପୂର୍ବରୁ ଦଳ ୨୦୦୯ରେ ଏଠାରେ ସିରିଜ ଜିତିଥିଲା। ତେବେ ମନେ ରଖିବାକୁ ହେବ ଯେ, ୨୦୦୯ ଏବଂ ୨୦୧୯କୁ ଛାଡ଼ିଦେଲେ ମଝିରେ ଭାରତ କେବଳ ଗୋଟିଏ ସିରିଜ ନ୍ୟୁଜିଲାଣ୍ଡରେ ଖେଳିଥିଲା। ୨୦୧୩-୧୪ ସିଜନରେ ଅନୁଷ୍ଠିତ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ନ୍ୟୁଜିଲାଣ୍ଡ ୪-୦ରେ ଜିତିଥିଲା। ତେଣୁ ଏଥର ଏହାର ମଧୁର ପ୍ରତିଶୋଧ ନେବାରେ ସକ୍ଷମ ହୋଇଛି ଭାରତ। ୨୦୦୯ରୁ ୨୦୧୯ ମଧ୍ୟରେ ଭାରତରେ ୩ଟି ଦିନିକିଆ ସିରିଜ ଖେଳିଛି ନ୍ୟୁଜିଲାଣ୍ଡ। ମାତ୍ର ସବୁଥିରେ ଘରୋଇ ଭାରତ ହିଁ ବିଜୟ ମୁକୁଟ ପିନ୍ଧିଛି।

ସୋମବାର ବେ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଭାରତୀୟ ବୋଲରମାନେ ପ୍ରଭାବୀ ବୋଲିଂ କରି ଘରୋଇ ଦଳର ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ସକ୍ଷମ ହୋଇଥିଲେ। ୫୯ ରନ ମଧ୍ୟରେ ଶୀର୍ଷସ୍ଥାନୀୟ ୩ ବ୍ୟାଟ୍ସମ୍ୟାନ(କଲିନ୍ ମୁନ୍‌ରୋ-୭, ମାର୍ଟିନ ଗୁପ୍‌ଟିଲ-୧୩, କେନ୍ ୱିଲିୟମସନ-୨୮)ଙ୍କ ଉଇକେଟ ହରାଇବାରୁ ନ୍ୟୁଜିଲାଣ୍ଡ ଇନିଂସ ଦିଗହରା ହୋଇ ଯାଇଥିଲା। ରସ୍ ଟେଲର ଓ ଟମ୍ ଲାଥାମ ୪ର୍ଥ ଉଇକେଟରେ ୧୧୯ ରନର ଭାଗୀଦାରି ଗଢ଼ି ଦଳକୁ ବଡ଼ ସ୍କୋର ଆଡ଼କୁ ଅଗ୍ରସର କରାଇଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ନ୍ୟୁଜିଲାଣ୍ଡ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଟେଲର ୧୦୬ ବଲ୍‌ରୁ ସର୍ବାଧିକ ୯୩(୯ ଚୌକା) ଓ ଲାଥାମ ୬୪ ବଲ୍‌ରୁ ୫୧(୧ ଚୌକା, ୧ ଛକା) ରନ ସ୍କୋର କରିଥିଲେ ହେଁ ଟେଲ୍ ଏଣ୍ଡରଙ୍କ ବିଫଳତା ଯୋଗୁ ୪୯ ଓଭରରେ ୨୪୩ ରନ କରି ନ୍ୟୁଜିଲାଣ୍ଡ ଅଲ୍‌ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ୯ ଓଭରରେ ୪୧ ରନ ଦେଇ ସର୍ବାଧିକ ୩ଟି ଉଇକେଟ ହାସଲ କରିଥିବା ମହମ୍ମଦ ସାମି ଶେଷରେ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର କୁମାର, ଯୁଜବେନ୍ଦ୍ର ଚହଲ ଏବଂ ବାସନ୍ଦ ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଉଇକେଟ ନେଇଥିଲେ।

୨୪୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତର ଆରମ୍ଭ ବେଶ୍ ଭଲ ରହିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଶିଖର ଧାୱନ ୨୭ ବଲ୍‌ରୁ ୨୮(୬ ଚୌକା) ରନ କରି ଆଉଟ ହୋଇଥିଲେ ହେଁ ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୧୩ ରନ ଯୋଗ କରି ଭାରତର ସିରିଜ ବିଜୟ ପାଇଁ ପଥ ପ୍ରସ୍ତୁତ କରି ଦେଇଥିଲେ। ନିଜ କ୍ୟାରିୟରରେ ଆଉ ଏକ ଅର୍ଦ୍ଧଶତକ ଯୋଗ କରିବାପରେ ରୋହିତ ବ୍ୟକ୍ତିଗତ ୬୨(୭୭ ବଲ, ୩ ଚୌକା, ୨ ଛକା) ରନ କରି ମିଚେଲ ସାଣ୍ଟନରଙ୍କ ବଲ୍‌ରେ ଷ୍ଟମ୍ପିଂ ହୋଇଯାଇଥିଲେ। କୋହଲି ମଧ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୭୪ ବଲ୍‌ରୁ ୬୦(୬ ଚୌକା, ୧ ଛକା) ରନ କରି ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଆଉଟ ହୋଇଥିଲେ। କୋହଲି ଆଉଟ ହେବାବେଳକୁ ଦଳୀୟ ସ୍କୋର ୩୧.୧ ଓଭରରେ ୧୬୮/୩ ହୋଇଥିଲା। ଫର୍ମରେ ଥିବା ଅମ୍ବାତି ରାୟୁଡୁ ଏବଂ ଦୀନେଶ କାର୍ତ୍ତିକ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅସମାପ୍ତ ୪ର୍ଥ ଉଇକେଟ ଯୋଡ଼ିରେ ୭୭ ରନ ଯୋଗ କରିବାସହ ଦଳକୁ ବିଜୟୀ କରାଇଥିଲେ। ଭାରତ ୪୩ ଓଭରରେ ୩ ଉଇକେଟ ହରାଇ ୨୪୫ ରନ୍ ସଂଗ୍ରହ କରିନେଇଥିଲା। ରାୟୁଡୁ ୪୨ ବଲ୍‌ରୁ ୪୦(୫ ଚୌକା, ୧ ଛକା) ଏବଂ କାର୍ତ୍ତିକ ୩୮ ବଲ୍‌ରୁ ୩୮ (୫ ଚୌକା, ୧ ଛକା) ରନ କରି ଅପରାଜିତ ରହିଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ହାମ୍ଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ କାର୍ତ୍ତିକ ଏହି ମ୍ୟାଚରେ ସୁଯୋଗ ପାଇଥିଲେ ଏବଂ ତା'ର ସଦୁପଯୋଗ କରିଥିଲେ। ଏକ ଟିଭି ଶୋ'ରେ ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ସସପେଣ୍ଡ ହୋଇଥିବା ହାର୍ଦ୍ଦିକ ଏହି ମ୍ୟାଚରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଅଲ୍‌ରାଉଣ୍ଡର ବିଜୟ ଶଙ୍କରଙ୍କ ସ୍ଥାନରେ ଖେଳିଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ବୋଲ୍ଟ ୨ଟି ଓ ସାଣ୍ଟନର ଗୋଟିଏ ଉଇକେଟ ନେଇଥିଲେ। ଅଧିନାୟକଭାବେ କୋହଲିଙ୍କର ଏହା ଥିଲା ୪୭ତମ ଦିନିକିଆ ବିଜୟ।





ଅର୍ଦ୍ଧଶତକୀୟ ଇନିଂସ ଅବସରରେ ବିରାଟ କୋହଲି ଓ ରୋହିତ ଶର୍ମା।

### ଦିନିକିଆରେ ସର୍ବାଧିକ ଶତକୀୟ ଭାଗୀଦାରି

୨୬: ସଚିନ ତେନ୍ଦୁଲକର-ସୌରଭ ଗାଙ୍ଗୁଲି
୨୦: ତିଲକରତ୍ନେ ଦିଲସାନ-କୁମାର ସଙ୍ଗକାରା
୧୬: ଆଡାମ ଗିଲକ୍ରିଷ୍ଟ-ମାଥ୍ୟୁ ହେଡେନ
୧୬: ରୋହିତ ଶର୍ମା-ବିରାଟ କୋହଲି

### ଭାରତ ପକ୍ଷରୁ ସର୍ବାଧିକ ଛକା

୨୧୫: ରୋହିତ ଶର୍ମା
୨୧୫: ମହେନ୍ଦ୍ର ସିଂ ଧୋନୀ
୧୯୫: ସଚିନ ତେନ୍ଦୁଲକର
୧୮୯: ସୌରଭ ଗାଙ୍ଗୁଲି
୧୫୩: ଯୁବରାଜ ସିଂ

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୪୯ ଓଭରରେ ୨୪୩/ଅଲଆଉଟ(ଟେଲର-୯୩, ଲାଥାମ-୫୧, ୱିଲିୟମସନ-୨୮, ସାମି-୩/୪୧, ଭୁବନେଶ୍ୱର-୨/୪୬, ଚହଲ-୨/୫୧, ହାର୍ଦ୍ଦିକ-୨/୪୫)। ଭାରତ ୪୩ ଓଭରରେ ୨୪୫/୩(ରୋହିତ-୬୨, କୋହଲି-୬୦, ରାୟୁଡୁ-୪୦*, କାର୍ତ୍ତିକ-୩୮*, ଧାୱନ-୨୮, ବୋଲ୍ଟ-୨/୪୦, ସାଣ୍ଟନର-୧/୪୫)।

### ବୋଲିଂ କରିପାରିବେନି ରାୟୁଡୁ

**ଦୁବାଇ,୨୮।୧:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ଭାରତୀୟ କ୍ରିକେଟର ଅମ୍ବାତି ରାୟୁଡୁଙ୍କୁ ଅନ୍ତର୍ଜାତୀୟ କ୍ରିକେଟରେ ବୋଲିଂରୁ ସସ୍‌ପେଣ୍ଡ କରିଛି। ରାୟୁଡୁଙ୍କ ବୋଲିଂ ଶୈଳରେ ତ୍ରୁଟି ରହିଛି। ଏ ସମ୍ପର୍କିତ ଏକ ରିପୋର୍ଟ ଗତ ୧୨ ତାରିଖରେ ଭାରତୀୟ ଦଳ ମ୍ୟାନେଜମେଣ୍ଟକୁ ଦିଆଯାଇଥିଲା। ତାଙ୍କୁ ପରବର୍ତ୍ତୀ ୧୪ ଦିନ ମଧ୍ୟରେ ବୋଲିଂ ଟେଷ୍ଟ ସମ୍ମୁଖୀନ ହେବାର ଥିଲା। ମାତ୍ର ଏପର୍ଯ୍ୟନ୍ତ ସେ ତାହା କରିନାହାନ୍ତି। ବୋଲିଂ ଟେଷ୍ଟ ରିପୋର୍ଟ ଦାଖଲ ନ କରିବା ପର୍ଯ୍ୟନ୍ତ ରାୟୁଡୁ ଅନ୍ତର୍ଜାତୀୟ କ୍ରିକେଟରେ ବୋଲିଂ କରିପାରିବେ ନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ସିଡ୍‌ନୀ ଦିନିକିଆବେଳେ ତାଙ୍କ ବୋଲିଂ ସନ୍ଦେହ ଘେରକୁ ଆସିଥିଲା। ଜଣେ ପାର୍ଟ ଟାଇମ ବୋଲର ଭାବେ ସେ କ୍ୟାରିୟରରେ ଏ ପର୍ଯ୍ୟନ୍ତ ୪୫ ମ୍ୟାଚ୍ ଖେଳି ୧୮.୧ ଓଭର ବୋଲିଂ କରି ୩ ଉଇକେଟ ନେଇଛନ୍ତି। ଟି୨୦ ଫର୍ମାଟରେ ସେ ୬ଟି ମ୍ୟାଚ୍ ଖେଳିଥିଲେ ମଧ କଦାପି ବୋଲିଂର ସୁଯୋଗ ପାଇନାହାନ୍ତି।

### ରିଚାର୍ଡ୍ସଙ୍କଠାରୁ ସଫଳ ଅଧିନାୟକ କୋହଲି

**ମାଉଣ୍ଟ ମାଉଁଗାନୁଇ,୨୮।୧:** ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ଜବରଦସ୍ତ ଫର୍ମରେ ରହିଛି। ପ୍ରତ୍ୟେକ ଗସ୍ତରେ ଟିମ ଇଣ୍ଡିଆ କିଛି ନା କିଛି ରେକର୍ଡ ଭଙ୍ଗ କରିଛି। ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୩ୟ ମ୍ୟାଚ୍ ଜିତିବା ସହ କୋହଲି ସଫଳ ଅଧିନାୟକଙ୍କ ତାଲିକାରେ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ଅଧିନାୟକ ଭିଭିଆନ ରିଚାର୍ଡ୍ସ ଓ ଦକ୍ଷିଣ ଆଫ୍ରିକାର ହାନ୍ସି କ୍ରୋନିଏଙ୍କୁ ପଛରେ ପକାଇଛନ୍ତି। କୋହଲିଙ୍କ ନେତୃତ୍ୱରେ ଭାରତ ଏପର୍ଯ୍ୟନ୍ତ ୬୩ ମ୍ୟାଚ୍ ଖେଳିଛି। ଏଥିମଧ୍ୟରୁ ଭାରତ ୪୭ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ଧାରାରେ ରିଚାର୍ଡ୍ସ ଓ କ୍ରୋନିଏଙ୍କ ନେତୃତ୍ୱରେ ଯଥାକ୍ରମେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ୪୬ ଲେଖାଏ ମ୍ୟାଚ୍ ଜିତିଥିଲା। ସଫଳତମ ଅଧିନାୟକଙ୍କ ତାଲିକାରେ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ଓ କ୍ଲାଇଭ ଲୟଡ ସର୍ବାଧିକ ୫୦ ବିଜୟ ସହ ଶୀର୍ଷରେ ରହିଛନ୍ତି।

## ଜାତୀୟ ସବ୍‌ଜୁନିୟର ଉଷୁ

# ଓଡ଼ିଶା ପ୍ରତିଯୋଗୀଙ୍କୁ ୭ ପଦକ

**ଭୁବନେଶ୍ୱର, ୨୮।୧(ସ୍ପୋର୍ଟ୍ସ ବ୍ୟୁରୋ)**

ପଞ୍ଜାବର ଜଳନ୍ଧରସ୍ଥିତ ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ ପରିସରରେ ଜାନୁୟାରୀ ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଅଷ୍ଟାଦଶ ଜାତୀୟ ସବ୍‌ଜୁନିୟର ଉଷୁ ପ୍ରତିଯୋଗିତାରେ ଓଡ଼ିଶାକୁ ୭ଟି ପଦକ ମିଳିଛି। ଯେଉଁଥିରେ ଗୋଟିଏ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ରହିଛି। ଖୋର୍ଦ୍ଧାର ଆଶୁତୋଷ ମହାରଣା ଗୁନ୍‌ସୁ ବର୍ଗରେ ରୌପ୍ୟ ଏବଂ ଦାଓସୁ ବର୍ଗରେ ବ୍ରୋଞ୍ଜ ସହ ମୋଟ୍ ୨ ପଦକ ଜିତିଛନ୍ତି। କୋରାପୁଟର ଚନ୍ଦନ କୁମାର ଡାକୁଆ (ଦାଓସୁ), ସୁନ୍ଦରଗଡ଼ର ଆଦିତ୍ୟ ଜେନା (ଜିଆନ୍‌ସୁ), ବାଳିକା ବର୍ଗରେ ସୋନାଲି ବାରିକ (ନାନ୍‌ଦାଓ), କ୍ରିତିକା ପସେରି (ନାନ୍‌ଗୁନ) ଓ ଜିଆ ବାଜୋରିଆ (ଦାଓସୁ) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସମସ୍ତ ପ୍ରତିଯୋଗୀ ତୌଲୁ ବିଭାଗରେ ପଦକ ପାଇଛନ୍ତି। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାରୁ ୧୨ ବାଳକ ଓ ୧୧ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ପ୍ରଦ୍ୟୁମ୍ନ ବେହେରା, ପୃଥ୍ୱୀରାଜ ହରିଚନ୍ଦନ ବିଚାରକ ଏବଂ ଜିତେନ୍ଦ୍ର ଦାଶ ଓ ଦଲମ୍ବୁ ଖଡ଼ଙ୍ଗ କେଳ ପ୍ରଶିକ୍ଷକ ଭାବେ ଏହି ପ୍ରତିଯୋଗିତାରେ ଯୋଗଦେଇଥିଲେ। ସେହିଭଳି ସୁଧାଂଶୁ ପଣ୍ଡା ଓ ଅନୁରାଧା ଦୋରା ପ୍ରବନ୍ଧକ ଏବଂ ଫିଜିଓ ଭାବେ ସୁଜନ କୁମାର ରଥ ଏଥିରେ ସାମିଲ ହୋଇଥିଲେ। ଦଳର ଏହି ସଫଳତା ନିମନ୍ତେ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଇଂ. ସୁଧାଂଶୁ ଶେଖର ହରିଚନ୍ଦନ ଏବଂ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




କୃତୀ ପ୍ରତିଯୋଗୀମାନେ ପଦକ ପ୍ରଦର୍ଶନ କରୁଛନ୍ତି।

### ରୋଶନଙ୍କୁ ଗାଙ୍ଗପୁରର ନେତୃତ୍ୱ

**ଭୁବନେଶ୍ୱର, ୨୮।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଗ୍ୱାଲିଅର ମୁରାରସ୍ଥିତ ଆର୍ଯ୍ୟା ନଗରଠାରେ ଜାନୁୟାରୀ ୩୧ରୁ ହକି ଇଣ୍ଡିଆ ଅନୁକୂଲ୍ୟରେ ୯ମ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ (ଡିଭିଜନ-ଏ) ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ହକି ଗାଙ୍ଗପୁର-ଓଡ଼ିଶା ଦଳ ସୋମବାର ୧୮ ଜଣିଆ ଖେଳାଳି ତାଲିକା ଘୋଷଣା କରିଛି। ରୋଶନ ମିଞ୍ଜଙ୍କୁ ଏହି ଦଳର ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ମଙ୍ଗଳବାର ରାଉରକେଲାରୁ ଉତ୍କଳ ଏକ୍ସପ୍ରେସ ଯୋଗେ ହକି ଗାଙ୍ଗପୁର ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯାତ୍ରା କରିବ। **ହକି ଗାଙ୍ଗପୁର ଦଳ:** ଡେଭିଡ୍ ମିଞ୍ଜ, ଜୋସେଫ ଟପ୍ପୋ, ରୋଶନ ମିଞ୍ଜ (ଅଧିନାୟକ), ଅମୋନ ମିରାଶ ତିର୍କୀ, ସୁମନ କୁଜୁର, ସଞ୍ଜୟ ଖାଲକୋ, ଅଭିଷେକ ଲାକ୍ରା, ଷ୍ଟାନଲି ଭେକ୍ଟର ମିଞ୍ଜ, ରାଜେନ କଣ୍ଡୁଲନା, ବିଜୁ ଏକ୍କା (ଉପଅଧିନାୟକ), ମନୋଜ କିଣ୍ଡୋ, ସତୀଶ ଏକ୍କା, ମନୋଜ ଜୋଜୋ, ଆକାଶ କୁଜୁର, ଅମନଦୀପ୍ ଲାକ୍ରା, ବିଶାଳ ମିଞ୍ଜ, ସୁଶାନ୍ତ ତିର୍କୀ, କୋଚ୍- ବିଜୟ କୁମାର ଲାକ୍ରା, ମ୍ୟାନେଜର-ବେଲସାଜର ହୋରୋ।

# ଓଡ଼ିଶା ହକି ଦଳ ଘୋଷିତ




ଜୁନିୟର ମହିଳା ହକି ଦଳ।

**କଟକ ଅଫିସ,୨୮।୧**

ଆସନ୍ତା ୩୧ରୁ ଫେବୃୟାରୀ ୧୦ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ (ଡିଭିଜନ-ଏ) ଅନୁଷ୍ଠିତ ହେବ। ଏ ନେଇ ସୋମବାର ହକି ଓଡ଼ିଶା ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳ ଚୟନ ଶିବିର ଗତ ୧୫ ତାରିଖରୁ ଜାରି ରହିଥିଲା । ମଙ୍ଗଳବାର ଦଳ ଗ୍ୱାଲିୟର ଅଭିମୁଖେ ଯାତ୍ରା କରିବ । ସେହିପରି ଆସନ୍ତା ୩୧ରୁ ଫେବୃୟାରୀ ୧୦ ତାରିଖ ପର୍ଯ୍ୟନ୍ତ କେରଳର କୋଲାମଠାରେ ହେବାକୁ ଥିବା ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ(ଡିଭିଜନ-ଏ) ନିମନ୍ତେ ମଧ ରାଜ୍ୟ ଦଳ ଘୋଷିତ ହୋଇଛି । **ସିନିୟର ପୁରୁଷ ଦଳ:** ଦୀପକ ଜନ କେରକେଟା (ଅଧିନାୟକ), ରେୟାଦାନୀ ଟୁଡୁ (ଗୋଲକିପର), ପଙ୍କଜ କୁମାର ରଜକ(ଗୋଲକିପର), ଦୀପସେନ ତିର୍କୀ, ସୁଧୀର ଏକ୍କା, କ୍ରୀଷ୍ଟା ତିର୍କୀ, ସୁମନ ଏସ କିଣ୍ଡୋ, ଜି ଖେସ୍, ଚନ୍ଦ୍ରକାନ୍ତ ବାରିକ, ନିଲମ ସଞ୍ଜୀପ ଖେସ, ଅଶ୍ୱିନୀ କୁଜୁର, ପ୍ରସାଦ କୁଜୁର, ରାକେଶ ଟେଟେ, ଶିଳାନନ୍ଦ ଲାକ୍ରା, ସୁମନ ବେକ, ଆଶିଷ କୁମାର ଟପ୍ପୋ, ସୂରଜ ମିଞ୍ଜ, ପ୍ରସନ୍ନ ତିର୍କୀ । କୋଚ୍-କାଳୁଚରଣ ଚୌଧୁରୀ, ମ୍ୟାନେଜର-ସୀମାଚଳ ସ୍ୱାଇଁ । **ଜୁନିୟର ମହିଳା ଦଳ:** ନିମାବତି ସିଂ(ଅଧିନାୟିକା), କୁମୁଦିନୀ ଲାକ୍ରା (ଗୋଲକିପର), ସୁନେଲୀ ଓରାମ (ଗୋଲକିପର), ମନୀଷା ମିଞ୍ଜ, ମମତା କିଣ୍ଡୋ, ସରସ୍ୱତୀ ଓରାମ, ସଙ୍ଗୀତା ତିର୍କୀ, ଅବିନାଶା ମୁକ୍ତି ସୁରିନ, ଅବିମଳ ବରୱା, ସରିତା କେରକେଟା, ଆଞ୍ଜିଲିନା ଖାଲକୋ, ନେହା ଲାକ୍ରା, ନିତୁ ଲାକ୍ରା, ରଶ୍ମି କିଶନ, ଆରତି ବିଲୁଙ୍ଗ, ମେରି କାନ୍ଧୁଲାନା, ଜେଲିନ ସୋରେଙ୍ଗ, ଦୀପି ମୋନିକା ଟପ୍ପୋ । ମ୍ୟାନେଜର- ଏ.ଏନ ବିହାରୀ ।





ଗ୍ୱାଲିୟରଠାରେ ହେବାକୁ ଥିବା ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ପାଇଁ ମନୋନୀତ ହକି ଗାଙ୍ଗପୁର ଏବଂ ଓଡ଼ିଶା ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୨୯/୨୦୧୯ Sambalpur, Tuesday, January 29/ 2019

# ଅଧିକାରୀଙ୍କର ପାହା ନାଇଁପଡ଼ିଥିବାର ଗାଁ

**କୋକସରା, ୨୮।୧ (ଡି.ଏନ.ଏ)** –କେନ୍ଦ୍ର ଆର ରାଏଜ ସରକାର ଲୁକ୍‌କୁ ମଉଲିକ ସୁବିଧା ଯୁଗେଇ ଦେବାକେ ଯୋଜ୍‌ନା ଉପରେ ଯୋଜ୍‌ନା କରୁଛନ୍। ହେଲେ ଆମର ରାଏଜେ ଆଏଜ୍ ବି ଏନ୍‌ତା ବହୁତଟେ ଅତଡ଼ିଆ ପାହାଡ଼ି ଅଂଚଲ ଅଛେ ଯେନ୍‌ଠାନେ ଲୁକ୍‌କର ଲାଗି ନିରମଲ ପିଇଲା ପାଏନ୍ ସପନ୍ ହେଇଛେ। ଲୋକ୍ ଉପେ ଶୂଇନ୍ ହେଇ ନଏଦ୍, ନଲିଆ, ଝରନ୍‌ର ଦୂଷିତ ପାଏନ୍ ଖାଏବା ପିଇବାରେ ବେଭାର କରୁଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖବାକେ ମିଳିଛେ କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଁଚେତ୍ ବିରିମୁହାଣ ରାଜସ୍ୱ ଗାଁ ଅଧିନ୍‌ରେ ଥିବାର ସର୍ଗିପାନି ଗାଁରେ। ଆମପାଣି ଘାଟି ବିରିମୁହାଣ ଛକନୁ ସାହାଜଖୋଲ ସଂରକ୍ଷିତ ଜଂଗଲ ଭିତରେ ଥିବାର ଇ ଗାଁରେ ୧୪ ସାନ୍ତାଳି ପରିବାରର ୮୦ ଲୋକ୍ ବାସ କରୁଛନ୍। ଗାଁର ଆସେପାସେ କେହେନ୍‌ସି ଗାଁଗଁଡ଼ା ନାଁଇଁନ। ଆଏଜ୍‌କେ ସ୍ୱାଧୀନତାର ୭୦ ବଛର ବିତିଯାଇଛେ, ହେଲେ ଗାଁବାସୀ ରାସ୍‌ତାଘାଟ, ପିଇଲା ପାଏନ୍, ଶିକ୍ଷା, ସ୍ୱାସ୍ଥ୍ୟସେବା ଲେଖେଁ ମଉଲିକ୍ ସୁବିଧାରୁ ବଁଚିତ୍ ହେଇ ରହିଛନ୍। ଇ ଗାଁକେ ଯିବାକେ ହେଲେ ବିରିମୁହାଣ ଛକ୍‌ଠାନୁ ଜଂଗଲିଆ ରାସ୍‌ତାରେ ପାଖାପାଖି ୫ କି.ମି. ଗଲା ଉତାରୁ ୩ କି.ମି. ରାସ୍‌ତା ଚାଲିକରି ଯିବାକେ ହେସି। ଗାଁବାସୀକର ରୁଜଗାରର ପଁଥା କହେଲେ ଜଂଗଲି ଦରବ୍ ବିକାଭଂଗା କରି ନିଜର ନିଜର କୁଟୁମ ପୁଷୁଛନ୍। ଗାଁରେ ପିଇଲା ପାଏନ୍‌ର ସୁବିଧା ନାଇଁଥିବାର ଲାଗି ଗାଁବାସୀ ପାସେ ବୁହିଯାଉଥିବାର ନଦୀର ପଥର ଚଟାନରେ ଗୁଟେ ଚୁଆଁ କୁଡ଼ି ପାଏନ୍ ବେଭାର କରୁଛନ୍। ହେଲେ ବର୍ଷା ୩–୪ମାସ ପିଇଲା ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଛନ୍। ଗାଁରେ କାଁଭାଁ ଲୋକ୍ ଖାଏଦ୍ ସୁରକ୍ଷା ଯୋଜ୍‌ନାରେ ଚାଉଳ ପାଉଥିଲା ବେଳେ ବୁଢ଼ାବୁଢ଼ୀ ଭତା କେହି ନାଇଁ ପାଉଥିବାର ଗାଁର ଯୋଗୀ ସାଆନ୍ତା, ଗୁଣନିଧି ସାଆନ୍ତା, ପିତାମ୍ବର ସାଆନ୍ତା, କୃପା ସାଆନ୍ତା, ରୂପଧର ସାଆନ୍ତା ଅଭିଯୋଗ କରିଛନ୍। ଗାଁଟା ଯାକ ଅଶିକ୍ଷିତ ହେଇଥିଲା ବେଲେ ତାକର ପିଲାଛୁଆ ବି ସ୍କୁଲର ମୁହୁଁ ନୁହେ ଦେଖନ୍। ସବୁଥିରୁ ଆଶିରିଯ୍‌ର କଥା ହେଲା, ଆଏଜତକ୍ ଇ ଗାଁରେ କେହେନ୍‌ସି ପରଶାସନିକ ଅଧିକାରୀଙ୍କର ପାହା ନୁହେପଡ଼େ। ଗଲା ଶନିବାର ଦିନ କୋକସରା ବ୍ଲକ ଗ୍ରାମ୍ୟ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠି ଗଣମାଧ୍ୟମ ପରତିନିଧିଙ୍କର ସଂଗେ ମିଶି ସର୍ଗିପାନି ଆର କୁଟ୍ରୁ ଗାଁକେ ଯାଇଥିଲେ। ସେଠାନେ ଥାନୀୟ ଲୁକ୍‌କର ସଂଗେ ପିଇଲା ପାଏନ୍ ସମସିଆ ବାବ୍‌ଦେ କଥାବାରତା ହେଇଥିଲେ। ଇ ସମସିଆ ବାବ୍‌ଦେ ସେ ବ୍ଲକ ପରଶାସନ ସଂଗେ ଆଲୋଚନା କରି ଯେତେ ଜଲଦି ହେବା ସମସିଆର ସମାଧାନ କରାଯିବା ବଲି କହିଥିଲେ।

**ମଉଲିକ୍ ସୁବିଧାରୁ ବଁଚିତ ସର୍ଗିପାନି ଗାଁବାସୀ**

- ଗାଁରେ ୧୪ ଶାନ୍ତାଳି ପରିବାରର ୮୦ ଝନ୍ ବାସ କରୁଛନ୍
- ଗାଁଯାକ ଅଶିକ୍ଷିତ, ପିଲାଛୁଆ ବି ଶିକ୍ଷାରୁ ବଁଚିତ ହେଇ ରହିଛନ୍
- ଗାଁରେ ବୁଢ଼ାବୁଢ଼ୀ ଭତା କେହି ନାଇଁ ପାଉଥିବାର ଅଭିଯୋଗ
- ବଛରକୁତା ପିଇଲା ପାଏନ୍ ସମସିଆ ଲାଗି ରହିଛେ



ସର୍ଗିପାନି ଗାଁବାସୀ।

## ସଂକ୍ଷେପରେ



### ପେନସନ୍ ଖାତା ଖୋଲିବାକୁ ଲାଞ୍ଚ ଦାବି ଭିଜିଲାନ୍ସ ଜାଲରେ ଆକାଉଣ୍ଟାଣ୍ଟ

**ଝାରସୁଗୁଡ଼ା ଅଫିସ/ବଣାଇ,(ସ୍ୱ.ପ୍ର.) ୨୮।୧-** ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଲେ ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ୍ ଶିକ୍ଷା ଅଫିସ୍‌ର ଆକାଉଣ୍ଟାଣ୍ଟ ପ୍ରଫୁଲ୍ଲ କୁମାର ପତି। ଭିଜିଲାନ୍ସ ଅଧିକାରୀ ଆକାଉଣ୍ଟାଣ୍ଟ ପତିଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ସୋମବାର ସନ୍ଧ୍ୟାରେ ସମ୍ବଲପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛନ୍ତି।

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ୍ ଶିକ୍ଷା ଅଫିସ୍‌ର ଆକାଉଣ୍ଟାଣ୍ଟ ପତି ନୂଆ ସର୍ଭିସ ବୁକ୍ ଏବଂ ପେନସନ୍ ଖାତା ଖୋଲିବା ପାଇଁ ଶିକ୍ଷକଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ୯ ଜଣ ସହକାରୀ ଶିକ୍ଷକଙ୍କଠାରୁ ୫୦୦ ଟଙ୍କା ଲେଖାଏଁ ମୋଟ ୪୫୦୦ ଟଙ୍କା ଦାବି କରିଥିଲେ। ସୋଲେଗୁଡା ୟୁ.ପି ସ୍କୁଲର ସହକାରୀ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ବିଲୁଙ୍ଗ ଏ ବାବଦରେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ପକ୍ଷରୁ ଏ ନେଇ ଏକ ମାମଲା ନଂ.୧/୧୯ ରୁଜୁ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସୋମବାର ମଧାହ୍ନ ୧୨ଟାରେ ଶିକ୍ଷକ ବିଲୁଙ୍ଗ ବ୍ଲକ୍ ଶିକ୍ଷା ଅଫିସରେ ପହଞ୍ଚି ଆକାଉଣ୍ଟାଣ୍ଟ ପତିଙ୍କୁ ୪୫୦୦ ଟଙ୍କା ଦେଇଥିଲେ। ଲାଞ୍ଚ ଟଙ୍କାକୁ ଆକାଉଣ୍ଟାଣ୍ଟ ପତି ନିଜ ପ୍ୟାଣ୍ଟ ପକେଟରେ ରଖିଥିଲେ। ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀ ଚଢଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ଆକାଉଣ୍ଟାଣ୍ଟ ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏହାସହ ପତିଙ୍କୁ ରାଉରକେଲାସ୍ଥିତ ଭଡା ଘରେ ଭିଜିଲାନ୍ସ ପକ୍ଷରୁ ତଲାସି ଚାଲିଛି। ଭିଜିଲାନ୍ସ ଡିଏସ୍‌ପି ଦିଲୀପ କୁମାର କର, ପରମେଶ୍ୱର କିଶାନ, ଇନ୍‌ସ୍ପେକ୍ଟର ପ୍ରଦୀପ କୁମାର ଆଇଣ୍ଡ, ସୁଧାଶୁଂ ଶେଖର ପୂଜାରୀ, ତୁଷାର ମହାପାତ୍ର, ଏଏସ୍‌ଆଇ ଶରତ କୁମାର ବେହେରା, କନଷ୍ଟେବଲ ଗୌରୀଶଙ୍କର ମେହେର, ଜନ୍ମେଞ୍ଜୟ ରକ୍ସା, ପି.କେ.ଦାସ ଚଢଉରେ ସାମିଲ ଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ ବେଦାନ୍ତ ଆସ୍‌ପଣ୍ଡ ଭାଙ୍ଗିବା ଘଟଣା

# ଝାରସୁଗୁଡ଼ାରେ ଏନ୍‌ଜିଟିର କୋର୍ଟ କମିଶନର

**ଝାରସୁଗୁଡ଼ା ଅଫିସ,୨୮।୧**

ଝାରସୁଗୁଡ଼ା ବେଦାନ୍ତ ଆସ୍‌ପଣ୍ଡ ଭାଙ୍ଗିବା, ଏହାଦ୍ୱାରା ଭେଡେନ୍ ନଦୀଜଳ ପ୍ରଦୂଷିତ ହେବା ଏବଂ କମ୍ପାନୀ ତରଫରୁ ଉପଯୁକ୍ତ ପଦକ୍ଷେପ ନିଆ ନ ଯିବାକୁ କେନ୍ଦ୍ରକରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ରେ ମାମଲା ଦାୟର ହୋଇଥିଲା। ଉକ୍ତ ମାମଲା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାକୁ ଏନ୍‌ଜିଟିର ଦ୍ୱାରା କୋର୍ଟ କମିଶନର୍ ଭାବେ ପି.ସି ମିଶ୍ର ସୋମବାର ଝାରସୁଗୁଡ଼ା ଗସ୍ତରେ ଆସିଛନ୍ତି। ଏହି ଗସ୍ତ ସମୟରେ ପି.ସି.ମିଶ୍ର ସମେତ ପ୍ରକଳ୍ପ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣି ସେଠି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ନିରଞ୍ଜନ ମଲିକ, ତହସିଲଦାର ଦିଲୀପ ପ୍ରଧାନ, ଅତିରିକ୍ତ ତହସିଲଦାର ଗୋଲକ ବିହାରୀ ମଙ୍ଗରାଜ ଏବଂ ବେଦାନ୍ତର ବୈଷୟିକ ଟିମ୍‌କୁ ନେଇ ଏକ ହୋଟେଲରେ ବୈଠକ କରାଯାଇଥିଲା। ପରେ କୋର୍ଟ କମିଶନର ମିଶ୍ର ଏବଂ ପ୍ରଦୂଷଣ ବୋର୍ଡ ଅଧିକାରୀ ମଲ୍ଲିକ କାତିକେଲା ଯାଇ ସ୍ଥିତି ଅନୁଧ୍ୟାନ ଏବଂ ରିପୋର୍ଟ ସଂଗ୍ରହ କରିଥିଲେ। ମଙ୍ଗଳବାର କୋର୍ଟ ଅଫ୍ କମିଶନର ମିଶ୍ର ପାଉଁଶ ପୋଖରୀ ପାର୍ଶ୍ୱବର୍ତ୍ତୀ କେତେକ ଗାଁର ବାସିନ୍ଦାଙ୍କ ସହ ଆଲୋଚନା କରିବେ ବୋଲି ଧାର୍ଯ୍ୟ ହୋଇଛି। ଏହାସହ ବେଆଇନ୍ ପାଉଁଶ ଡମ୍ପିଂ ହେଉଥିବା ଅନ୍ୟ ସ୍ଥାନଗୁଡିକ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।



ପି.ସି. ମିଶ୍ର।

ସୂଚନାଯୋଗ୍ୟ, ବେଦାନ୍ତରୁ ନିର୍ଗତ ପାଉଁଶ ସିଧାସଳଖ ଭେଡେନ୍ ନଦୀରେ ପଶିବା, ନଦୀଜଳ ପ୍ରଦୂଷିତ ହେବା, ସ୍ଥାନୀୟ ଅଞ୍ଚଳର ଜୈବ ବିବିଧତା ନଷ୍ଟ ହେବା ଭଳି ଅଭିଯୋଗ ଉଠାଇ ଏନଜିଟିରେ ମାମଲା ଦାୟର ହୋଇଥିଲା। ଏହି ମାମଲାର ଶୁଣାଣି କରି ଗତ ଜାନୁୟାରୀ ୯ ତାରିଖରେ କୋର୍ଟ କମିଶନର ଭାବେ ପୂର୍ବତନ ଏନ୍‌ଜିଟି ବିଶେଷଜ୍ଞ ସଦସ୍ୟ ପି.ସି ମିଶ୍ରଙ୍କୁ ନିୟୋଜିତ କରିବା ସହ ୩ ସପ୍ତାହ ମଧ୍ୟରେ ଘଟଣା ସ୍ଥଳ ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରିବାକୁ କହିଥିଲେ। ରିପୋର୍ଟ ଦାଖଲ ପରେ ଆଗାମୀ ଫେବୃୟାରୀ ୪ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଏନ୍‌ଜିଟି ପ୍ରିନ୍ସପାଲ ବେଞ୍ଚ ଦ୍ୱାରା ଧାର୍ଯ୍ୟ ହୋଇଛି।

# ଜଙ୍ଗଲରେ ଚିକିତ୍ସାଧୀନ ମାଈହାତୀ ଶାବକର ମୃତ୍ୟୁ

**ବଣାଇ,୨୮।୧(ସ୍ୱ.ପ୍ର.)**–ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡ ଜର୍ଡା ରେଞ୍ଜ ଅନ୍ତର୍ଗତ ମଜୁରଡିମା ସେକ୍ସନର କେଲୋ ବିଟ୍ ଅଧୀନ ସଂରକ୍ଷିତ ଜଙ୍ଗଲରେ ଚିକିତ୍ସାଧୀନ ମାଈ ହାତୀ ଶାବକର ରବିବାର ସକାଳେ ମୃତ୍ୟୁ ହୋଇଛି। ହାତୀ ଶାବକଟି ଗତ ୨୩ ତାରିଖରୁ ଅସୁସ୍ଥ ଥିଲା। ସହକାରୀ ବନ ସଂରକ୍ଷକ ଏନ୍.ଏସ୍. ଜେ.ପି. ସିଂଙ୍କ ସୂଚନା ମୁତାବକ କେଲୋଠାରୁ ପ୍ରାୟ ୬ କିଲୋମିଟର ଦୂର ଘଞ୍ଚ ଜଙ୍ଗଲରେ ଅସୁସ୍ଥ ହାତୀ ଶାବକକୁ ଠାବ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ତେବେ ରବିବାର ହାତୀ ଶାବକର ମୃତ୍ୟୁ ପରେ ପ୍ରାଣୀଧନ ଚିକିତ୍ସକଙ୍କ ସହାୟତାରେ ବ୍ୟବଚ୍ଛେଦ କରାଯାଇଛି। ବନ ବିଭାଗ ପକ୍ଷରୁ ମୃତଦେହକୁ ପୋତି ଦିଆଯାଇଛି।




# ବାଇକ୍ ଦୁର୍ଘଟଣାଗ୍ରସ୍ତ: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ବାଉଁଶୁଣୀ/ମନମୁଣ୍ଡା, ୨୮।୧ (ଡି.ଏନ.ଏ)**–ବୌଦ୍ଧ–ବଲାଙ୍ଗୀର ଜାତୀୟ ରାଜପଥ ନଂ–୫୭ର ବାଘନଦୀ ପୋଲ ନିକଟରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ବାଇକ ଭାରସାମ୍ୟ ହରାଇ ପୋଲ ବାଡାରେ ପିଟି ହେବାରୁ ଚାଳକ ଅନୂପ ପାଣିଗ୍ରାହୀ (୪୯)ଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ ଆରତୀ ହୋତା (୪୨) ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ, ସୋମବାର ସକାଳେ ବୌଦ୍ଧ ଜିଲା ସରସରା ନିବାସୀ ଅନୂପ ଓ ତାଙ୍କ ସ୍ତ୍ରୀ ଆରତୀ ଏକ ବାଇକ୍ (ନଂ. ଓଆର୍‌୨୭/୪୦୬୮) ଯୋଗେ ବୀରମହାରାଜପୁରରୁ ବିବାହ କାର୍ଯ୍ୟ ସାରି ନିଜ ଘର ସରସରାକୁ ଫେରୁଥିଲେ । ଏହି ସମୟରେ ଆରତୀ ଏକ ଶାଲ୍ ଘୋଡାଇ ହେବା ବେଳେ ତାହା ଅନୂପଙ୍କ ମୁହଁରେ ଢ଼ାଙ୍କି ହୋଇଯିବାରୁ ସେ ଆଗକୁ ଆଉ ଦେଖି ପାରି ନ ଥିଲେ । ଫଳରେ ପୋଲ ବାଡରେ ପିଟି ହୋଇ ଦୁହେଁ ପୋଲ ତଳକୁ ପଡିଯାଇଥିଲେ । ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଅନୂପଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା (୧୮/୧୯) ରୁଜୁ ହୋଇଛି ।

# ସ୍କୁଲ ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍,୨୮।୧**–ବରଗଡ଼ ସହର ଉପକଣ୍ଠ ପାଣିଛତ୍ର ନିକଟ ଓଭରବ୍ରିଜ ପାଖରେ ସୋମବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଘରୋଇ ସ୍କୁଲ ବସ୍(ନଂ.ଓଡ଼ି୧୭ଜି/୯୭୨୩) ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଆରୋହୀ ଜଣକ ଛତିଶଗଡ଼ ରାଜ୍ୟ ରାୟପୁର ଜିଲା ପାଚେପେଡ଼ି ନଗର ଥାନା ସର୍ବୋଦୟ ନଗର(ୱାର୍ଡ଼ ନଂ–୫୧) ନିବାସୀ କୈଳାଶ ଚନ୍ଦ୍ର ମିଶ୍ରଙ୍କ ପୁଅ କେଶରୀନନ୍ଦନ(୨୫)। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପୋଲିସ ଶବକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୫୩/୧୯) ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ଯୁବକ ଜଣକ ଏକ ବାଇକ୍ (ନଂ.ସିଜି୦୪ଏଲଏଚ/୧୨୬୬) ଯୋଗେ ରାଜପଥ ପଟକୁ ଯାଉଥିବାବେଳେ ଉପରୋକ୍ତ ସ୍କୁଲବସ୍ ଧକ୍କା ଦେଇଥିଲା ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୯ ଜାନୁୟାରୀ, ୨୦୧୯



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ଦେଶୀ ମଦ ଜବତ, ଜଣେ ଗିରଫ

**ଘଣ୍ଟାପଡା,୨୮।୧(ଡି.ଏନ.ଏ.):** କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା କନ୍ଧପଡାରେ ସୋମବାର ଘଣ୍ଟାପଡା ଫାଣ୍ଡି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଚଢାଉ କରି ଜଣେ ଯଣେ ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଜଗା ଭୋଇ(୧୯) । ତାଙ୍କଠାରୁ ୫ଲିଟର ଦେଶୀ ମଦ ଜବତ କରାଯାଇଛି । ଏ ନେଇ ଏକ ମାମଲା (ନଂ.୧୮/୧୯) ରୁଜୁ ହୋଇଛି । ମଙ୍ଗଳବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କନ୍ଧମାଳ ଥାନା ଆଇଆଇସି ନରେଶ ପ୍ରଧାନ ସୂଚନା ଦେଇଛନ୍ତି ।

### ଟେମ୍ପୋ ଓଲଟି ଦୁଇ ଗୁରୁତର

**ଘଣ୍ଟାପଡା,୨୮।୧(ଡି.ଏନ.ଏ.):** କନ୍ଧମାଳରୁ ଘଣ୍ଟାପଡା ଯାଉଥିବା ବେଳେ ଏକ ଟେମ୍ପୋ ଓଲଟି ପଡିବାରୁ ସବାର ଦୁଇଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତ ଦ୍ୱୟ ହେଲେ ମସିଣାଗୋରା ଗ୍ରାମର ନୀଳା ମହାନନ୍ଦ(୫୮) ଏବଂ ମଲିକୁଦର ସୀତାରାମ ରଣା(୪୨) । କନ୍ଧମାଳରୁ ଘଣ୍ଟାପଡାକୁ ଯାତ୍ରୀ ନେଇ ଯାଉଥିବା (ନଂ.ଓଆର୧୫କ୍ୟୁ/୨୪୩୯) ଟେମ୍ପୋ ଭାରସାମ୍ୟ ହରାଇ ୪୧ ନମ୍ବର ରାଜ୍ୟ ରାଜପଥର ତବଡା ଛକ ନିକଟରେ ଓଲଟି ପଡିଥିଲା। ଖବର ପାଇ କନ୍ଧମାଳରୁ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲା । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋନପୁର ସ୍ଥାନାନ୍ତର କରାଯାଇଛି ।

### ପାଣିପଞ୍ଚାୟତ ପକ୍ଷ ପାଳିତ

ବୌଦ୍ଧ,୨୮।୧(ସ୍ୱ.ପ୍ର)

ବୌଦ୍ଧ ଜଳସେଚନ ବିଭାଗ ପକ୍ଷରୁ ସୋମବାର ପାଣିପଞ୍ଚାୟତ ପକ୍ଷ ପାଳିତ ହୋଇଛି । ପାଣି ପଞ୍ଚାୟତ ସଭାପତି ପୟଧର ମହାକୁଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପାଣିକୁ ଠିକ ଭାବେ ବଣ୍ଟନ କରାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି ଅବସରରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ପୃଷ୍ଟି, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୁରୁ ପ୍ରସାଦ ପୃଷ୍ଟି, ସହକାରୀ ଯନ୍ତ୍ରୀ ବିବେକାନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଯନ୍ତ୍ରୀ ଭିଜଲା ଏକା, ବସନ୍ତ ମହାକୁଡ, ସୁବ୍ରତ ମଲିକ ପ୍ରମୁଖ ସହଯୋଗ କରିଥିଲେ ।

### ରାମଲୀଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ତାଡ଼କୀ ବଧ, ଅହଲ୍ୟା ଉଦ୍ଧାର ଅଭିନୀତ

ଭେଡ଼େନ, ୨୮।୧ (ଡ଼ି.ଏନ.ଏ)

ଭେଡ଼େନରେ ଚାଲିଥିବା ଶ୍ରୀ ଶ୍ରୀ ଅଖଣ୍ଡ ଶ୍ରୀହରି ନାମଯଜ୍ଞ ତଥା ବିରାଟ ରାମଲୀଳା ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ସନ୍ଧ୍ୟାରେ ଦଶରଥଙ୍କ ଦରବାରକୁ ବିଶ୍ୱାମିତ୍ରଙ୍କ ଆଗମନ, ତାଡ଼କି ବଧ, ସୁବାହୁ ରାକ୍ଷସ ବଧ, ମାରିଚ ରାକ୍ଷସ ବନରୁ ବିତାଡ଼ିତ, ଗୌତମ ମୁନି ଆଶ୍ରମରେ ପାଷାଣୀ ଅହଲ୍ୟା ଉଦ୍ଧାର, ଗଙ୍ଗା ପାରି ହେବା ପାରି ହେବା ପାଇଁ କୈବର୍ତ୍ତ ତାଙ୍କୁ ନୌକାରେ ବସାଇବାକୁ ମନା କରିବା ଆଦି ଦୃଶ୍ୟ ଅଭିନୀତ ହୋଇଛି ପୁରୁଣା ହାଟପଦା ସ୍ଥିତ ଅଯୋଧ୍ୟା ମଞ୍ଚରେ। ଅପରପକ୍ଷରେ ଥାନା ସମ୍ମୁଖ ରାବଣ ଦରବାରରେ ଦଶାନନ ରାବଣ ସ୍ୱର୍ଗର ଇନ୍ଦ୍ରଙ୍କୁ ଦୂତ ପ୍ରେରଣ କରିଛି ଐରାବତ ହସ୍ତୀ, ପାରିଜାତ ପୁଷ୍ପ ଓ ରମ୍ଭା ମେନକା ଆଦି ଅପସରା ମାନଙ୍କୁ ଲଙ୍କାକୁ ପଠାଇବା ପାଇଁ। ଅନ୍ୟଥା ହେଲେ ସ୍ୱର୍ଗ ଆକ୍ରମଣ ପାଇଁ ଦେଇଛି ଚେତାବନୀ। ରାବଣ ଦରବାରରେ ଖ୍ୟାତନାମା କଣ୍ଠଶିଳ୍ପୀ ରମାକାନ୍ତ ହରିପାଲ ସଙ୍ଗୀତ ପରିବେଷଣ କରିଥିଲେ ।



ଭେଡେନରେ ଚାଲିଥିବା ରାମଲୀଳା ମହୋତ୍ସବରେ ଅହଲ୍ୟା ଉଦ୍ଧାର ଦୃଶ୍ୟ ।

# ମୋ ସ୍କୁଲ ଅଭିଯାନର ସମୀକ୍ଷା ବୈଠକ

ଜହ୍ନାପଙ୍କ, ୨୮।୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନର ସମୀକ୍ଷା ବୈଠକ ଭୋଳାଗିରି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ । ପ୍ରାକ୍ତନ ପ୍ରଧାନଶିକ୍ଷକ କୃପାସିନ୍ଧୁ ପାତ୍ର ସରକାରଙ୍କ ପକ୍ଷରୁ ୪ଲକ୍ଷ ୬୦ ହଜାର ଟଙ୍କା ଅନୁଦାନ ଆସିଥିବା ଘୋଷଣା କରିଥିଲେ। ଏହି ଟଙ୍କାକୁ ସ୍କୁଲର ଉନ୍ନୟନମୂଳକ କାମରେ ଖର୍ଚ୍ଚ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ସ୍କୁଲରେ ଗଣିତ, ବିଜ୍ଞାନ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଖେଳ ଶିକ୍ଷକ ଜଗନ୍ନାଥ ବେହେରା, ସଭ୍ୟ ଉପେନ୍ଦ୍ର ପ୍ରଧାନ, ଶୁଭ୍ରାଂଶୁ ଶେଖର ମିଶ୍ର ମତ ଦେଇଥିଲେ । ଉପରୋକ୍ତ କାମ ଗୁଡିକ ସମ୍ପାଦନ ସ୍ୱାଇଁ ୭ ଜଣିଆ କମିଟି ଗଠନ କରାଯାଇଥିଲା । ଏଥିରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃପାସିନ୍ଧୁ ପାତ୍ର, ଭୋଳାଗିରି ସାହୁ, ମନୋରଞ୍ଜନ ପୁରୋହିତ, ଜଗଦୀଶ ବାରିକ, ସହସ୍ରାଂଶୁ ମିଶ୍ର, ମୋହନ ସାହୁ, କିରଟି ପ୍ରଧାନ, ସରପଞ୍ଚ ରାଜେନ୍ଦ୍ର ମେହେରଙ୍କୁ ମନୋନୀତ କରାଗଲା । ସରପଞ୍ଚ ବିଦ୍ୟାଧର ସ୍ୱାଇଁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ର ନରେନ୍ଦ୍ର ବେହେରା, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ



ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି ।

ବୌଦ୍ଧ,୨୮।୧(ସ୍ୱ.ପ୍ର)

ବୌଦ୍ଧରେ ସୋମବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ 'ଜବାବ ମାଗୁଛି ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ଯୁବ ମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ସହରର ରାମେଶ୍ୱର ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପ୍ରଥମେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଆଗରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ପରେ ବିକ୍ଷୋଭ ଶୋଭାଯାତ୍ରା ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚି ବିକ୍ଷୋ ପ୍ରଦର୍ଶନ କରିଥିଲେ । କର୍ମୀମାନେ ଜିଲାପାଳଙ୍କ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ ମଧ୍ୟ ସକ୍ଷମ ହୋଇ ନ ଥିଲେ । ଉପଜିଲାପାଳ ଏନ ସି ଜ୍ୟୋତି ରଞ୍ଜନ ନାଏକ ଆନ୍ଦୋଳନକାରୀଙ୍କ ସହ କଥାବାର୍ତ୍ତା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ୍ ପ୍ରକାଶ ମିଶ୍ର, ଜିଲା ଭାଜପା ସଭାପତି ସୌମିତ୍ରୀ ନାୟକ, ସାଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ମନୋରଞ୍ଜନ ଦାଶ, ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ସମେତ ବହୁ ଯୁବ କର୍ମୀ ସାମିଲ ହୋଇଥିଲେ ।

# ସାହିତ୍ୟ ସାମ୍ପ୍ରତିକ ସମାଜର ଚଳନ୍ତି ଇତିହାସ

ବୌଦ୍ଧ,୨୮।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଲେଖକ ପାଠକ ସମାବେଶ ରବିବାର ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର କୁମାର ଭୋଇଙ୍କ ପୌରୋହିତ୍ୟରେ ଆମ ସମାଜ ଓ ସାମ୍ପ୍ରତିକ ସାହିତ୍ୟର ସ୍ଥିତି ପ୍ରଗତି ଓ ପରିବ୍ୟାପ୍ତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କୁମାର ହସନ, ସରୋଜ ମହାନ୍ତି, ପବିତ୍ର ମୋହନ ଦାଶ, ଅମୀୟ ପାଣ୍ଡବ, କେଦାର ମିଶ୍ର, ପିତାମ୍ବର ତରାଇ, ଆଦିତ୍ୟେଶ୍ୱର ମିଶ୍ର, ବାସୁଦେବ ପାତ୍ର ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ । ସମାଜର ହିତ ପାଇଁ ସାହିତ୍ୟ ସାଧନା କରୁଥିବା ସାହିତ୍ୟକମାନେ ନିଜର ଜୀବନ ଶୈଳୀରେ ଆଚରଣ ଓ ଉଚ୍ଚାରଣକୁ ସମଭାବରେ ପ୍ରତିଫଳିତ କରିବା ଆବଶ୍ୟକ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ଏଥିରୁ ବ୍ୟତିକ୍ରମ ହେଲେ ସମାଜ ପ୍ରଭାବିତ ହେବାକୁ ଏଡାଇ ହେବନାହିଁ । ସାହିତ୍ୟକ ଜନସାଧାରଣଙ୍କ ସହ ସିଧାସଳଖ ଯୋଡି ହୋଇପାରିଲେ ପାଠକ ମାନେ ସାହିତ୍ୟରେ ଆଗ୍ରହ ରଖିବେ। ଯେହେତୁ ସାହିତ୍ୟ ସମାଜର ଚଳନ୍ତି ଇତିହାସ, ତେଣୁ ସାହିତ୍ୟକମାନେ ନିଜ ନିଜ କୃତିରେ ସମାଜର ବିବିଧ ଦିଗକୁ ଦର୍ଶାଇବା ଦରକାର ବୋଲି ଆଲୋଚକ ମାନେ ସ୍ୱୀକାର କରିଥିଲେ । ସମାବେଶର ପରବର୍ତ୍ତୀ ପର୍ଯ୍ୟାୟରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅକ୍ଷୟ କୁମାର ରାଉତ ଓ କିଶୋର ମିଶ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ଅବକାଶ ସାହୁ, ରଞ୍ଜୁ ଅମାତ, ରଞ୍ଜିତା ପଣ୍ଡାଙ୍କ ସଂଯୋଜନାରେ ମାଟି ବିଷୟ କବିତା ଆସର ଅନୁଷ୍ଠିତ ହୋଇଥିଲା । ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**ଜିଲା ଲେଖକ ପାଠକ ସମାବେଶ**



ଲେଖକ ପାଠକ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।

# ୨୧ରେ ବରଗଡ଼ରେ ହେବ ଭାଷା ସମାବେଶ

ବରଗଡ଼ ଅଫିସ୍,୨୮।୧

ଫେବୃଆରୀ ୨୧ତାରିଖରେ ବରଗଡ଼ର ବିଜୁ ପଟ୍ଟନାୟକ ଟାଉନ ହଲରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହେବ । ଏହି ଉତ୍ସବକୁ ମିଳିତ ଭାବେ କୋସଲ କ୍ରିୟାନୁଷ୍ଠାନ କମିଟି ଓ କ୍ଲିଅର ଆୟୋଜନ କରୁଛନ୍ତି । ରବିବାର ବରଗଡ଼ ସାମ୍ବାଦିକ ସଂଘ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କୋସଲି କ୍ରିୟାନୁଷ୍ଠାନ କମିଟିର ଆବାହକ ସାକେତ ଶ୍ରୀଭୂଷଣ ସାହୁ ସୂଚନା ଦେଇ କହିଥିଲେ, ଏହି ଜାତୀୟସ୍ତରୀୟ ଭାଷା ସମାବେଶରେ ଡଃ ଜୋଗା ସିଂ(ପଞ୍ଜାବୀ), ଡଃ ଦୀପକ ପାୱାର(ମରାଠୀ), ସେନ୍ଥିଲ ନାଥନ(ତାମିଲ), ଆନନ୍ଦ ଗୁରୁ(କନ୍ନଡ଼), ସିଦ୍ଧବ୍ରତ ଦାସ(ବଙ୍ଗାଳୀ), ୟୋଗୋସ୍ ଆର୍(ବାଡୁଗୁ), କୁନ୍ଦନ ଅମିତାଭ (ଅଙ୍ଗିକା) ସମେତ ଭୋଜପୁରୀ, ରାଜସ୍ଥାନୀ, ବାଜିକା, ମୈଥିଳି, କୁଇ, ଭତରି, ହୋ ବିଞ୍ଝାଲ ଆଦି ଭାଷାର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାର ସାହିତ୍ୟିକ, ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେବେ । ଏହି ସମ୍ମିଳନୀରେ ବିଶେଷଭାବେ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ ପାଇଁ ମହାପାତ୍ର କମିଟି ଦ୍ୱାରା ସୁପାରିଶ ହୋଇଥିବା ଅସ୍ୱୀକୃତ ୩୮ଟି ଭାଷାର ହକ୍ ବିଷୟରେ ଆଲୋଚନା ହେବ । ବରଗଡ଼ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଭାଷାକର୍ମୀମାନେ ଟାଉନ ହଲରେ ପହଞ୍ଚିବେ। ସେଠାରେ କୋସଲି ଆନ୍ଦୋଳନରେ ଯୋଗ ଦେଇଥିବା ପ୍ରାୟ ୫୦ଜଣ ଭାଷାକର୍ମୀଙ୍କୁ ସମ୍ମାନିତ କରାଯିବ । ବରଗଡ଼ ଭାଷା ଅଧିକାର ଦାବି ଉନ୍ମୋଚିତ ହେବ ବୋଲି କୋସଲି କ୍ରିୟାନୁଷ୍ଠାନ କମିଟି ଆବାହକ ସାହୁ ଜଣାଇଛନ୍ତି ।

### ବାର୍ଷିକ କ୍ରୀଡା ସମ୍ପନ୍ନ

ପଦ୍ମପୁର, ୨୮।୧ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ବୁଧାପାଲି ୟୁଜିଏମ୍ଇ ସ୍କୁଲ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦ୍‌ଯାପନୀ ଉତ୍ସବ ସ୍କୁଲ ଅଧକ୍ଷ ଟୁନା ଡୁମୁନିଆଁଙ୍କ ପରିଚାଳନାରେ ଶେଷ ହୋଇଛି। ଉକ୍ତ ଉତ୍ସବରେ ପୋଲିସ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର ମୁଖ୍ୟଅତିଥି, ପଦ୍ମପୁର ଶିକ୍ଷା ବିଭାଗର ସୁନୀଲ ଷଡଙ୍ଗୀ, ପ୍ରଧାନଶିକ୍ଷକ ଦେବାନନ୍ଦ ଭୋଇ, ଗ୍ରାମ କମିଟି ସଭାପତି କିଶୋର ବହିଦାର, ଧବଳେଶ୍ୱର ଭୋଇ, ଟୁନା ଡୁମୁନିଆଁ, ସୁଶାନ୍ତ ମହାପାତ୍ର ସହଯୋଗ କରିଥିଲେ । ଆଥ୍ଲେଟିକ ଆସୋସିଏଶନ ସଭାପତି ଲୋକନାଥ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକାଶ ବିଜନେସ୍ ମ୍ୟାନେଜମେଣ୍ଟ ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ ଦଳର ଖେଳାଳିମାନେ ।

ବରଗଡ଼ ଅଫିସ୍,୨୮।୧

ବିକାଶ କ୍ରୀଡ଼ା ବିଭାଗର ଉଦ୍ୟମକ୍ରମେ ବିକାଶ କ୍ରିକେଟ ଷ୍ଟାଡ଼ିୟମରେ ପ୍ରଥମ ଯଦୁମଣି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବିକାଶ ବିଜନେସ୍ ମ୍ୟାନେଜମେଣ୍ଟ ପ୍ରତିପକ୍ଷ ବିକାଶ ଆବାସିକ ସ୍କୁଲକୁ ୩ରନରେ ହରାଇ ଚାମ୍ପିୟନ ହୋଇଥିଲା । ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧିନାୟକ ରାହୁଲ ଚୌଧୁରୀ ମ୍ୟାନ ଅଫ ଦ ଟୁର୍ଣ୍ଣାମେଣ୍ଟ, ବିକାଶ ଆବାସିକ ସ୍କୁଲର ରାଧାବଲ୍ଲଭ ଓଧାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମ୍ୟାଣ୍ଟର କୋ ଅର୍ଡ଼ିନେଟର ଆରଏସଭି କ୍ରୀଷ୍ଣା ପ୍ରମୁଖ ପୁରସ୍କାର ବିତରଣ କରିଥିଲେ । ଗତ ୨୧ରୁ ୨୭ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାକୁ ବିକାଶ ଖେଳ ବିଭାଗ ପରିଚାଳନା କରିଥିଲା ।

# ୨୮ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ଜହ୍ନାପଙ୍କ, ୨୮।୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ମୁଣ୍ଡାପଡା କ୍ଲଷ୍ଟରସ୍ତରୀୟ ୨୮ତମ ବାର୍ଷିକୋତ୍ସବ ଓ କ୍ରୀଡା ସୋମବାର ଉଦ୍‌ଘାଟିତ ହୋଇଛି । ଉଦଘାଟନୀ ଉତ୍ସବରେ ସରପଞ୍ଚ ବିଦ୍ୟାଧର ସ୍ୱାଇଁ ମୁଖ୍ୟଅତିଥି, ପ୍ରାକ୍ତନ ସାଧନ କେନ୍ଦ୍ର ସଂଯୋଜକ ପର୍ଶୁରାମ ପ୍ରଧାନ, ସମିତି ସଭ୍ୟ ସଞ୍ଜୟ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ଶୁକଦେବ ପ୍ରଧାନ, ନେତ୍ରାନନ୍ଦ ନାୟକ, ସିଆରସିସି ଶେଷଦେବ ପ୍ରଧାନ, ବ୍ରାହ୍ମଣୀପାଲି ସରପଞ୍ଚ ପ୍ରତିନିଧି ଅରୁଣ ବାଘ, ଦୀନବନ୍ଧୁ ପୋଡ଼ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏବିଇଓ ଅଚ୍ୟୁତାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସହକାରୀ ଶିକ୍ଷକ ବୀରବିକ୍ରମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା ବରିଷ୍ଠ ବିଭାଗର ୧୦୦ ମିଟର ଦୌଡ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା । ମଙ୍ଗଳବାର ଏହା ଉଦଯାପିତ ହେବ ବୋଲି ଜଣାପଡିଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ରଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ରଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ରଣ ରଣ ରଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ରଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ରଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ରଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ରଣ - ରଣ - ରଣ
ଟଙ୍କା ନେଇନ୍ତୁ - ଧୋକା ଦେଇନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ରଣ 24 ଘଣ୍ଟାରେ ଘରେ ବସି ପଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ
- ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ରଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ରଣ, ପ୍ରପର୍ଟି ରଣ, ପର୍ସନାଲ, ଗୃହ ରଣ, ସମସ୍ତ ରଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
08859752212
D-244, Tejendranagar, Zundal, Zundal-382421, Tal./Dist.- Gandhinagar

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।"
- ଲର୍ଡ ବାଇରନ

## ସଂକ୍ଷେପରେ

### କଲ୍ୟାଣ ମଣ୍ଡପ, ମନ୍ଦିର ଭୂମିପୂଜନ

**ପାଇକମାଳ,୨୮।୧ (ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ଗୋଁଡ ସମାଜ ପକ୍ଷରୁ ବୁଢ଼ାଦେଢ଼ କଲ୍ୟାଣ ମଣ୍ଡପ ଓ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ଗୀତାଞ୍ଜଳି ପୁଟା, ଲକ୍ଷ୍ମୀନାରାୟଣ ସିଂ, ଶ୍ୟାମକୁମାର ଭୋଇ, ତ୍ରିଭୁବନ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆନନ୍ଦ ଧରୁଆ ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସୁବୋଧ ପଣ୍ଡା ମନ୍ଦିର ନିର୍ମାଣ ପାଇଁ ଜମି ପ୍ରଦାନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଜୟ ସିଂଦାର ମଞ୍ଚ ପରିଚାଳନା କରିଥିବା ବେଳେ ଚୈତୁ ସିଂଦାଉ, ନନ୍ଦକିଶୋର ଧରୁଆ ସହଯୋଗ କରିଥିଲେ । ସଭାପତି ଭାଗବତିଆ ଦାଉ ଧନ୍ୟବାଦ ଅର୍ପଣ କରିଥିଲେ ।

### ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭେଡ଼େନ, ୨୮।୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ସୁନାଲରମ୍ଭା ଗ୍ରାମପଞ୍ଚାୟତର ବୈଦିକ ବାସନ୍ତିକ ଆଶ୍ରମ ଚାରପାଲି ଦୁଇମୁହାଣି ଠାରେ ବାସନ୍ତିକ ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ମଣ୍ଡପରେ ଜଳପୂର୍ଣ୍ଣ କଳସ ସ୍ଥାପନ କରାଯିବା ପରେ ପୂଜା ଆରମ୍ଭ ହୋଇଥିଲା । ରବିବାର କଳସ ଧ୍ୱଜା ବନ୍ଧନ, ବିଗ୍ରହଙ୍କ ମନ୍ଦିର ପ୍ରବେଶ ହୋଇ ପୂର୍ଣ୍ଣାହୁତି ହୋଇଥିଲା । ଏଥିରେ କୃଷ୍ଣବଲ୍ଲଭ ବିଶ୍ୱାଳ, ରାଜକିଶୋର ମେହେର, ନୀଳାମ୍ବର ମଲିକ, ଭୀଷ୍ମଦେବ ଦାଶ, ପ୍ରଭାକର ଭୁଏ, ବ୍ରଜକିଶୋର ପଣ୍ଡା, ଆୟାପା ଶ୍ରୀନିବାସ ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଥିଲେ । ଜୟଦେବ ପଣ୍ଡା, ସରୋଜ ଦାଶ, ଫକୀର ମୋହନ ଦାଶ, ରମେଶ ଦାଶ, ପ୍ରଦୀପ ପଣ୍ଡା, ଅମିତ ମିଶ୍ର ପୁରୋହିତ ଦାୟିତ୍ୱ ତୁଲାଇଥିଲେ । ଏହି ଉତ୍ସବରେ ସାମାଜିକ କର୍ମୀ ଗୋବିନ୍ଦ ନାଗଙ୍କ ସମେତ ବହୁ ରାଜନୈତିକ କର୍ମୀ ଅତିଥି ଭାବେ ଯୋଗ ଦେଇଥିଲେ ।

### କେନ୍ଦୁପତ୍ର ଶ୍ରମିକ ମାରଣ ନୀତିକୁ ବିରୋଧ

**ପାଇକମାଳ,୨୮।୧ (ଡି.ଏନ.ଏ):** ପାଇକମାଳଠାରେ ଓଡିଶା କେନ୍ଦୁପତ୍ର ସଂଘ ପଦ୍ମପୁର ଡିଭିଜନର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଡିଭିଜନ ସମ୍ପାଦକ ବିଧାୟକ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋକିଳ ସାହୁ, ଋଷବ ପ୍ରଧାନ, ସାଇଧର ପାଣ୍ଡେ, ଅରମାନ ଖାଁ, ବସନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଚଳିତ ବର୍ଷ ରାଜ୍ୟ ସରକାରଙ୍କର ଏକ ଭୁଲ ନିଷ୍ପତ୍ତି ଲାଗୁ କରିଥିବାରୁ ଯେଉଁ ଛାତ୍ରୀଛାତ୍ର ଆଦିବାସୀ, ହରିଜନ କଲ୍ୟାଣ ବିଭାଗ ତରଫରୁ ବୃତ୍ତି ପାଉଛନ୍ତି ସେମାନେ ଆଉ ପାଇପାରିବେ ନାହିଁ । ରାଜ୍ୟର ଶ୍ରମିକମାନଙ୍କ ମଜୁରୀ ଯେତେ ବୃଦ୍ଧି ହେବ ସେହି ଅନୁପାତରେ କେନ୍ଦୁପତ୍ର ସିଜିନାଲ କର୍ମଚାରୀମାନଙ୍କ ଦରମା ବୃଦ୍ଧି କରା ନ ଯାଇ ପାତରଅନ୍ତର କରାଯାଉଛି । ଏହି ନିଷ୍ପତ୍ତି ଯୋଗୁ ଓଡିଶାର ୬୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ କାର୍ଯ୍ୟରତ ୨୦ ହଜାର ସିଜିନାଲ କର୍ମଚାରୀ ମଧ ପ୍ରଭାବିତ ହେବେ। ଏ ନେଇ ସଭାରେ ଆଲୋଚନା କରାଯାଇଥିଲା । ସରକାର ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

### କଳାକାର ସମ୍ମିଳନୀ ଉଦ୍‌ଯାପିତ

**ଗାଇସିଲେଟ,୨୮।୧(ଡି.ଏନ.ଏ):** ଗାଇସିଲେଟ ବ୍ଲକ ଅନ୍ତଗତ ବୁରୋମୁଣ୍ଡା ଗ୍ରାମରେ ପଶ୍ଚିମ ଓଡିଶା କରମା କଳାକାର ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି । ସମ୍ବଲପୁର ଫୋକ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବ୍ଲକ ଅଧ ବାସନ୍ତୀ ପାଣ୍ଡେ, ବିଡିଓ ମଧୁଛନ୍ଦା ସାହୁ, ସରପଞ୍ଚ ସରୋଜ ଶ୍ରୀ ଭୂଷଣ ସାହୁ , ସରପଞ୍ଚ ଭାରତ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଗୌନ୍ତିଆ ଭୁବନେ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଉତ୍ସବରେ ୭୦୪ଟି କରମା ଦଳ, ୭୦୭ କୀର୍ତ୍ତନ ଓ ପ୍ରାୟ ୭୦୦ଟି ଦୁଲଦୁଲି ଦଣ୍ଡା ନୃତ୍ୟ, କଲଙ୍ଗା ନାଚ ଦଳ ଯୋଗ ଦେଇଥିଲେ। ସଭାପତି ଜଗଦୀଶ କଲାରୀ ସମ୍ପାଦକ ରବିରତନ ସାହୁ ଉପସ୍ଥିତ ଥିଲେ ।

# ମଣ୍ଡି ଖୋଲିବା ପାଇଁ ଫେରାଦ

**ବରଗଡ଼ ଅଫିସ୍,୨୮।୧**

ବରଗଡ଼ ଜିଲାରେ ଧାନବିକ୍ରିକୁ ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଲାଗି ରହିଛି। କେଉଁ ମଣ୍ଡିରେ ଦୀର୍ଘଦିନ ଧରି ବିକ୍ରି ହେବା ପାଇଁ ଆସିଥିବା ଧାନ ପଡ଼ି ରହିଥିବାବେଳେ ଆଉ କେଉଁଠାରେ ଧାନ ବିକ୍ରି ନ ସରୁଣୁ ମଣ୍ଡିକୁ ବନ୍ଦ କରି ଦିଆଯାଇଛି । ଏଭଳି ଅଭିଯୋଗ ନେଇ ସୋମବାର ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ ଅଞ୍ଚଳର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ସେମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

ଚାଷୀମାନେ ଅଭିଯୋଗ କରିଛନ୍ତି, ଏପର୍ଯ୍ୟନ୍ତ ଘେଁସ ଅଞ୍ଚଳର ବହୁଚାଷୀ ସେମାନଙ୍କ ଅମଳ ଧାନକୁ ବିକ୍ରି କରି ପାରି ନାହାନ୍ତି । ମଣ୍ଡିକୁ ଧାନ ଆଣିଲେ ସେଠାରେ ଦାୟିତ୍ୱରେ ରହିଥିବା କର୍ମଚାରୀ ନାନା ଆଳ ଦେଖାଇ ଧାନ ରଖୁ ନାହାନ୍ତି । ଫଳରେ ନିରାଶ ହୋଇ ଫେରିବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଧାନ କିଣିବା ପାଇଁ ଘେଁସ ମଣ୍ଡିକୁ ଖୋଲା ରଖିବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ବିନୋଦ ପ୍ରଧାନ, ଜୟଦେବ ସାହୁ, ବିଜୟ ଶଙ୍କର ପ୍ରଧାନ, ଭାସ୍କର ଗରିଆ, ସର୍ବେଶ୍ୱର ଭୋଇ ପ୍ରମୁଖ ଚାଷୀ ଜିଲାପାଳ ଅଫିସ ଆସିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

**ପଦ୍ମପୁର, ୨୮।୧ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବାନ୍ଧୁପାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି, ବରଗଡ ଜିଲା ଶିକ୍ଷାଧିକାରୀ ପ୍ରକାଶ କୁମାର ଯୋଶୀ ସମ୍ମାନୀତ ଅତିଥି, ଅବସରପ୍ରାପ୍ତ ଅଧକ୍ଷ ମେଜର ଚିତ୍ତରଞ୍ଜନ ଦାସ ମୁଖ୍ୟବକ୍ତା, ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ବିଇଓ ସୁନୀଲ ମୁଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲାପାଳ ତ୍ରିପାଠୀ ଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ କର୍ମ କଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ । ମୁଖ୍ୟବକ୍ତା ଚିତ୍ତରଞ୍ଜନ ଦାସ ଛାତ୍ରୀଛାତ୍ରମାନଙ୍କୁ ସଂଘର୍ଷରେ ପଛଘୁଞ୍ଚା ନ ଦେଇ ଆତ୍ମବିଶ୍ୱାସ ରଖିବାକୁ ପରାମର୍ଶ ଦେଇକଲେ । ଶିକ୍ଷକ ସୁଶାନ୍ତ କୁମାର ବଢ଼େଇ ଓ ସୁଶ୍ରୀ ନମିତା ପ୍ରଧାନ ସଭା ସଂଯୋଜନା କରିଥିଲେ ଏବଂ ଶିକ୍ଷକ ଉମ୍ବରୁଧର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଉଷସୀ ସାହୁ ଶ୍ରେଷ୍ଠ ଛାତ୍ରୀ ପୁରସ୍କାର ପାଇଥିଲେ ।

# ସ୍ୱାବଲମ୍ବୀ କାରିଗରଙ୍କ ଦାବିପତ୍ର ପ୍ରଦାନ

**ଭେଡ଼େନ, ୨୮।୧ (ଡ଼ି.ଏନ.ଏ)**

ନଳକୂପ ମରାମତି ପାଇଁ ପ୍ରତି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗର ମାନଙ୍କ ଭୂମିକା ରହିଛି । ବରଗଡ଼ ଜିଲା ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଏହି କାରିଗରମାନେ ମାସିକ ମାତ୍ର ୧୬ ଶହ ଟଙ୍କା ନାମମାତ୍ର ପାରିଶ୍ରମିକରେ ସମସ୍ତ କାମ କରିଆସୁଛନ୍ତି। କେବଳ ଛୋଟ ମରାମତି ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ ଏହି କାରିଗର ମାନେ ସମ୍ପୂର୍ଣ୍ଣ ଭାବେ ନଳକୂପ ମରାମତି କାମ କରୁଛନ୍ତି । ଏହା ପ୍ରତିବଦଳରେ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁ ନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହିକ୍ରମରେ ସୋମବାର ଭେଡ଼େନ ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘ ସଭାପତି ଅଦ୍ୱୈତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭାରେ କାରିଗରମାନେ କେବଳ ଛୋଟ ମରାମତି କାମ ବ୍ୟତୀତ ଅନ୍ୟ କାମ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ନେଇ ସେମାନେ ବିଡ଼ିଓ ମୁରଲିଧର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଡ଼ିଓ ଦାବିପତ୍ର ଗ୍ରହଣକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ଫକୀର ମୋହନ ବାଗ, ଗଜାନନ ଭୋଇ, ସାନୁଜ ମହାନନ୍ଦ, ମନୋରଞ୍ଜନ ଛନ୍ଦ, ଲକ୍ଷ୍ମୀ ନାରାୟଣ ପାଢ଼ୀଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ଅଶୋକ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ମହୋତ୍ସବ

# ୪୧ ସ୍କୁଲକୁ ରାଜ୍ୟ ସରକାରଙ୍କ ଅନୁଦାନ

**ବରଗଡ଼ ଅଫିସ୍,୨୮।୧**

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ସ୍କୁଲର ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାର ୧୨ଟି ବ୍ଲକର ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଫଟୋଚିତ୍ର ପ୍ରଦର୍ଶନୀ ଏବଂ ମୋ ସ୍କୁଲ ଅଭିଯାନ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟରେ ଶ୍ରେଷ୍ଠ ବିବେଚିତ ବରଗଡ଼ ଜିଲାର ୪୧ଟି ସ୍କୁଲକୁ ରାଜ୍ୟ ସରକାର ୧ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ରାଶିରେ ପୁରସ୍କୃତ କରିଥିବାବେଳେ ଉକ୍ତ ସ୍କୁଲର ପ୍ରାଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକଙ୍କୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧିତ ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକମାନେ ପୁରସ୍କାର ପାଇଥିବା ଆର୍ଥିକ ରାଶିକୁ ନିଜ ସ୍କୁଲରେ ଚାଲିଥିବା ମୋ ସ୍କୁଲ ଅଭିଯାନକୁ ଦାନ କରିଥିବା ଘୋଷଣା କରିଥିଲେ । ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ, ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ, ସଦାନନ୍ଦ ଜାଲ, ଭାବନା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ବରଗଡ଼ ଶିକ୍ଷା ଜିଲା ଆନୁକୂଲ୍ୟରେ ୨କୋଟି ୩୪ଲକ୍ଷ ୬୮ହଜାର ୭୭୬ଟଙ୍କା ଆର୍ଥିକ ରାଶି ଜମା କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ୪କୋଟି ୬୯ଲକ୍ଷ ୩୭ହଜାର ୫୫୨ଟଙ୍କା ଆର୍ଥିକ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସେ କହିଥିଲେ। ଜର୍ଜ ହାଇସ୍କୁଲର ପୂର୍ବତନ ଛାତ୍ର ତଥା ବରଗଡ଼ର ପୂର୍ବତନ ନଗରପାଳ ପ୍ରଶାନ୍ତ କୁମାର ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ର ନାଥ ପ୍ରଧାନ, ସାହିତ୍ୟିକ ମନୋରଞ୍ଜନ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜର୍ଜ ହାଇସ୍କୁଲ ପରିଚାଳନା କମିଟି ସଭାନେତ୍ରୀ କଳ୍ପନା ମାଝି, ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ସହ ବିଜ୍ଞାନ ନିରୀକ୍ଷକ ଭାର୍ଗବ ନାଏକ, ଝରଣା ଦାଶ, ସଦାନନ୍ଦ ଜାଲଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଜର୍ଜ ହାଇସ୍କୁଲର ପୁରାତନ ଛାତ୍ର ବିଶ୍ୱଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ ମୋ ସ୍କୁଲ ଅଭିଯାନ ମହୋତ୍ସବର ଶିଶୁ କଳାକାରମାନେ ।

# ଜିଲାପାଳ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍,୨୮।୧**

**ଭାଜପା ଯୁବମୋର୍ଚ୍ଚା**

ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧିର ପ୍ରତିବାଦରେ ବରଗଡ଼ ଜିଲ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହା ସହିତ ଏ ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯୁବମୋର୍ଚ୍ଚା ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ । ଭାଜପା ଯୁବମୋର୍ଚ୍ଚାର କର୍ମୀମାନେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରୁ ବାହାରି ଜିଲାପାଳ ଅଫିସ ଯାଇଥିଲେ । ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଟିକୁ ବେହେରା, ସ୍ୱାଧୀନ ମହାପାତ୍ର, ବ୍ରହ୍ମା ମହାକୁର, ଶୁଭମ ମିଶ୍ର, ନିରୋଜ ବାରିକ, ଶୁଭମ ମିଶ୍ର, ବିକ୍ରମ ସେଠ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । କେ. ସରସ୍ୱତୀ, ପୁଷ୍ପାବତୀ ସେଟ୍, ମିଳନ ସେଠ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପୁରରେ ପୁଷ୍‌ପୁନି ତିହାର

**ବିଜେପୁର, ୨୮।୧ (ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ଏନଏସି ସଦର ମହକୁମାର ଶଙ୍କର୍ଷଣ ଟିଓ ୟୁପି ସ୍କୁଲ ପଡ଼ିଆରେ ପୁଷ୍‌ପୁନି ତିହାର–୨୦୧୯ ଶନିବାର ବେଲବୁଡ଼େ ଅନୁଷ୍ଠିତ ହେଇଯାଇଛେ । ଚଲଚିତ୍ର ସଲାବୁଢ଼ାର ଅଭିନେତ୍ରି ତପସ୍ୱିନୀ ଗୁରୁ, ବିଶ୍ୱ ପରସିଧ୍ ବରଗଡ଼ ଧନୁଯାତ୍ରାର ନାଟ୍ ନିର୍ଦେଶକ ଅଶୋକ ବେହେରା କୁନୁଆଁ ହିସାବେ ଯୋଗ୍‌ଦେଇ କାଯ୍‌କରମକେ ଉଦ୍‌ଘାଟନ କରିଥିଲେ। ଇ ସମାରୋହରେ ଯାବତ୍‌ଜୀବନ୍ କଳା ସାଧନାର ଲାଗି ବରମୁଣ୍ଡାର ରାଜେଶ୍ୱର ନାଏକ ଆର ଚଲଚିତ୍ର ଅଭିନେତ୍ରି ତପସ୍ୱିନୀ ଗୁରୁଙ୍କୁ ସମରଧିତ୍ କରାଯାଇଥିଲା । ନୂଆଁଦିଲ୍ଲୀର ନୃତ୍ୟାଞ୍ଜଳୀ ନାଚ୍ ପରତିଷ୍ଠାନର ଥାପନକାର ସମାରୁ ମେହେରଙ୍କର ଉଦିଅମରେ ଆୟୋଜିତ ଇ ମହୋଛବ୍‌ରେ ପହେଲା ପିଠା ପରତିଯୋଗୀତା ହେଇଥିଲା। ପୁଷ୍‌ପୁନି ତିହାର ଉଧେ ମହିଲାମାନେ ତିଆର କରିଥିବା ପିଠାମଡ଼ାର ଷ୍ଟଲ୍‌ମାନ ମନ୍‌ଲୁଭା ହେଇପାରିଥିଲା। ଇ ପରତିଯୋଗୀତାରେ ପ୍ରତିଭା ପାଣିଗ୍ରାହୀ ପରଥମ, ସୌଦାମିନୀ ମେହେର ଦୁତିଅ, ସୁନିତା ମେହେର ତୁରତିଅ ଠାନ୍ ଦଖଲ କରିଥିଲେ। ପଛେ ପୁରୀର ଗୋଟିପୁଅ, ବରଗଡ଼ କଳାଜୀବିର ଲୋକ୍‌ନାଚ, ବଲାଙ୍ଗୀରର ଘୁଡୁକା ନାଚ୍ ଦେଖନହାରିଙ୍କୁ ଅଧିରାତି ତକ୍ ଭୋଲକରି ବାଁଧି ରଖିଥିଲା। କାଯ୍‌କରମ ଶେଷେ ଯୁବ କଳାକାର ମାନସରଞ୍ଜନ ମେହେର ଧଏନ୍‌ବାଦ ଦେଇଥିଲେ।

■ ୧୦ ଫୁଟ ତଳକେ ଦବ୍‌ଲା ମଶାନପଦାର ଚଟାନ୍

# ଅଳପ୍‌କେ ବଁଚ୍‌ଲେ ମୁରଦାର ପୁଡାଲି

**ଗଣ୍ଡତୁରୁମ, ୨୮।୧ (ଡି.ଏନ.ଏ)**

ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍‌ର ଗଣ୍ଡତୁରୁମ ଜିରା ନଏଦ୍ ଖଁଡ଼ିରେ ତିଆର ହେଇଥିବାର ମଶାନପଦାରେ ରଏବାର ରାତିରେ ମୁରଦାର ପୁଡାଲା ବେଲେ ହଠାତ୍ ଚଟାନ୍ ୧୦ ଫୁଟ୍ ତଳକେ ଦବିଯାଇଥିଲା। ଯେନ୍‌ଥିରଲାଗି କିଛି ଲୋକ୍ ଖଁଡ଼ିଆଖବରା ହେଇଛନ୍। ଖବର ଅନ୍‌ସାରେ, ଗଣ୍ଡତୁରୁମ ଗାଁର ଗୌରହରି ଦାଶ(୭୦)ଙ୍କର ପରଲୋକ ଉତାରୁ ତାକର ଶବ ସତ୍‌କାର ଲାଗି ଇ ମଶାନପଦାକେ ନିଆଯାଇଥିଲା। ମୁରଦାର ପୁଡାଲା ଆଗରୁ ବେଢ଼ା ବୁଲ୍‌ଲା ବେଲେ ହଠାତ୍ ମଶାନପଦାର ଚଟାନ୍‌ଟା ୧୦ ଫୁଟ୍ ତଳକେ ଦବି ଯାଇଥିଲା। ଇ ସମିଆରେ ଲୋକ୍ ଡେଗାଡୁଗି କଲାରୁ ହିଁଚିପଡ଼ି ଖଁଡ଼ିଆଖବରା ହେଇଛନ୍। ଘଟନା ବାବ୍‌ଦେ ପଁଚେତ୍ ଦାଇତିଅରେ ଥିବାର ବ୍ଲକ କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ପଟ୍ଟନାୟକଙ୍କୁ ପଚରାଲାରୁ କାମଟା ପଁଚେତ ନିର୍ବାହୀ ଅଧିକାରୀଙ୍କର ନାଁରେ ଥିଲା। ଥାନୀୟ ସରପଁଚ୍‌କୁ କହି ଦରକାର ହିସାବେ ମରାମତି କରାଯିବା ବଲି ସେ କହିଥିଲେ। ଇ ବାବ୍‌ଦେ ବିଡିଓ ମୁରଲିଧର ନାଏକଙ୍କୁ ପଚରାଲାରୁ ମୁଇଁ ଘଟନା ବାବ୍‌ଦେ ଜାନିଛେଁ। ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

**ମହୁଲପାଲି ପଁଚେତ୍**



୧୦ ଫୁଟ ଦବି ଯାଇଥିବାର ମଶାନପଦାର ଚଟାନ୍।

■ ଦାଦନ ଯାଇ ବାପ୍ ନିଖୋଜ, କିଡ୍‌ନୀ ରୋଗ୍‌ରେ ମା' ଆରପାରେ

# ବୁଢ଼ାବୁଢ଼ୀ କାଲେ ନାତି, ନାତେନ୍‌ର ବୋଝ୍

**ବରଗଡ଼ ଅଫିସ୍,୨୮।୧**

ବାପ ରାଏଜ୍ ବାହାରକେ ଦାଦନ ଖଟି ଗଲାବାଟେ ୨୦୧୪ ସାଲୁ ହଜିଗଲେ। ଆଏଜ୍‌ତକ୍ ତାକର ଖୋଜ୍‌ଖବର ନାଇଁ ମିଲ୍‌ଲା। ଇଆଡ଼େ ୩ ମାସ ତଲେ କିଡ୍‌ନୀ ରୋଗ୍‌ରେ ପଡ଼ି ମା' ଆରପାରକେ ଚାଲିଗଲେ। ଏନ୍‌ତାଥି ଦୁଇ ଝିଁପୁଓ ଅସାହା ହେଇଯାଇଛନ୍। ବୁରୁଧି ଅଜା ଆଇକର ଉପରେ ସେମାନକର ବୋଝ୍ ପଡ଼ିଛେ। ବରଗଡ଼ ଜିଲା ଅତାବିରା ବ୍ଲକର ଚାବିରିପାଲି ଗାଁରେ ଏନ୍‌ତା ଗୁଟେ ଦୁଖିଦ୍ ଘଟନା ଦେଖିବାକେ ମିଲିଛେ। ଚାବିରିପାଲିର ବେଣୁଧର ଭୋସାଗରଙ୍କର ପରିବାର କହିଲେ ବୁରୁଧି ମା' ସୁମିତ୍ରା, ବାପ ବାଲି, ମାଏକିନା ରେବତୀ, ପୁଓ ମନୋଜ ଆର ଝିଁ ପୁଷ୍ପାଞ୍ଜଳିକେ ନେଇ ସୁଖର ସଁସାର। ପରିବାରଟା ନିହାତି ଗରିବ୍ ଆର ସୁଖବାସୀ ଆନ୍। ୨୦୧୪ ସାଲେ ବେଣୁଧର ଝନେ ଦଲାଲର ଜାଲେ ପଡ଼ି ଦିଲ୍ଲୀ ଦାଦନ ଖଟବାକେ ଯାଇଥିଲେ। ହେଲେ ସେ ଭୋପାଳରେ ନିଖୋଜ ହେଇଯାଇଥିବାର ଖବର ଦଲଲା ଦେଇଥିଲେ। ସେଦିନ୍‌ଠାନୁ ବେଣୁଧରଙ୍କର ଖୋଜଖବର ନାଇଁ। ଏନ୍‌ତା ଘଡ଼ିସଁଧି ସମିଆରେ ମାଏକିନା ରେବତୀ ଆପ୍‌ନେକେ ଝୁରି ଝୁରି ରୁଗୀଆ ହେଇଗଲେ। ଶେଷେ ତାହାକୁ କିଡ୍‌ନୀ ବେମାର ଧଏଲା, ଚିକିତ୍ସା ଲାଗି ବୁର୍ଲାରୁ କଟକ ଗଲେ। ହେଲେ ସେଠାନେ ଚିକିତ୍ସା ତ ଦୂରର କଥା ଡାକ୍‌ତରଖାନାରେ ଖଟ୍‌ଖଁଡ଼େ ନାଇଁ ମିଲ୍‌ଲାରୁ ବାରନ୍‌ଡ଼ାରେ ପଡ଼ି ପଡ଼ି ରେବତୀର ଜୀବନ୍ ପଲେଇଗଲା ବଲି ତାକର ଶଶୁର ବାଲି କହିଛନ୍।

ଏନ୍‌ତା ଅବସ୍‌ତାରେ ଦୁଇ ନାତି ନାତେନକର ବୋଝ୍ ଆମର ଦୁଇ ବୁଢ଼ାବୁଢ଼ିର ଉପରେ ଅଛେ ବଲି ବାଲି ଆର ସୁମିତ୍ରା କହିଛନ୍। ବୁଢ଼ାବୁଢ଼ି କାଲେ ପୁଓ ବହ, ନାତି ନାତେନକର ଶେବା ଯତନ୍ ପାଏମୁ ବଲି କୁରୁମ କରିଥିଲୁଁ। ହେଲେ ବିଧାତା ଆମ୍‌ର ସୁଖ୍ ଦେଖି ନାଇଁପାରଲା। ପୁଓ ବହକେ ଆମରନୁ ଛଡ଼େଇ ନେଲା ଆର ଦୁଇ ନାତି ନାତେନକର ବୋଝ୍ ଇ ବୁଢ଼ାକାଲେ ଦେଇଗଲା ବଲି ବାଲି ସେମାନେ କହିଛନ୍। ଇଆଡ଼େ ଟଁକା ପଏସା ଅଭାବୁ ନାତି ମନୋଜର ପାଠ୍‌ପଢ଼ା ୟୁକ୍ତଦୁଇ ପହେଲା ବଛରରେ ଅଟକିଛେ। ସେନ୍‌ତା ନାତେନ୍ ପୁଷ୍ପାଞ୍ଜଳି ଲଟିଦା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ୍‌ପଢୁଛେ। ହେଲେ ତାର ବି ପାଠ୍‌ପଢ଼ା ବଁଦ୍ ହେବାର ଆଶଁକା ରହିଛେ। ଇ ଦୁଖି ପରିବାରକେ ମିଲୁଥିବାର ସରକାରୀ ସାହାଯ୍ କହେଲେ ବୁଢ଼ାବୁଢ଼ୀ ଭତା ଆର ମାସିକ ମିଲୁଥିବାର ୫ କେ.ଜି. ଚାଉଲ, ହେଲେ ସେଟା ନିହଁଟ ହେଉଛେ। ସେଥିରଲାଗି ନାତି ନାତେନ୍‌ର ବିଷତ୍ ଆର ଥଇଥାନ ଦିଗେ ଚିନ୍‌ତା କରି ବାଲି ଦୁହିଁକୁ ଧରି ସୋମବାର ଜିଲାପାଳଙ୍କୁ ଗୁହାରି କରବାକେ ଆସିଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ନାଇଁଥିଲାରୁ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟି ସେ ଗୁହାରି କରିଥିଲେ।




ଜିଲାପାଳଙ୍କର ଅଫିସରେ ଅଜାର ସଂଗେ ନାତି ମନୋଜ ଆର ନାତେନ ପୁଷ୍ପାଞ୍ଜଳି।

# ବିଜୁ ଏକ୍ସପ୍ରେସ ୱେ ପାଇଁ ଘର ଭଙ୍ଗା

**ପାଇକମାଳ, ୨୮।୧ (ଡି.ଏନ.ଏ)**

ପାଇକମାଳ ବସ୍ତିରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ପାଇଁ ସରକାରୀ ଜମିରେ ନିର୍ମାଣ ହୋଇଥିବା ଘର ଗୁଡିକ ପ୍ରଶାସନ ତରଫରୁ ଭଙ୍ଗା ଯାଉଛି । ଯେଉଁମାନେ ଘର ଭାଙ୍ଗି ପାରୁନାହାନ୍ତି ପ୍ରଶାସନ ଜେସିବି ମେଶନ ସାହାଯ୍ୟରେ ଭାଙ୍ଗୁଛି । ବଡ ବଡ ବିଲ୍ଡିଂ ଭାଙ୍ଗିବା ପାଇଁ ୧୫ଦିନ ସମୟ ଦିଆଯାଇଛି। ଏ ନେଇ ସୋମବାର ଏକ ବୈଠକରେ ବିଧାୟକ ପ୍ରଦୀପ ପୁରୋହିତ, ଏସଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା, ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲ, ପିଡବ୍ଲୁଡି ଏସଡିଓ ଜିତେନ୍ଦ୍ର ମେହେର, ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ତଥା ସଚେତନ ନାଗରିକ ଉପସ୍ଥିତ ରହି ଆଲୋଚନା କରିଥିଲେ । ତେବେ ୨ ଦିନ ମଧ୍ୟରେ ରାସ୍ତାର ଉଭୟ ପଟ ସୀମା ଚିହ୍ନଟ କରିଦିଆଯିବ ବୋଲି ତହସିଲଦାର ପଟେଲ ସୂଚନା ଦେଇଥିଲେ ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ, ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ

### କାଠଚୋରି ଅଭିଯୋଗରେ ୨ଗିରଫ

**ଉଲୁଣ୍ଡା, ୨୮।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଯାଲୋଏ ଘିକୁଣ୍ଡି ଜଙ୍ଗଲରୁ ରେଙ୍ଗାଲ ଗଛ କଟା ଯାଇ ଚାଲାଣ କରାଯାଉଥିବା ବେଳେ ରବିବାର ବନବିଭାଗ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମେଣ୍ଡାମାଲ ଗ୍ରାମର ସନାତନ ମେହେର ଓ କୁମର ମେହେର। ଏଥିସହିତ ଚାଲାଣରେ ବ୍ୟବହୃତ ଦୁଇଟି ସାଇକେଲ ଜବତ ହୋଇଛି। ସୂଚନାମତେ କଥିତ ଅଭିଯୁକ୍ତ ଦୁଇଜଣ ଜଙ୍ଗଲରୁ ସାଇକେଲ ଯୋଗେ ଆଠଟି ଲେଖାଏ ରେଙ୍ଗାଲ ଗଣ୍ଡି ଧରି ଆସୁଥିଲେ। କୌଣସି ସୂତ୍ରରୁ ବନବିଭାଗ ଖବରପାଇ ଯମ୍ବାଲିପାଲି-ପଧାନପାଲି ରାସ୍ତାରେ ଉଭୟଙ୍କୁ ଧରିଥିଲେ। ଏନେଇ ଏକ ମାମଲା ରୁଜୁ କରିବା ସହ ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଉଲୁଣ୍ଡା ରେଞ୍ଜ ଅଧିକାରୀ ଶିବପ୍ରସାଦ ନାଏକଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

### ମିଳିତ ଜନଶୁଣାଣି ଶିବିର

**ବିନିକା,୨୮।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏବଂ ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଶୁଣାଣିରେ ୬୭ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୫୯ଟି ବ୍ୟକ୍ତିଗତ ଏବଂ ୮ଟି ସମସ୍ୟା ଭିତ୍ତିକ ଅଭିଯୋଗ ରହିଥିଲା। ଶିବିରରେ ୫୩ଟି ଅଭିଯୋଗର ଫଇସଲା କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା।

### କୁଲତା ସମାଜର ବନ୍ଧୁ ମିଳନ

**ବିନିକା,୨୮।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା କୁଲତା ସମାଜ ପକ୍ଷରୁ ବିନିକା ବ୍ଲକ କୁଇବାହାଲ ଗ୍ରାମରେ ସୋମବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରାମଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ହୋଇଥିଲା। ଏଥିରେ କୁଲତା ସମାଜର ଐତିହ୍ୟ, ପରମ୍ପରା ଓ ଜୀବନ ଜିବିକା ଉପରେ ଆଲୋକପାତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ନିରାକାର ପ୍ରଧାନ, ମୁଖ୍ୟବକ୍ତା ସୁଦାମ ସାହୁ, ସମ୍ମାନନୀୟ ଅତିଥି ଭାବରେ ବିରଞ୍ଚି ନାରାୟଣ ପ୍ରଧାନ, ଡ. ପର୍ଶୁରାମ ବାରିକ, ଶିକ୍ଷାବିତ୍ ହୃଷୀକେଶ ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଚର୍ଚ୍ଚା

**ବରଗଡ଼ ଅଫିସ୍,୨୮।୧:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଫେବୃୟାରୀ ୧୧ତାରିଖ ବରଗଡ଼ ଗସ୍ତରେ ଆସୁଥିବା ନେଇ ଚର୍ଚ୍ଚା ହେଉଛି । ତେବେ ଏ ନେଇ ସରକାରୀ ଭାବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ କିଛି ସୂଚନା ଦିଆଯାଇ ନ ଥିବାବେଳେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ଯୋଗୁ ଏହି ଗସ୍ତ ନେଇ ଦଳୀୟ ନେତା, କର୍ମୀଙ୍କ ମଧ୍ୟରେ ଉଲ୍ଲାସ ଦେଖାଯାଇଛି। ମୁଖ୍ୟମନ୍ତ୍ରୀ ଏହି ଗସ୍ତରେ ଜିଲାର କେଉଁ ଅଞ୍ଚଳରେ ସାଧାରଣ ସଭାରେ ଉଦବୋଧନ ଦେବେ, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ସୋହେଲା ବ୍ଲକ ହଲଦୀପାଲି, ଭଟଲି ବ୍ଲକ ଖେଦାପାଲି କିମ୍ବା ବରଗଡ଼ ବ୍ଲକର କୌଣସି ସ୍ଥାନରେ ସଭା ହୋଇପାରେ ଏବଂ ଏହି ଗସ୍ତରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଥିବା ସାଧାରଣରେ ଆଲୋଚନା ହେଉଛି ।

### ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ମୁରିବାହାଲ,୨୮।୧ (ଡି.ଏନ୍.ଏ.):** ମୁରିବାହାଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତ ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୬କୋଟି ୫୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରକାଶ । ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ବାଙ୍କେଲ ପଞ୍ଚାୟତ ବାଙ୍କେଲ-ଲେଞ୍ଜା ରାସ୍ତାର ଉନ୍ନତିକରଣ ପାଇଁ ୨୫ ଲକ୍ଷ ୨୮ ହଜାର, ସିଲୋଲ ପଞ୍ଚାୟତର ସିଲୋଲ- ତେନ୍ତୁଲିଖୁଣ୍ଟି ରାସ୍ତା ଉନ୍ନତିକରଣ ପାଇଁ ୨୫ ଲକ୍ଷ ୨୮ ହଜାର ଏବଂ ଚଳକି ପଞ୍ଚାୟତର କର୍ଲା-ବାଙ୍କେଲ ରାସ୍ତା ପାଇଁ ୫କୋଟି ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଗ୍ରାମୀଣ ସଡ଼କଯୋଜନାର ଭିତ୍ତିପ୍ରସ୍ତ ସ୍ଥାପନ କରାଯାଇଛି।

ଠିକାଦାରଙ୍କୁ ଆକ୍ରମଣ କରି ଟଙ୍କା ଲୁଟିନେବା ଘଟଣା

# ସାଢ଼େ ୩ବର୍ଷ ପରେ ଧରା ପଡ଼ିଲେ ୫ ଅଭିଯୁକ୍ତ

**ବୀରମହାରାଜପୁର, ୨୮।୧ (ଡି.ଏନ୍.ଏ.)**

ଜଣେ ଠିକାଦାରଙ୍କୁ ରାସ୍ତାରେ ଆକ୍ରମଣ କରି ଟଙ୍କା ଲୁଟିନେବା ଘଟଣାରେ ଫେରାର୍ ଥିବା ୫ ଅଭିଯୁକ୍ତ ସାଢେ ତିନିବର୍ଷ ପରେ ଧରା ପଡିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ପୋଲିସ ରବିବାର ରାତିରେ ସେମାନଙ୍କୁ ଗିରଫ କରିଥିବା ବେଳେ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ବୀରମହାରାଜପୁର ଥାନା ତଥା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କେସଲପୁରା ଗ୍ରାମର ଦିଲ୍ଲୀପ କବାଟ, ନରହରି ଦଳାଇ, ଭରତ ଦଳାଇ, ହିମାଂଶୁ ଭୋଇ ଓ ରମେଶ ଦଳାଇ। ଦକାୟତି ମାମଲାରେ ଛନ୍ଦି ହୋଇଥିବା ଏ ସମସ୍ତ ଅଭିଯୁକ୍ତମାନଙ୍କ ବୟସ ୨୫ରୁ ୨୭ ମଧ୍ୟରେ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ଘଟଣା ୨୦୧୫ ମସିହା ଜୁଲାଇ ୨୫ତାରିଖର। ସେଦିନ ଅପରାହ୍ନ ପ୍ରାୟ ୩ଟାରେ ଜଣେ ଠିକାଦାର ଠେଙ୍ଗ ସେଚ ପ୍ରକଳ୍ପରୁ ଫେରୁଥିବା ବେଳେ ରାସ୍ତାରେ ଅଭିଯୁକ୍ତମାନେ ତାଙ୍କ ଉପରେ ଆକ୍ରମଣ କରି ୮ ହଜାର ୫୦୦ ଟଙ୍କା ଲୁଟିନେଇ ପଳାଇ ଯାଇଥିଲେ। ଏ ନେଇ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ ଲିଖିତ ଅଭିଯୋଗ ପାଇ ବୀରମହାରାଜପୁର ଥାନାରେ ଦଫା ୩୯୫ ଅନୁଯାଇ ଏକ ମାମଲା ( ନଂ. ୧୨୪/୧୫) ରୁଜୁ କରାଯାଇଥିଲା। ତେବେ ତଦନ୍ତ ଶେଷଯାଏଁ କୌଣସି ଅଭିଯୁକ୍ତ ଧରା ନ ପଡିବାରୁ ପୋଲିସ ସେମାନଙ୍କୁ ଫେରାର୍ ଥିବା ଦର୍ଶାଇ ଚାର୍ଜଶିଟ୍ ଦାଖଲ କରିଥିଲା। ଏହି କ୍ରମରେ କୋର୍ଟ ସମସ୍ତଙ୍କୁ ପଳାତକ ଘୋଷଣା କରି ସେମାନଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି କରିଥିଲେ। ଅଭିଯୁକ୍ତମାନେ ଗାଁରେ ଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଥାନା ଆଇଆଇସି କୁଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର ରାତିରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।



ଡକାୟତି ମାମଲାରେ କୋର୍ଟଚାଲାଣ କରାଯାଇଥିବା ୫ ଅଭିଯୁକ୍ତ।

### ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ପାଟଣାଗଡ଼,୨୮।୧ (ଡି.ଏନ.ଏ.)**

ପାଟଣାଗଡ଼ ବ୍ଲକ ଉଲବା ଗ୍ରାମରେ ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକଙ୍କ ଅଧ୍ୟକ୍ଷତାରେ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଦେବକୀ ତାଣ୍ଡି, ସବିତା ସରାଫ, ସରପଞ୍ଚ ଦମୟନ୍ତୀ ନାଏକ, ସମିତି ସଭ୍ୟା ବିଜୁଳତା ପଟେଲ, ପାଟଣାଗଡ଼ ବ୍ଲକ ଉପାଧ୍ୟକ୍ଷା ପଦ୍ମିନୀ ସାହୁ, ଏଚ୍‌ପିସିଏଲ୍ ଗ୍ରାମ୍ୟ କମ୍ପାନୀ ମ୍ୟାନେଜର ସତିଶ କୁଜୁର ପ୍ରମୁଖ ଯୋଗ ଦଇେଥିଲେ। ଗିରିଶ କୁମାର ଯାଦବ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୌଦାମିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ମାନେକା ଗାନ୍ଧୀ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଧା ପ୍ରସାରଣ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ବୀରମହାରାଜପୁର ମହିଳା କଲେଜର ବାର୍ଷିକ କ୍ରୀଡ଼ା

## ପ୍ରମୋଦିନୀ ଭୋଇଙ୍କୁ ଚାମ୍ପିୟନ ଟ୍ରଫି

**ବୀରମହାରାଜପୁର, ୨୮।୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜୁନିୟର ମହିଳା କଲେଜର ସପ୍ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅନୀଲ କୁମାର ଦାନୀ ସକାଳେ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶତାଧିକ ଛାତ୍ରୀ ଏଥିରେ ଭାଗ ନେଇଥିବା ବେଳେ ସେମାନଙ୍କ ପାଇଁ ୧୦୦ ଓ ୨୦୦ ମିଟର ଦୌଡ, ଲମ୍ଫଡିଆଁ, ଗୋଲା ଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଚ୍ଛା ଫିଙ୍ଗା ଏବଂ କୌତୁକ ପୋଷାକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସଫଳ ପ୍ରତିଯୋଗିମାନଙ୍କ ମଧ୍ୟରୁ ସର୍ବାଧିକ ପଏଣ୍ଟ ହାସଲ କରି ପ୍ରମୋଦିନୀ ଭୋଇ ଚଳିତ ଶିକ୍ଷାବର୍ଷର କ୍ରୀଡା ଚାମ୍ପିୟନ ଘୋଷିତ ହୋଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କଲେଜ ପରିଚାଳନା ପରିସଦର ବରିଷ୍ଠ ସଭ୍ୟ ତଥା କୋଷାଧ୍ୟକ୍ଷ ଧ୍ରୁବଚରଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଉତ୍ସବରେ ଅଧ୍ୟକ୍ଷ ଦାନୀ ପୌରୋହିତ୍ୟ କରିଥିବା ବେଳେ ପିଇଟି ସରିତା ମିଶ୍ର କ୍ରିଡା ବିବରଣୀ ପଠନ କରିଥିଲେ। ବୀରମହାରାଜପୁର କଲେଜ ପିଇଟି ନରେନ୍ଦ୍ର ଚାନ୍ଦଙ୍କ ତତ୍ତ୍ୱାବଧାନରେ କ୍ରୀଡାବିତ୍ ବିପ୍ର ଚରଣ ପେରା ଏବଂ ଅଧ୍ୟାପକ ଆଶୁତୋଷ ହୋତା, ନୀଳାମ୍ବର ମିଶ୍ର, ଅଧ୍ୟାପିକା ସନ୍ଧ୍ୟାରାଣୀ ରାଉତ, ସନ୍ତୋଷିନୀ ନାୟକ, ଗୀତାଞ୍ଜଳି ପଧାନ, ଅପର୍ଣ୍ଣା ମେହେର ପ୍ରମୁଖ ପ୍ରତିଯୋଗିତାଗୁଡିକ ପରିଚାଳନା କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଦୁଇ ଶ୍ରେଷ୍ଠ ପ୍ରତିଯୋଗୀ ପୁରସ୍କୃତ ହେଉଛନ୍ତି।

ଦାଦନ ଶ୍ରମିକଙ୍କୁ ହତ୍ୟା ଅଭିଯୋଗ:

### ସରପଞ୍ଚଙ୍କ ସହ ୫ ଗିରଫ

**କଣ୍ଟାବାଞ୍ଜି, ୨୮।୧ (ଡି.ଏନ.ଏ.)**

ତୁରେକେଲା ବ୍ଲକ ଅଧୀନ ଖୁଜେନ ଡ୍ୟାମରୁ କିଛିଦିନ ତଳେ ଦାଦନ ଶ୍ରମିକ ରାଧେଶ୍ୟାମ ନାଗଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ହେଲେ ରାଧେଶ୍ୟାମଙ୍କୁ ହତ୍ୟା କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଅନ୍ୟପକ୍ଷେ ପୋଲିସ ଘଟଣାର ତଦନ୍ତ କରି ଏକ ହତ୍ୟାକାଣ୍ଡ ଦର୍ଶାଇ ଘଟଣାରେ ସମ୍ପୃକ୍ତ ଥିବା କୁମେଇମୁଣ୍ଡା ସରପଞ୍ଚ ଉପ ବାଗଙ୍କ ସହ ଅନ୍ୟ ୪ ଜଣଙ୍କୁ ଗିରଫ କରିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଖୁଜେନ ଗାଁର ରାଧେଶ୍ୟାମ ନାଗ ଚଳିତ ବର୍ଷ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ କାମ କରିବା ପାଇଁ ଦାଦନ ସର୍ଦ୍ଦାର ତଥା କୁମେଇମୁଣ୍ଡା ସରପଞ୍ଚ ଉପ ବାଗଙ୍କଠାରୁ କୁଆଡେ ୧ ଲକ୍ଷ ୨୮ ହଜାର ଟଙ୍କା ଅଗ୍ରୀମ ନେଇଥିଲା। ତେବେ କୌଣସି କାରଣବଶତଃ ରାଧେଶ୍ୟାମ ଦାଦନ ଖଟି ଯାଇ ନ ଥିଲା। ଏହି ଘଟଣାକୁ ନେଇ ରାଧେଶ୍ୟାମ ଓ ସରପଞ୍ଚ ଉପଙ୍କ ମଧ୍ୟରେ ତିକ୍ତତା ପ୍ରକାଶ ପାଇଥିଲା । ଗତ ଡିସେମ୍ବର ୨୨ ତାରିଖରେ ରାଧେଶ୍ୟାମକୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା । ଚଳିତ ମାସ ୩ ତାରିଖରେ ନିଖୋଜ ରାଧେଶ୍ୟାମଙ୍କ ସ୍ତ୍ରୀ ମିଥିଲା ତୁରେକେଲା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଗତ ୨୪ ତାରିଖରେ ଖୁଜେନ ଡ୍ୟାମରୁ ରାଧେଶ୍ୟାମଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ରାଧେଶ୍ୟାମଙ୍କ ମୃତଦେହକୁ ଏକ ବସ୍ତା ଭିତରେ ଭର୍ତ୍ତି କରାଯାଇ ସେଠାକୁ ଫିଙ୍ଗାଯାଇଥିବା ପୋଲିସ ସନ୍ଦେହ କରି ତଦନ୍ତ ଆରମ୍ଭ କରିଥିଲା । ମୃତଦେହ ଉଦ୍ଧାର ବେଳେ ଟିଟିଲାଗଡ଼ ଏସଡିପିଓ ସରୋଜ ମହାପାତ୍ର, ତହସିଲଦାର ଭୁବନ ଶତପଥି, ତୁରେକେଲା ଆଇଆଇସି ସତ୍ୟଜିତ କୋଣ୍ଡାଙ୍କେଲ ଉପସ୍ଥିତ ଥିଲେ। ପରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ପୋଲିସ ଘଟଣାର ତଦନ୍ତ କରି ଖୁଜେନ ଗ୍ରାମର କବିଚନ୍ଦ୍ର ବାଗ ଓ ଧନୀରାମ ବାଗକୁ ଅଟକ ରଖି ପଚରାଉଚରା କରିଥିଲା। ପରେ ପୋଲିସ ଅଭିଯୁକ୍ତ ସରପଞ୍ଚ ଉପ ବାଗ, ସହଯୋଗୀ ଧନେଶ୍ୱର ଛତ୍ରିଆ ଓ ଦୁଆରୁ ଲୁହାକୁ ସୋମବାର ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଧାରା ୩୬୪, ୩୦୨, ୨୦୧, ୧୨୦ ବି, ୩୨ ଭିଭିଏ ଏସ୍.ଏସଟି. (ପି)ରେ ମାମଲା ରୁଜୁ କରାଯାଇଛି।

## ହଳଧରଙ୍କ ସମେତ ୩ ପାଇଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ଭାଷା ପୁରସ୍କାର

**ଭୁବନେଶ୍ୱର,(ବ୍ୟୁରୋ)୨୮।୧**

ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନଠାରେ ୨୦୧୭-୧୮ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଭାଷା ପୁରସ୍କାର ସୋମବାର ପ୍ରଦାନ କରାଯାଇଛି। ଏହି ଅବସରରେ ଓଡ଼ିଶାର ୩ଜଣ ଖ୍ୟାତନାମା ସାହିତ୍ୟିକ ଏବଂ କବି ଏହି ସମ୍ମାନ ଗ୍ରହଣ କରିଛନ୍ତି। କବି ହଳଧର ନାଗ, ସାହିତ୍ୟିକ ପ୍ରଫେସର ଗଗନେନ୍ଦ୍ର ନାଥ ଦାସ ଏବଂ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ଲାଗି ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। କବି ହଳଧର ନାଗ ଏବଂ ଡ. ପ୍ରଫୁଲ୍ଲ ତ୍ରିପାଠୀ ୨୦୧୭ ମସିହା ପାଇଁ କୋଶଳୀ ଏବଂ ସମ୍ବଲପୁରୀ ଭାଷାରେ ଏକାଡେମୀ ଭାଷା ପୁରସ୍କାର ପାଇଥିବା ବେଳେ ୨୦୧୮ ମସିହା ପାଇଁ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରଫେସର ଗଗନେନ୍ଦ୍ର ନାଥ ଦାସ ଏହି ପୁରସ୍କାର ପାଇଛନ୍ତି। ତେବେ ଅସୁସ୍ଥତା ଯୋଗୁ ପ୍ରଫେସର ଦାସ ଯାଇପାରି ନ ଥିବାରୁ ତାଙ୍କ ପାଇଁ ପୁଅ ତପନ କୁମାର ଦାସ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଛି। ମଙ୍ଗଳବାର ଜଣାଶୁଣା ସାହିତ୍ୟ ସମୀକ୍ଷକ ତଥା ଶିକ୍ଷାବିତ୍ ପ୍ରଫେସର ଦାଶରଥି ଦାସ ୨୦୧୮ ମସିହା ଲାଗି ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ।



## ଫେବୃୟାରୀ ୮ରୁ ରାଷ୍ଟ୍ରୀୟ ନାଟ୍ ମେଳା

**ସୋନପୁର,୨୮।୧(ନି.ପ୍ର.)**

- ଅଂଶଗ୍ରହଣ କରିବେ ରାଜ୍ୟ, ରାଜ୍ୟ ବାହାରୁ ୭ ଦଳ
- ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନ

ସୁବର୍ଣ୍ଣପୁରର ନାଟକ, ସାହିତ୍ୟ ଓ ସମାଜସେବା ପାଇଁ ସମର୍ପିତ ଅନୁଷ୍ଠାନ ନାଟ୍ ତରଫରୁ ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଏକ ବହୁଭାଷୀୟ ନାଟକ ପ୍ରତିଯୋଗିତା ଦ୍ୱିତୀୟ ରାଷ୍ଟ୍ରୀୟ ନାଟ୍ ମେଳା-୧୯ ଆୟୋଜିତ ହେବ। ଫେବୃୟାରୀ ୮ରୁ ୧୦ ପର୍ଯ୍ୟନ୍ତ ତିନି ଦିନ ଧରି ଭୀମଭୋଇ କଳାମଣ୍ଡପଠାରେ ପ୍ରତିଯୋଗିତା ହେବ। ଜିଲା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ସମ୍ମିଳନୀ ଗୃହରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ନାଟ୍ୟକାର ପ୍ରଦ୍ୟୁମ୍ନ କୁମାର ସାହୁ ଏ ନେଇ ସୂଚନା ଦେଇଛନ୍ତି। ନାଟକ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ୭ଟି ଦଳ ଅଂଶଗ୍ରହଣ କରିବେ। ୮ତାରିଖ ସନ୍ଧ୍ୟାରେ ଡ୍ରାମା ଚେତନା ସୋହେଲା ଦ୍ୱାରା ଅଶୋକ କୁମାର ବହିଦାରଙ୍କ ଦ୍ୱାରା ଲିଖିତ ଓ ଡ. ତୁଷାରକାନ୍ତ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ସମ୍ବଲପୁରୀ-କୋସଲି ନାଟକ ବାପା ବନାମ ବୁଢା ପ୍ରଦର୍ଶନରୁ ଉତ୍ସବର ଶୁଭାରମ୍ଭ ହେବ। ପରେ କଳିକା ନୃତ୍ୟ ଏବଂ ସଙ୍ଗୀତ ଏକାଡେମୀ ରାଉରକେଲା ଦ୍ୱାରା ସ୍ୱର୍ଗତ ଚିନ୍ତାମଣି ଜେନାଙ୍କ ଲିଖିତ ତଥା ମନୋଜ ମହାନ୍ତିଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ ଧର୍ମାଶୋକ ଏବଂ ମୁନ୍‌ସୀ ପ୍ରେମଚାନ୍ଦଙ୍କ ଲିଖିତ ଓ ଅଜୟ ରୋଶନଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ପ୍ରେମ କା ଉଦୟ ପ୍ରଦର୍ଶିତ ହେବ। ୯ ତାରିଖ ଶତ ସାଂସ୍କୃତିକ ଅନୁଷ୍ଠାନ ହୀରାକୁଦ ଦ୍ୱାରା ବୀରୁପାକ୍ଷ ପଧାନଙ୍କ ଲିଖିତ ଓ ନିର୍ଦ୍ଦେଶିତ ଓଡିଆ ନାଟକ ପବିତ୍ର ସମ୍ପର୍କ, ଝାଡଖଣ୍ଡ ସାଂସ୍କୃତିକ ମଞ୍ଚ ଜାମସେଦପୁର ଦ୍ୱାରା ନାଟ୍ୟକାର ଜୟବର୍ଦ୍ଧନଙ୍କ ଦ୍ୱାରା ଲିଖିତ ତଥା ଶିବଲାଲ ସାଗରଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ ମଧ୍ୟାନ୍ତର ଏବଂ ବ୍ଲାକ ପର୍ଲ ଆର୍ଟ , ଜଲଭର ଏଣ୍ଡ ଉଏଲଫେୟାର ସୋସାଇଟି, ଦିଲ୍ଲୀ ଦ୍ୱାରା ଅମ୍ବଲ ସାଗର ନାଥଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ହିନ୍ଦି ନାଟକ ପାପା ମେରେ ପାପା ମଞ୍ଚସ୍ଥ ହେବ । ୧୦ ତାରିଖରେ ନାଟ୍ ସହ ଅନୁବନ୍ଧିତ ଯାତ୍ରୀ, ଖଟଖଟିଆ, ବୌଦ୍ଧ ଦ୍ୱାରା ନାଟ୍ୟକାର ପ୍ରଦ୍ୟୁମ୍ନ ସାହୁଙ୍କ ଲିଖିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ-କୋସଲି ନାଟକ କୁଇଲି ପ୍ରଦର୍ଶିତ ହେବା ସହ କୃତୀ ଦଳ ଓ ଅଭିନେତ୍ରୀ-ଅଭିନେତାଙ୍କୁ ପୁରସ୍କୃତ କରାଯିବା ସହ ଆଗରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହା ବ୍ୟତୀତ ୯ ତାରିଖ ପୂର୍ବାହ୍ନ ୧୦ଟାରେ ଥିଏଟର ମାର୍ଚ୍ଚ ଏବଂ ୧୦ ଫେବୃୟାରୀ ଦିନ ୧୦ଟା ସମୟରେ ଆଧୁନିକ ନାଟକ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ବିଶିଷ୍ଟ ସିନେ ଅଭିନେତା ତଥା ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନରେ ସମ୍ମାନିତ କରାଯିବ। ସମ୍ମିଳନୀରେ ପଦ୍ମଶ୍ରୀ ସାଧୁ ମେହେର, ଶୈଳେନ୍ଦ୍ର ବସ୍ତିଆ, ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଅବିନାଶ ହୋତା, ସାହିତ୍ୟ ସମ୍ପାଦକ ନରେନ୍ଦ୍ର କୁମାର ଭୋଇ, ସାମାଜିକ କର୍ମୀ ସଞ୍ଜୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ଜ୍ୟୋତି ବିକାଶ ମିଶ୍ରଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସମ୍ମିଳନୀ ପୂର୍ବରୁ ଜିଲାର ନାଟକ ଓ ସଂସ୍କୃତି ପ୍ରେମୀମାନଙ୍କୁ ନେଇ ଏକ ସୂଚନା ପ୍ରଦାନ ସଭା ଅନୁଷ୍ଠିତ ହୋଇଥିଲା। ବ୍ୟକ୍ତି ବିଶେଷମାନେ ନାଟ୍‌ର ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଡାକ୍ତର ପ୍ରଦୀପ କୁମାର ଗୁରୁ, ବୃନ୍ଦାବନ ମିଶ୍ର, ଶ୍ୟାମା ଓଁ ପ୍ରସାଦ ମିଶ୍ର, ଗତିକୃଷ୍ଣ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ପୁରୁଷୋତ୍ତମ ମିଶ୍ର ଓ ରମେଶ ନାୟକ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

## ନିର୍ମାଣ ଶ୍ରମିକ ସଚେତନତା ଶିବିର

**ବରଗଡ଼ ଅଫିସ୍,୨୮।୧**

ବରଗଡ଼ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟ, ବରଗଡ଼ଙ୍କ ସହଯୋଗରେ ନିର୍ମାଣ ଶ୍ରମିକଙ୍କ ଉପରେ ସୋମବାର ଏକ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବାଷ ଚନ୍ଦ୍ର ଧଳ, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସୁନୀତା କିଶାନ ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ଆଇନଗତ ଅଧିକାର ଏବଂ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଉକ୍ତ ଶିବିରରେ ୧୨୦ଜଣ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ ଏବଂ ୮୦ଜଣ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ପଞ୍ଜୀକରଣ କାର୍ଡ଼ ପ୍ରଦାନ କରାଯାଇଥିଲା ।



ଜଣେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ କାର୍ଡ ପ୍ରଦାନ କରାଯାଉଛି ।

## ରାସ୍ତା ପାଇଁ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୨୮।୧**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧୮ ଭିଏସଏସ ନଗର(ବାନ୍ଧୁଟିକ୍ରା)ର ମୁଖ୍ୟରାସ୍ତା ଚଉଡ଼ା କରିବା ପାଇଁ ଦାବି ହୋଇଛି । ଏହି ଦାବି ନେଇ ସ୍ଥାନୀୟ ଜନ କଲ୍ୟାଣ ଯୁବକ ସଂଘ ନେତୃତ୍ୱରେ ୱାର୍ଡ଼ ନଂ-୧୮ ଏବଂ ୱାର୍ଡ଼ ନଂ-୧୯ର କେତେକ ପଡ଼ାବାସୀ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ବାନ୍ଧୁଟିକ୍ରା ଓ ଘୁଲିପାଲି ମଧ୍ୟରେ ବାଇପାସ୍ ଛକ ହେବା ଦିନଠାରୁ ଏହି ରାସ୍ତାଦେଇ ଶହଶହ ଭାରୀଯାନ ଏବଂ ୮/୧୦ଖଣ୍ଡ ଗ୍ରାମର ଲୋକେ ଯାତାୟାତ କରୁଛନ୍ତି । ତେବେ ରାସ୍ତାଟି ଅଣଓସାରିଆ ଅର୍ଥାତ୍ ମାତ୍ର ୧୨ଫୁଟ୍ ଓସାରର ହୋଇଥିବା ଯୋଗୁ ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତା ଓସାରିଆ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ଜନ କଲ୍ୟାଣ ଯୁବକ ସଂଘର ସମ୍ପାଦକ ସନ୍ତୋଷ କୁମାର ଦାଶଙ୍କ ନେତୃତ୍ୱରେ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।



ରାସ୍ତା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉତ୍ତମ ଜୀବନ ମିଳେ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ବୀରମହାରାଜପୁର ମହିଳା କଲେଜର ବାର୍ଷିକ କ୍ରୀଡ଼ା

ବୀରମହାରାଜପୁର, ୨୮।୧ (ଡି.ଏନ୍.ଏ.): ବୀରମହାରାଜପୁର ଜୁନିୟର ମହିଳା କଲେଜର ସପ୍ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଅନୀଲ କୁମାର ଦାନୀ ସକାଳେ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶତାଧିକ ଛାତ୍ରୀ ଏଥିରେ ଭାଗ ନେଇଥିବା ବେଳେ ସେମାନଙ୍କ ପାଇଁ ୧୦୦ ଓ ୨୦୦ ମିଟର ଦୌଡ, ଲମ୍ଫଡିଆଁ, ଗୋଲା ଫିଙ୍ଗା, ଥାଲିଆ ଫିଙ୍ଗା, ବର୍ଛା ଫିଙ୍ଗା ଏବଂ କୌତୁକ ପୋଷାକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସଫଳ ପ୍ରତିଯୋଗିମାନଙ୍କ ମଧ୍ୟରୁ ସର୍ବାଧିକ ପଏଣ୍ଟ ହାସଲ କରି ପ୍ରମୋଦିନୀ ଭୋଇ ଚଳିତ ଶିକ୍ଷାବର୍ଷର କ୍ରୀଡା ଚାମ୍ପିୟନ ଘୋଷିତ ହୋଇଥିଲେ। ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କଲେଜ ପରିଚାଳନା ପରିଷଦର ବରିଷ୍ଠ ସଭ୍ୟ ତଥା କୋଷାଧ୍ୟକ୍ଷ ଧ୍ରୁବଚରଣ ଦାଶ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

ଦାଦନ ଶ୍ରମିକଙ୍କୁ ହତ୍ୟା ଅଭିଯୋଗ

# ସରପଞ୍ଚଙ୍କ ସହ ୫ ଗିରଫ

**କଣ୍ଟାବାଞ୍ଜି, ୨୮।୧ (ଡି.ଏନ.ଏ.)**

ତୁରେକେଲା ବ୍ଲକ ଅଧୀନ ଖୁଜେନ ଡ୍ୟାମରୁ କିଛିଦିନ ତଳେ ଦାଦନ ଶ୍ରମିକ ରାଧେଶ୍ୟାମ ନାଗଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ହେଲେ ରାଧେଶ୍ୟାମଙ୍କୁ ହତ୍ୟା କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଅନ୍ୟପକ୍ଷେ ପୋଲିସ ଘଟଣାର ତଦନ୍ତ କରି ଏକ ହତ୍ୟାକାଣ୍ଡ ଦର୍ଶାଇ ଘଟଣାରେ ସମ୍ପୃକ୍ତ ଥିବା କୁମେଇମୁଣ୍ଡା ସରପଞ୍ଚ ଉପ ବାଗଙ୍କ ସହ ଅନ୍ୟ ୪ ଜଣଙ୍କୁ ଗିରଫ କରିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଖୁଜେନ ଗାଁର ରାଧେଶ୍ୟାମ ନାଗ ଚଳିତ ବର୍ଷ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ କାମ କରିବା ପାଇଁ ଦାଦନ ସର୍ଦ୍ଦାର ତଥା କୁମେଇମୁଣ୍ଡା ସରପଞ୍ଚ ଉପ ବାଗଙ୍କଠାରୁ କୁଆଡେ ୧ ଲକ୍ଷ ୨୮ ହଜାର ଟଙ୍କା ଅଗ୍ରୀମ ନେଇଥିଲା। ତେବେ କୌଣସି କାରଣବଶତଃ ରାଧେଶ୍ୟାମ ଦାଦନ ଖଟି ଯାଇ ନ ଥିଲା। ଏହି ଘଟଣାକୁ ନେଇ ରାଧେଶ୍ୟାମ ଓ ସରପଞ୍ଚ ଉପଙ୍କ ମଧ୍ୟରେ ତିକ୍ତତା ପ୍ରକାଶ ପାଇଥିଲା। ଗତ ଡିସେମ୍ବର ୨୨ ତାରିଖରେ ରାଧେଶ୍ୟାମଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଚଳିତ ମାସ ୩ ତାରିଖରେ ନିଖୋଜ ରାଧେଶ୍ୟାମଙ୍କ ସ୍ତ୍ରୀ ମିଥିଲା ତୁରେକେଲା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଗତ ୨୪ ତାରିଖରେ ଖୁଜେନ ଡ୍ୟାମରୁ ରାଧେଶ୍ୟାମଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ରାଧେଶ୍ୟାମଙ୍କ ମୃତଦେହକୁ ଏକ ବସ୍ତା ଭିତରେ ଭର୍ତ୍ତି କରାଯାଇ ସେଠାକୁ ଫିଙ୍ଗାଯାଇଥିବା ପୋଲିସ ସନ୍ଦେହ କରି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ଉଦ୍ଧାର ବେଳେ ଟିଟିଲାଗଡ଼ ଏସଡିପିଓ ସରୋଜ ମହାପାତ୍ର, ତହସିଲଦାର ଭୁବନ ଶତପଥି, ତୁରେକେଲା ଆଇଆଇସି ସତ୍ୟଜିତ କୋଣ୍ଡାଙ୍କେଲ ଉପସ୍ଥିତ ଥିଲେ। ପରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଖୁଜେନ ଗ୍ରାମର କବିଚନ୍ଦ୍ର ବାଗ ଓ ଧନୀରାମ ବାଗକୁ ଅଟକ ରଖି ପଚରାଉଚରା କରିଥିଲା। ପରେ ପୋଲିସ ଅଭିଯୁକ୍ତ ସରପଞ୍ଚ ଉପ ବାଗ, ସହଯୋଗୀ ଧନେଶ୍ୱର ଛତ୍ରିଆ ଓ ଦୁଆରୁ ଲୁହାକୁ ସୋମବାର ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଧାରା ୩୬୪, ୩୦୨, ୨୦୧, ୧୨୦ ବି, ୩୨ ଭିଡିଏ ଏସ୍.ଏସଟି. (ପି)ରେ ମାମଲା ରୁଜୁ କରାଯାଇଛି। ପୂର୍ବରୁ ଦୁଇ ଅଭିଯୁକ୍ତ କବି ଓ ଧନୀକୁ କୋର୍ଟ ଚାଲାଣ କରିଥିବା ବେଳେ ସୋମବାର ଅଭିଯୁକ୍ତ ସରପଞ୍ଚ ତଥା ଦାଦନ ସର୍ଦ୍ଦାର ଉପ ବାଗ, ଧନେଶ୍ୱର ଓ ଦୁଆରୁଙ୍କୁ କୋର୍ଟଚାଲାଣ କରାଯାଇଛି। ଅଗ୍ରୀମ ଟଙ୍କା ନେଇ ଦାଦନ ଖଟି ନ ଯିବାରୁ ରାଧେଶ୍ୟାମକୁ ଅପହରଣ କରି ନିର୍ଯାତନା ଦିଆଯିବା ସହ ହତ୍ୟା କରାଯାଇଥିବା ପୋଲିସ ଏସ୍‌ଡିପିଓ ମହାପାତ୍ର ସୂଚନା ଦେଇଛନ୍ତି।



## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ପୁଅ ସୁନ୍ଦର,**
**ପର ପୁଅ ବାନ୍ଦର।**

ଗୋରା ହେଉ କି କଳା, ସନ୍ତାନ ଯେମିତି ହେଲେ ବି ପିତାମାତା ପାଇଁ ସୁନ୍ଦର ଲାଗିଥାଏ। ପିଲାର ସୌନ୍ଦର୍ଯ୍ୟ ତା'ର ଶରୀରରେ ନ ଥାଏ, ଥାଏ ପିତାମାତାଙ୍କ ଆଖିରେ। ପିଲା ଯେତେ ଅସୁନ୍ଦର ହେଲେ ବି ବାପାମା'ଙ୍କୁ କେବେ ଅସୁନ୍ଦର ଦେଖାଯାଏ ନାହିଁ। ପର ପିଲା ଅପେକ୍ଷା ନିଜ ପିଲା ବେଶି ସୁନ୍ଦର ଜଣାପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଲୋ ମଉସା।**
**ଜଡ଼ ପଇସା।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ସବୁକଥାରେ ଅର୍ଥ ବା ପଇସାର ଦରକାର ପଡ଼ିଥାଏ। ପାଖରେ ପଇସା ଥିଲେ ଅସାଧ ସାଧନ କରିହୁଏ। ସମସ୍ତଙ୍କୁ ପଇସାପତ୍ର ଦେଇ ବଶ କରିବା ସହ ନ ହେଉଥିବା କାମ ବି ଅତି ସହଜରେ କରିହୁଏ। ପଇସା ଯୋଗାଡ଼ ହୋଇପାରିଲେ କୌଣସି କାମ ଅଟକି ଯାଇ ନ ଥାଏ। ପଇସା ହିଁ ସବୁରି ମୂଳ ହୋଇଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଦେଓଗାଁ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କଲେ ବିଧାୟକ

ବଲାଙ୍ଗୀର ଅଫିସ, ୨୮।୧

ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ସୋମବାର ଦେଓଗାଁ ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ପିଲାଡିମହୁଲ ଗ୍ରାମ ଚର୍ଚ୍ଚ ପରିସରରେ ବିଧାୟକ ମିଶ୍ର ଏକ କମ୍ୟୁନିଟି ସଭାଗୃହ ଉଦ୍‌ଘାଟନ କରିବା ପରେ ଡୁମେରପିଟା ଗାଁ ମଣ୍ଡପ ଓ ହରିଜନପଡାଠାରେ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଟିପାକାନିଠାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ମିଶ୍ରଙ୍କୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଲୋକେ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ମିଶ୍ର ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସ ସରକାର କ୍ଷମତାକୁ ଆସିଲେ ରାଜ୍ୟର ସମସ୍ତ ଛାତ୍ର, ଯୁବକ, କୃଷକ, ଶ୍ରମିକମାନଙ୍କ ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି କହିଥିଲେ। ୩ଟି ରାଜ୍ୟରେ ଗଠିତ କଂଗ୍ରେସ ସରକାର ଯେପରି କୃଷକମାନଙ୍କ ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ କୃଷି ଋଣ ଛାଡ କରିଥିଲେ। ସେପରି ଓଡ଼ିଶାରେ ମଧ୍ୟ କଂଗ୍ରେସ ସରକାର ଗଠନ କଲେ ପ୍ରଥମ ଦିନରେ ହିଁ କୃଷକଙ୍କ କୃଷି ଋଣ ଛାଡ କରାଯିବ ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬୦୦ ଟଙ୍କା କରାଯିବ ବୋଲି ସେ କହିଥିଲେ। ପ୍ରତ୍ୟେକ ଚାଷୀଙ୍କୁ ସୌରଚାଳିତ ପମ୍ପ ଦିଆଯିବା ସହ ଏକର ପିଛା ଚାଷୀମାନଙ୍କୁ ଚାଷକାମ ପାଇଁ ଆର୍ଥିକ ସାହାଯ୍ୟ ଦିଆଯିବ ଓ ବାର୍ଦ୍ଧକ୍ୟ ତଥା ବିକଳାଙ୍ଗ ଭତ୍ତା ଯାହା ୩୦୦ ଓ ୫୦୦ ଟଙ୍କା ରହିଛି, ତାକୁ ୧୫୦୦ ଏବଂ ୨ହଜାର ଟଙ୍କାକୁ ବୃଦ୍ଧି କରାଯିବା ବୋଲି କହିଥିଲେ। ବେକାର ଯୁବକମାନେ ନିଯୁକ୍ତି ନ ପାଇବା ଯାଏଁ ବେକାରୀ ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ। ବିଧାୟକଙ୍କ ଗସ୍ତ କାର୍ଯ୍ୟକ୍ରମରେ ମହିଳା କଂଗ୍ରେସ ସଭାନେତ୍ରୀ ରେଣୁକା ପାତ୍ର, ବିଧାୟକଙ୍କ ପ୍ରତିନିଧି କାନ୍ତେଶ୍ୱର ପ୍ରଧାନ, ଜୋନ ସଭାପତି ରାମଜୀ ଚୌଧୁରୀ, ବ୍ଲକ ସଭାପତି ଯୋଗେଶ୍ୱର ସାହୁ, ରାମଚନ୍ଦ୍ରପୁର ସରପଞ୍ଚ ଗୌର ଚନ୍ଦନ, ସମିତି ସଭ୍ୟା ବୁବୁନି ବାଗ, ପିଣ୍ଟୁ ପୋଡ, ବ୍ଲକ ଯୁବକଂଗ୍ରେସ ସଭାପତି ସଞ୍ଜୀବ ସାହୁ, ଦୀପକ ବାରିକ, ନବ ରଣା, ମୋତି ହରିପାଲ ଏବଂ କଂଗ୍ରେସ ନେତା ଭାଗ୍ୟବାନ କର୍ମୀ ଉପସ୍ଥିତ ଥିଲେ।
ଫଟୋ-୩- ଉମେରପିଟା ଠାରେ ବିଧାୟକ ନରସିଂହ ମିଶ୍ର ଗାଁ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଭାଜପାର ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

## ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୨୮।୧**

ବିଜେଡିର ୧୯ବର୍ଷର ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରି ଭାଜପା ପକ୍ଷରୁ ଆରମ୍ଭ କରାଯାଇଥିବା ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ଅବସରରେ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଦୀର୍ଘ ବର୍ଷ ଶାସନ ପରେ ମଧ୍ୟ ବଲାଙ୍ଗୀର ଜିଲାର ଶିକ୍ଷିତ ଯୁବତୀ ଯୁବକ ନିଯୁକ୍ତି ନ ପାଇ ଦାଦନ ଶ୍ରମିକ ଭାବେ ଅନ୍ୟରାଜ୍ୟକୁ କାମ କରିବାକୁ ଯିବାକୁ ବାଧ୍ୟ ହେଉଛି ବୋଲି କର୍ମୀମାନେ ଅଭିଯୋଗ କରିଥିଲେ। ଏପରି ପରିସ୍ଥିତିରେ ରାଜ୍ୟରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଅଭିଯୋଗ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକ, ବରିଷ୍ଠ ନେତା ଡା ବାସୁଦେବ ପତି, ଜିଲା ପ୍ରବକ୍ତା ପ୍ରଭାସ ପାଣିଗ୍ରାହୀ, ପଙ୍କଜିନୀ ପଣ୍ଡା, ଅନନ୍ତ ଦାଶ, ଆରତୀ ଗୁରୁ, ଦିନେଶ ଶର୍ମା, ସୁରଜ ଗୁରୁ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ମନୀଷ ଅଗ୍ରୱାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସାମୂହିକ ବିକାଶରେ ସଙ୍ଗଠିତ ହୋଇ କାମ କରିବାକୁ ଆହ୍ୱାନ

ଖପ୍ରାଖୋଲ,୨୮।୧(ଡି.ଏନ.ଏ.)

ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ ବିଡିଓ ତରଣୀ ସୁନା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବ୍ଲକର ସାମୂହିକ ବିକାଶ ପାଇଁ ସମସ୍ତେ ସଂଗଠିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସୈନିକ ଲଳିତ ସାହାଣି, ଘନଶ୍ୟାମ ଭୋଇ, କ୍ରୀଡାବିତ୍ ସତିସ୍ ରାଉତ, ଅନନ୍ତ ବାରିକ, ଜ୍ୟୋତିର୍ମୟ ଗଡତିଆ ପ୍ରମୁଖ କୃତୀ ବ୍ୟକ୍ତିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଅନୁଷ୍ଠିତ ନାଚ ଗୀତରେ ଝୁମିଥିଲେ ଦର୍ଶକ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି, ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆ, ଜିପିଇଓ ସୁଶାନ୍ତ ପାଣି, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ଅକ୍ଷୟ ପଧାନ, ରଘୁନାଥ ସିଂ ବରିହା, ଦିଲୀପ ସାହୁ, ମୋହନ ସୁନାଙ୍କ ସମେତ ବିଭିନ୍ନ ଲୋକପ୍ରତିନିଧି, ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ। ଶେଷରେ ଉପେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ପତାକା ଉତ୍ତୋଳନ କରିଥିଲେ।

## 'ଶୃଙ୍ଖଳା ହିଁ ଜୀବନରେ ସଫଳତା ଆଣିଦିଏ

**ବଲାଙ୍ଗୀର ଅଫିସ, ୨୮।୧**

ବଲାଙ୍ଗୀର ପବ୍ଲିକ୍ ସ୍କୁଲର ୩୭ତମ ବାର୍ଷିକ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ସ୍କୁଲ ସଭାପତି ବୀରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଖିଳଚନ୍ଦ୍ର ହୋତା ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଅଧ୍ୟକ୍ଷା ସରିତା ପଟ୍ଟନାୟକ, ସ୍କୁଲ ସମ୍ପାଦକ ଗୋପାଳ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ବେଦବାକ୍, ସଦସ୍ୟ ବାଦଲ ମହାକୁର, ସଞ୍ଜୀବ କୁମର ସାହୁ, ଶିରିଷ ଚନ୍ଦ୍ର ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା କିଭଳି ଛାତ୍ରୀଛାତ୍ରଙ୍କ ଜୀବନରେ ମହତ୍ୱପୂର୍ଣ୍ଣ ତାହା କହିଥିଲେ। ଯେକୌଣସି ବ୍ୟକ୍ତିକୁ ସଫଳତା ପାଇବାକୁ ହେଲେ ଶୃଙ୍ଖଳା ଅନିବାର୍ଯ୍ୟ ବୋଲି କହିଥିଲେ। ଅଧ୍ୟବସାୟ, ନିଷ୍ଠା ଓ ଶୃଙ୍ଖଳାକୁ ଆଦରି ନେଲେ ଛାତ୍ରୀଛାତ୍ରମାନେ ଯେକୌଣସି କ୍ଷେତ୍ରରେ ସଫଳ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ସ୍କୁଲର ଶ୍ରେଷ୍ଠ ଛାତ୍ରୀଭାବେ ଶ୍ରେୟସୀ ନନ୍ଦ ଓ ଶ୍ରେଷ୍ଠ ଛାତ୍ର ସୌମ୍ୟରଞ୍ଜନ ବେଦ୍‌ବାକଙ୍କୁ ବିଧାୟକ ମିଶ୍ର ପୁରସ୍କୃତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲ ଅଧ୍ୟକ୍ଷା ପଟ୍ଟନାୟକ ବିବରଣୀ ପାଠ କରିଥିଲେ।

## ଡିଜିଟାଲ ଶିକ୍ଷା ସଚେତନତା ଶିବିର

**ବିଶ୍ରା,୨୮।୧(ଡି.ଏନ୍.ଏ.)**

ସ୍ଥାନୀୟ ଟୁସୁ ଭବନଠାରେ ଭାରତ ସରକାରଙ୍କ ଅନୁସୂଚିତ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଜାତୀୟ ଜନଜାତି ଅର୍ଥ ଓ ବିକାଶ ନିଗମ ଆନୁକୂଲ୍ୟରେ ଡିଜିଟାଲ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ ସ୍ୱପ୍ନକୁ ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ବ୍ଲକରେ ସାକାର କରିବା ପାଇଁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଚେଷ୍ଟା ଜାରି ରଖିଛନ୍ତି।

## କେନ୍ଦ୍ର ସରକାରଙ୍କ ବିରୋଧରେ ବିଜେଡିର ହସ୍ତଖତ ଅଭିଯାନ



ବିଜେଡି ପକ୍ଷରୁ ଅନୁଷ୍ଠିତ ଦସ୍ତଖତ ଅଭିଯାନରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

**ବଲାଙ୍ଗୀର ଅଫିସ, ୨୮।୧**

ଓଡିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ପ୍ରତିବାଦରେ ବିଜେଡି ପକ୍ଷରୁ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦସ୍ତଖତ ଅଭିଯାନ କରାଯାଇଥିଲା। ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ପୂର୍ବରୁ କେନ୍ଦ୍ର ୯୦ ପ୍ରତିଶତ ଛାତ୍ରବୃତ୍ତି ଦେଉଥିବା ବେଳେ ଏବେ ଏହାକୁ କମାଇ ଦେଇ ୨୦ ପ୍ରତିଶତ ପ୍ରଦାନ କରାଯାଉଥିବା ପ୍ରତିବାଦରେ ବିଜୁ ଯୁବ ଛାତ୍ରଜନତା ଦଳ ପକ୍ଷରୁ ଏହି ଦସ୍ତଖତ ଅଭିଯାନ କରାଯାଇଥିଲା। ଏଥିରେ ବିଜେଡି ପୂର୍ବତନ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଛାତ୍ର ଓ ଯୁବ ଜନତା ଦଳର ତାରିଣୀ ନାୟକ, ଶୁଭ୍ରାଂଶୁ ପାଢ଼ୀ, ଟିଙ୍କି ମିଶ୍ର, ଗୁଞ୍ଜି ଖାନ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ରାଜ୍ୟର ଦୁଇ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡିଥିବା ଅଭିଯୋଗ କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରସ୍ତୁତ ଏକ ପ୍ରଚାରପତ୍ରକୁ ଅତିଥି ଓ କାର୍ଯ୍ୟକର୍ତ୍ତାମାନେ ପ୍ରଦର୍ଶନ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ୍ୟ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ
- ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
08859752212
D-244, Tejendranagar, Zundal, Zundal-382421, Tal./Dist.- Gandhinagar

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍

## ସଂକ୍ଷେପରେ

### ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ବେଲପଡ଼ା,୨୮।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡ଼ା ବାଳିକା ହାଇସ୍କୁଲ ଖେଳପଡ଼ିଆଠାରେ ଗାନ୍ଧୀ କ୍ଲବ ଆନୁକୁଲ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶଙ୍କର ପ୍ରସାଦ ଜୈନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଅଧ୍ୟାପକ ସୁରେଶ ମେହେର, ଶିକ୍ଷକ ବଳଦେବ ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ନବୋଦୟ ବିଦ୍ୟାଳୟ ଅଧକ୍ଷା ମିଳାନି ମିତ୍ର, ବ୍ଲକ ଅଧକ୍ଷା ବୈଜୟନ୍ତୀ ପାଣିଗ୍ରାହୀ, ରାଜକୁମାର ପାଣିଗ୍ରାହୀ, ସରପଞ୍ଚ ମହାଦେବ ମେହେର, ସମିତି ସଭ୍ୟ ଆଲୋକ ବେହେରା ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଗାନ୍ଧୀ କ୍ଲବର ସଭାପତି ମହାଦେବ ମେହେର ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ଏହାର ମନଭରି ଉପଭୋଗ କରିଥିଲେ।

### ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଲପଡ଼ା,୨୮।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅଧୀନ ଧରମ ସିଂହ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ନୀଳମଣି ପଟେଲ, ସମ୍ମାନିତ ଅତିଥି ଭାବେ ବେଲପଡ଼ା ବ୍ଲକ ଶିକ୍ଷା ଅଧିକାରୀ ହୃଦାନନ୍ଦ ବେହେରା, ସରପଞ୍ଚ ବେଦମତୀ ରଣା, ପୂର୍ବତନ ପ୍ରଧାନ ଶିକ୍ଷକ ରାଧାମୋହନ ପାଢ଼ୀ, ଜ୍ଞାନ ରଞ୍ଜନ ଠାକୁର, ଶ୍ୟାମ ସୁନ୍ଦର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଶିକ୍ଷକ ପଦ୍ମଲୋଚନ ପାଣିଗ୍ରାହୀ। ବାର୍ଷିକ ବୀବରଣୀ ପାଠ ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ କ୍ରିଡ଼ା ଶିକ୍ଷକ ଅଭୟ କୁମାର ସିଂ ବୁଡେକ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ବଉଳ' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ପଦ୍ମଲୋଚନ ପାଣିଗ୍ରାହୀ, ଭାଗବତ ପ୍ରସାଦ ଦନ୍ତାଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଥିଲା।

### ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ମୁରିବାହାଲ,୨୮।୧ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତ ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୬କୋଟି ୫୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରକାଶ। ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ବାଙ୍କେଲ ପଞ୍ଚାୟତ ବାଙ୍କେଲ-ଲେଞ୍ଜା ରାସ୍ତାର ଉନ୍ନତିକରଣ ପାଇଁ ୨୫ ଲକ୍ଷ ୨୮ ହଜାର, ସିଲୋଲ ପଞ୍ଚାୟତର ସିଲୋଲ- ତେନ୍ତୁଲିଖୁଣ୍ଟି ରାସ୍ତା ଉନ୍ନତିକରଣ ପାଇଁ ୨୫ ଲକ୍ଷ ୨୮ ହଜାର ଏବଂ ଚଲକି ପଞ୍ଚାୟତର କର୍ଲା-ବାଙ୍କେଲ ରାସ୍ତା ପାଇଁ ୫କୋଟି ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଗ୍ରାମୀଣ ସଡ଼କଯୋଜନାର ଭିତ୍ତିପ୍ରସ୍ତ ସ୍ଥାପନ କରାଯାଇଛି। ଏଥିରେ ମାଲିସୀରା ପଞ୍ଚାୟତର ସମିତି ସଭ୍ୟ ଅନୀଲ କୁମାର ଜୈନ, ବାଙ୍କେଲ ସରପଞ୍ଚ ବୁଇ ଦୋରା, ବ୍ଲକ ସଭାପତି ସିଦ୍ଧେଶ୍ୱର ଦାସ, ସବ୍ୟସାଚୀ ବେହେରା, ମନୋଜ ଚଣ୍ଡି ଉପସ୍ଥିତ ରହିଥିଲେ।

### ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ପାଟଣାଗଡ଼,୨୮।୧ (ଡି.ଏନ.ଏ.):** ପାଟଣାଗଡ଼ ବ୍ଲକ ଉଲବା ଗ୍ରାମରେ ପାଟଣାଗଡ଼ ବ୍ଲକ ଅଧକ୍ଷ ଭକ୍ତବନ୍ଧୁ ନାଏକଙ୍କ ଅଧକ୍ଷତାରେ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଦେବକୀ ତାଣ୍ଡି, ସବିତା ସରାଫ, ସରପଞ୍ଚ ଦମୟନ୍ତୀ ନାଏକ, ସମିତି ସଭ୍ୟା ବିଜୁଳତା ପଟେଲ, ପାଟଣାଗଡ଼ ବ୍ଲକ ଉପାଧକ୍ଷା ପଦ୍ମିନୀ ସାହୁ, ଏଚ୍‌ପିସିଏଲ୍ ଗ୍ରାମ୍ୟ କମ୍ପାନୀ ମ୍ୟାନେଜର ସତିଶ କୁଜୁର ପ୍ରମୁଖ ଯୋଗ ଦଇେଥିଲେ। ଗିରିଶ କୁମାର ଯାଦବ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୌଦାମିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ମାନେକା ଗାନ୍ଧୀ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଧା ପ୍ରସାରଣ ମାଧମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।






ଲୋଇସିଂହା ଚାରିଛକରେ ଅନୁଷ୍ଠିତ ପ୍ରତିବାଦ ସଭା (ବାମ)। ବନ୍ଦ ପରିପ୍ରେକ୍ଷୀରେ ୨୬ନଂ ଜାତୀୟ ରାଜପଥରେ ଅଟକି ରହିଥିବା ଯାନବାହନ।

#### ଜୋର ଧରିଲା ଲୋଇସିଂହା ଏନ୍‌ଏସି ମାନ୍ୟତା ଦାବି

# ୧୨ଘଣ୍ଟିଆ ଲୋଇସିଂହା ବନ୍ଦ

**ଲୋଇସିଂହା,୨୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ରାଜ୍ୟ ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ଏହାକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ଏନେଇ ସୋମବାର ସ୍ଥାନୀୟ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲୋଇସିଂହା, ବୁର୍ଡା ପଞ୍ଚାୟତରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏଥିରେ ଦଳମତ ନିର୍ବିଶେଷରେ ଲୋକେ ସାମିଲ ହୋଇ ୨୬ ନମ୍ବର ଜାତୀୟ ରାଜପଥର ଲୋଇସିଂହା ବ୍ଲକ ଛକ, ଚାରିଛକ, ବୁର୍ଡା ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଦାବିକୁ ସମର୍ଥନ ଜଣାଇ ଲୋଇସିଂହା ଓ ବୁର୍ଡାରେ ସମସ୍ତ ଦୋକାନ ବଜାର ଓ ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ବନ୍ଦର ପ୍ରଭାବରେ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ ବିକାଶ ପରିଷଦର ଆହ୍ୱାନ କ୍ରମେ ଚାରିଛକ ନିକଟରେ ସମିତି ସଭ୍ୟ କୁନା ଭୋଇଙ୍କ ସଂଯୋଜନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲାପରିଷଦ ସଭ୍ୟ ସାଇଶଙ୍କର ସାହୁ ବକ୍ତବ୍ୟରେ ଦାବିକୁ ଯାଥାର୍ଥ କହିବା ସହ ଲୋଇସିଂହା, ବୁର୍ଡା ପଞ୍ଚାୟତକୁ ମିଶାଇ ରାଜ୍ୟ ସରକାର ସାଧାରଣ ନିର୍ବାଚନ ପୂର୍ବରୁ ପଦକ୍ଷେପ ନେବାକୁ ମତ ରଖିଥିଲେ। ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ଯୋଗଦେଇ ଏନ୍‌ଏସିର ସ୍ଥିତାବସ୍ଥା ସମ୍ପର୍କରେ ଅବଗତ କରିଥିଲେ। ଏପରି କି ମୁଖ୍ୟମନ୍ତ୍ରୀ ଓ ନଗରଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ବକ୍ତବ୍ୟରେ କହିଥିଲେ, ଦୀର୍ଘ ଦିନ ହେଲା ରାଜ୍ୟରେ ବିଜେଡି ସରକାର କ୍ଷମତାରେ ରହିଛି। ତଥାପି ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ଦାବିକୁ ଅଣଦେଖା କରୁଛନ୍ତି। ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର କୁମାର ପଟେଲ, ନବକିଶୋର ନାଏକ, ଭୂତନାଥ ନାଏକ, ନୟୁ ଖାନ, ସରୋଜ ବିଶ୍ୱାଳ, ଲାଲମନ ନାଗ, ବଣିକସଂଘ ସମ୍ପାଦକ ରବୀନ୍ଦ୍ର ନାୟକ, ସଂକଳ୍ପ ପରିବାର ସମ୍ପାଦକ ନିତ୍ୟାନନ୍ଦ ଜୁଏଡ, ସୁଦୀପ ସା, ଉତ୍ତମ କବାଟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉପରୋକ୍ତ ଦାବିରେ ରାଜ୍ୟ ସରକାର ଗୋଟିଏ ମାସ ମଧ୍ୟରେ ପଦକ୍ଷେପ ନେଇ କାର୍ଯ୍ୟକାରୀ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ଓ ସରକାରୀ କାର୍ଯ୍ୟାଳୟ ଅଚଳ କରାଯିବ ବୋଲି ଚେତାବନୀ ଦେଇଥିଲେ। ଆନ୍ଦୋଳନକୁ ପ୍ରମୁଖ ରାଜନୈତିକ ଦଳ ସମେତ ବଣିକ ସଂଘ, ସଂକଳ୍ପ ପରିବାର, ସିନିରସିଟିଜେନ ଆସେମ୍ବ୍ଲି ସଦସ୍ୟ, କୋଶଳ ଶମନ୍ୱୟ ସମିତି ପକ୍ଷରୁ ସମର୍ଥନ କରାଯାଇଥିଲା।

#### ସ୍କୁଲ ପାଚେରି ନିର୍ମାଣ ଦାବି

# ପରିଚାଳନା କମିଟି ବିଡିଓଙ୍କ ଦ୍ୱାରସ୍ଥ

**ଦେଓଗାଁ,୨୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ କଛାରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣ ଦାବି ନେଇ ସୋମବାର ସ୍କୁଲ ପରିଚାଳନା କମିଟି ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଦ୍ୟାଳୟଟି ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ବେଳେ ପାଚେରି ନ ଥିବାରୁ ବିପଦପୂର୍ଣ୍ଣ ଭାବେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଅନ୍ୟପକ୍ଷେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ଅଭିଭାବକମାନେ ଚିନ୍ତିତ ରହୁଥିବା ଅଭିଯୋଗ ହୋଇଆସୁଛି। ଏ ନେଇ ସ୍କୁଲରେ ପରିଚାଳନା କମିଟି ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ହୋଇଥିଲା। ସର୍ବସମ୍ମତି କ୍ରମେ ସୋମବାର କମିଟି ଉପଦେଷ୍ଟା ଡା. ଶଶି ଭୂଷଣ ସାହୁଙ୍କ ନେତୃତ୍ୱରେ ପ୍ରଧାନଶିକ୍ଷକ ମୋହନ ଦଲାଇ, ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷିନୀ ରଣା, ୱାର୍ଡସଭ୍ୟ ଜୟନ୍ତ ରଣା, ପୁଷ୍ପା ରଣା, ପ୍ରେମଲତା ରଣା, ଜାହ୍ନବୀ ବାରିକ, ସଙ୍ଗୀତା ସାହୁ, ଜବଦୁ ରଣା, ସାନନ୍ଦ ମାଝି ପ୍ରମୁଖ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ସାକ୍ଷାତ କରି ଅଭିଯୋଗ ଦେଇଥିଲେ। ସ୍କୁଲ ପାଚେରି ନ ଥିବାରୁ ସ୍କୁଲରେ ମଦୁଆଙ୍କ ଆଡ୍ଡାସ୍ଥଳୀ ସାଜିଥିବା ବେଳେ ପ୍ରତିଦିନ ଗାଇବଳଦ ସ୍କୁଲକୁ ପଶି ଆସି ଗଛଲତାଗୁଡିକୁ ନଷ୍ଟ କରି ଦେଉଛନ୍ତି। ଏନେଇ ତୁରନ୍ତ ପାଚେରି ନିର୍ମାଣ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଆମ ଗାଁ ଆମ ବିକାଶ ଯୋଜନାରେ ଚଳିତବର୍ଷ ସ୍କୁଲର ପାଚେରି ନିର୍ମାଣ ଆରମ୍ଭ କରିବା ପାଇଁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବିଡିଓ ସାହୁ ସୂଚନା ଦେଇଥିଲେ।



କଛାରପାଲି ସ୍କୁଲ ପାଚେରି ନିର୍ମାଣ ଦାବି ନେଇ ପରିଚାଳନା କମିଟି ବିଡିଓଙ୍କୁ ଫେରାଦ ହେଉଛନ୍ତି।

# ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ପୁରସ୍କୃତ

**ଗୁଡ଼ଭେଲା,୨୮।୧(ଡି.ଏନ୍.ଏ.)**

ଗୁଡ଼ଭେଲା ବ୍ଲକ ଓ ତୁଷରା ଏନ୍‌ଏସିର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସରକାରୀ, ବେସରକାରୀ ସଂସ୍ଥାଗୁଡ଼ିକରେ ସାଧାରଣତନ୍ତ୍ର ଦିବସ ସମାରୋହରେ ପାଳିତ ହୋଇଯାଇଛି। ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିଷରରେ ମିଳିତ ପରେଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ବିଡିଓ ରାମବିଲାଶ ମଙ୍ଗରାଜଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେଡରେ ଗୁଡଭେଲା ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିପିଓ ହିମାଂଶୁ ଶୋଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ତୁଷୁରା ବାଳକ ହାଇସ୍କୁଲ ଖେଳପଡ଼ିଆଠାରେ ଏନ୍‌ଏସିସ୍ତରୀୟ ମିଳିତ ପରେଡ଼ ହୋଇଥିଲା। ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ନାଗ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ଉପାଧକ୍ଷ ଦିନଦୟାଳ କେଡ଼ିଆ, ବିପିନ ବିହାରୀ ଦୀପ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ପରେଡ଼ରେ ବ୍ଲକ ଅଧକ୍ଷ ରମେଶ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିବାବେଳେ ବିଡ଼ିଓ ରାମଦତ୍ତ ଭୋଇ ଉପସ୍ଥିତ ଥିଲେ। ତୁଷୁରା ସହର ରାଧାରାଣୀପଡ଼ାରେ ବୁଗିବୁଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିକତାରେ ଅନନ୍ଦିତା ସାମନ୍ତ ପ୍ରଥମ, ସୁରଜ ସୁନା ଦ୍ୱିତୀୟ, ବିପାଶା ବାଗ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶୁଭମ ମିଶ୍ର, ହେମନ୍ତ ଦାଶ ବିଚାରକ ଭାବେ ଯୋଗ ଦେଇଥିଲେ। ଯୁବ ନେତା ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିବା ବେଳେ କାଉନସେଲର ସୁରେନ୍ଦ୍ର ରଣା, ବିନୋଦିନୀ ମହାଲିଙ୍ଗ ଓ ନିରୋଦ ନାଗ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜା ବରଗଡ଼ି ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀମାନଙ୍କୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ବରପାଲି ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୨୮।୧**

ବଲାଙ୍ଗୀର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ଚାଲିଥିବା ୫୨ତମ ସାଇଟ୍ ସିନିୟର ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଏନ୍‌ୱାଇଏସ୍ ବରପାଲି ଦଳ ୨-୦ ଗୋଲରେ ଲୋଇସିଂହା ଏପିଜେ ଦଳକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ବିବେଚିତଥିଲା। ବିଜୟୀ ଦଳ ପକ୍ଷରୁ ଜିତୁ ମିର୍ଦ୍ଧା ଓ ସୁବ୍ରତ ବେହେରା ୨ଟି ଗୋଲ ଦେଇଥିଲେ। ଖେଳକୁ ନିଶାରକାନ୍ତ ନାଗ, ଖଲିଉର ରେହମାନ, ସୁଧାଂଶୁ ସେଠ୍, ଶରତ ନନ୍ଦ ପରିଚାଳନା କରିଥିଲେ। ସାଇଟ୍ ପ୍ରତିଷ୍ଠାତା ତଥା ଫାଓ ଓଡ଼ିଶା ଏବଂ ବଲାଙ୍ଗୀର ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବନେତା ତଥା ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ବରପାଲି ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଉପବିଜେତା ଲୋଇସିଂହା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ସୁଶ୍ରୀ ଶାରୀରିକ ଶିକ୍ଷା ଅନୁଷ୍ଠାନ ଅଧକ୍ଷ ବୁଦ୍ଧଦେବ ପ୍ରଧାନ ଯୋଗ ଦେଇଥିଲେ। ବଲାଙ୍ଗୀର ବ୍ଲକ ଅଧକ୍ଷ ଗୋଲାପ ବାଗ, ଜିଲା ଫୁଟବଲ କୋଚ ପରାଶର ବାଗ ଉପସ୍ଥିତ ରହି ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜନ କମିଟି ସାଂଗଠନିକ ସମ୍ପାଦକ ଡା. ସିଦ୍ଧେଶ୍ୱର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଖେଳରେ ସୁଶ୍ରୀ ଆଇଟିଆଇ ଅଧକ୍ଷ ସନ୍ତୋଷ କୁମାର ବ୍ରହ୍ମା, କୋଷାଧକ୍ଷ ଆଦିତ୍ୟ ପଟ୍ଟନାୟକ, ପଲ୍ଲୀଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର, ଗରୁଡଧ୍ୱଜ ସାଏ, ଅଶୋକ ପ୍ରଧାନ, ଈଶ୍ୱର ମଚ୍ଛଖଣ୍ଡ, ଦେବାଶିଷ ପଟ୍ଟନାୟକ ସହଯୋଗ କରିଥିଲେ। ଶେଷରେ ହରିଶଙ୍କର ସାଏ ଧନ୍ୟବାଦ ଦେଇଥିଲେ।



ବିଜୟୀ ଓ ଉପବିଜୟୀ ଦଳର ଖେଳାଳିଙ୍କ ସହ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଓ ଆୟୋଜକ।

# ୧୯ ବର୍ଷରୁ କମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୮।୧**

ବଲାଙ୍ଗୀର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ସାଇଟ୍ ଜୁନିୟର (୧୯ ବର୍ଷରୁ କମ୍) ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଉଦ୍‌ଘାନୀ ମ୍ୟାଚ୍‌ରେ ଆଗଲପୁର ଏ.ଏ. ଦଳ ଏବଂ ଡିସିଏଫଏ କଅଗାଁ ଦଳ ମୁହାଁମୁହିଁ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ନ ହେବାରୁ ମ୍ୟାଚ୍‌ଟି ଅମୀମାଂସିତ ରହିଥିଲା। ପରେ ଟ୍ରାଇବ୍ରେକର ଜରିଆରେ କଅଗାଁ ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଖେଳକୁ ସୁଶାନ୍ତ ନାଗ, ନିସାରକାନ୍ତ ନାଗ, ଖଲିଉର ରେହେମାନ ଓ ସୁଧାଂଶୁ ସେଠ୍ ପରିଚାଳନା କରିଥିଲେ। ସାଇଟ୍ ପ୍ରତିଷ୍ଠାତା ତଥା ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ବଲାଙ୍ଗୀର ବ୍ଲକ ଅଧକ୍ଷ ଗୋଲାପ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାମଜୀ ଯୁବକ ସଂଘ ସଭାପତି ଡ. ପ୍ରମୋଦ କୁମାର ମିଶ୍ର ଓ ସାଇଟ୍ ସମ୍ପାଦକ ମନୋଜ କୁମାର ମିଶ୍ର ଯୋଗଦେଇଥିଲେ। କମିଟି ଆବାହକ ଶଶୀଶେଖର ପଣ୍ଡା, କୋଷାଧକ୍ଷ ଆଦିତ୍ୟ ପଟ୍ଟନାୟକ, ଅଭୟ ମିଶ୍ର, ଶାନ୍ତନୁ ମିଶ୍ର, ଜୟନ୍ତ ପଟେଲ ସହଯୋଗ କରିଥିଲେ। ୨୯ ତାରିଖ ମଙ୍ଗଳବାର ଘୁଚେପାଲି ପିଏଏଫ୍‌ଏ ଏବଂ ଚୁଡାପାଲି ନବଜ୍ୟୋତି ମଧ୍ୟରେ ଖେଳ ହେବ।




ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି।

### କାଠଚୋରି ଅଭିଯୋଗ: ୨ଗିରଫ

**ଉଲୁଣ୍ଡା, ୨୮।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଯାଲୋଏ ଘିକୁଣ୍ଡି ଜଙ୍ଗଲରୁ ରେଙ୍ଗାଲ ଗଛ କଟା ଯାଇ ଚାଲାଣ କରାଯାଉଥିବା ବେଳେ ରବିବାର ବନବିଭାଗ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମେଣ୍ଡାମାଲ ଗ୍ରାମର ସନାତନ ମେହେର ଓ କୁମର ମେହେର। ସୂଚନାମତେ କଥିତ ଅଭିଯୁକ୍ତ ଦୁଇଜଣ ଜଙ୍ଗଲରୁ ସାଇକେଲ ଯୋଗେ ଆଠଟି ଲେଖାଏ ରେଙ୍ଗାଲ ଗଣ୍ଡି ଧରି ଆସୁଥିଲେ। କୌଣସି ସୂତ୍ରରୁ ବନବିଭାଗ ଖବରପାଇ ଯମ୍ମାଲିପାଲି-ପଧାନପାଲି ରାସ୍ତାରେ ଉଭୟଙ୍କୁ ଧରିଥିଲେ। ଏନେଇ ଏକ ମାମଲା ରୁଜୁ କରିଛି।

#### ନିଖୋଜର ୨ଦିନ ପରେ ମୃତଦେହ ଉଦ୍ଧାର

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ସଇଁତଲା, ୨୮।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଡ଼ମାଳ ଫାଣ୍ଡି ପୋଲିସ ଧରପଗଡ଼ ଛକ ରାସ୍ତା କଡ଼ ଏକ ଗାତରୁ ସୋମବାର ରାତ୍ର ପ୍ରାୟ ୮ଟା ବେଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଧରପଗଡ଼ ପଞ୍ଚାୟତ ଅଧୀନ ଗୋଏଲଭାଡ଼ି ଗ୍ରାମର ଜୟବିଶି ମାଝି(୩୭)। ପୋଲିସ ସୂଚନା ମୁତାବକ, ଜୟବିଶି ଫପସୀର ଜନୈକ ବ୍ୟକ୍ତିଙ୍କ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ଗତ ୨୬ତାରିଖ ସନ୍ଧ୍ୟାରେ ସେ କାମ ସାରି ସାଇକେଲ ଯୋଗେ ଘରକୁ ବାହାରିଥିଲେ। ହେଲେ ସେ ପହଞ୍ଚି ନ ଥିଲେ। ଏନେଇ ପରିବାର ଲୋକେ ଫାଣ୍ଡିରେ ସୋମବାର ଏକ ଅଭିଯୋଗ କରିଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଧରପଗଡ଼ ଛକ ରାସ୍ତାକଡ଼ରେ ଥିବା ଏକ ଗାତରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ବଡ଼ମାଳ ଫାଣ୍ଡିକୁ ଖବର ଦେଇଥିଲେ। ବଡ଼ମାଳ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚ ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ଘଟଣାସ୍ଥଳରୁ ସାଇକେଲ ଜବତ କରିଛି। ପରିବାର ଲୋକେ ଜୟବିଶ୍ରୀଙ୍କୁ ହତ୍ୟା କରି ରାସ୍ତା କଡରେ ଫିଙ୍ଗା ଯାଇଥିବା ଅଭିଯୋଗ କରିଛନ୍ତି। ଗତ ୨୬ତାରିଖ ସନ୍ଧ୍ୟାରେ ଗୋଏଲଭାଡ଼ିଛକ ନିକଟରେ ପୋଲିସ ଓ ଅପରାଧି ମଧ୍ୟରେ ଗୁଳି ବିନିମୟ ମଧ୍ୟ ହୋଇଥିଲା। ବଡ଼ମାଲ ପୋଲିସ ମୃତଦେହ ଉଦ୍ଧାର କରିବା ସହ ଅଧିକ ତଦନ୍ତ ଚଳାଇଛି।

# ବୀରବଜରଙ୍ଗବଳୀ ଫୁଟବଲ: ନକଟାସର ଚାମ୍ପିୟନ

**ଦେଓଗାଁ,୨୮।୧ (ଡି.ଏନ.ଏ.)**

ଦେଓଗାଁ ବରାମଚନ୍ଦ୍ରପୁର ପଲ୍ଲିଶ୍ରୀ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ତୃତୀୟ ବର୍ଷ ବୀରବଜରଙ୍ଗବଳୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ନକଟାସର ଓ ଚନ୍ଦ୍ରପୁର ଦଳ ମଧ୍ୟରେ ଖେଳ ଅମିଂମାଂଶିତ ରହିଥିଲା। ଟାଇବ୍ରେକର ଜରିଆରେ ନକଟାସର ଦଳ ୫-୪ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ଦେବରାଜ ନାଗ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ମଧୁସୂଦନ ପାତ୍ର, ଜଳନ୍ଧର ସାହୁ, ପୁରୁଷୋତ୍ତମ ବୁଡେକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସଭାପତି ଜୀବନାନନ୍ଦ ବାଗଙ୍କ ସଭାପତିତ୍ୱ ତଥା ସମ୍ପାଦକ ଲକ୍ଷୀନ୍ଦ୍ର ଚନ୍ଦନଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ଯୋଗଦେଇ କ୍ରୀଡ଼ାର ବିକାଶ ହେଲେ ଯୁବ ସମାଜ ସଂଗଠିତ ହେବା ସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୌର ଚନ୍ଦନ, ସମିତିସଭ୍ୟା ବୁନୀ ବାଗ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ବ୍ଲକ କଂଗ୍ରେସର ୧୨ନଂ ଜୋନ ସଭାପତି ରାମଜୀ ଚୌଧୂରୀ, ଯୁବନେତା ବିଶ୍ୱଜୀତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟକୁ ବୀର ବଜରଙ୍ଗବଳୀ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ମୁଖ୍ୟଅତିଥି ନରସିଂହ ମିଶ୍ର ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୯ ଜାନୁୟାରୀ, ୨୦୧୯



ଠିକ୍ ଭାବରେ ଉଦ୍ୟମ କର। ତୁମେ ପାଇବ, ବିଶ୍ୱାସ ରଖ ଏବଂ ପରିଶେଷରେ ତୁମର ବିଶ୍ୱାସ ପ୍ରମାଣିତ ହେବ।

-ଶ୍ରୀଅରବିନ୍ଦ



## ସଂକ୍ଷେପରେ



### ବିଜୁ ମହିଳା ସମାବେଶ

ଭବାନୀପାଟଣା,୨୮।୧(ଡି.ଏନ.ଏ.) ଭବାନୀପାଟଣା ସଦର ବ୍ଲକ ବିଜୁ ମହିଳା ଜନତା ଦଳର ବ୍ଲକସ୍ତରୀୟ ସମାବେଶ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାନେତ୍ରୀ ପ୍ରଗତି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଧାୟକ ଅନାମ ନାଏକ ମୁଖ୍ୟଅତିଥି, ପୂର୍ବତନ ଉପନଗରପାଳ ସବିତା ପ୍ରଧାନ, ରାଜ୍ୟ ମହିଳା କମିଶନ ସଦସ୍ୟା ତିଲୋତମା ନାଏକ, ବିଜେଡି ବରିଷ୍ଠ ନେତ୍ରୀ ସୁନନ୍ଦା ସହୁ ସମ୍ମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାବେଶରେ ବ୍ଲକର ୩୬ଟି ଗ୍ରାମପଞ୍ଚାୟତରୁ ୨୦୦ ଉର୍ଦ୍ଧ୍ୱରୁ ସଭ୍ୟା ଓ ବିଜୁ ମହିଳା କର୍ମୀ ଯୋଗଦେଇଥିଲେ।

### ପ୍ରତ୍ନତତ୍ତ୍ୱ ଅଧକ୍ଷଙ୍କ କ୍ଷେତ୍ର ପରିଦର୍ଶନ

ପଲମ,୨୮।୧(ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ମାଣ୍ଡେଲ ପଞ୍ଚାୟତସ୍ଥିତ ଅସୁରଗଡ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ପରିଚିତ । ସେହି ଆଖପାଖରେ ଭିମକେଲା ଗ୍ରାମ ଲାଗି ରହିଛି । ସାନ୍ଦୁଲ ନଦୀ କୁଳରୁ ୨ଟି ପୁରାତନ ପଥରମୂର୍ତ୍ତି ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହେବା ପରେ ଉକ୍ତ ସ୍ଥାନ କ୍ଷେତ୍ର ପରିଦର୍ଶନ ପ୍ରତ୍ନତତ୍ତ୍ୱବିତଙ୍କ ଦ୍ୱାରା କରାଯାଇଥିଲା। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର (ଏଏସଆଇ) ଭୁବନେଶ୍ୱରସ୍ଥିତ ଉତ୍‌ଖନନ ଶାଖା ୪ର ମୁଖ୍ୟ ପ୍ରତ୍ନତତ୍ତ୍ୱ ଅଧକ୍ଷ ଦିବିସଦ ବ୍ରଜସୁନ୍ଦର ଗଡନାୟକଙ୍କ ନେତୃତ୍ୱରେ ସହ ଅଧକ୍ଷକ ଆଶିଷ ରନ ସାହୁ, ଉମାକାନ୍ତ ଭୋଇ, ପୁରାତତ୍ତ୍ୱବିତ୍ ଓ ଫଟୋଗ୍ରାଫର ରବିନ୍ଦ୍ରନାଥ ସାହୁ ପ୍ରମୁଖ ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି । ଭିମକେଲା ଗ୍ରାମର ପୁରାତନ ବିଷ୍ଣୁ ପ୍ରତିମା ଦର୍ଶନ ସହ ନଦୀ କୁଳରୁ ପ୍ରାପ୍ତ ହୋଇଥିବା ଭଙ୍ଗା ଖପୁରୀ, ବିଭିନ୍ନ ପ୍ରକାର ପଥର, ପଥର ବ୍ଲେଡ ଆଦି ସଂଗ୍ରହ କରିଥିଲେ । ଅବଶେଷ ଐତିହାସିକ ଅସୁରଗଡରୁ ପ୍ରାପ୍ତ ହୋଇଥିବା ଅବଶେଷ ସହ ସାମସ୍ୟ ରହୁଥିବା ବେଳେ ପୁଣି ଏଠାରୁ ପ୍ରାପ୍ତ ହୋଇଥିବା ପୁରୁଷ ପ୍ରତିମାଟି ପ୍ରାୟ କୁଶାଣ ସମୟ କାଳର ହୋଇପାରେ ବୋଲି ପୁରାତତ୍ତ୍ୱବିତ୍‌ଙ୍କ ମତ ଅଟେ । ପୁରୁଷ ମୂର୍ତ୍ତିର ୪ଟି ହସ୍ତ ଥିବା ଚିହ୍ନଟ କରିଥିଲେ । ସୂଚନାଯୋଗ୍ୟ ଯେ, ଗବେଷକ ଉମାଶଙ୍କର କର ଭିମକେଲାରୁ ପ୍ରାପ୍ତ ଅବଶେଷ ସମ୍ପର୍କରେ ତ୍ରାମ୍ରାଂଶୁ ସଂସ୍କୃତିର ଏକ ପ୍ରାକ୍ ନଗର ସଭ୍ୟତାର ସ୍ଥାନ ରୂପେ କଳାହାଣ୍ଡିର କଥା ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ଗବେଷକଙ୍କ ମତରେ ଏ ସ୍ଥାନର ଆହୁରି ଗବେଷଣା ଓ ଉଦଖନନର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ।

କସ୍ତୁରବା ଆବାସିକ ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

# ଛାତ୍ରୀଙ୍କ ୨୬ ନଂ. ଜାତୀୟ ରାଜପଥ ଅବରୋଧ

କୋକସରା,୨୮।୧(ଡି.ଏନ.ଏ.)

କଳାହାଣ୍ଡି କୋକସରା ବ୍ଲକ ଅନ୍ତର୍ଗତ ଚିଲଗୁଡାଠାରେ ଥିବା କସ୍ତୁରବା ଆବାସିକ ବିଦ୍ୟାଳୟରେ ଦୀର୍ଘଦିନ ହେଲା ଅନିୟମିତତା ଦେଖାଦେଇଛି । ଏହାର ବିରୋଧ କରିବା ସହ ପ୍ରଧାନ ଶିକ୍ଷୟିତ୍ରୀ ଓ ୱାର୍ଡେନଙ୍କୁ ତୁରନ୍ତ ବଦଳି ଦାବି କରି ଛାତ୍ରୀମାନେ ସୋମବାର ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଏଥିରେ ଅଭିଭାବକ ଓ ଚିଲଗୁଡା ଗ୍ରାମବାସୀ ମଧ୍ୟ ସାମିଲ ହୋଇଥିଲେ। ଫଳରେ ଦୀର୍ଘ ସମୟ ଧରି ରାଜପଥରେ ଗାଡିଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଜିଲା ପ୍ରକଳ୍ପ ସଂଯୋଜକ ସର୍ବଶିକ୍ଷା ଅଭିଯାନ ଗବାକ୍ଷ ନାୟକ, କୋକସରା ବ୍ଲକ ଶିକ୍ଷାଧିକାରୀ ଈଶ୍ୱର ମାଝି, କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ, କୋକସରା ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ଅତିରିକ୍ତ ଶିକ୍ଷାଧିକାରୀ ତୋଫାନ କୁମାର ମାଝି, ପ୍ରେମଚାନ୍ଦ ଧରୁଆ, କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀ ଓ ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



ଛାତ୍ରୀମାନେ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

ନେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ସୂଚନା ଅନୁସାରେ କସ୍ତୁରବା ସ୍କୁଲ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ନାଏକ ଛାତ୍ରୀମାନଙ୍କୁ ସବୁବେଳେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ନିମ୍ନମାନର ଖାଦ୍ୟ ସାମଗ୍ରୀ ଦିଆଯାଉଛି । ଏ ନେଇ ଛାତ୍ରୀମାନେ ଅଭିଯୋଗ କଲେ ପ୍ରଧାନ ଶିକ୍ଷୟିତ୍ରୀ ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ କରିଛନ୍ତି । ସ୍କୁଲର ୱାର୍ଡେନ ଗାୟତ୍ରୀ ଲେଙ୍କା ମଧ୍ୟ ଠିକ ଭାବେ ନିଜ ଦାୟିତ୍ୱ ନ ତୁଲାଇ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ସହଯୋଗ କରି ସେ ମଧ୍ୟ ଛାତ୍ରୀମାନଙ୍କୁ ହଇରାଣ କରୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ସ୍କୁଲ ଡ୍ରେସ ଦେଇ ନ ଥିବା ବେଳେ ଶୀତ ଦିନରେ ଶୀତ ବସ୍ତ୍ର ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ଅନେକ ସମୟରେ ଛାତ୍ରୀମାନେ ସ୍କୁଲର ବିଭିନ୍ନ ସମସ୍ୟା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କିନ୍ତୁ ଏଯାଏ କୌଣସି ସୁଫଳ ନ ମିଳିବାରୁ ସୋମବାର ଛାତ୍ରୀମାନେ ଏକତ୍ର ହୋଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ୱାର୍ଡେନଙ୍କୁ ତୁରନ୍ତ ବଦଳିଦାବିକରିସ୍କୁଲଠାରୁ ୨ କି.ମି. ଚାଲି ଆସି ଚିଲଗୁଡା ଜାତୀୟ ରାଜପଥ ୨୬ ଉପରେ ଆନ୍ଦୋଳନ କରି ପ୍ରତିବାଦ କରିଥିଲେ। ଏଥିସହ ତୁରନ୍ତ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ୱାର୍ଡେନଙ୍କୁ ବଦଳି ପାଇଁ ଜିଦ ଧରି ବସିଥିଲେ।

**କୋକସରା ବ୍ଲକ**
- ଶିକ୍ଷୟିତ୍ରୀ, ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଜାତୀୟ ରାଜପଥରେ ପ୍ରତିବାଦ
- ସାମିଲ ହେଲେ ଅଭିଭାବକ, ଚିଲଗୁଡା ଗ୍ରାମବାସୀ

## ସୁସ୍ଥ ପଞ୍ଚାୟତ ଭାବେ ମହିଚଲା ପଞ୍ଚାୟତ ପୁରସ୍କୃତ

ଜୁନାଗଡ,୨୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ଭାବେ ଚୟନ କରାଯାଇ ପୁରସ୍କୃତ କରାଯାଇଛି। ଶନିବାର ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସୁସ୍ଥ ପଞ୍ଚାୟ ଭାବେ ମହିଚଲା ପଞ୍ଚାୟତକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହାକୁ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲାପାଳ ଡଃ ଗାଭାଲି ପରାଗ ହର୍ଷଦ, ଜୁନାଗଡ ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇବା ପରେ ମହିଚଲା ପଞ୍ଚାୟତବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ସଫଳତା ପାଇଁ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା ପଞ୍ଚାୟତବାସୀ ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଶ୍ରେୟ ଦେଇଛନ୍ତି।



ମହିଚଲା ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଉଛି।

## କେସିଙ୍ଗା ତହସିଲ ଅଫିସ ଘେରାଉ

**ବାହାଦୁରପଦର ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି**

କେସିଙ୍ଗା,୨୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମପଞ୍ଚାୟତ ଅଧୀନ ବାହାଦୁରପଦରକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି ଜୋର ଧରିଛି। ସୋମବାର ପଞ୍ଚାୟତବାସୀ କେସିଙ୍ଗା ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଉକ୍ତ ଗ୍ରାମର ପୁରୁଷମହିଳାଙ୍କ ମିଳିତ ଉଦ୍ୟମରେ ସହରର ପେଟ୍ରୋଲ ପମ୍ପଠାରୁ ଅମ୍ବେଡ଼କର ଛକ ଦେଇ ଏକ କି.ମି. ଦୂର ଯାଏ ଶୋଭାଯାତ୍ରରେ ବାହାରି ତହସିଲ କାର୍ଯ୍ୟାଳୟରେ ସାଢ଼େ ୧୨ଟାରେ ପହଞ୍ଚି ଘେରାଉ କରିଥିଲେ। ଆଜକୁ ୧୮ବର୍ଷ ହେଲା ଗ୍ରାମବାସୀ ଜିଲାପାଳ, ବିଧାୟକ, ଏମ୍‌ପିଙ୍କୁ ଲିଖିତ ଅଭିଯୋଗ କରି ଆସୁଛନ୍ତି । କିନ୍ତୁ ବାହାଦୁରପଦରକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯାଇ ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନା ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି । ଏ ନେଇ ଗତ ୬ ତାରିଖରେ ଉକ୍ତ ଗ୍ରାମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଯଦି ବାହାଦୁରପଦର ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆ ନ ଯାଏ ତେବେ ପଞ୍ଚାୟତବାସୀ ତଥା ଗ୍ରାମବାସୀ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସହିତ ଅନିର୍ଦ୍ଦିଷ୍ଟକାଳ ପାଇଁ କେସିଙ୍ଗା ତହସିଲ କାର୍ଯ୍ୟାଳୟରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ଉକ୍ତ ସଭାରେ ନିଷ୍ପତ୍ତି ନିଆଯାଇଥିଲା । ଏ ନେଇ ଜିଲା ରାଜସ୍ୱ ବିଭାଗକୁ ମଧ୍ୟ ବହୁବାର ଗ୍ରାମବାସୀ ଲିଖିତ ଭାବେ ଜଣାଇ ଆସିଛନ୍ତି । ବାହାଦୁରପଦର ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ବୋର୍ଡ ଅଫ୍ ରେଭିନ୍ୟୁ ଓଡିଶା କଟକର ଡେପୁଟି ସେକ୍ରେଟାରୀଙ୍କ ଚିଠି ନଂ. ଭିଆଇ- ୧୭୨/୨୦୦୧ ପ୍ରକାରରେ ଜିଲା ରେଭିନ୍ୟୁ, ବିଧାୟକଙ୍କୁ ଚିଠି ଦେଇଛନ୍ତି । କିନ୍ତୁ ଆଜି ଯାଏ ଜିଲା ରାଜସ୍ୱ ବିଭାଗ ଓ କେସିଙ୍ଗା ତହସିଲଦାର ମାନ୍ୟତା ଘୋଷଣା କରିନାହାନ୍ତି । ଏହି ଘେରାଉ କାର୍ଯ୍ୟକ୍ରମରେ ବାହାଦୁରପଦର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।




ବାହାଦୁରପଦର ଗ୍ରାମବାସୀ କେସିଙ୍ଗା ତହସିଲ ଘେରାଉ କରି ବିକ୍ଷୋଭ କରୁଛନ୍ତି ।

## କେନ୍ଦୁପତ୍ର କାର୍ଯ୍ୟ ଶୈଳୀ ଉପରେ ତାଲିମ ଶିବିର

ମଦନପୁର,୨୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର କେନ୍ଦୁପତ୍ର ଗୋଦାମଠାରେ ଭବାନୀପାଟଣା ବନଖଣ୍ଡ ଅଧୀନ ମ.ରାମପୁରରେ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ରବିବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଳାହାଣ୍ଡି ଜିଲା ଏସିଏଫ୍ ନରହରି ସ୍ୱାଇଁ, ଫରେଷ୍ଟର ଶୁଭେନ୍ଦୁ ବିଶି ଯୋଗଦେବା ସହ କେନ୍ଦୁପତ୍ର ସାମୟିକ କର୍ମଚାରୀ କପିଳେନ୍ଦ୍ର ପୂଝାରୀ, ଧବଳେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ତୋଳାଳି ତଥା ବନ୍ଧେଇ ଶ୍ରମିକମାନଙ୍କୁ କେନ୍ଦୁପତ୍ର ସଂଗ୍ରହ ଯଥା ବୁଦା କାଟିବା, ଠିକ୍ ପତ୍ର ନିରୁପଣ ତଥା କିଣିବା, ଠିକ୍ ଭାବରେ ଶୁଖାଇ ସେଗୁଡିକୁ ଯତ୍ନର ସହ ରଖିବା ଓ ଉପଯୁକ୍ତ ପତ୍ରଗୁଡିକୁ ବାନ୍ଧିବା ଆଦି ବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇଥିଲେ। ମଦନପୁର ଫରେଷ୍ଟ ଇନ୍ ଚାର୍ଜ ନଟବର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟ ସମାପ୍ତ ହେବା ସହ ଭରତ ଭୋଇ ଓ ନବିନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ନାମେଣ୍ଟ

## ଲାଲବାହାଦୁର ଶାସ୍ତ୍ରୀ କ୍ଲବ ଚାମ୍ପିୟନ

ଜୁନାଗଡ,୨୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଅଗ୍ନିଶମ ସେବାକେନ୍ଦ୍ରରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜୁନାଗଡ ପୋଲିସ, ଅଗ୍ନିଶମ ବିଭାଗ ଓ ସହରର ମୋଟ ୮ଟି ଦଳକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ ଜୁନାଗଡ ଲାଲବାହାଦୁର ଶାସ୍ତ୍ରୀ କ୍ଲବ ଚାମ୍ପିୟନ ହୋଇଥିଲା। ଜୁନାଗଡ ଜୟ ଶନିଦେବ ଦଳ ରନର୍ସଅପ୍ ହୋଇଥିଲା। ମ୍ୟାଚ୍‌କୁ ସୁରେଶ ବାଗ, କାଳିଆ କନ୍ଦପାନ, ସୁମିତ ସିଙ୍ଘଲ ଓ ଅଗ୍ନିଶମ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ଶିଶିର କାନ୍ତ ସିଂ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



ଚାମ୍ପିୟନ ଲାଲବାହାଦୁର ଶାସ୍ତ୍ରୀ କ୍ଲବ ।

## ପୁରାତନ ଛାତ୍ରୀଛାତ୍ରଙ୍କୁ ସ୍କୁଲ ସହ ଜଡିତ କରିବା ମୂଳ ଲକ୍ଷ୍ୟ

**ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ**

ଭବାନୀପାଟଣା,୨୮।୧(ଡି.ଏନ.ଏ.)

ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲ ପରିସରରେ କଳାହାଣ୍ଡି ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ବ୍ୟବସ୍ଥା ଏକ ତ୍ରିକୋଣୀୟ ବ୍ୟବସ୍ଥା । ଏହାର ଗୋଟିଏ ପାର୍ଶ୍ୱରେ ଛାତ୍ର ଆଉ ଏକ ପାର୍ଶ୍ୱରେ ଶିକ୍ଷକ ଏବଂ ତୃତୀୟ ପାର୍ଶ୍ୱରେ ଅଭିଭାବକ, ଗୁରୁଜନ, ପୁରାତନ ଛାତ୍ରଛାତ୍ରୀମାନେ ରହିଥାନ୍ତି । ଏହି ତିନିଟି ସ୍ତମ୍ଭର ସମନ୍ୱୟରେ ହିଁ ଶିକ୍ଷା ବ୍ୟବସ୍ଥା ସଫଳ ହୋଇଥାଏ । ମୋ ସ୍କୁଲ ଅଭିଯାନର ଉଦ୍ଦେଶ୍ୟ କେବଳ ଅର୍ଥରାଶି ସଂଗ୍ରହ ନୁହେଁ । ଏହାର ମୂଳଲକ୍ଷ୍ୟ ହେଉଛି ପୁରାତନ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟବସ୍ଥା ସହ ଜଡିତ କରିବା । ମୋ ସ୍କୁଲ ଅଭିଯାନର କଳାହାଣ୍ଡି ଜିଲାସ୍ତରୀୟ ଉତ୍ସବ, ଫଟୋ ପ୍ରଦର୍ଶନୀ ତଥା ପୁରାତନ ଛାତ୍ର ସମ୍ମେଳନ ଅବସରରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଏଭଳି ମତ ପ୍ରକାଶ କରିଛନ୍ତି । ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂ, ଜୁନାଗଡ ବିଧାୟକ କ୍ୟା. ଦିବ୍ୟଶଙ୍କର ମିଶ୍ର, ଭବାନୀପାଟଣା ବିଧାୟକ ଅନାମ ନାଏକ, ଜିଲାପାଳ ଗାଭାଲି ପରାଗ ହର୍ଷଦ୍, ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧର, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ବ୍ରଜମୋହନ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶ୍ରୀ ସବିତା ପଟ୍ଟନାୟକ, ମୋ ସ୍କୁଲର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାସ ମିଶ୍ର, ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ, ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ନାଏକ, ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରୁପମା ଦୋରା, ଜୁନାଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁବାଳା ଦେବୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବ୍ରଜମୋହନ ହାଇସ୍କୁଲର ଛାତ୍ରମାନେ ଘୁମୁରା ନୃତ୍ୟ ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ମୋ ସ୍କୁଲ ଅଭିଯାନର କଳାହାଣ୍ଡି ଇନ୍‌ଚାର୍ଜ ସୁକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ହେମନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ମୋ ସ୍କୁଲ ଅଭିଯାନକୁ କଳାହାଣ୍ଡିରେ ସର୍ବୋଚ୍ଚ ଅର୍ଥ ପ୍ରଦାନ କରିଥିବା ସାମାଜିକ କର୍ମୀ ପ୍ରମୋଦ ଖମାରୀ, ସୁଶ୍ରୀ ସବିତା ପଟ୍ଟନାୟକ, ଜୁନାଗଡ ହାଇସ୍କୁଲ, ବୋରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଫଟୋ ପ୍ରଦର୍ଶନୀରେ ଶ୍ରେଷ୍ଠ ଷ୍ଟଲ ଭାବେ ଭବାନୀପାଟଣା ବ୍ଲକ୍‌କୁ ସମ୍ମାନିତ କରାଯାଇଥିଲା । ଇଚ୍ଛାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏକ କ୍ଷୁଦ୍ର ନାଟିକା ମୋ ସ୍କୁଲ ପରିବେଷଣ କରିଥିଲେ । ଶିକ୍ଷକ ରାଧେଶ୍ୟାମ ଦାସ ଏକ ଘୁମୁରା ଗୀତ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ପରିବେଷଣ କରିଥିଲେ। ସେହିପରି ଜିଲା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ବୃହତ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ମୁଖ୍ୟ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ବିଭିନ୍ନ ବ୍ଲକ୍ ଦ୍ୱାରା ଆୟୋଜିତ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ପ୍ରାୟ ୩୦୦ ଜଣ ଶିକ୍ଷକ, ପୁରାତନ ଛାତ୍ର ଓ ଶିକ୍ଷାବିତ୍ ଉତ୍ସବରେ ଭାଗ ନେଇଥିଲେ।




ଜିଲାସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଆଶାରେ ବିତିଛି ଦିନ, ମିଳୁନି ଭତ୍ତା

ଜୁନାଗଡ,୨୮।୧(ଡି.ଏନ.ଏ.)



ଭତ୍ତାରୁ ବଞ୍ଚିତ ହୋଇଥିବା ହିତାଧିକାରୀ ।

ସାଧାରଣ ଲୋକଙ୍କୁ ସାମାଜିକ ଏବଂ ଅର୍ଥନୈତିକ ସୁରକ୍ଷା ଯୋଗାଇ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନହିତକର ଯୋଜନା କରିଛନ୍ତି । ଇନ୍ଦିରାଗାନ୍ଧୀ ପେନସନ୍ ଯୋଜନା, ମଧୁବାବୁ ପେନସନ୍ ଯୋଜନା ଓ ବାର୍ଦ୍ଧକ୍ୟ ଭତ୍ତା ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରୁ କେହି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ମଧ୍ୟ ଦେଉଛନ୍ତି । କିନ୍ତୁ ଏବେବି ଅନେକ ଅସହାୟ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଏହି ଯୋଜନାରୁ ବହୁ ଦୂରରେ । ବାରମ୍ବାର ଆବେଦନ କରି ମଧ୍ୟ ସରକାରୀ ନାଲି ଫିତାତଳେ ପଡିରହୁଛି ଏମାନଙ୍କ ଦରଖାସ୍ତ । ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ଏସବୁ ପାଇବାରୁ ସେମାନେ ବଞ୍ଚିତ। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ୍ କାଲୋପଲା ପଞ୍ଚାୟତରେ ଏପରିକି ଉଦାହରଣ ଦେଖିବାକୁ ମିଳିଛି । ଏହି ପଞ୍ଚାୟତର କାଲୋପଲା ଗ୍ରାମର ନମିତା ସିଂହ ଶତପ୍ରତିଶତ ଦିବ୍ୟାଙ୍ଗ । ନମିତା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶହେ ପ୍ରତିଶତ ଦିବ୍ୟାଙ୍ଗ ଥିବା ନେଇ ପ୍ରମାଣପତ୍ର ପାଇଛନ୍ତି। କିନ୍ତୁ ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ଗ୍ରାମର ଗୋପବନ୍ଧୁ ନାଏକଙ୍କୁ ୯୯ ପ୍ରତିଶତ, ଭୋଳା ସିଂହଙ୍କୁ ୭୫ ପ୍ରତିଶତ, ମିଣ୍ଟୁ ସିଂହଙ୍କୁ ୫୦ ପ୍ରତିଶତ, ହେମରାଜ ସିଂହଙ୍କୁ ୫୦ ପ୍ରତିଶତ, ଗୋପୀ ସିଂହଙ୍କୁ ୪୫ ପ୍ରତିଶତ ଦିବ୍ୟାଙ୍ଗ ଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରମାଣପତ୍ର ମିଳିଥିଲେ ମଧ୍ୟ ଏ ଯାଏଁ ସେମାନେ ଭତ୍ତା ଯୋଜନାରେ ସାମିଲ ହୋଇପାରିନାହାନ୍ତି। ସେହିପରି ୬୦ବର୍ଷର ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ କରିବାକୁ ନିୟମ ରହିଛି । କିନ୍ତୁ ଏହି ଗ୍ରାମର ବୁଟି ସିଂହ (୮୦), ଉମ୍ବରୁ ସିଂହ (୭୫) ଓ ଉଆଁସୀ ସିଂହ (୭୦) ପ୍ରମୁଖ ଏଯାଏଁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଗ୍ରାମର ନନ୍ଦିନୀ ରାଉତ, ଦୁଷିଲା ନାଏକ, ସୁକାନ୍ତି ଶବର ପ୍ରମୁଖ ମହିଳା ବିଧବା ହୋଇ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗତ କିଛି ଦିନ ତଳେ ରାଜ୍ୟ ସରକାର ଭତ୍ତା ୨ ଶହ ଟଙ୍କା ବୃଦ୍ଧି କରିଛନ୍ତି। ଏଥିରେ ୩ ଶହ ପାଉଥିବା ହିତାଧିକାରୀଙ୍କୁ ୫ ଶହ ଓ ୫ ଶହ ପାଉଥିବା ହିତାଧିକାରୀଙ୍କୁ ୭ଶହ ଟଙ୍କା ବୃଦ୍ଧି କରିଛନ୍ତି। ତେବେ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ଉପରୋକ୍ତ ହିତାଧିକାରୀମାନେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନେକ ଥର ପଞ୍ଚାୟତ ଓ ବ୍ଲକରେ ପ୍ରମାଣପତ୍ର ସହିତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଅତି କ୍ଷୋଭର ସହ ସେମାନେ କହନ୍ତି। ଏପରିକି ନିର୍ବାଚନ ସମୟରେ ନେତାମାନେ ବିଭିନ୍ନ ପ୍ରତିଶ୍ରୁତି ଦେଇ ଭୋଟ ହାତେଇଥାନ୍ତି। ନିର୍ବାଚନରେ ସରିବା ପରେ ଏହି ସବୁ ପ୍ରତିଶ୍ରୁତି ପାଣିର ଗାର ହୋଇଥିବା ବେଳେ ନେତାଙ୍କ ମଧ୍ୟ ଦେଖାମିଳି ନ ଥାଏ ବୋଲି କହନ୍ତି। ଏ ନେଇ ଜୁନାଗଡ ବିଏସଏସଓ ସୁମନ୍ତ କୁମାର ମାଝିଙ୍କୁ ପଚାରିବାରୁ କ'ଣ ପାଇଁ ସେମାନେ ବାଦ ପଡିଯାଇଛନ୍ତି ଏହାର ଅନୁଧ୍ୟାନ କରି ତୁରନ୍ତ ଭତ୍ତା ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ।

**କାଲୋପଲା ପଞ୍ଚାୟତ**
- ନାଲିଫିତା ତଳେ ପଡିରହୁଛି ଦରଖାସ୍ତ
- ଶତ ପ୍ରତିଶତ ଦିବ୍ୟାଙ୍ଗ, ୮୦ବର୍ଷ ବୃଦ୍ଧ, ବିଧବା ମହିଳା ଭତ୍ତା ପାଇବାରୁ ବଞ୍ଚିତ



ପିଲା ଯାହା ମାଗେ ତାକୁ ସବୁ ଦେଇଦେଲେ
ସେ କ୍ରମେ ଖରାପ ହୋଇଯିବ।
-ଓସୋ।



## ସଂକ୍ଷେପରେ

### ୧୨ ଦାଦନ ଶ୍ରମିକ ସିକନ୍ଦରାବାଦ ଇଟାଭାଟିରେ ବନ୍ଧକ

**ଭବାନୀପାଟଣା,୨୮।୧(ଡି.ଏନ.ଏ.)** କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ଜାମଯୋର ଓ ଆଇଲି ଗାଁର ୧୨ ଜଣ ଦାଦନ ଶ୍ରମିକଙ୍କୁ ସିକନ୍ଦରାବାଦର ଜଣେ ଇଟା ମାଲିକ ବନ୍ଧକ ରଖିଥିବା ଜଣାପଡ଼ିଛି। ଏହି ୧୨ ଜଣ ଦାଦନଙ୍କୁ ଉଦ୍ଧାର ପାଇଁ ପରିବାର ପକ୍ଷରୁ ଜିଲା ଶ୍ରମ ବିଭାଗ ଓ ସ୍ଥାନୀୟ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ୨୦୧୮ ଅକ୍ଟୋବରରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଛିନୁ ନାମକ ଜଣେ ଦଲାଲ କେସିଙ୍ଗା ଥାନା ଅନ୍ତର୍ଗତ ଅଇଲି ଗାଁର ଲଳିତ ଶବର, ବନିତା ଶବର, ଧନେଶ୍ୱର ଶବର, ପୂର୍ଣ୍ଣ ଶବର ଓ ଜାମଯୋର ଗାଁର ରାମଚନ୍ଦ୍ର ଶବର, ଯମୁନା ଶବର, ବିଷ୍ଣୁ ଶବର, ଗମନୀ ଶବର, ଭାଗୀରଥି ଶବର, ସୁଶିଲା ଶବର, ରସ ଶବର, ସୁରେଶ ଶବରଙ୍କ ସମେତ ୧୨ ଜଣ ଲୋକଙ୍କୁ ମୁଣ୍ଡପିଛା ୩୦ ହଜାର ଟଙ୍କା ଦେଇଥିଲେ। ସେହିଭଳି ଆଉ ୨ ଜଣଙ୍କ ମଧ୍ୟରୁ ଜଣଙ୍କୁ ୨୦ ହଜାର ଓ ଅନ୍ୟ ଜଣଙ୍କୁ ୧୦ ହଜାର ଟଙ୍କା ଦେଇ ସମସ୍ତଙ୍କୁ କଣ୍ଟାବାଞ୍ଜି ରେଳ ଷ୍ଟେଶନକୁ ନେଇ ଯାଇଥିଲେ। ସେଠାରୁ ଟ୍ରେନ୍ ଯୋଗେ ସିକନ୍ଦରାବାଦ ନେଇ ଯାଇଥିଲେ। ସେଠାରେ ଇଟା ତିଆରି କରୁଥିବା ଏକ କମ୍ପାନୀ ମାଲିକଙ୍କ ପାଖରେ ଦାଦନ ଦଲାଲ ଛାଡି ଚାଲି ଆସିଥିଲା। ସମ୍ପୃକ୍ତ ମାଲିକ ଦାଦନଙ୍କୁ ମାରପିଟ କରିବା ସହିତ ଦିନରାତି କାମ କରାଉଥିବା ଅଭିଯୋଗ ହୋଇଛି। ଖାଇବାକୁ ସପ୍ତାହକୁ ୨୦୦ ଟଙ୍କା ଦେଉଥିବା ବେଳେ ଦେହ ଅସୁସ୍ଥ ହେଲେ ଚିକିତ୍ସା ପାଇଁ ଟଙ୍କା ମାଗିଲେ ଓଲଟା ଗାଳିଗୁଲଜ କରୁଛନ୍ତି। ଗତ ୪ ମାସ ହେବ ଟଙ୍କା ଟିଏ ମଧ ଦେଇ ନ ଥିବା ନେଇ ଶ୍ରମିକମାନେ ତାଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ସମସ୍ତ ୧୨ ଜଣ ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ପରିବାର ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଅନୁରୋଧ କରିଥିଲେ।

### ଜନତା ହାଇସ୍କୁଲର ବାର୍ଷିକୋତ୍ସବ

**ଭବାନୀପାଟଣା, ୨୮।୧ (ଡି.ଏନ.ଏ.)** ଭବାନୀପାଟନା ବ୍ଲକ୍ ଅନ୍ତର୍ଗତ ବୋର୍ଡା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବବ୍ରୁବାହାନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଧାୟକ ଅନାମ ନାଏକ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟପକ ଉପେନ୍ଦ୍ର ଭଞ୍ଜ ତ୍ରିପାଠୀ ମୁଖ୍ୟବକ୍ତା, ଭବାନୀପାଟଣା ପଞ୍ଚୟତ ସମିତି ଅଧ୍ୟକ୍ଷା ସନ୍ତୋଷୀ ଦାସ, ଡୁମୁରିଆ ସରପଞ୍ଚ ସଞ୍ଜୀବ ମିଶ୍ର, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ ପ୍ରମୁଖ ସମ୍ମାନିତ ଅତଥି ଭାବେ ଯୋଗଦେଇଥିଲେ । ଶିକ୍ଷକ ବିରଞ୍ଚି ବାଗ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ରୋଶନଲାଲ ଛତର ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ନିରାକାର ଗହୀର ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଶିକ୍ଷକ ବିଶିକେଶନ ସୁନା ଓ ଶିକ୍ଷୟିତ୍ରୀ ସୁନିଭା ମଞ୍ଜୁରୀ ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜିଲା ଯାଦବ ସମାଜର ସମୀକ୍ଷା ସଭା

# ସମାଜ ସଂସ୍କାର ପାଇଁ ଅଣ୍ଟା ଭିଡିଲା ଯାଦବ ସମାଜ

**ନୂଆପଡା ଅଫିସ,୨୮।୧**

ସାରା ଭାରତର ଜନସଂଖ୍ୟାର ୮ % ଯାଦବ ରହିଥିବାବେଳେ ଓଡିଶାରେ ୧୫ରୁ ୨୦ % ରହିଛନ୍ତି । ନୂଆପଡା ଜିଲାରେ ପ୍ରାୟ ୨୫ % ରହିଛନ୍ତି । ଏମାନେ ଜିଲାକୁ ସାମାଜିକ, ଅର୍ଥନୈତିକ, ରାଜନୈତିକ ଦିଗରେ ପ୍ରଗତି ସକାଶେ ଦିଶା ଦେଇପାରିବେ। ବର୍ତ୍ତମାନ ସମାଜ ଜାଗ୍ରତ ହୋଇଛି । ଏହାକୁ କେହି ରୋକିପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି । ରବିବାର ଏହି ଜିଲା କୋମନା ବ୍ଲକ ଗନିଆରୀରେ ଆୟୋଜିତ ଜିଲା ଯାଦବ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅତିଥିମାନେ ଯୋଗଦେଇ ମତ ପ୍ରକାଶ କରିଛନ୍ତି । ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିବା ଏକ ମାରାଥନ ବୈଠକରେ ଜିଲା ସଭାପତି ହରେରାମ କଠାର ସଭାପତିତ୍ୱ କରିଥିବାବେଳେ ଉତ୍କଳ ଯାଦବ ମହାସଭାର ମହାସଚିବ ତଥା ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ବିଶେଷ ଅତିଥି, ଜିଲା କାର୍ଯ୍ୟକାରୀ ସଭାପତି ଚଞ୍ଚଳନ ସଗରିଆ, ଜ୍ୟୋତିର୍ଣ୍ଣ ବନଛୋର, ଜିଲା ସରପଞ୍ଚ ସଂଘ ସମ୍ପାଦକ ଭରତଲାଲ ରାଉତ, ସନ୍ତୋଷ ନିଆଲ, ଅକ୍ରୁର ନିଆଲ, କୃଷ୍ଣ ଖର୍ସେଲ, ଜିଲା ମହିଳା ସେଲ ସଭାପତି ମମତା ଥପା, ସେଫାଳୀ ସଲମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ଯାଦବ ସମାଜର ବିଭିନ୍ନ ବ୍ଲକର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜର ସଙ୍ଗଠନ ଆଜିକୁ ୨୦ବର୍ଷ ହେବ ଚାଲିଆସିଛି । ଜିଲାର ପ୍ରଥମ ସାମାଜିକ ସରକାରୀ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ଭାବେ ବିଭିନ୍ନ ସମାଜ ସଂସ୍କାର କାମରେ ନିୟୋଜିତ ରହିଆସିଛି । ଜିଲାର ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ତୃଣମୂଳସ୍ତରରେ ସମସ୍ତ ସରକାରୀ ବେସରକାରୀ ସଚେତନତା କାର୍ଯ୍ୟକ୍ରମ କରିଆସୁଛି । ବର୍ତ୍ତମାନ ଆର୍ଥିକ ଏବଂ ରାଜନୈତିକ



ଜିଲା ଯାଦବ ସମାଜର ଜିଲାସ୍ତରୀୟ ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

**କୋମନା ବ୍ଲକର ଗନିଆରୀ**

କ୍ଷେତ୍ରରେ କିପରି ଭଲ ନେତୃବର୍ଗ ଆଗକୁ ଆସି ଜିଲା ଏବଂ ରାଜ୍ୟ ପାଇଁ କାମ କରିବେ ସେଥିପାଇଁ ଯତ୍ନବାନ ହୋଇ କାମ କରୁଛି । ଗଣତାନ୍ତ୍ରୀକ ରାଷ୍ଟ୍ରରେ ଏକ ସୁଦୃଢ ସାମାଜିକ ସଙ୍ଗଠନର ଆବଶ୍ୟକତା ବିଶେଷ ରହିଥିବା ଅତିଥିମାନେ କହିଥିଲେ । କେତେକ ଖଳ ପ୍ରକୃତିର ଲୋକ ଏଭଳି ସାମାଜିକ ସଙ୍ଗଗଠନକୁ ଦୋହଲାଇବାକୁ ଅପଚେଷ୍ଟା କରୁଛନ୍ତି । ଏହାକୁ ସମସ୍ତ ସାମାଜିକ କର୍ମକର୍ତ୍ତା ମର୍ମେମର୍ମେ ବିଚାର କରିବାକୁ ନିବେଦନ କରିଥିଲେ। ଯାଦବ ସମାଜର ସମ୍ବିଧାନ, ଆର୍ଥିକ ଏବଂ ଶିକ୍ଷାର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଜିଲାର ବିଭିନ୍ନପ୍ରାନ୍ତରୁ ଆସିଥିବା କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ପୁଞ୍ଜି, କିଶୋର କଠାର, ଦୟାରାମ ଥପା, ବିରାଟ ବାଗ, ଅଶୋକ ବାଗ, ରାହୁଲ ଯାଦବ ପ୍ରମୁଖ ଯୋଗଦେଇଥିଲେ।

# ନୂଆପଡା କଲେଜରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୨୮।୧**

ନୂଆପଡା ନ୍ୟାଶନାଲ କଲେଜରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂଯୋଜକ ପ୍ରକାଶ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ କଲେଜ ଅଧ୍ୟକ୍ଷ ଡ.ଅଶୋକ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ, ଆଜିର ନାରୀ ଆଉ ଅବଳା ଦୁର୍ବଳା ହୋଇ ରହିନାହିଁ । ବର୍ତ୍ତମାନ ନାରୀ ନିଜର ସୁରକ୍ଷା କରିବାରେ ସକ୍ଷମ ହୋଇପାରୁଛି । ଏଥିସକାଶେ ରାଜ୍ୟ ସରକାର ଆତ୍ମ ସୁରକ୍ଷା ସକାଶେ ବିଭିନ୍ନ ସମୟରେ ତାଲିମ କାର୍ଯ୍ୟକ୍ରମର ବ୍ୟବସ୍ଥା କରୁଛନ୍ତି । ତେଣୁ ସମସ୍ତ ଛାତ୍ରୀ ଆଗକୁ ଆସି ଏହାର ସୁଯୋଗ ନେବା ଦରକାର ବୋଲି କହିଥିଲେ । ଏହିଭଳି ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସୁରେନ୍ଦ୍ର ମୋହନ ଦାସ ଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷିତା ହେବା ସହ ଶାରିରୀକ ଭାବେ ସୁଦୃଢ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହିନ୍ଦି ବିଭାଗ ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ନାୟକ, ସୁକଦେବ ହିଲ, ଯଶୋବନ୍ତ ଭୋଇ, ରବୀନ୍ଦ୍ର ମାଝି, ମମତା ପଟ୍ଟନାୟକ, ଶ୍ୱେତା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରକାଶ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।



ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

ସିଙ୍ଗଝରର ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

# ଇଣ୍ଡିଏନ ବ୍ଲାଷ୍ଟର ଚାମ୍ପିୟନ



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

**ସିନାପାଲି,୨୮।୧(ଡି.ଏନ.ଏ.)**

ନୂଆପଡା ଜିଲା ସିଙ୍ଗଝରଠାରେ ସିଙ୍ଗଝର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଙ୍ଗଝର ଗ୍ରାମର ଯୁବପ୍ରତିଭାମାନଙ୍କ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ୬ଟି ଦଳ ଗଠନ କରାଯାଇଥିଲା । ୬ଟି ଦଳ ମଧ୍ୟରେ ଇଣ୍ଡିଏନ୍ ବ୍ଲାଷ୍ଟର ଓ ଆଜାଦ ରୋୟାଲ୍ସ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା । ଇଣ୍ଡିଏନ ବ୍ଲାଷ୍ଟର ପ୍ରଥମେ ଟସ ଜିଣି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୨ ରନ ସଂଗ୍ରହ କରିଥିଲା । ଜବାବରେ ଆଜାଦ ରୋୟାଲ୍ସ ୮ ଉଇକେଟ ହରାଇ ନିର୍ଦ୍ଧାରିତ ୧୦ ଓଭରରେ ମାତ୍ର ୬୫ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସିଙ୍ଗଝର ସରପଞ୍ଚ ରୀନା ବୈଠାରୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୀଶୁରାମ ବୈଠାରୁ, ସୁରେଶ ମାଝି ସମେତ ଅନେକ ବ୍ୟକ୍ତି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ ଅଫ୍ ଦି ସିରିଜ ଭାବରେ ଲୁଲେନ୍ଦ୍ର ବୈଠାରୁଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବୀଜୟ କୁମାର ସେଠୀ, ହିନ୍ଦୀ ଓ ଓଡିଆରେ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବରେ ଖୁଦିରାମ ବୈଠାରୁ ଦାୟିତ୍ୱ ତୁଲାଇଥିଲେ ।

### ମା' ଗଡ଼ିଆଣି ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସିନାପାଲି,୨୮।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ କାପସି ଫୁଟ୍‌ବଲ୍ କ୍ଲବ୍ ଆନୁକୂଲ୍ୟରେ ସିନାପାଲି କଲେଜ ପଡିଆଠାରେ ସୋମବାର ମା' ଗଡିଆଣି ଫୁଟବଲ୍ ଟର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସିନାପାଲି ଥାନା ଏସ୍‌ଆଇ ଜିତେନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କିଶୋର ମେହେର, ଆୟୁବ ଖାଁ, ନିକୁ ବିହାରୀ ସା, ଦେବେଶ ମେହେର, ଆଲୋକ ମେହେର, ସନ୍ତୋଷ ବାଗ, ଜିତେନ୍ଦ୍ରୀୟ ମେହେର, ଅଜିତ ଯୋଷୀ, ରାହୁଲ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ନୂଆପଡା ଓ କଳାହାଣ୍ଡି ଜିଲାର ୮ଟି ଦଳ ସାମିଲ ହୋଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଖଡିଆଳ ଓ ବଗାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଗାଡ଼ ଦଳ ଖଡ଼ିଆଳ ଦଳକୁ ୩-୦ରେ ହରାଇ ବିଜୟ ହୋଇଛି । ଦେବାଶିଷ ଯୋଷୀ ଖେଳ ପରିଚାଳନା କରିଥିବା ବେଳେ ରିଙ୍କୁ ମାଝି ଓ ଚନ୍ଦ୍ର ମାଝି ଲାଇନ୍‌ମ୍ୟାନ୍ ଦାୟିତ୍ୱ ନିର୍ବାହ କରିଥିଲେ। ଜଗଦୀଶ ନାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ଜଗନ୍ନାଥ ସାଗର, ମନୋଜ ଦାସ ଉପସଭାପତି, ପ୍ରଶାନ୍ତ ଦାସ ସମ୍ପାଦକ, ଡୋଳାମଣି ସାଗର ଯୁଗ୍ମ ସମ୍ପାଦକ, ଡଗର ଲୋହାର କୋଷାଧ୍ୟକ୍ଷ ରହିଛନ୍ତି। ଯତୀନ ଦାସ, ବଳଭଦ୍ର ଚିନ୍ଦା, କ୍ଷେତ୍ର ଚିନ୍ଦା, ସୁମନ୍ତ ଦାସ, ପରମାନନ୍ଦ ରଣା ପ୍ରମୁଖ ସହଯୋଗ କରୁଛନ୍ତି।

ନ୍ୟାଶନାଲ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

# ଖେଳ ଆମକୁ ଦାୟିତ୍ୱ ବୋଧର ଶିକ୍ଷା ଦେଇଥାଏ

**ନୂଆପଡା ଅଫିସ,୨୮।୧**

ବହୁ ପ୍ରାଚୀନ କାଳରୁ ଖେଳ ଆମର ଶିକ୍ଷା ବ୍ୟବସ୍ଥାରେ ଅଭିନ୍ନ ଅଙ୍ଗ ହୋଇ ରହିଛି । ଖେଳର ମହତ୍ୱ ବେଶୀ ରହିଛି । ମହତ୍ୱାକାଂକ୍ଷୀ ହେବା ପାଇଁ ଏହା ଆମକୁ ଶିକ୍ଷା ଦେଇଥାଏ ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ନ୍ୟାସନାଲ କଲେଜର ବାର୍ଷିକ କ୍ରୀଡା ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । କଲେଜର କ୍ରିଡା ଶିକ୍ଷକ ପ୍ରକାଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ରିଡର ସମରେନ୍ଦ୍ର ନାରାୟଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରିଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବାହ୍ନରେ କଲେଜର ଛାତ୍ରମାନେ ଏକ ବିଶାଳ ରାଲିରେ ସ୍ଥାନୀୟ ହନୁମାନ ମନ୍ଦିରଠାରୁ ମଶାଲ ନେଇ ବାହାରିଥିଲେ । ଖେଳ ପଡିଆରେ ମଶାଲ ସ୍ଥାପନ ପୂର୍ବକ ଖେଳ ଆରମ୍ଭ ହୋଇଥିଲା । ଏହିଦିନ ବାଳିକା ଏବଂ ବାଳକ ବିଭାଗରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା । ସନ୍ଧ୍ୟାରେ କଲେଜର ଅଧ୍ୟକ୍ଷ ଡ.ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିବାବେଳେ ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟଅତିଥି, କ୍ରିଡା ସଂସଦ ଉପସଭାପତି ସମରେନ୍ଦ୍ର ନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ କ୍ରିଡାର ମହାତ୍ମ୍ୟ ଉପରେ ମାର୍ଗଦର୍ଶନ କରିଥିଲେ । କ୍ରିଡା ଆମକୁ ଜିଇଁବା ଶିଖାଇଥାଏ। ଏଥିରୁ ସମାଜରେ ଶୃଙ୍ଖଳା ଆସିଥାଏ ବୋଲି କହିଥିଲେ । ଯୁକ୍ତ ତିନିର ବାଳକ ବିଭାଗର ଦିନେଶ କୁମାର ରାଉତ, ବାଳିକା ବିଭାଗର ସୁଭଦ୍ରା ଶବର, ଯୁକ୍ତ ଦୁଇ ବାଳିକା ବିଭାଗର ହେମଲତା ଶବର ଏବଂ ବାଳିକା ବିଭାଗର ଭାଗିରଥୀ ପାଣ୍ଡେ ଚାମ୍ପିୟନ ବିବେଚିତ ହୋଇଥିଲେ । ଏମାନଙ୍କୁ ଅତିଥିମାନେ ପୁରସ୍କୃତ କରି ଉତ୍ସାହିତ କରିଥିଲେ । ସମସ୍ତ ଖେଳକୁ ଶିକ୍ଷକ ପ୍ରକାଶ କୁମାର ସାହୁ ପରିଚାଳନା କରିଥିବାବେଳେ ଅନ୍ୟାନ୍ୟ ଅଧ୍ୟାପକମାନେ ସହଯୋଗ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଶୋର କୁମାର ବାରିକ, ସୁରେନ୍ଦ୍ର ମୋହନ ଦାସ, ଗଜେନ୍ଦ୍ର ନାଏକ, ଭୁବନ ରାମ ଅହୀର, ପ୍ରମୋଦ ରାଉତ, ମୀନାକ୍ଷୀ ଦାସ, ମମତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ଦ୍ୱିତୀୟ ପର୍ଯ୍ୟାୟ କାଳିଆ ଯୋଜନାର ଫର୍ମ ମିଳିଲା ନାହିଁ

# ପଞ୍ଚାୟତବାସୀଙ୍କ ରାସ୍ତାରୋକୋ

**ଜୁନାଗଡ,୨୮।୧(ଡି.ଏନ.ଏ.)**

**ଦାସିଗାଁ ପଞ୍ଚାୟତ**
- ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଦାସିଗାଁ ପଞ୍ଚାୟତରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ କାଳିଆ ଯୋଜନା ଫର୍ମ ନ ମିଳିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ଏହାର ପ୍ରତିବାଦରେ ପଞ୍ଚାୟତବାସୀ ୧୦ଟାରୁ ସାଢେ ୧୨ଟା ଯାଏ ଅଢେଇ ଘଣ୍ଟା ଧରି ଜୁନାଗଡ-କଲମପୁର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ପରେ କୃଷି ବିଭାଗ ପକ୍ଷରୁ ତୁରନ୍ତ ସମସ୍ତଙ୍କୁ ଫର୍ମ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ଶୁକ୍ରବାରଠାରୁ ଲୋକଙ୍କୁ କାଳିଆ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟର ଫର୍ମ ଦିଆଯାଉଛି। ଏହି କ୍ରମରେ ଦାସିଗାଁ ପଞ୍ଚାୟତରେ ଶୁକ୍ରବାର କିଛି ଲୋକଙ୍କୁ ଫର୍ମ ଦିଆଯିବା ପରେ ଅଧାରେ ଫର୍ମ ସରିଯିବାରୁ ଅନେକ ଲୋକ ନିରାଶ ହୋଇ ଘରକୁ ଫେରିଥିଲେ। ସେମାନଙ୍କୁ ଶନିବାର ଫର୍ମ ଦିଆଯିବ ବୋଲି ଭିଏଡବ୍ଲ୍ୟୁ କହିଥିଲେ। ତେବେ ଶନିବାର ଓ ରବିବାର ପଞ୍ଚାୟତ ବନ୍ଦ ରହିବାରୁ ଲୋକଙ୍କୁ ଫର୍ମ ମିଳିପାରି ନ ଥିଲା। ସୋମବାର ଲୋକମାନେ ପଞ୍ଚାୟତକୁ ଆସି କାଳିଆ ଯୋଜନାର ଫର୍ମ ମାଗିବାରୁ ଉପସ୍ଥିତ ଭିଏଡବ୍ଲ୍ୟୁ ଫର୍ମ ଦେଇ ନ ଥିଲେ। ଏହାକୁ ନେଇ ଉତ୍ୟକ୍ତ ଲୋକେ ପଞ୍ଚାୟତ ସମ୍ମୁଖରେ ଅଢେଇ ଘଣ୍ଟା ଧରି ଜୁନାଗଡ-କଲମପୁର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଏଥିପାଇଁ ଯାନବାହନ ଚଳାଚଳ ବନ୍ଦ ରହିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କୃଷି ବିଭାଗ ପକ୍ଷରୁ ଘଣ୍ଟାଏ ମଧ୍ୟରେ ସମସ୍ତଙ୍କୁ ଫର୍ମ ଦିଆଯିବ ବୋଲି ପ୍ରତିଶ୍ରୁତି ପରେ ଉତ୍ୟକ୍ତ ଲୋକେ ରାସ୍ତାରୁ ହଟିଥିଲେ। ଏ ନେଇ ଦାସିଗାଁ ପଞ୍ଚାୟତ ଭିଏଡବ୍ଲ୍ୟୁ ବିରଞ୍ଚି ମାଝିଙ୍କୁ ପଚାରିବାରୁ ଫର୍ମ କମ୍ ଆସିଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଲୋକେ ଅଜଥାରେ ରାସ୍ତାରୋକୋ କଲେ ବୋଲି କହିଥିଲେ। ବର୍ତ୍ତମାନ ସମସ୍ତଙ୍କୁ ଫର୍ମ ଜେରକ୍ସ କରି ଦିଆଯିବ ବୋଲି କହିଥିଲେ।



ଦାସିଗାଁ ପଞ୍ଚାୟତବାସୀ ଜୁନାଗଡ-କଲମପୁର ରାଜ୍ୟରାଜପଥକୁ ଅବରୋଧ କରିଛନ୍ତି।

ପ୍ରଧାନ ଶିକ୍ଷକଙ୍କ ବଦଳି, ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବି

# ସ୍କୁଲକୁ ଆସିଲେନି ଛାତ୍ରୀଛାତ୍ର

**ସେରଗଡ଼,୨୮।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବାଲିସିଂଗା ପଞ୍ଚାୟତ ଅନ୍ତର୍ଗତ କନକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିନକୁ ଦିନ ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ଦେଖାଦେଇଛି । ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ହେଁ ତାର କୌଣସି ସୁଫଳ ମିଳି ନାହିଁ । ଏହାକୁ ନେଇ ସୋମବାର ଅଭିଭାବକ ଓ ଗ୍ରାମବାସୀ ନିଜ ପୁଅଝିଅଙ୍କୁ ବିଦ୍ୟାଳୟକୁ ପାଠ ପଢିବାକୁ ଛାଡି ନ ଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବିଦ୍ୟାଳୟରେ ଠିକ ଭାବେ ପାଠପଢା ଯାଉ ନ ଥିବା, ଶିକ୍ଷକମାନେ ନିୟମିତ ବିଦ୍ୟାଳୟକୁ ଆସୁ ନ ଥିବା ବିଦ୍ୟାଳୟରେ ଠିକ୍ ଭାବେ ପାଠପଢା ଯାଉ ନ ଥିବା, ଶିକ୍ଷକମାନେ ନିୟମିତ ବିଦ୍ୟାଳୟକୁ ଆସୁ ନ ଥିବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ଶିକ୍ଷାବିଭାଗ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାଦୀ ଅଭିଯୋଗ କରିଛନ୍ତି । ତାହା ସହିତ ପ୍ରଧାନ ଶିକ୍ଷକଙ୍କୁ ଜଣାଇଲେ ମଧ୍ୟ ସେ ଅଭିଭାବକ ଓ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ବିଜ୍ଞାନ ଶିକ୍ଷକଙ୍କ ଆବଶ୍ୟକତା ଥିବା ନେଇ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖରେ ଦାବି କରି ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇ ନାହିଁ । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୩ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଏଭଳି ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀ ଓ ଅଭିଭାବକ କ୍ଷୋଭ ପ୍ରକାଶ କରିଛନ୍ତି । ଖବର ପାଇ ଘଟଣାସ୍ଥଳରେ ନର୍ଲା ଶିକ୍ଷା ବିଭାଗ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପହଞ୍ଚି ଗ୍ରାମବାସୀ ଓ ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୪ ଦିନ ମଧ୍ୟରେ ବିଜ୍ଞାନ ଶିକ୍ଷକ ପୂରଣ କରାଯିବ ଏବଂ ପ୍ରଧାନଶିକ୍ଷକ ବଦଳି ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି କହିଥିଲେ । କିନ୍ତୁ ଯେଉଁ ଦିନ ପର୍ଯ୍ୟନ୍ତ ଉପରୋକ୍ତ ଦୁଇ ଦାବି ପୂରଣ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ସ୍କୁଲକୁ ପିଲାମାନଙ୍କୁ ଛାଡିବୁ ନାହିଁ ବୋଲି ସ୍କୁଲ କମିଟି ସଭାପତି ବନିତା ମାଝି, ସନାତନ ସାହୁ, ନୃପତି ମାଝି, ସବିତା ପଟ୍ଟନାୟକ, ତରୁଣ ସୁନା, ସୁମିତ୍ରା ସାହୁ, ପୁଷ୍ପାଞ୍ଜଳୀ ସୁନା, ଫଗୁନୁ ମାଝି, ବିଷ୍ଣୁ ମାଝି, ସୁବାଷ ମାଝି, ସତ୍ୟବାଦୀ ମାଝି, ଖିରୋଦିନୀ ଭୋଇ ପ୍ରମୁଖ ଗ୍ରାମବାସୀ ଓ ଅଭିଭାବକ ଚେତାବନୀ ଦେଇଛନ୍ତି ।



ଅଭିଭାବକ ଓ ଗ୍ରାମବାସୀ ନର୍ଲା ଏବିଇଓଙ୍କ ସହ ଆଲୋଚନା କରୁଛନ୍ତି ।



ଜୀବନରେ ଯଦି ସଂଘର୍ଷ ନାହିଁ, ବିପଦକୁ ସମ୍ମୁଖୀନ ହେବାର ସୁଯୋଗ ନାହିଁ, ତେବେ ଜୀବନର ମୂଲ୍ୟ କିଛି ନ ଥାଏ ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ରାଉରକେଲା ଅଫିସ,୨୮।୧- ସେକ୍ଟର-୩ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ ଗତ ୨୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା, ବଣାଇଁ ଶିକ୍ଷାଜିଲାର ଅବସରପ୍ରାପ୍ତ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ନିର୍ବାଚନୀ ସଭାରେ ଜିଲା ସଭାପତି ରୂପେ ସଚ୍ଚିନ୍ଦ୍ର ସ୍ୱାଇଁ ଓ ସମ୍ପାଦକ ରୂପେ ଶରତ ମହାପାତ୍ରଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ବ୍ଲକ ସଭାପତି ଓ ସମ୍ପାଦକ ରୂପେ ରାଉରକେଲା ଆରଏମ୍‌ସି ନିମନ୍ତେ ବାଇଧର ରଥ, ବିଶ୍ରା ବ୍ଲକ ପାଇଁ ବୁଦ୍ଧନାଥ ମୁଣ୍ଡା, ଲାଠିକଟା ବ୍ଲକ ନିମନ୍ତେ ମଙ୍ଗୁଳି ବେହେରା, ନୂଆ ଗାଁ ପ୍ରତିନିଧି ସୁବାସ ପରିଡା, କୁଆଁରମୁଣ୍ଡା ପାଇଁ ସୌକତ ଅଲ୍ଲୀ, ବଣାଇଁ ନିମନ୍ତେ କିଶୋର ଚନ୍ଦ୍ର ବ୍ରହ୍ମ, ଲହୁଣୀପଡା ପାଇଁ ଧରଣୀଧର ମହାନ୍ତ ଓ କୋଇଡା ନିମନ୍ତେ ନବଘନ ଚକ୍ରଙ୍କୁ ସମ୍ପାଦକ ରୂପେ ଚୟନ କରାଯାଇଥିବା ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିରେ କେତେକ ସ୍ଥାନରେ ସଭାପତି ବଦଳରେ ସମ୍ପାଦକ ବଛା ଯାଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଖାଲି ପଦ ପୂରଣ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ବେଦବ୍ୟାସ ଶିବରାତ୍ରୀ ମେଳା ପାଇଁ ପ୍ରସ୍ତୁତି

# ମାର୍ଚ୍ଚ ୪ରୁ ୧୧ ଯାଏ ମେଳା

**ରାଉରକେଲା ଅଫିସ,୨୮।୧**

ଜିଲାପାଳ ସୁରେନ୍ଦ୍ର ମୀନାଙ୍କ ଅଧ୍ୟକ୍ଷତାରେ ବେଦବ୍ୟାସ ମହାଶିବରାତ୍ରି ମେଳା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟବୋର୍ଡ ସଭାପତି ତଥା ଜିଲାପାଳ ମୀନା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପସ୍ଥିତ ଟ୍ରଷ୍ଟ ବୋର୍ଡ ସମ୍ପାଦକ ଅନୁପମ ରାୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମେଳାର ଅବଧିକୁ କମାଇବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ମାର୍ଚ୍ଚ ୪ରୁ ହେବାକୁ ଥିବା ପଶ୍ଚିମ ଓଡିଶାର ଏହି ପ୍ରସିଦ୍ଧ ଐତିହାସିକ ମେଳା ୧୧ ତାରିଖ ଯାଏ ଚାଲିବ । ଏହାର ସୁପରିଚାଳନା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବା ସହ ସିସି ଟିଭି କ୍ୟାମେରା ଖଞ୍ଜାଯିବ। ବ୍ରାହ୍ମଣୀ ସେତୁର ଉଭୟ ପାର୍ଶ୍ୱରେ ସୁରକ୍ଷା କର୍ମୀ ମୁତୟନ କରାଯିବ। ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ନଦୀ ଘାଟ, ମନ୍ଦିର ପାର୍ଶ୍ୱରେ ବ୍ୟାରିକେଟ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀ ଅହୋରାତ୍ର ସଜାଗ ରହିବେ । ବେସାମରିକ ପ୍ରତିରକ୍ଷା ବିଭାଗ ସ୍ୱେଚ୍ଛାସେବୀଙ୍କୁ ମେଳାରେ ମୁତୟନ କରାଯିବ। ବେଦବ୍ୟାସ ମୁଖ୍ୟ ମାର୍ଗ ତଥା ମନ୍ଦିର ଚତୁଃପାର୍ଶ୍ୱରେ ପର୍ଯ୍ୟାପ୍ତ ଆଲୋକୀକରଣ ଓ ପାନୀୟ ଜଳ ଯୋଗାଣ ବ୍ୟାବସ୍ଥାକୁ ବ୍ୟବସ୍ଥିତ କରାଯିବ ବୋଲି କୁହାଯାଇଛି। ଏଥିସହ ପ୍ରାଥମିକ ଚିକିତ୍ସା ନିମନ୍ତେ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ। ଖାଦ୍ୟ ଦୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବ। ଦୋକାନୀଙ୍କ ପାଇଁ ପଞ୍ଜିକରଣ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ମହାନଗର ନିଗମ ଅଧିକାରୀଙ୍କ ମାଧ୍ୟମରେ ଏହା କରାଯାଇ ପାରିବ ବୋଲି କୁହାଯାଇଛି। ଖାଦ୍ୟ ଯାଞ୍ଚ ନିମନ୍ତେ ୨ଜଣ ଖାଦ୍ୟ ନିରୀକ୍ଷକଙ୍କୁ ନିଯୁକ୍ତ କରାଯିବ। ମେଳାକୁ ଅଧିକ ଆକର୍ଷଣୀୟ କରାଯିବା ନିମନ୍ତେ ରାମଦୋଳି, ଚକ୍ରି ଆଦିକୁ ଅନୁମତି ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଏହି ଅବସରରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯିବ। ୨୪ଘଣ୍ଟିଆ ବିଜୁଳି ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯିବାକୁ ପଦକ୍ଷେପ ନିଆଯିବ। ପରବର୍ତ୍ତୀ ସମୟରେ ଏନେଇ ଏକ ସମୀକ୍ଷା ବୈଠକ କରିବାକୁ ଜିଲାପାଳ ମୀନା ଟ୍ରଷ୍ଟବୋର୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ପାନପୋଷ ଏସ୍‌ଡିପିଓ ପଦ୍ମିନୀ ସାହୁ, ଆରଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ, ଜିଲା ଗୋଇନ୍ଦା ବିଭାଗ, ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମକର୍ତ୍ତା, ରାଜଗାଙ୍ଗପୁର ୱେସ୍କୋ ନିର୍ବାହୀ ଯନ୍ତ୍ରୀ, ୱେସ୍କୋ କାଲୁଙ୍ଗା, ଅଗ୍ନିଶମ ସହ ଅଧିକାରୀ, ଗୃହ ଓ ପୂର୍ତ୍ତ ନିର୍ମାଣ ସହକାରୀ ଅଧିକାରୀ, ବେସାମରିକ ପ୍ରତିରକ୍ଷା ବିଭାଗ, ଲାଠିକଟା ତହସିଲର ରାଜସ୍ୱ ଅଧିକାରୀ, ଲୋକସମ୍ପର୍କ ଅଧିକାରୀ, ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀଙ୍କ ଓ ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜିଲାପାଳ ସୁରେନ୍ଦ୍ର ମୀନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକ।

## ବେକାରଙ୍କୁ ନିଯୁକ୍ତି ଦାବି ଜୋରଦାର

# ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

**ରାଉରକେଲା ଅଫିସ,୨୮।୧**

ଦୀର୍ଘ ୧୮ବର୍ଷରୁ ଊର୍ଦ୍ଧ୍ୱ କାଳ ହେବ ବେକାରଙ୍କୁ ନିଯୁକ୍ତି ଦେବାକୁ କହି ରାଜ୍ୟ ଯୁବ ଗୋଷ୍ଠୀଙ୍କୁ ବିଜେଡି ସରକାର ଠକି ଚାଲିଛି। ଏନେଇ ସୋମବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋର୍ଚ୍ଚା ପକ୍ଷରୁ ସୁଶାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶିଳ୍ପନଗରୀ ରାଉରକେଲାରେ ଆରଏସ୍‌ପି ସମେତ ସୁନ୍ଦରଗଡ଼ ଜିଲାରେ ବହୁ ସଂସ୍ଥା ରହିଥିବା ବେଳେ ଏଥିରେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରାଯାଉଛି। ଫଳରେ ଷ୍ଟିଲ ସିଟିର ବେକାର ନିଯୁକ୍ତି ଅଭାବରୁ ହନ୍ତସନ୍ତ ହେଉଛନ୍ତି। ସରକାରଙ୍କ ଚୁକ୍ତି ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ୮୦ ପ୍ରତିଶତ ଯୁବକଙ୍କୁ ନିଯୁକ୍ତି ଦିଆଯିବା କଥା। ଏହାକୁ ଜିଲା ପ୍ରଶାସନ ଖୋଲା ଉଲ୍ଲଂଘନ କରୁଛି। ବିଜେଡି ଶାସନ କାଳରେ ରୋଜଗାର ପାଇଁ ରାଜ୍ୟ ବାହାରକୁ ସୁଅ ଛୁଟୁଛି। ଏହା ସତ୍ତ୍ୱେ ସେହି ଦଳର ନେତା ଆଖି ବୁଜି ବସିଛନ୍ତି ବୋଲି ଉପସ୍ଥିତ ଯୁବ ନେତା ଅଭିଯୋଗ କରିଥିଲେ। ରାଜ୍ୟ ବାହାରୁ ଶହସ୍ରାଧିକ ଶ୍ରମିକ ଆସି ଏଠାରେ କାମ ପାଉଥିବା ବେଳେ ସ୍ଥାନୀୟ ଯୁବକଙ୍କୁ କାମ ନାହିଁ କହି ବସାଇ ଦିଆଯାଇଛି। ଏପରି ଅବସ୍ଥାରେ ବିଜେଡି ନେତା ଚୁପ ବସିଛନ୍ତି। ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତା'ର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ରାଜ୍ୟର ସବୁ ବର୍ଗର ଲୋକେ ଆଜି ଅସୁରକ୍ଷିତ। ସମସ୍ତଙ୍କୁ ଭୁଲାଇ ଭଣ୍ଡାଇ ଲୋଭ ଦେଖାଇ ଠକିବା ଓ ଗାଦି ସୁରକ୍ଷା ନବୀନ ସରକାରଙ୍କ ମୂଳ କାରଣ ପାଲଟିଛି। ବେକାରଙ୍କ ସମ୍ପର୍କରେ କେହି କେବେ ଚିନ୍ତା କରୁ ନାହାଁନ୍ତି। ଫଳରେ ରାଜ୍ୟରେ ଏମାନଙ୍କ ଅବସ୍ଥା ଉତ୍କଟ ହେଲାଣି ବୋଲି କୁହାଯାଇଥିଲା। ଜବାବ ମାଗେ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ବେରୋଜଗାର ପାଇଁ ଏହି ସଂଗ୍ରାମ ଅଭିପ୍ରେତ ବୋଲି କୁହାଯାଇଥିଲା। ଦାବି ହାସଲ ପାଇଁ ଏକ ହୋଇ ସଂଗ୍ରାମ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରୋଶନ ସାହୁ, ଅନୀଲ ମହାନନ୍ଦିଆ, ସୂର୍ଯ୍ୟ ମହାନ୍ତି, ବିକାଶ ସାହୁ, ସୁଶାନ୍ତ ତନ୍ତି, କିଶୋର ତନ୍ତି, ରାଜେଶ ମହାଲି, ଦୀପକ ନାୟକ, ଇନ୍ଦ୍ରଦେବ ସିଂ ଓ ଗୁଲସନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏଡିଏମଙ୍କ ପ୍ରତିନିଧି ତଥା ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇ ଥିଲା।




ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ପୁଅ ସୁନ୍ଦର,**
**ପର ପୁଅ ବାନ୍ଦର ।**

ଗୋରା ହେଉ କି କଳା, ସନ୍ତାନ ଯେମିତି ହେଲେ ବି ପିତାମାତା ପାଇଁ ସୁନ୍ଦର ଲାଗିଥାଏ। ପିଲାର ସୌନ୍ଦର୍ଯ୍ୟ ତା'ର ଶରୀରରେ ନ ଥାଏ, ଥାଏ ପିତାମାତାଙ୍କ ଆଖିରେ। ପିଲା ଯେତେ ଅସୁନ୍ଦର ହେଲେ ବି ବାପାମା'ଙ୍କୁ କେବେ ଅସୁନ୍ଦର ଦେଖାଯାଏ ନାହିଁ। ପର ପିଲା ଅପେକ୍ଷା ନିଜ ପିଲା ବେଶି ସୁନ୍ଦର ଜଣାପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଲୋ ମଉସା ।**
**ଜଡ଼ ପଇସା ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ସବୁକଥାରେ ଅର୍ଥ ବା ପଇସାର ଦରକାର ପଡ଼ିଥାଏ। ପାଖରେ ପଇସା ଥିଲେ ଅସାଧ୍ୟ ସାଧନ କରିହୁଏ। ସମସ୍ତଙ୍କୁ ପଇସାପତ୍ର ଦେଇ ବଶ କରିବା ସହ ନ ହେଉଥିବା କାମ ବି ଅତି ସହଜରେ କରିହୁଏ। ପଇସା ଯୋଗାଡ଼ ହୋଇପାରିଲେ କୌଣସି କାମ ଅଟକି ଯାଇ ନ ଥାଏ। ପଇସା ହିଁ ସବୁରି ମୂଳ ହୋଇଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଇଞ୍ଜିନିୟରିଂ ଛାତ୍ରୀ ବଳାତ୍କାର ଘଟଣା, ଜଣେ ଗିରଫ

# ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ପରେ ଗୁମର ଫିଟିବ

**ରାଉରକେଲା ଅଫିସ,୨୮। ୧**

ଗତ ୬ ତାରିଖରେ ରାଉରକେଲାର ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଚକ୍ରଧରପୁର ନେଇ ଗଣ ବଳାତ୍କାର କରାଯିବା ଅଭିଯୋଗରେ ରେଳବାଇ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି । ତାଙ୍କ ନାଁ ରାମରାଇ ବୋଇତାଇ(୨୦)। ତାଙ୍କ ଘର ଚକ୍ରଧରପୁର ତିଲକୁଟ ମରାଥି ଗାଁରେ । ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନଙ୍କୁ ପୋଲିସ ଖୁବଶୀଘ୍ର ଗିରଫ କରିବ ବୋଲି କହିଛି । ଏନେଇ ସୋମବାର ରାଉରକେଲା ରେଳବାଇ ଏସ୍‌ପି ଏ.ପି.ସ୍ୱାଇଁଙ୍କ ସୂଚନା ଅନୁଯାୟୀ ଗତ ୬ରେ ରାଉରକେଲାର ଇଞ୍ଜିନିୟରିଂ ଛାତ୍ରୀ ଝାରସୁଗୁଡ଼ା ଯିବାକୁ ରାଉରକେଲା ରେଳ ଷ୍ଟେଶନରେ ଛିଡା ହୋଇଥିଲେ। ସେହି ସମୟରେ ଜଣେ ଅଜଣା ଯୁବକ ତାଙ୍କ ନିକଟକୁ ଆସି ଟ୍ରେନ ବାତିଲ ଥିବା କହି ଚକ୍ରଧରପୁର ବାଟେ ଝାରସୁଗୁଡ଼ା ପହଞ୍ଚାଇବାକୁ କହିଥିଲେ। ଯୁବକଙ୍କ ମିଠା କଥାରେ ପଡି ଛାତ୍ରୀ ତାଙ୍କ ସହ ଚକ୍ରଧରପୁର ଯାଇଥିଲେ। ସେଠାରେ ସଂପୃକ୍ତ ଯୁବକ ଛାତ୍ରୀଙ୍କୁ ନିଜ ଘରକୁ ନେଇ ଯିବାକୁ କହି ଏକ ଜନଶୂନ୍ୟ ସ୍ଥାନରେ ବଳାତ୍କାର ଉଦ୍ୟମ କରିଥିଲେ। ସେହି ରାସ୍ତାଦେଇ ଯାଉଥିବା ଅନ୍ୟଜଣେ ଯୁବକ ତାଙ୍କୁ ଉଦ୍ଧାର କରିବା ସହ ସାଇକେଲରେ ଷ୍ଟେଶନ ଛାଡିବାକୁ ଆଣିଥିଲେ। ବାଟରେ ଅନ୍ୟ ୩ ଜଣ ସାଙ୍ଗ ଭେଟ ହେବା ପରେ ସମସ୍ତେ ମିଶି ଯୁବତୀଙ୍କୁ ଏକ ନିଛାଟିଆ ଘରେ ରଖି ଦୁଇ ଦିନ ବଳାତ୍କାର କରିଥିଲେ। କୌଶଳ କ୍ରମେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସେଠୁ ଖସି ଆସିବା ପରେ ରାଉରକେଲା ରେଳବାଇ ଥାନାରେ ଯୁବତୀ ଗତ ୭ ରେ ଏନେଇ ଅଭିଯୋଗ କରିଥିଲେ। ସେବେଠୁ ରାଉରକେଲା ରେଳବାଇ ପୋଲିସ ଘଟଣାର ଛାନଭିନ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯିବା ପରେ ଖୁବ ଶୀଘ୍ର ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟମାନେ ଗିରଫ ହେବେ ବୋଲି ରେଳବାଇ ଏସ୍‌ପି ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କୁ ପୋଲିସ୍ ଦେଖାଉଛି ।

# ହକର୍ସ ଆସୋସିଶନ ପକ୍ଷରୁ ବନ୍ଧୁ ମିଳନ, ଆଲୋଚନା ଚକ୍ର

**ରାଉରକେଲା ଅଫିସ,୨୮। ୧**

ହକର୍ସ ଆସୋସିଏଶନ ପକ୍ଷରୁ ଗତ ୨୭ ତାରିଖରେ ଏକ ବନ୍ଧୁ ମିଳନ ଓ ଆଲୋଚନା ଚକ୍ର ସେକ୍ଟର-୯ ଲୁଗୁନ ପାର୍କରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖବର କାଗଜ ବିକ୍ରେତାଙ୍କ ସାମାଜିକ ସୁରକ୍ଷା ନେଇ ଆଲୋଚନା କରାଯାଇଥିଲା। ଆଲୋଚନାରେ ବିଭିନ୍ନ ଖବରକାଗଜ ସଂସ୍ଥାର ଅଧିକାରୀ ଉପସ୍ଥିତ ଥିଲେ। ରାଉରକେଲା ଖବରକାଗଜ ବିକ୍ରେତାଙ୍କ ନୈତିକ ଦାୟିତ୍ୱ ତଥା ମୂଲ୍ୟବୋଧକୁ ମଞ୍ଚାସୀନ ଅତିଥି ପ୍ରଶଂସା କରିଥିଲେ। ସାମାଜିକ ସୁରକ୍ଷା ବିନା ଜଣେ ଖବର ବିକ୍ରେତାଙ୍କ ସୁସ୍ଥ ତଥା ସହଜ ଜୀବନ କାମନା ବ୍ୟର୍ଥ ବୋଲି ମତ ପ୍ରକାଶ ପାଇଥିଲା। ଖବରକାଗଜର ପାଠକୀୟ ଆବୃତ୍ତି ପଛରେ ହକର୍ସମାନଙ୍କ ଗୁରୁ ଦାୟିତ୍ୱକୁ କେବେ ଅସ୍ୱୀକାର କରାଯାଇ ପାରିବନି ବୋଲି ମତ ପ୍ରକାଶ ପାଇଥିଲା। ସରକାର ହକର୍ସମାନଙ୍କ ମଙ୍ଗଳ ନିମନ୍ତେ ଯୋଜନା କରିବାକୁ ଏହି ଅବସରରେ ଦାବି କରାଯାଇଥିଲା। ସଂଘ ସଭାପତି ବିଷ୍ଣୁ ମହାନ୍ତି ଅତିଥି ପରିଚୟ ପ୍ରଦାନ କରି ଆଲୋଚନାରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସାଧାରଣ ସମ୍ପାଦକ ବିମାନ ମାଇତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୋଚନାରେ ବରିଷ୍ଠ ଆଇନଜୀବି ସୁଜୟ ପାଣି, ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ, ସାହିତ୍ୟିକ ଭୂପେନ ମହାପାତ୍ର, ଆରଡିଏ ଅଧ୍ୟକ୍ଷ ସାରଦା ନାୟକ, ବସନ୍ତ ମଲ୍ଲିକ ଓ ଜାହାଙ୍ଗୀର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ଐତିହ୍ୟ, କଳା, ସଂସ୍କୃତିର ସୁରକ୍ଷା ପାଇଁ ଆହ୍ୱାନ

**ରାଉରକେଲା ଅଫିସ,୨୮। ୧**

ଓଡିଶାର ଗୌରବମୟ ଐତିହ୍ୟ, ପରମ୍ପରା, ସଂସ୍କୃତି, କଳା ଓ ସାହିତ୍ୟର ସୁରକ୍ଷା ନେଇ ସାମାଜିକ ଅନୁଷ୍ଠାନ ସାଥି ପକ୍ଷରୁ ସେକ୍ଟର-୫ ବସ୍ତିଆ ଭବନ ଠାରେ ରବିବାର ଆୟୋଜିତ ଏହାର ୨୦ତମ ବାର୍ଷିକୋତ୍ସବରେ ଆହ୍ୱାନ ଦିଆଯାଇଛି। ଉତ୍ସବରେ ଏକ ସ୍ୱାଭିମାନୀ ଓଡିଶା ଗଠନରେ ସମସ୍ତେ ବ୍ରତୀ ହେବାକୁ ଅତିଥି ପରାମର୍ଶ ଦେଇଥିଲେ। ଓଡିଶାର ପାଚୀନ ଲୋକ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଯୁବ ସମାଜ ଆଗଭର ହେବାକୁ ଅତିଥି ଆହ୍ୱାନ ଦେଇଥିଲେ। ଏହାର ପ୍ରତିଷ୍ଠାତା ସଭାପତି ତଥା ଆଇନଜୀବୀ ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡଃ ପ୍ରଭାତ ମଲିକ, ଓକିଲ ସଂଘ ସଭାପତି ରମେଶ ବଳ, ସାହିତ୍ୟିକ ବିଜୟ ରାୟ, ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695 8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927 7787922501 9319932148
Email id- pmjansamridhi@gmail.com

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443 7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914 9319817746 9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361 7061764396
Bukaro malepur, jamui Bihar-811313

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081 8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୨ ଘଣ୍ଟାରେ, 0% ସୁଧ, 50% ରିହାତି।
08859752212
D-244, Tejendranagar, Zundal, Zundal-382421, Tal./Dist.- Gandhinagar

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



“ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

## ସଂକ୍ଷେପରେ

### ଧରଣୀଧର ସଙ୍ଗୀତ ପରିଷଦର ବାର୍ଷିକ ଉତ୍ସବ

**କୋଲାବିରା,୨୮।୧(ଡି.ଏନ୍.ଏ.)-** ସମାସିଂହାସ୍ଥିତ ଧରଣୀଧର ସଙ୍ଗୀତ ପରିଷଦର ଚତୁର୍ଥ ବାର୍ଷିକ ଉତ୍ସବ ବିଡ଼ି କାରଖାନା ନିକଟ ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପରିଷଦ ସଭାପତି ତୁଳାରାମ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର କୁମାର ମହାନ୍ତି ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସମ୍ପାଦକ ତ୍ରିନାଥ ଗୁଆଲ, ପ୍ରମୋଦ କୁମାର ଦାସ, ସୁଶୀଲ କୁମାର ବାଗ, ଅମୂଲ୍ୟ କୁମାର ଚାନ୍ଦ, ସଚ୍ଚିନ୍ଦ୍ର କୁମାର ପଟେଲ, ମୁଖ୍ୟବକ୍ତା ଭାବେ ଅଧାପକ ରୋହିତ କୁମାର ପଟେଲ ଯୋଗଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ତବଲା ଗୁରୁ, ଚିନ୍ତାମଣି ଗୁରି ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରାଛାତ୍ରଙ୍କ ଦ୍ୱାରା ସ୍ୱର୍ଗତ ଧରଣୀଧର ଚାନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଷଦର ଛାତ୍ରୀଛାତ୍ର ଓ ଗୁରୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପରିଷଦର ସମ୍ପାଦକ ଅତୁଲ୍ୟ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଏଏସ୍‌ବିଏସ୍‌ର ବାର୍ଷିକ ଉତ୍ସବ

**ଝାରସୁଗୁଡ଼ା ଅଫିସ,୨୮।୧-** ଝାରସୁଗୁଡ଼ା ବାଲିଯୋରୀସ୍ଥିତ ଓରାମପଡାରେ ଶନିବାର ଆଦିବାସୀ ସର୍ବାଙ୍ଗୀନ ବିକାଶ ସଙ୍ଗଠନ(ଏଏସ୍‌ବିଏସ୍)ର ବାର୍ଷିକ ଉତ୍ସବ ହୋଇଯାଇଛି। ରୋଶନ ବାରାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମହେନ୍ଦ୍ର ନାଏକ ମୁଖ୍ୟଅତିଥି, ତ୍ରିନାଥ ଗୁଆଲ, ରତ୍ନାକର ପ୍ରଧାନ, ଅନୀତା ଭୋଇ, ବନୱାରୀ ବାରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ପତାକା ଉତ୍ତୋଳନ, ସ୍ୱାଗତ ଭାଷଣ, ବାର୍ଷିକ ବିବରଣୀ ପଠନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରଜନୀ ପ୍ରଧାନ, ସଞ୍ଜିତା ଡନସନା, ସୁଷମା ବାଗ, ଗଙ୍ଗାଧର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ, ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ଭଣ୍ଡାରିପୋଖରୀ, ୨୮।୧ (ଡି.ଏନ.ଏ.):** ଜଣଙ୍କୁ ମାଡ଼ ମାରି ଆହତ କରିବା ଅଭିଯୋଗରେ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ଗ୍ରାମର ଚକ୍ରଧର ଜେନାଙ୍କୁ ମଞ୍ଜୁରିରୋଡ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୬ରେ ଏହି ଗ୍ରାମର ଭଗବାନ ସାହୁଙ୍କ ପାଣି ପମ୍ପକୁ ଗ୍ରାମର ସନାତନ ଜେନା ପୋଖରୀରୁ ପାଣି ବୋହୁଥିଲେ। ଗ୍ରାମର ବଳରାମ ଜେନା ଓ ଚକ୍ରଧର ଏହାକୁ ବିରୋଧ କରିଥିଲେ। ସେମାନଙ୍କ ଆକ୍ରମଣରେ ଭଗବାନ ଆହତ ହୋଇଥିଲେ। ଭଗବାନଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ.୧୦/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

# ସମାସିଂହା ମକରଯାତ୍ରା ଉଦ୍‌ଯାପିତ

**କୋଲାବିରା,୨୮।୧(ଡି.ଏନ୍.ଏ.)**

କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତରେ ଦୀର୍ଘ ୪୭ ବର୍ଷ ଧରି ମକର ଉତ୍ସବ ଓ ହରିହର ଭେଟ ହୋଇ ଆସୁଛି। ପ୍ରତିବର୍ଷ ଜାନୁୟାରୀ ୨୬ ତାରିଖରେ ଆୟୋଜିତ ହୋଇ ଆସୁଥିବା ଏହି ଯାତ୍ରା ଅବସରରେ ପରସ୍ପରକୁ ମକର ଚାଉଳ ଖୁଆଇ ସମବୟସ୍କମାନେ ମକର ବସନ୍ତି। ଗ୍ରାମ୍ୟଯାତ୍ରା କମିଟି ଦ୍ୱାରା ଆୟୋଜିତ ଏହି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗୌରୀଶଙ୍କର ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ ଭକ୍ତଙ୍କୁ ଗୋଟିଏ ରଥରେ ଦର୍ଶନ ଦେଇଥିଲେ। ଶ୍ରୀଜଗନ୍ନାଥଙ୍କୁ ମନ୍ଦିରରୁ ବାହାର କରି ବେଢା ପରିକ୍ରମା କରାଯାଇଥିଲା। ପରେ ବିଧି ଅନୁଯାୟୀ ରଥାରୂଢ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ସହ ବଳଭଦ୍ର ଓ ଦେବୀ ସୁଭଦ୍ରା ମଧ୍ୟ ରଥାରୂଢ ହୋଇଥିଲେ। ବିପରୀତ ଦିଗରୁ ଗୌରୀଶଙ୍କର ମନ୍ଦିରରୁ ହରଙ୍କ ପ୍ରତିମାକୁ ରଥରେ ଅଣାଯାଇଥିଲା । ସେଠାରେ ହରି-ହରଙ୍କ ଭେଟ ହୋଇଥିଲା। ଯାତ୍ରା କମିଟି ପକ୍ଷରୁ ହରିଙ୍କୁ ତୁଳସୀମାଳ,ଗାମୁଛା ଅର୍ପଣ କରାଯାଇଥିଲା। ଏହାପରେ ପୋଡପିଠା ଓ ମକର ଚାଉଳ ଲାଗି କରାଯାଇଥିଲା। ମକର ଯାତ୍ରା ଉପଲକ୍ଷେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ, ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀମାନେ ନିଜର ଦୋକାନ ଖୋଲିଥିଲେ । ଶ୍ରଦ୍ଧାଳୁମାନେ ହରିହରଙ୍କ ଭେଟ ଦର୍ଶନ ସହିତ ମେଳା ବୁଲିବାର ମଜା ଉଠାଇଥିଲେ। ଅପରାହ୍ନରେ ହରଙ୍କୁ ନେଇ ରଥ ମନ୍ଦିରକୁ ବାହୁଡି ଥିଲା। ଦୁଇଦିନ ଧରି ଚାଲିଥିବା ଏହ ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି । ଗ୍ରାମ୍ୟ କମିଟି ପକ୍ଷରୁ ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ନବ ନିର୍ମିତ ମାଉସୀ ମା'ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏଥିପାଇଁ କଳସ ଶୋଭାଯାତ୍ରା ଓ ଯଜ୍ଞାଦି ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ଏବଂ ପ୍ରଗତି ସଂଘର ମିଳିତ ସହଯୋଗରେ ମକର ମେଳା ପରିଚାଳିତ ହୋଇଥିଲା। ପୂର୍ବତନ ବାଚସ୍ପତି ତଥା ଝାରସୁଗୁଡ଼ା ଜିଲା ବିଜୁ ଜନତା ଦଳ ସଭାପତି କିଶୋର କୁମାର ମହାନ୍ତି ଏବଂ ଝାରସୁଗୁଡା ବିଧାୟକ ନବ କିଶୋର ଦାସ ଏହି ଉତ୍ସବରେ ଯୋଗଦେଇଥିଲେ।

**୪୭ ବର୍ଷର ପରମ୍ପରା**

- ହରିହରଙ୍କ ଭେଟ ଦର୍ଶନ କଲେ ଶ୍ରଦ୍ଧାଳୁ
- ମକର ଚାଉଳ ଖାଇଲେ, ମକର ବସିଲେ
- ମେଳାର ମଜା ଉଠାଇଲେ

**ମକର ଚାଉଳ ଭୋଗ**

ମକର ସଂକ୍ରାନ୍ତି ବେଳକୁ ଖରିଫ ଧାନ ଓ ଆଖୁ ଆଦି ନୂଆ ଫସଲ ଅମଳ ସରିଥାଏ। ଏଥିପାଇଁ କୃଷିଜୀବୀ ପରିବାର ସଦସ୍ୟମାନେ ଖୁବ୍ ଆନନ୍ଦରେ ମକର ପର୍ବ ପାଳନ କରିଥାନ୍ତି । ୭ରୁ ଅଧିକ ଦିନ ଧରି ଏହି ପର୍ବ ପାଳନ କରାଯାଇଥାଏ। ଏହି ପର୍ବ ଅବସରରେ ଅରୁଆ ଚାଉଳ, ନୂଆ ଗୁଡ, ଛେନା, ନଡିଆ,କଦଳୀ , ଘିଅ ଓ କ୍ଷୀର ଇତ୍ୟାଦିକୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ । ଯାହାକୁ 'ମକର ଚାଉଳ'ବୋଲି କୁହାଯାଏ। ଏହି ଭୋଗକୁ ଦେବଦେବୀଙ୍କୁ ଅର୍ପଣ କରାଯାଇଥାଏ । ଏହାପରେ ସେହି ଭୋଗ ସମଗ୍ର ପରିବାର ସଦସ୍ୟ ଓ ପଡୋଶୀଙ୍କୁ ଆନନ୍ଦରେ ବଣ୍ଟନ କରାଯାଇଥାଏ।



ମକର ଯାତ୍ରା ଅବସରରେ ହରିହରଙ୍କ ଭେଟ କରାଯାଉଛି।

### ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

**ଲେଫ୍ରିପଡ଼ା,୨୮।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଏସ୍‌ଆର୍‌ଡିଏମ୍‌ଏନ୍ ମହାବିଦ୍ୟାଳୟରେ ସୋମବାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। କଲେଜ ଅଧକ୍ଷ ଦେବେନ୍ଦ୍ର ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅଧାପକ ଡ. ଭଗବାନ ପଟେଲ ଯୋଗଦେଇ ବର୍ତ୍ତମାନର ସାମାଜିକ ଜୀବନଯାପନ ପ୍ରଣାଳୀରେ ଆତ୍ମରକ୍ଷା କୌଶଳ ଜାଣିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଛାତ୍ରୀମାନେ ପ୍ରଶିକ୍ଷକଙ୍କଠାରୁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷା କରି ନିଜ ଅଞ୍ଚଳରେ ଏହାର ପ୍ରଚାର ପ୍ରସାର କରିବାକୁ ସେ ପରାମର୍ଶ ଦେଇଥିଲେ। ଶିବିର ସଂଯୋଜକ ଅଧାପକ ଦିଲୀପ କୁମାର ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ସକୁନ୍ତଳା ମିଶ୍ର, ଅଧାପକ ସୂର୍ଯ୍ୟକାନ୍ତ ବେହେରା, ରଞ୍ଜନ ସାମନ୍ତରାୟଙ୍କ ସମେତ କଲେଜ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶିକ୍ଷିକା ଭାବେ ନୀତା ଧାରୁଆ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରୁଛନ୍ତି। ଶିବିର ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ।



ବିଡିଓଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

**ବସ୍ କର୍ମଚାରୀଙ୍କ ଅବହେଳା**

## କାଳିଆ ସମାବେଶରେ ଯୋଗ ଦେଇପାରିଲେ ନାହିଁ ଚାଷୀ

**କିର୍ମିରା, ୨୮।୧ (ଡି.ଏନ.ଏ.)**

ଚାଷୀଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପୁରୀରୁ କାଳିଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାର ଲୋକାର୍ପଣ ଅବସରରେ ପୁରୀରେ ଏକ ବିରାଟ ଚାଷୀ ସମାବେଶର ଆୟୋଜନ କରାଯାଇଥିଲା । ଏଥିପାଇଁ ରାଜ୍ୟର କୋଣ ଅଣୁକୋଣରୁ ଚାଷୀଙ୍କୁ ସମାବେଶକୁ ଡକାଯାଇଥିଲା । ବସ୍ ଯୋଗେ ଚାଷୀଙ୍କୁ ସଭାସ୍ଥଳକୁ ନିଆଯାଇଥିବା ବେଳେ ବସ୍ କର୍ମଚାରୀଙ୍କ ଅବହେଳା ଯୋଗୁ କିର୍ମିରା ଅଞ୍ଚଳର ଚାଷୀ ଠିକ୍ ସମୟରେ ସଭାସ୍ଥଳରେ ପହଞ୍ଚି ପାରି ନ ଥିବା ଚାଷୀ କିର୍ମିରା ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କିର୍ମିରାରୁ ୫ଟି ବସ୍ ଯୋଗେ ଚାଷୀମାନେ ପୁରୀକୁ ଯାଇଥିଲେ । ହେଲେ କେହି ବି ଜଣେ ସଭାସ୍ଥଳରେ ପହଞ୍ଚି ପାରି ନ ଥିଲେ । ବସ୍ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ବସ୍ ଅଟକାଇ ରଖୁଥିଲେ । ଫଳରେ ପୁରୀରେ ବସ୍ ଦିନ ୧୨ଟାରେ ପହଞ୍ଚି ଥିଲା । ସେହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଭା ଶେଷ ହୋଇଯାଇଥିଲା ବୋଲି ଚାଷୀମାନେ କହିଛନ୍ତି। ଏହାପରେ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଚାଷୀ ମନସ୍ଥ କରିଥିଲେ ମଧ ରାସ୍ତାଜାମ ଯୋଗୁ ତାହା ମଧ ସମ୍ଭବ ହୋଇପାରି ନ ଥିଲା । ଅନ୍ୟପକ୍ଷେ ଚାଷୀଙ୍କୁ ନେଇ ଯାଇଥିବା ବସ୍ ଅର୍ଡା ଏବଂ ପାନପାଲି ଅଞ୍ଚଳର ଚାଷୀଙ୍କୁ ସେଠାରେ ଛାଡି ଚାଲିଯାଇଥିଲା। ଏହାପରେ ବିଡିଓ ବ୍ଲକ ଗାଡିରେ ଚାଷୀଙ୍କୁ ତାଙ୍କ ଘରକୁ ପଠାଇବା ବ୍ୟବସ୍ଥା କରିଥିଲେ । ଏଥିପାଇଁ ବସ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀମାନେ ଦାବି କରିଛନ୍ତି ।

### ଡିଜିଟାଲ ଶିକ୍ଷା ସଚେତନତା ଶିବିର

**ବିଶ୍ରା,୨୮।୧(ଡି.ଏନ୍.ଏ.):** ସ୍ଥାନୀୟ ଟୁସୁ ଭବନଠାରେ ଭାରତ ସରକାରଙ୍କ ଅନୁସୂଚିତ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଜାତୀୟ ଜନଜାତି ଅର୍ଥ ଓ ବିକାଶ ନିଗମ ଆନୁକୂଲ୍ୟରେ ଡିଜିଟାଲ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ ସ୍ୱପ୍ନକୁ ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ବ୍ଲକରେ ସାକାର କରିବା ପାଇଁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଚେଷ୍ଟା ଜାରି ରଖିଛନ୍ତି। ଓରାମଙ୍କ ଉଦ୍ୟମରେ ସୁନ୍ଦରଗଡ଼ରେ ଗତ ୨୧ ତାରିଖରୁ ଡିଜିଟାଲ ଶିକ୍ଷା ସଚେତନତା ଶିବିର ଆରମ୍ଭ ହୋଇଥିଲା। ଏଥିରେ ଅଭିଜ୍ଞ ଶିକ୍ଷକମାନେ ଡିଜିଟାଲ ଶିକ୍ଷା ପ୍ରଦାନ କରିଥିଲେ। ଡିଜି ଲକର୍, ଭୀମ ଆପ୍, ଉମଙ୍ଗ, ମାଇଁ ଗଭର୍ନମେଣ୍ଟ, ଇ-ମେଲ୍, ସୋସିଆଲ ମିଡିଆ, ନେଟ୍ ବ୍ୟାଙ୍କିଙ୍ଗ ଆଦିର ବ୍ୟବହାର କିପରି କରାଯାଏ ସେ ନେଇ ତାଲିମ ଦିଆଯାଇଥିଲା। ଆଦିବାସୀ ଅଞ୍ଚଳର ଲୋକେ ଏହି ଆପ୍ ବ୍ୟବହାର କରି ଫାଇଦା ନେବାକୁ ଶିବିରରେ ପରାମର୍ଶ ଦିଆଯାଉଛି। ଶିବିରରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ବିଭିନ୍ନ ସଂଗଠନର ଯୁବତୀ ଯୁବକ, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ।

## ମୋରମ ଚୋରାଚାଲାଣ, ବିପୁଳ ରାଜସ୍ୱହାନି

**କୋଲାବିରା,୨୮।୧(ଡି.ଏନ୍.ଏ.)**

କୋଲାବିରା ରାଜସ୍ୱ କ୍ଷେତ୍ରରେ ବିପୁଳ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ହେଉଛି। ମୁଖ୍ୟ ରାସ୍ତା କଡ଼ରୁ ଶହଶହ ଟ୍ରିପ୍ ମୋରମ ଚୋରି ହେଉଥିଲେ ମଧ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଛୁଟିଦିନ ହେଉ କିମ୍ବା ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ମେଶିନ ଲଗାଇ ବ୍ୟବସାୟୀମାନେ ମୋରମ ଖୋଳି ନେଉଛନ୍ତି। ଫଳରେ ସରକାରଙ୍କ ବିପୁଳ ରାଜସ୍ୱହାନି ହେଉଛି। କୋଲାବିରା ତହସିଲ ଅନ୍ତର୍ଗତ ଝିଲ୍ଲାପାଲି ରାଜସ୍ୱ ସର୍କଲ ଡେଙ୍ଗାବର ନିକଟରେ ଏପରି ଘଟଣା ନିୟମିତ ଦେଖିବାକୁ ମିଳୁଛି। ଗତ ଶୁକ୍ରବାର ପୂର୍ବାହ୍ନରେ ଡେଙ୍ଗାବର ନିକଟ ନାରାୟଣୀ ସ୍କୁଲ ନିକଟରୁ ମେଶିନ ଲଗାଇ ବ୍ୟବସାୟୀମାନେ ମୋରମ ଚୋରି କରୁଥିବା ଖବର ପାଇ ବନ ବିଭାଗ ଅଧିକାରୀ ପହଞ୍ଚି ସେମାନଙ୍କୁ ରୋକିଥିଲେ। ପରେ ଝିଲ୍ଲାପାଲି ରାଜସ୍ୱ ନିରୀକ୍ଷକ ସୁନୀତା ବେହେରା ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ଜେସିବି ମେଶିନ ଏବଂ ୨ଟି ଟ୍ରାକ୍ଟର ଜବତ କରିଥିଲେ। ସରକାରୀ ଜମିରୁ ବେଆଇନ ଭାବେ ମୋରମ ଖନନ ଅଭିଯୋଗରେ ୮ହଜାର ଟଙ୍କା ଜରିମାନା କରାଯାଇଥିଲା। ତେବେ ମାସାଧିକ କାଳ ପର୍ଯ୍ୟନ୍ତ ବିପୁଳ ପରିମାଣ ମୋରମ ଚୋରି ହୋଇଥିଲେ ମଧ ମାତ୍ର ୮ ହଜାର ଟଙ୍କା ଜରିମାନା ଅସୁଲ କରାଯାଇଥିବାରୁ ବ୍ୟବସାୟୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଡେଙ୍ଗାବର ଛକଠାରୁ ମାଳିଡିହି ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପିଏମ୍‌ଜିଏସ୍‌ୱାଇ ରାସ୍ତାରେ ଏହି ମୋରମ ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ବିଭାଗୀୟ ଅନୁମତି ବିନା ଏତେ ପରିମାଣର ମୋରମ ପରିବହନ କରାଯାଇଥିଲେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ତହସିଲଦାର ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ଡୁଡୁକାବାହାଲ ଚାମ୍ପିୟନ

**ଲଖନପୁର,୨୮।୧(ଡି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ପିପିଲିକାନୀ ପଞ୍ଚାୟତ ଭେଜିକୁଦ ଗ୍ରାମ ଖେଳପଡିଆରେ ଏମ୍‌ଜି କ୍ଲବ୍ ତରଫରୁ ୩୦ତମ ୨ ଦିନିଆ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସମୁଦାୟ ୧୬ଦଳ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ବେଜିବନ୍ଧ ଓ ସୁନ୍ଦରଗଡ଼ ଡୁଡୁକାବାହାଲ ଦଳ ଫାଇନାଲ୍‌କୁ ପ୍ରବେଶ କରିଥିଲେ । ଉଭୟ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ବେଜିବନ୍ଧ ଦଳକୁ ୧-୦ଗୋଲ୍‌ରେ ହରାଇ ଡୁଡୁକାବାହାଲ ଚାମ୍ପିୟନ ହୋଇଛି । ଏହି ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ ରେଫରୀ ଟାର୍ଜନ ବିଶ୍ୱାଳ, କ୍ଷମାଶୀଳ କିଷାନ, ଦୂର୍ଯ୍ୟୋଧନ ପାତ୍ର, ଭାନୁକିଷାନ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅନୁପ ସାଏ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଟିକେଶ୍ୱର ସେନାପତି, ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ନାୟକ, ସମିତିସଭ୍ୟା କୁମୁଦିନୀ ମିର୍ଦ୍ଧା,ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗ୍ରାମର ବରିଷ୍ଠ ନାଗରିକ ଫକୀର ମୋହନ ସାହୁଙ୍କ ସଭାପତିରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଜେତା ଡୁଡୁକାବାହାଲ ଦଳକୁ ଚାମ୍ପିୟନ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ବେଜିବନ୍ଧ ଦଳକୁ ରନର୍ସ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା। ସେହିଭଳି ଟୁର୍ନାମେଣ୍ଟରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିବା କୃତି ଖେଳାଳୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥିରେ ଆୟୋଜକ ଏମ୍‌ଜି କ୍ଲବ୍‌ର କର୍ମକର୍ତ୍ତାଙ୍କ ମଧ୍ୟରେ ହୃଷୀକେଶ ମରାଇ,ଅଜୟ ବଗର୍ତି,ସୁଶା' ସାହୁ,ମହେନ୍ଦ୍ର ସାହୁ,ସୁଶାନ୍ତ ବାରିକ,ମିଥୁନ କିଷାନ,ପ୍ରେମାନନ୍ଦ ସାହୁ ଓ ଉମେଶ କିଷାନ ପ୍ରମୁଖ ସହଯୋଗ କରିଥିଲେ ।



ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ।



ପିଠା କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରେଷ୍ଠ ପଞ୍ଚାୟତ ଭାବେ ଅର୍ଡାକୁ ପୁରସ୍କୃତ କରାଯାଉଛି।

## ପିଠା କାର୍ଯ୍ୟକ୍ରମ ପରିଚାଳନାରେ ଅର୍ଡା ଶ୍ରେଷ୍ଠ ପଞ୍ଚାୟତ

**କିର୍ମିରା,୨୮।୧(ଡି.ଏନ୍.ଏ.)**

'ପିଠା' କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛନ୍ତି। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଦୁଇଟି ପର୍ଯ୍ୟାୟରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରକାର ପୂର୍ବରୁ ପ୍ରତ୍ୟେକ ବ୍ଲକର ଗୋଟିଏ ପଞ୍ଚାୟତକୁ ଶ୍ରେଷ୍ଠ ପିଠା କାର୍ଯ୍ୟକ୍ରମ ସଞ୍ଚାଳକ ଭାବେ ପୁରସ୍କୃତ କରାଯିବ ବୋଲି ଘୋଷଣା କରିଥିଲେ। କିର୍ମିରା ବ୍ଲକର ଅର୍ଡା ପଞ୍ଚାୟତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରେଷ୍ଠ ବିବେଚିତ ହୋଇଛି। ଜାନୁୟାରୀ ୨୬ ତାରିଖ ଜିଲାସ୍ତରୀୟ ଗଣତନ୍ତ୍ର ଦିବସ ଅବସରରେ ଜିଲାପାଳ ଏହି ପଞ୍ଚାୟତକୁ ପୁରସ୍କାର ସ୍ୱରୂପ ୫ଲକ୍ଷ ଟଙ୍କାର ଚେକ୍ ଓ ମାନପତ୍ର ପ୍ରଦାନ କରିଛନ୍ତି। ଅର୍ଡା ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ ଓ ପିଇଓ ଗୋପାଳ ଜୟପୁରିଆ ଜିଲାପାଳ ବିଭୂତିଭୂଷଣ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ

**ବେଲପାହାଡ଼,୨୮।୧(ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଇଂଲିଶ ମିଡ଼ିୟମ ବିଦ୍ୟାଳୟର ୩୭ ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜର ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ସଭାପତି ହ୍ରିଦେଶ ସେହଗଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷା ରମା କାର୍ତ୍ତିକ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ସମ୍ପାଦକ ଶୁଭାଶିଷ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଭାରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଇ ବିଦ୍ୟାଳୟର ଅଧିକ ଉନ୍ନତି ତଥା ଭିତ୍ତିଭୂମି ବିକାଶ ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଶିକ୍ଷାକ୍ଷେତ୍ରରେ ଉତ୍ତମ ପାରିଦର୍ଶିତା ଲାଭ କରିଥିବା ଛାତ୍ରୀ ପ୍ରାଚୀ ଭୋଇଙ୍କୁ ଟିଆର୍‌ଏଲ କ୍ରୋସାକି ଆକ୍ସିଲେନ୍ସ ଟ୍ରଫି ପ୍ରଦାନ କରିଥିଲେ । ଏଥିସହିତ ଖେଳକୁଦ ପାଇଁ ନୀତି ଗୁପ୍ତା ଓ ସ୍ୱାଗତ ପୂଜାରୀଙ୍କୁ ବିଦ୍ୟାଳୟ ଆକ୍ସିଲେନ୍ସ ଟ୍ରଫି ଏବଂ ଉତ୍ତମ ଶିକ୍ଷାଦାନ ପାଇଁ ଶିକ୍ଷୟିତ୍ରୀ ସୁନିତା ଶର୍ମାଙ୍କୁ ଗୀତା କାମଥ ପୁରସ୍କାର ପ୍ରଦାନ କରିଥିଲେ । ଏମାନଙ୍କ ବ୍ୟତୀତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ଗଣେଶ ଆରଧାନା,ଆମେ ପଢିବୁ ଆମେ ଗଢିବୁ ଆଉ ଶ୍ରେଷ୍ଠ ହେବୁ, ସାହାରା ଟୁ ସାଙ୍ଘାଇ, ନାରଦ୍‌କି ସୱାରି ଦୁନିଆକି ଗଲି ଆଦି ନୃତ୍ୟ,ସଙ୍ଗୀତ ଓ କ୍ଷୁଦ୍ର ଗୀତି ନାଟିକା ଆଦି ପରିବେଷଣ କରିଥିଲେ।




ବାର୍ଷିକ ଉତ୍ସବ ଅବସରରେ ଛାତ୍ରୀଛାତ୍ର ଗୀତିନାଟିକା 'ସାହାରା ଟୁ ସାଙ୍ଘାଇ' ପରିବେଷଣ କରୁଛନ୍ତି।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ବାଲିଶଙ୍କରା,୨୮।୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ ତ୍ରିବେଣୀ ମାଝି, ଏସ୍‌ପି ସୌମ୍ୟା ମିଶ୍ର, ଏସ୍‌ଡିଏମ୍‌ଓ ଦିଲୀପ ଷଡ଼ଙ୍ଗୀ, ତହସିଲଦାର ବାସନ୍ତୀ ଲାକ୍ରା, ଡିପିଓ ଶୁଭ ସିଂହ, ବିଡିଓ ଅଭିମନ୍ୟୁ ବେହେରା ଯୋଗଦେଇ ୬୩ ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ଏସିପି ମନୋଜ କୁମାର ଦାସ, ସ୍ୱଚ୍ଛତା ଅଭିଯାନର ବ୍ଲକ ସଂଯୋଜକ ଦୀପ୍ତିରଞ୍ଜନ ପଟେଲ, ବୈକୁଣ୍ଠ ବନଛୋର, ଜ୍ଞାନରଞ୍ଜନ ଦାସ, ଦଶରଥ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ଦୋକାନରୁ ଚୋରି

**ବଡ଼ଗାଁ,୨୮।୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବସଷ୍ଟାଣ୍ଡରେ ଥିବା ଏକ ହାର୍ଡୱେର ଦୋକାନରୁ ସୋମବାର ଅପରାହ୍ନ ସାଢେ ଗୋଟାଏରେ ଚୋରି ହୋଇଛି। ତେବେ ଚୋରଙ୍କ ସମସ୍ତ କାର୍ଯ୍ୟକଳାପ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏ ସମ୍ପର୍କରେ ଦୋକାନ ମାଲିକ ଶୀତଲ ଅଗ୍ରୱାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସିସି କ୍ୟାମେରାରେ କଏଦ ହୋଇଥିବା ଦୃଶ୍ୟରେ ଜଣେ ସ୍ଥାନୀୟ ଦୋକାନୀଙ୍କୁ ଦେଖାଯାଇଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ମଧ ଶୀତଲଙ୍କ ଦୋକାନରୁ ଚୋରି ହୋଇଥିଲା। ସେତେବେଳେ ମଧ ଶୀତଲ ଥାନାରେ ଅଭିଯୋଗ କରିଥିଲେ। ପରେ ଦୋକାନରେ ସିସିଟିଭି କ୍ୟାମେରା ଲଗାଇଥିଲେ।

# ଭାଜପା ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ

**ସୁନ୍ଦରଗଡ଼,୨୮।୧ (ଡି.ଏନ୍.ଏ.)**

ବେକାରୀ ସମସ୍ୟା ପ୍ରତିବାଦରେ ସୁନ୍ଦରଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଯୁବମୋର୍ଚ୍ଚା ସଭାପତି ଆଶିଷ ପଟେଲଙ୍କ ତତ୍ତ୍ୱାବଧାନରେ ଏକ ବିରାଟ ଶୋଭାଯାତ୍ରା ଏନ୍‌କେକେଠାରୁ ବାହାରି ହସ୍ପିଟାଲ ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଦୀର୍ଘ ୧୯ ବର୍ଷ ବିଜେଡି ସରକାର ସମୟରେ ଜିଲା ନିୟୋଜନ କାର୍ଯ୍ୟାଳୟରେ ୩୩ ଲକ୍ଷ ଯୁବକଯୁବତୀ ନାମ ପଞ୍ଜୀକରଣ କରିଥିବାବେଳେ ମାତ୍ର ୧୧ହଜାର ଯୁବତୀଯୁବକଙ୍କୁ ରୋଜଗାର ମିଳିପାରିଛି। ଏହି ବେରୋଜଗାରୀର ଫାଇଦା ନେଇ ଦଲାଲମାନେ ଶିକ୍ଷିତ ଯୁବତୀଯୁବକଙ୍କୁ ଦାଦନ ଖଟିବାକୁ ପଠାଉଥିବା ବେଳେ



ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଛନ୍ତି।

ଏମାନଙ୍କ ମଧ୍ୟରୁ କେତେଜଣ ଚାଲାଣ ମଧ ହୋଇଯାଉଛନ୍ତି ବୋଲି ଯୁବମୋର୍ଚ୍ଚା କର୍ମୀମାନେ ଅଭିଯୋଗ କରିଥିଲେ। ତୁରନ୍ତ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆସନ୍ତା ଫେବୃୟାରୀ ୬ ତାରିଖରେ ୨ଲକ୍ଷ ଯୁବତୀ ଯୁବକଙ୍କୁ ନେଇ ବିଧାନସଭା ଘେରାଉ କରାଯିବ ବୋଲି ଯୁବମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ, ରୂପେଶ ପଟେଲ, ଉପସଭାପତି ଶ୍ରୀକାନ୍ତ ଭଞ୍ଜ, ମଣ୍ଡଳ ସଭାପତି ଅଚ୍ୟୁତ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ସୁଶାନ୍ତ ପଟେଲ, ରିଙ୍କୁ ଦାସ, କୋଦଣ୍ଡଧର ପଟେଲ, ବଷ୍ଟି ରାଉତ, ଗୋପାଳ ବେଦୀ, ଦିଲୀପ ସେନାପତି, ଅନୁଜ ପାତ୍ର, ଇକବାଲ ସିଂ, ବିଶାଳ ସିକଲି, ବରିଷ୍ଠ ଭାଜପା ନେତା ସହଦେବ ଖାଖା, ସିମେଶ୍ୱର ଲରିଆ, ହେମନ୍ତ କିଷାନ, ଶ୍ରୀଧର ସ୍ୱାଇଁ, ଧ୍ରୁବ କାଲୋ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ହିମାଂଶୁ ଶେଖର ଷଡ଼ଙ୍ଗୀ, କାନନବାଳା ବେହେରା, ସଞ୍ଜୁ ନାଏକ, ମୀନା ନାଏକ, ଶ୍ରଦ୍ଧାକର ସାଏନୁଏନ, ସୁରେନ୍ଦ୍ର ଭିତ୍ରିଆ, ଭବାନୀ ଭୋଇ, ଅଜୟ ପଟେଲ ପ୍ରମୁଖ ଯୋଗଦେଇଥିଲେ।

# ବଡ଼ଗାଁ ଅଞ୍ଚଳରେ ଡିଜେଲ ଚୋରି ର୍ୟାକେଟ ପୁଣି ସକ୍ରିୟ

**ବଡ଼ଗାଁ,୨୮।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡ଼ାଲଗାରୁ ଜରଙ୍ଗଲୋଇ ମଧ୍ୟରେ ଥିବା ପେଟ୍ରୋଲ ପମ୍ପ ଓ ନିଛାଟିଆ ସ୍ଥାନରେ ଅଟକି ରହୁଥିବା ଟ୍ରକ୍‌ରୁ ଡିଜେଲ ଓ ଚକ ଚୋରି ଘଟଣା ଗତ ୬ମାସ ହେଲା ବନ୍ଦ ରହିଥିଲା। ତେବେ ଶୁକ୍ରବାର ରାତିରେ ୩ଟି ଟ୍ରକରୁ ଶତାଧିକ ଲିଟର ଡିଜେଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବଡ଼ଗାଁ ଥାନା ପାମରା ଗ୍ରାମର ପୂର୍ଣ୍ଣ ରାଉତଙ୍କୁ ୩ଟି ଟ୍ରକ ଗିରିଅମାଲ ଗାଁ ନିକଟ ରାଜ୍ୟ ୧୦ନଂ ରାଜ୍ୟ ରାଜପଥ ପାର୍ଶ୍ୱ ଏସ୍‌ଆର୍ ପେଟ୍ରୋଲ ପମ୍ପ ନିକଟରେ ଅଟକି ରହିଥିଲା। ବିଳମ୍ବିତ ରାତିରେ ସମସ୍ତ ଟ୍ରକରୁ ଦୁର୍ବୃତ୍ତମାନେ ୩ଶହରୁ ଊର୍ଦ୍ଧ୍ୱ ଲିଟର ଡିଜେଲ ଚୋରାଇ ନେଇଛନ୍ତି। ଏ ସମ୍ପର୍କରେ ପୂର୍ଣ୍ଣ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏକ ଚୋର ଦଳ ୪୦୨ ମିନିଟ୍ରକରେ ଆସି ୫ମାସ ପୂର୍ବେ ତୁଡ଼ାଲଗା, କଣ୍ଟିଆମୁରା ଓ ରାସ୍ତା ପାର୍ଶ୍ୱ ନିଛାଟିଆ ସ୍ଥାନରେ ଅଟକିଥିବା ଟ୍ରକରୁ ଡିଜେଲ ଓ ଚକ ଚୋରି କରି ନେଇଥିଲେ। ଏହି ଚୋର ଦଳ ମୋଟର ପମ୍ପ ସାହାଯ୍ୟରେ ଖୁବ୍ କମ୍ ସମୟ ମଧ୍ୟରେ ଡିଜେଲ କାଢ଼ି ୪୦୨ ମିନିଟ୍ରକରେ ରଖାଯାଇଥିବା ବଡ଼ ଡ୍ରମ୍‌ରେ ଭର୍ତ୍ତି କରି ଚମ୍ପଟ ମାରୁଥିବା ସେତେବେଳେ ଜଣାପଡ଼ିଥିଲା। ଏପରି କି ଚୋର ଦଳ ଚୋରି କରୁଥିବାର ସିସିଟିଭି ଫୁଟେଜ ମଧ ସେ ସମୟରେ ପେଟ୍ରୋଲ ପମ୍ପ ମାଲିକ ଥାନା ଅଧିକାରୀଙ୍କୁ ଦେଇଥିଲେ। ହେଲେ ପୋଲିସ ଆଜିପର୍ଯ୍ୟନ୍ତ ଚୋର ଦଳକୁ ଧରିବାରେ ସଫଳ ହୋଇନାହିଁ। କିଛିମାସ ବ୍ୟବଧାନରେ ଡିଜେଲ ଚୋର ର୍ୟାକେଟ ପୁଣି ସକ୍ରିୟ ହୋଇଥିବାରୁ ପୋଲିସ ପଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି।

# ପଞ୍ଚାୟତକୁ ମଦମୁକ୍ତ କରିବାକୁ ପୋଲିସକୁ ଅନୁରୋଧ

**ବଡଗାଁ,୨୮।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡଜମରା ପଞ୍ଚାୟତ ଅଞ୍ଚଳକୁ ମଦମୁକ୍ତ କରିବା ପାଇଁ ମହିଳାମାନେ ଉଦ୍ୟମ ଜାରି ରଖିଛନ୍ତି। ରବିବାର ମହିଳା ଗୋଷ୍ଠୀ ବଡ଼ଗାଁ ଥାନା ଦ୍ୱାରସ୍ଥ ହୋଇ ପଞ୍ଚାୟତରେ ମଦବିକ୍ରି ବନ୍ଦ କରାଇବାକୁ ପୋଲିସକୁ ଅନୁରୋଧ କରିଛନ୍ତି। ଅଞ୍ଚଳର ଏସ୍‌ଏଚ୍‌ଜି ସଭ୍ୟାମାନେ ମଦ ବିକ୍ରେତାଙ୍କୁ ବାରମ୍ବାର ତାଗିଦ କରିବା ସତ୍ତ୍ୱେ ସେମାନେ ଧମକ ଚମକ ଦେଇ ଆସୁଛନ୍ତି। ଦାଣ୍ଡଜମରା ସରପଞ୍ଚ ସରିତା ଲାକ୍ରା, ସମିତିସଭ୍ୟା ମନ୍ଦାକିନୀ ହାହାଙ୍କ ନେତୃତ୍ୱରେ କ୍ଷୀରବତୀ ବେହେରା, କିଶୋରୀ ବେହେରା, ଡିଳେଶ୍ୱରୀ ବେହେରା, ପ୍ରତିଭା ଦାସ, ଲକ୍ଷ୍ମୀ ପଟେଲ, ବାଳମତୀ ଜୟପୁରିଆ, ଯମୁନା ମହାନନ୍ଦିଆ, ମୁକ୍ତାପ୍ରଭା କୁଲୁ, ଭାଗବତୀ ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ରବିବାର ଅପରାହ୍ନରେ ଥାନାକୁ ଆସି ଏ ନେଇ ଦାବିପତ୍ର ଦେଇଛନ୍ତି। ଦାଣ୍ଡଜମରା ଗ୍ରାମର ଭୁଗ୍ରେନ୍ ଜୟପୁରିଆ, ସଞ୍ଜୟ ଜୟପୁରିଆ, ଉପେନ୍ଦ୍ର ନାଏକ, ସରସ୍ୱତୀ ଟପ୍ପୋ ଓ ପବିତ୍ର ମାଝି ମଦ ବିକ୍ରି କରୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ନକଲ ଜିଲାପାଳଙ୍କ ନିକଟକୁ ପ୍ରେରଣ କରାଯାଇଛି।



ଅଭିଯୋଗପତ୍ର ଦେବାକୁ ଥାନାକୁ ଆସିଥିବା ମହିଳା ଗୋଷ୍ଠୀ।

■ ମନୋହରପୁର କୋଇଲା ଖଣି ବିସ୍ଥାପନ ମାମଲା

# ପ୍ରଥମ ବର୍ଗରେ ସାମିଲ ହେଲେ ଆଉ ୬ ପରିବାର

**ହେମଗିର,୨୮।୧ (ଡି.ଏନ୍.ଏ.)**

ଭାରତ ସରକାରଙ୍କଠାରୁ ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ) ହେମଗିର ବ୍ଲକର ମନୋହରପୁର କୋଇଲା କ୍ଷେତ୍ର ପାଇବା ପରେ ଜମି ଅଧିଗ୍ରହଣ ସାରି ବିସ୍ଥାପନ ପ୍ରକ୍ରିୟା ଚାଲୁ ରଖିଛି। ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇଛନ୍ତି। ଅବଶିଷ୍ଟ ପରିବାର ବର୍ଗୀକରଣ, ଜଙ୍ଗଲ ଜମି କ୍ଷତିପୂରଣ, ଘରର ପୁନଃ ମୂଲ୍ୟାୟନ ଦାବିରେ ଅଡ଼ି ବସିଥିଲେ। କମ୍ପାନୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପରେ କମ୍ପାନୀର ତାଲିକା ଅନୁଯାୟୀ ୨୪୪ ପରିବାରରୁ ୨୩୮ ପରିବାର କମ୍ପାନୀ ଦ୍ୱାରା ନିର୍ମିତ ସୁଖାବନ୍ଧ କଲୋନୀକୁ ସ୍ଥାନାନ୍ତରିତ ହୋଇଥିଲେ। ଅବଶିଷ୍ଟ ୬ ପରିବାର କମ୍ପାନୀର ବର୍ଗୀକରଣରେ ଅସନ୍ତୁଷ୍ଟ ହୋଇ ଗାଁରେ ରହିଥିଲେ। ସେମାନେ ହେଲେ କୁଳଧର କିଷାନଙ୍କ ଦୁଇପୁଅ ଦୁଃଖୁ କିଷାନ ଓ ତ୍ରିଲୋଚନ କିଷାନ, ତ୍ରିଲୋଚନ କିଷାନଙ୍କ ଝିଅ ଉଜଳି କିଷାନ, ପୁଅ ରଞ୍ଜିତ କିଷାନ ଏବଂ ଦୁଃଖୁ କିଷାନଙ୍କ ପୁଅ ଉମେଶ କିଷାନ ଓ ଝିଅ କଲ୍ୟାଣୀ କିଷାନ। ଓଡ଼ିଶା ସରକାରଙ୍କ ବିସ୍ଥାପନ ଓ ଥଇଥାନ ଆଇନ ୨୦୦୬ ଅନୁଯାୟୀ ଏକା ସାଙ୍ଗରେ ଜଣେ ବ୍ୟକ୍ତି ଘର, ଘରଡିହ ଓ ଚାଷଜମି ସମ୍ପୂର୍ଣ୍ଣ ଭାବେ ହରାଉଥିଲେ ସେ ପ୍ରଥମ ବର୍ଗରେ ସାମିଲ ହୋଇ ପାରିବେ। ଯଦି ଜଣେ ଘର ଓ ଘରଡିହ ହରାଉଥିବେ ତେବେ ପଞ୍ଚମ ବର୍ଗରେ ସ୍ଥାନ ପାଇବେ। ଏପରିସ୍ଥଳେ ଏହି ୬ ପରିବାର ମନୋହରପୁର କ୍ଷେତ୍ରରେ ଘର ଓ ଘରଡିହ ହରାଉଥିବା ବେଳେ ଏମାନଙ୍କ ଚାଷଜମି କରିପସିରା ମୌଜାରେ ରହିଥିଲା। ଯାହା ଏମ୍‌ସିଏଲ୍ ଦ୍ୱାରା ଅଧିଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓସିପିଏଲ୍ କମ୍ପାନୀ ଉକ୍ତ ୬ ପରିବାରକୁ ପଞ୍ଚମ ବର୍ଗରେ ତାଲିକାଭୁକ୍ତ କରିଥିଲା। ଏ ନେଇ ଏହି ୬ ପରିବାର ସୁନ୍ଦରଗଡ଼ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଅଭିଯୋଗର ବିଚାର କରି ପତ୍ରସଂଖ୍ୟା ୩୪୭ (ତା. ୧୧.୧.୨୦୧୯) ଅନୁସାରେ ଏହି ୬ ପରିବାରକୁ ପ୍ରଥମ ବର୍ଗରେ ସାମିଲ କରିବା ପାଇଁ ହେମଗିର ଭୂ-ଅର୍ଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ପତ୍ରରେ ଉଲ୍ଲେଖ କରିଛନ୍ତି। ଜଣେ ବିସ୍ଥାପିତ ଭିନ୍ନ ଭିନ୍ନ ପ୍ରକଳ୍ପରେ ଘର, ଘରଡିହ ଓ ଚାଷଜମି ହରାଉଥିଲେ ସେ ପ୍ରଥମ ବର୍ଗ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବ ବୋଲି ୨୦୧୭ ଅକ୍ଟୋବର ୨୬ରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଚମ ଆର୍‌ପିଡିଏସି ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲାପାଳଙ୍କ ପତ୍ର ପାଇବା ପରେ ହେମଗିର ଭୂ-ଅର୍ଜନ ଅଧିକାରୀ ପତ୍ର ସଂଖ୍ୟା ୩ (ତା. ୧୬.୧.୨୦୧୯)ରେ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଓ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନେବା ସହ ନୋଟିସ ପାଇବାର ୩ଦିନ ଭିତରେ କଲୋନୀକୁ ସ୍ଥାନାନ୍ତରିତ ହେବା ପାଇଁ ୬ ପରିବାରକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗ୍ରାମ୍ୟ ରାସ୍ତା ଉଚ୍ଛେଦକୁ ବିରୋଧ

**ବେଦବ୍ୟାସ,୨୮।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଲୁଙ୍ଗେଇ ପଞ୍ଚାୟତ କାଲୋକୁଦର ମୌଜା ଗ୍ରାମ୍ୟ ରାସ୍ତାକୁ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) ଉଚ୍ଛେଦ କରିବାକୁ ନୋଟିସ ଜାରି କରିଛି। ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ, ସୁନ୍ଦରଗଡ଼ ଜିଲାପାଳ, ଲାଠିକଟା ତହସିଲଦାର, ରାଜଗାଙ୍ଗପୁର ବିଧାୟକ ଏବଂ ଲୁଙ୍ଗେଇ ସରପଞ୍ଚଙ୍କ ନିକଟକୁ ପଠାଯାଇଛି। ଅଭିଯୋଗ ଅନୁଯାୟୀ, ୧୦ନଂ ରାଜ୍ୟ ରାଜପଥଠାରୁ କାଲୋକୁଦର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ଗ୍ରାମବାସୀ ବର୍ଷ ବର୍ଷ ଧରି ଗ୍ରାମ୍ୟ ରାସ୍ତା ଭାବେ ବ୍ୟବହାର କରି ଆସୁଛନ୍ତି। ସରକାରଙ୍କ ଜମି ମାନଚିତ୍ରରେ ଏହା ଗ୍ରାମ୍ୟ ରାସ୍ତା ଭାବେ ଉଲ୍ଲେଖ ରହିଥିଲା। ତେବେ ଗ୍ରାମବାସୀଙ୍କୁ ନ ଜଣାଇ ଇଡ୍‌କୋ ଓ ଜିଲା ପ୍ରଶାସନ ଏହାକୁ କେଉଁ ଆଇନ ବଳରେ କିସମ ପରିବର୍ତ୍ତନ କରି ଜଣେ ବାହାର ଶିଳ୍ପପତିଙ୍କୁ ଲିଜ୍ ମାଧ୍ୟମରେ ପ୍ରଦାନ କରିଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଗ୍ରାମବାସୀ ଶିଳ୍ପ ବିକାଶକୁ ବିରୋଧ କରୁନାହାନ୍ତି। କିନ୍ତୁ ବେଆଇନ ଭାବେ ଗ୍ରାମ ରାସ୍ତା ଉଚ୍ଛେଦକୁ ବିରୋଧ କରିବା ସହ ବାହ୍ୟ ଶିଳ୍ପପତିଙ୍କୁ ଲିଜ୍ ମାଧ୍ୟମରେ ଦିଆଯାଇଥିବା ଜମିର ଲିଜ୍ ଦଲିଲକୁ ବାତିଲ କରି ସ୍ଥାନୀୟ ଶିକ୍ଷିତ ବେରୋଜଗାରଙ୍କୁ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ସରକାର ଏହାର ତୁରନ୍ତ ବିଚାର ନ କଲେ ଗ୍ରାମସଭା ନିଷ୍ପତ୍ତି କ୍ରମେ ଆଗାମୀ ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମେଧାବୃତ୍ତି ହ୍ରାସର ବିରୋଧ, ଯୁବଛାତ୍ର ବିଜେଡିର ବିକ୍ଷୋଭ

**ସୁନ୍ଦରଗଡ଼,୨୮।୧(ଡି.ଏନ୍.ଏ.)**

ଅନୁସୂଚିତ ଜାତି ବର୍ଗ ଛାତ୍ରୀଛାତ୍ରଙ୍କ ମେଧାବୃତ୍ତିକୁ କେନ୍ଦ୍ର ସରକାର ୯୦ ପ୍ରତିଶତରୁ ୨୦ ପ୍ରତିଶତକୁ ହ୍ରାସ କରିଛନ୍ତି। ସୁନ୍ଦରଗଡ଼ ଜିଲା ଯୁବଛାତ୍ର ବିଜେଡି ଏହାର ତୀବ୍ର ବିରୋଧ କରିଛି। ଏଥିପାଇଁ ଯୁବଛାତ୍ର ବିଜେଡି ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ଅଭିଯାନ ଜରିଆରେ ଦସ୍ତଖତ ସଂଗ୍ରହ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ଡିଆର୍‌ଡିଏ ଛକଠାରେ ଜିଲା ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଏକ ପଥପ୍ରାନ୍ତ ସଭା ପଶ୍ଚିମାଞ୍ଚଳ ଜୋନ୍ ଯୁବ ଛାତ୍ର ବିଜେଡି ଆବାହକ ବୈକୁଣ୍ଠ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ ଯୋଗଦେଇ ରାଜ୍ୟ ପ୍ରତି କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ କେନ୍ଦ୍ର ସରକାର ଖେଳ ଖେଳୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦାସ କହିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସେ ପ୍ରଶଂସା କରିଥିଲେ। ସ୍ଥାନୀୟ ଏମ୍‌ପି କେନ୍ଦ୍ର ଅନୁସୂଚିତ ଜନଜାତି କଲ୍ୟାଣ ମନ୍ତ୍ରୀ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ହ୍ରାସ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଭାଜପାକୁ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦେବାକୁ ସୁନ୍ଦରଗଡ଼ର ଯୁବକ ଓ ଛାତ୍ରମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ବରିଷ୍ଠ ନେତା ସନ୍ତୋଷ ଅମାତ, ହରଜେନ୍ଦ୍ର ସିଂ, ଗୋପ ମହାନ୍ତି, କୁନୁ ତ୍ରିପାଠୀ, ପୌରାଧ୍ୟକ୍ଷ ବେଣୁଧର ତାଣ୍ଡିଆ, କୃଷକ ନେତା ସୁନୀଲ ମହାପାତ୍ର, ସୁମନ୍ତ ସାହୁ, ଫଟା ବାର୍ଲା, ପ୍ରଣବ ଭୈଷାଲ, ଆଶିଷ ତ୍ରିପାଠୀ, ଅଞ୍ଜନା ପଟେଲ, ଯୁବନେତା ଶିବାଜୀ ନାୟକ, ମୁକେଶ ପୁରୋହିତ, ପ୍ରିୟଙ୍କା ଜେନା, ହେମନ୍ତ ପାଢ଼ୀ, ଆଶିଷ ମିଶ୍ର, ଶୁଭମ ସା, ଧିରାଜ ପ୍ରସାଦ, ରୋଶନ ସାହୁ, ବିସ୍ମୟ ପଟ୍ଟନାୟକ, ତ୍ରିଲୋଚନ କକ୍, ବୀଣା ସାହୁ, ଆଡ୍‌ଭୋକେଟ ଅଶୋକ ସ୍ୱାଇଁ, ସୁବ୍ରତ ନାୟକ, କ୍ରାନ୍ତିଦେବ ମହାରଣା, ଯୁକ୍ତେଶ୍ୱର ସାହୁ, ସୁଦୀପ ସା, କବିତା ସାହୁ, ପ୍ରୀତି ବାଗେ, ଦୀପ୍ତିମୟୀ ମହାଲିକ ପ୍ରମୁଖ ଦସ୍ତଖତ ସଂଗ୍ରହ ଅଭିଯାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ଶିବାଜୀ ନାୟକ ଓ ଛାତ୍ର ବିଜୁ ଜନତା ଦଳ ପଶ୍ଚିମାଞ୍ଚଳ ଜୋନ ଉପସଭାପତି ହେମନ୍ତ ପାଢ଼ୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ମୁକେଶ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

■ ଜିଲା ସାଂସ୍କୃତିକ ମହୋତ୍ସବ 'ଯତରା'ର ଦ୍ୱିତୀୟ ସନ୍ଧ୍ୟା

# ପାରମ୍ପରିକ ବାଦ୍ୟରେ ଦୁଲୁକିଲା ମୁକ୍ତାକାଶ ରଙ୍ଗମଞ୍ଚ



ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶଚନ୍ଦ୍ର ବେହେରା ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରୁଛନ୍ତି।



ଭୁବନେଶ୍ୱର କଳିଙ୍ଗ ପାଇକ କ୍ରିଏଶନ୍ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।



କଳାହାଣ୍ଡି ଜିଲା ସାଂସ୍କୃତିକ ପରିଷଦ କଳାକାରମାନେ ଘୁମୁରା ନୃତ୍ୟ ପରିବେଷଣ କରୁଛନ୍ତି।



ଓରମାସ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳାର ଏକ ଷ୍ଟଲରେ ମହିଳା ଗ୍ରାହକଙ୍କ ଭିଡ଼।

**ସୁନ୍ଦରଗଡ଼,୨୮।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ସାଂସ୍କୃତିକ ମହୋତ୍ସବ 'ଯତରା'ର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ପାରମ୍ପରିକ ବାଦ୍ୟଯନ୍ତ୍ରରେ ମୁକ୍ତାକାଶ ରଙ୍ଗମଞ୍ଚ ଦୁଲୁକି ଉଠିଥିଲା। ଢୋଲ, ନିଶାନ, ତାସା ଓ ମହୁରି ତାଳରେ ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ କଳାହାଣ୍ଡିର ଘୁମୁରା ନୃତ୍ୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ସେହିପରି ଶୀତୁଆ ସନ୍ଧ୍ୟାରେ ନାଗପୁରର ଦକ୍ଷିଣ-କେନ୍ଦ୍ରାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓ ମଧ୍ୟପ୍ରଦେଶର ଗଙ୍ଗୋର ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ରାଉରକେଲା ତ୍ରିଭଙ୍ଗୀ କଳାପରିଷଦ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଭଦ୍ରକ କଳାକାରଙ୍କ ଦ୍ୱାରା ମୋଗଲ ତାମସା, କଳାହାଣ୍ଡି ଜିଲା ସାଂସ୍କୃତିକ ପରିଷଦ କଳାକାରଙ୍କ ଘୁମୁରା ନୃତ୍ୟ, ଲୋକନୃତ୍ୟ ଗବେଷଣା କେନ୍ଦ୍ର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ସୁନ୍ଦରଗଡ଼ ସିଦ୍ଧିବିନାୟକ ଡ୍ୟାନ୍ସ ଗ୍ରୁପର ନୃତ୍ୟ, ଭୁବନେଶ୍ୱର କଳିଙ୍ଗ ପାଇକ କ୍ରିଏଶନ୍ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶିତ ହୋଇଥିଲା। ଏଥିସହ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଜିଲା ଉନ୍ନୟନ ପ୍ରଦର୍ଶନୀ, ଖାଦ୍ୟ ମେଳା ଏବଂ ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଜିଲାର ଶ୍ରେଷ୍ଠ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।